# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, October 3/2023 Page 16 ₹ 7.00

୪୯ଶ ଭାଗ ୩୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 309 ମୂଲ୍ୟ₹୭/-





**ଭାରତରେ ୭୪ ଲକ୍ଷ ଆକାଉଣ୍ଟ ବ୍ୟାନ୍ କଲା ହ୍ୱାଟ୍ସଆପ୍**

ଦ୍ରୁତ ମେସେଜିଂ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍ ଅଗଷ୍ଟ ମାସରେ ଭାରତର ୭୪.୨ ଲକ୍ଷ ଆକାଉଣ୍ଟକୁ ବ୍ୟାନ୍ କରିଛି। ପୂର୍ବ ମାସ ତୁଳନାରେ ଏହା ୨ ଲକ୍ଷ ଅଧିକ। ୨୦୨୧ର ନୂଆ ସୂଚନା ପ୍ରଯୁକ୍ତି ନିୟମାବଳୀ ଅନୁଯାୟୀ ହ୍ୱାଟ୍ସଆପ୍ ବିଭିନ୍ନ ସମୟରେ ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଆସୁଛି। ବର୍ତ୍ତମାନ ସୁଦ୍ଧା ଦେଶର ୩୫,୦୬,୯୦୫ ହ୍ୱାଟ୍ସଆପ୍ ଆକାଉଣ୍ଟ ବନ୍ଦ ହେଲାଣି। ମେଟା ମାଲିକାନାରେ ଥିବା ହ୍ୱାଟ୍ସଆପ୍ ସେପ୍ଟେମ୍ବରରେ ୭୨.୨୮ ଲକ୍ଷ ଆକାଉଣ୍ଟକୁ ବ୍ୟାନ୍ କରିଥିଲା।





ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀରେ ନୂଆଦିଲ୍ଲୀର ରାଜଘାଟସ୍ଥିତ ତାଙ୍କ ସମାଧିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।



ଗାନ୍ଧୀ ଜୟନ୍ତୀ ଅବସରରେ ଜମ୍ମୁର ମୁବାରକ ମଣ୍ଡିଠାରେ ସ୍କୁଲପିଲାମାନେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଜାତି ଜନଗଣନା ଦାବି ଜୋର ଧରିଲା

■ଦେଶବ୍ୟାପୀ ସର୍ଭେ ପାଇଁ କଂଗ୍ରେସର ଆହ୍ୱାନ

■ସର୍ବଦଳୀୟ ବୈଠକ ଡାକିଲେ ନୀତୀଶ

**ନୂଆଦିଲ୍ଲୀ/ପାଟନା,୨।୧୦**

ବିହାର ସରକାର ସୋମବାର ଜାତି ସର୍ଭେ ରିପୋର୍ଟ ପ୍ରକାଶ କରିବା ପରେ ଜାତୀୟ ସ୍ତରରେ ଜାତି ଓ ଜନଗଣନା ଦାବି ଜୋର ଧରିଛି। କଂଗ୍ରେସ ରିପୋର୍ଟକୁ ସ୍ୱାଗତ କରିବା ସହ କେନ୍ଦ୍ର ସରକାର ଦେଶବ୍ୟାପୀ ଅନୁରୂପ ଜନଗଣନା ତୁରନ୍ତ ଆରମ୍ଭ କରିବାକୁ ଦାବି କରିଛି। ଏହାଦ୍ୱାରା ଲୋକଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଯିବା ସହ ସାମାଜିକ ସଶକ୍ତୀକରଣ କାର୍ଯ୍ୟକ୍ରମ ପାଇଁ ଏକ ଦୃଢ଼ ମୂଳଦୁଆ ପଡ଼ିପାରିବ। ଜାତି ଜନଗଣନାରୁ ବିହାରରେ ଓବିସି, ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୮୪ ପ୍ରତିଶତ ବୋଲି ପ୍ରମାଣିତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସଂଖ୍ୟା ଅନୁଯାୟୀ ସେମାନଙ୍କୁ ଭାଗ ମିଳିବା ଉଚିତ ବୋଲି କଂଗ୍ରେସ ନେତା କହିଛନ୍ତି। କେନ୍ଦ୍ର ସରକାରରେ ୯୦ ସଚିବଙ୍କ ମଧ୍ୟରୁ ମାତ୍ର ୩ ଜଣ ଓବିସି ହୋଇଥିବାବେଳେ ସେମାନେ ବଜେଟର ମାତ୍ର ୫ ପ୍ରତିଶତ ପରିଚାଳନା କରିଥାନ୍ତି। ସେଥିପାଇଁ ଭାରତର ଜାତି ପରିସଂଖ୍ୟାନ ଜାଣିବା ଗୁରୁତ୍ୱପୂର୍ଣ୍ଣ ବୋଲି



ନୀତୀଶ କୁମାର



ଜୟରାମ ରମେଶ



ଗିରିରାଜ ସିଂ

ରାହୁଲ ଏକ୍ସ'ରେ ପୋଷ୍ଟ କରିଥିଲେ। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର କରିଥିବା ଜନଗଣନାର ଫଳାଫଳକୁ ମୋଦି ସରକାର ଚାପି ଦେଇଥିଲେ। ବିହାର ସରକାରଙ୍କ ଜାତି ଜନଗଣନା ଭଳି କେନ୍ଦ୍ର ସରକାର ମଧ ଜାତୀୟ ସ୍ତରରେ ଅନୁରୂପ ସର୍ଭେ ତୁରନ୍ତ କରିବାକୁ ଜୟରାମ ଆହ୍ୱାନ ଦେଇଛନ୍ତି। ଯଦି ମୋଦି ସରକାର ଜାତି ଜନଗଣନା ନ କରନ୍ତି, ତେବେ କଂଗ୍ରେସ ସରକାର ଗଢ଼ିବା ପରେ ଖୁବ୍‌ଶୀଘ୍ର ଏହି ସର୍ଭେ ହେବ ଏବଂ ପ୍ରତ୍ୟେକ ବର୍ଗ ସେମାନଙ୍କ ଅଧିକାର ପାଇବେ ବୋଲି ବିରୋଧୀ ଦଳ କହିଛି।

ଅନ୍ୟପକ୍ଷରେ ଜାତିଭିତ୍ତିକ ସର୍ଭେ କେବଳ ଲୋକ ଦେଖାଣିଆ କହି ଭାଜପା ଲୋକ ସଭା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ସମାଲୋଚନା କରିଛନ୍ତି। ଜାତି ଜନଗଣନା ରିପୋର୍ଟକୁ ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ଚିରାଗ ପାଶ୍ୱାନ ସମାଲୋଚନା କରି ନୀତୀଶ କୁମାର ସରକାର ବିହାର ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି ଲାଗି ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି। କେତେକ ଲୋକ ଜାତି ଓ ଧର୍ମ ନାଁରେ ବିଭାଜନ ସୃଷ୍ଟି କରୁଛନ୍ତି। ନୀତୀଶଙ୍କୁ ତାଙ୍କ ରାଜନୀତି ପାଇଁ ଲୋକେ ବିଶ୍ୱାସକୁ ନେବେ ନାହିଁ ବୋଲି ଲୋକ ଜନଶକ୍ତି ପାର୍ଟି ନେତା କହିଛନ୍ତି। ଅନ୍ୟପକ୍ଷରେ ଜାତୀୟସ୍ତରରେ ଅନୁରୂପ ଜାତି ସର୍ଭେ ରିପୋର୍ଟ ଆସିବା ଆବଶ୍ୟକ ବୋଲି ଇଣ୍ଡିଆ ମେଣ୍ଟରେ ଥିବା ଆମ୍ ଆଦ୍‌ମୀ ପାର୍ଟି କହିଛି। କେନ୍ଦ୍ର ସରକାର ପଛୁଆ ବର୍ଗ ଓ ସଂଖ୍ୟାଲଘୁଙ୍କୁ ନ୍ୟାୟ ଦେବାକୁ ଚାହୁଁଥିଲେ ଜାତି ଜନଗଣନା କରନ୍ତୁ ବୋଲି ଏଏପି ଏମ୍‌ପି ସଞ୍ଜୟ ସିଂ କହିଛନ୍ତି। କଂଗ୍ରେସ ମଧ୍ୟପ୍ରଦେଶରେ କ୍ଷମତାକୁ ଆସିଲେ ଜାତି ଜନଗଣନା କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ କହିଛନ୍ତି।

ଜାତି ଜନଗଣନା ରିପୋର୍ଟ ପ୍ରକାଶ କରିବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହା ଉପରେ ଆଲୋଚନା ପାଇଁ ମଙ୍ଗଳବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏ ସମ୍ପର୍କରେ ସେ ରାଜ୍ୟର ବିଭିନ୍ନ ଦଳର ନେତାମାନଙ୍କ ସହ ସବିଶେଷ ଆଲୋଚନା କରିବା ସହ ଆଗକୁ କ'ଣ ପଦକ୍ଷେପ ନେବା ଆବଶ୍ୟକ ମତାମତ ଲୋଡ଼ିବେ। ରାଜ୍ୟର ସମସ୍ତ ୯ଟି ଯାକ ଦଳ ବୈଠକରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଜାତିଗତ ସର୍ଭେ ଫଳାଫଳରୁ ରାଜ୍ୟର ପ୍ରତ୍ୟେକ ପରିବାରର ଆର୍ଥିକ ସ୍ଥିତି ଜଣାପଡ଼ିଛି। ସମସ୍ତଙ୍କ ପ୍ରସ୍ତାବ ଗ୍ରହଣ କରିବା ପରେ ସରକାର ଆବଶ୍ୟକ ପଦକ୍ଷେପ ନେବେ ବୋଲି ନୀତୀଶ ଗଣମାଧ୍ୟମକୁ କହିଛନ୍ତି। ବିହାର ଜାତିଗତ ସର୍ଭେ ଫଳାଫଳ ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକରେ ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ସୀମାକୁ ଚ୍ୟାଲେଞ୍ଜ କରାଯାଇପାରିବ। ଏହା ୯୦ ଦଶକର ମଣ୍ଡଳ ରାଜନୀତିରେ ମଧ ବଡ଼ ପରିବର୍ତ୍ତନ ଆଣିବ ବୋଲି ସମୀକ୍ଷକମାନେ କହିଛନ୍ତି।

## ସଂକ୍ଷେପରେ

### ୩ ସନ୍ଦିଗ୍ଧ ଆଇଏସ୍ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୨।୧୦:** ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ଆଇଏସ୍‌ଆଇଏସ୍ ନେଟ୍‌ୱର୍କ ଉପରେ ଚଢ଼ାଉ ବେଳେ ଗିରଫ ହୋଇଥିବା ୩ ସନ୍ଦିଗ୍ଧ ଆତଙ୍କବାଦୀ ଇଞ୍ଜିନିୟରିଂ ଏବଂ ପିଏଚ୍‌ଡି ଡିଗ୍ରୀଧାରୀ ବୋଲି ଜଣାପଡ଼ିଛି। ସେମାନେ ବୋମା ତିଆରିରେ ବେଶ୍ ସିଦ୍ଧହସ୍ତ ବୋଲି ପୋଲିସ କହିଛି। ସୋମବାର ଗିରଫ ହୋଇଥିବା ମହମ୍ମଦ ଶାହନୱାଜ୍ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଥିଲେ ବୋଲି ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ବରିଷ୍ଠ ଅଧିକାରୀ କହିଛନ୍ତି। ଶାହନୱାଜ୍ ଓ ଅନ୍ୟ ୨ ଜଣଙ୍କ ସମ୍ପର୍କରେ ସୂଚନା ଦେଲେ ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ ବୋଲି ଏନ୍‌ଆଇଏ ଗତମାସରେ ଘୋଷଣା କରିଥିଲା। ଦେଶର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟାଇବାରେ ସେମାନଙ୍କର ମୁଖ୍ୟ ଭୂମିକା ଥିବା ଜଣାପଡ଼ିଛି। ଗିରଫ ଅନ୍ୟ ୨ ଜଣ ହେଲେ ଶାହନୱାଜଙ୍କ ସହଯୋଗୀ ମହମ୍ମଦ ରିଜ୍‌ୱାନ ଏବଂ ମହମ୍ମଦ ଅର୍ଶାଦ ୱାର୍ସି। ଶାହନୱାଜ ଦିଲ୍ଲୀର ଜୈତପୁରରୁ ଗିରଫ ହୋଇଥିବାବେଳେ ରିଜୱାନ ଏବଂ ଅର୍ଶାଦ ଉତ୍ତରପ୍ରଦେଶର ଲକ୍ଷ୍ନୌ ଏବଂ ମୋରଦାବାଦରୁ ଗିରଫ ହୋଇଛନ୍ତି। ଶାହନୱାଜଙ୍କଠାରୁ ପିସ୍ତଲ, ବୋମା ତିଆରି ସାମଗ୍ରୀ ଓ ଜିହାଦି ଲେଖା ଜବତ ହୋଇଛି।

### ଜିମ୍ବାୱେରେ ବିମାନ ଦୁର୍ଘଟଣା: ୨ ଭାରତୀୟଙ୍କ ସମେତ ୬ ମୃତ

**ଜୋହାନ୍ସବର୍ଗ,୨।୧୦:** ଜିମ୍ବାୱେର ମୁରୋୱା ହୀରା ଖଣି ନିକଟରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଭାରତୀୟ ଖଣି ବ୍ୟବସାୟୀ, ତାଙ୍କ ପୁଅଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ବିମାନରେ ବୈଷୟିକ ତ୍ରୁଟି କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ହରପାଲ୍ ରାନ୍ଧୱା ହେଉଛନ୍ତି ଖଣି କମ୍ପାନୀ ରିଓଜିମ୍‌ର ମାଲିକ। ତାଙ୍କ କମ୍ପାନୀ ସୁନା ଓ କୋଇଲା ଉତ୍ତୋଳନ କରିବା ସହ ନିକେଲ ଏବଂ ତମ୍ବା ବିଶୋଧନ କରିଥାଏ। ମାଶଭାର ଜ୍ୱାମାହାଣ୍ଡେ ଅଞ୍ଚଳରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ବାକ୍ସରୁ ୩ ଭଉଣୀଙ୍କ ମୃତଦେହ ଠାବ

**ଚଣ୍ଡିଗଡ଼,୨।୧୦:** ପଞ୍ଜାବର ଜଳନ୍ଧର ଜିଲା ଅନ୍ତର୍ଗତ କାନପୁର ଗ୍ରାମରେ ୩ ଭଉଣୀଙ୍କ ମୃତଦେହ ସେମାନଙ୍କ ଘରେ ଥିବା ଏକ ବାକ୍ସରୁ ମିଳିଛି। ୩ ଭଉଣୀ ନିଖୋଜ ଥିବା ସେମାନଙ୍କ ପରିବାର ରବିବାର ରାତିରେ ମକ୍‌ସୁଦନ ଥାନାରେ ଅଭିଯୋଗ କରିଥିଲେ। ଦାଦନ ଶ୍ରମିକ ଭାବେ କାମ କରୁଥିବା ମାଆବାପା ସନ୍ଧ୍ୟାରେ ଘରକୁ ଫେରି ପିଲାମାନଙ୍କୁ ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ମୃତ ୩ ଭଉଣୀ କାଞ୍ଚନ(୪), ଶକ୍ତି(୭) ଏବଂ ଅମ୍ରିତା(୯) ବୋଲି ପୋଲିସ କହିଛି। ଘରର ଏକ ଟ୍ରଙ୍କ ଓଜନିଆ ଲାଗିବାରୁ ସେମାନେ ଏହାକୁ ଖୋଲିବା ପରେ ମୃତଦେହଗୁଡ଼ିକୁ ଦେଖିଥିଲେ। ମୃତ୍ୟୁର କାରଣ ଜାଣିବା ପାଇଁ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଘଟଣାର ତଦନ୍ତ କରୁଛି। ଘର ମାଲିକ ସେମାନଙ୍କୁ ଘର ଖାଲିକରିବାକୁ ଧମକ ଦେଇଥିଲେ ବୋଲି ଝିଅମାନଙ୍କ ବାପା କହିଛନ୍ତି।



ସ୍ୱର୍ଣ୍ଣମନ୍ଦିର ଲାଙ୍ଗରରେ ରାହୁଲ ଗାନ୍ଧୀ ଅନ୍ୟମାନଙ୍କ ସହ ବାସନ ଧୋଉଛନ୍ତି।

## ସ୍ୱର୍ଣ୍ଣମନ୍ଦିରରେ ବାସନ ଧୋଇଲେ ରାହୁଲ

**ଅମୃତସର,୨।୧୦**

କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ସୋମବାର ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିର ଯାଇ ସେଠାରେ ପ୍ରାର୍ଥନା କରିଛନ୍ତି। ସେଠାର ସଚଖଣ୍ଡ ଶ୍ରୀହରମନ୍ଦିର ସାହିବରେ ଥିବା ଲାଙ୍ଗର (ଗୋଷ୍ଠୀ ପାକଶାଳା)ରେ କଂଗ୍ରେସ ନେତା ସ୍ୱେଚ୍ଛାକୃତ ସେବା କରିଥିଲେ। ରାହୁଲ ସେଠାରେ ବାସନ ଧୋଉଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ଗାନ୍ଧୀ ଜୟନ୍ତୀ ଛୁଟି ଥିବାରୁ ସ୍ୱର୍ଣ୍ଣମନ୍ଦିରରେ ସକାଳଠାରୁ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିଥିଲା। ପଞ୍ଜାବରେ ଶାସକ ଏଏପି ଓ କଂଗ୍ରେସ ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ରାହୁଲ ସେଠାକୁ ଗସ୍ତ କରିଥିଲେ। ତେବେ ସେ ରାଜନୈତିକ କାରଣ ପାଇଁ ନୁହେଁ ବ୍ୟକ୍ତିଗତ କାମରେ ଯାଇଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ମେକ୍ସିକୋରେ ଚର୍ଚ୍ଚ ଛାତ ଭୁଶୁଡ଼ି ୧୦ ମୃତ



**କୁଇଡାଡ୍ ମାଡେରୋ,୨।୧୦**

ମେକ୍ସିକୋର ଉତ୍ତର ଭାଗରେ ଥିବା ଏକ ମସ୍‌ଜିଦରେ ରବିବାର ସମାବେଶ ଚାଲିଥିବାବେଳେ ଏହାର ଛାତ ଭୁଶୁଡ଼ି ପଡ଼ିବାରୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୬୦ ଜଣ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅଧିକ ମୃତଦେହ ରହିଯାଇଥିବା ଆଶଙ୍କାରେ ରବିବାର ରାତିସାରା ଓ ସୋମବାର ସକାଳେ ଉଦ୍ଧାରକାରୀ ଟିମ୍ ଖୋଜାଖୋଜି କରିଥିଲେ। ଛାତ ଭୁଶୁଡ଼ିବା ବେଳେ ଚର୍ଚ୍ଚରେ ପ୍ରାୟ ୧୦୦ ଜଣ ଥିଲେ ବୋଲି ଟମାଉଲିପାସ୍ ଷ୍ଟେଟ୍ ପୋଲିସ କହିଛି। ଆହତ ୬୦ ଜଣଙ୍କ ମଧ୍ୟରୁ ୨୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ଭାରତୀୟ ହାଇ କମିଶନ ବାହାରେ ଖଲିସ୍ତାନୀଙ୍କ ବିକ୍ଷୋଭ

**ଲଣ୍ଡନ,୨।୧୦**

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ଗୁରୁଦ୍ୱାରାରେ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ପ୍ରବେଶ କରାଇ ଦିଆ ନ ଯିବାର ଦୁଇଦିନ ପରେ ଲଣ୍ଡନସ୍ଥିତ ଭାରତୀୟ ହାଇ କମିଶନଙ୍କ କାର୍ଯ୍ୟାଳୟ ବାହାରେ ଖଲିସ୍ତାନୀ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୋମବାର ଖଲିସ୍ତାନୀ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସେଠାରେ ବହୁସଂଖ୍ୟାରେ ବ୍ରିଟିଶ୍ ସୁରକ୍ଷା ବଳ ନିୟୋଜିତ ହୋଇଥିଲେ





ଏବଂ ଉକ୍ତ ରାସ୍ତାରେ କଟକଣା ଜାରି ହୋଇଥିଲା। ଉଚ୍ଚାୟୁକ୍ତ ବିକ୍ରମ ଦୋରାଇସ୍ୱାମୀଙ୍କୁ ଗୁରୁଦ୍ୱାରାରେ ପ୍ରବେଶ କରାଇ ଦେଇ ନ ଥିବା ଖଲିସ୍ତାନୀ ସମର୍ଥକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଭାରତ ବ୍ରିଟିଶ ସହକାରଙ୍କ ନିକଟରେ ଦାବି କରିଥିଲା। ଦୋରାଇସ୍ୱାମୀଙ୍କୁ ଗୁରୁଦ୍ୱାରରେ ପ୍ରବେଶ କରାଇ ନ ଦେବାକୁ ସମ୍ପୃକ୍ତ ଗୁରୁଦ୍ୱାରା ପକ୍ଷରୁ ନିନ୍ଦା କରାଯାଇଛି।

## ମଧୁମେହ ଚିକିତ୍ସାରେ ସହାୟକ ହେବ ସୂର୍ଯ୍ୟାଲୋକ

**ନୂଆଦିଲ୍ଲୀ,୨।୧୦(ପି.ଟି.)**

ଟାଇପ୍-୨ ମଧୁମେହ ଚିକିତ୍ସା ଓ ପ୍ରତିକାରରେ ପ୍ରାକୃତିକ ସୂର୍ଯ୍ୟାଲୋକ ସହାୟକ ହୋଇପାରିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଜର୍ମାନୀରେ ଅକ୍ଟୋବର ୨ରୁ ୬ ଅନୁଷ୍ଠିତ ହେଉଥିବା ୟୁରୋପିଆନ୍ ଆସୋସିଏଶନ ଫର୍ ଦି ଷ୍ଟଡି ଅଫ୍ ଡାଇବେଟିସ୍ (ଇଏଏସ୍‌ଡି)ର ବାର୍ଷିକ ବୈଠକରେ ଗବେଷକମାନେ ଉକ୍ତ ଅଧ୍ୟୟନ ଉପସ୍ଥାପନ କରିଛନ୍ତି। ଟାଇପ୍-୨ ଡାଇବେଟିସ୍ ଥିବା ବିଭିନ୍ନ ବୟସ ବର୍ଗର ଲୋକଙ୍କ ଏକାଧିକ ମେଟାବୋଲିକ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କୁ ପ୍ରାକୃତିକ ଆଲୋକ ଏବଂ କୃତ୍ରିମ ଆଲୋକରେ ରଖି ପରୀକ୍ଷା କରାଯିବା ପରେ ଉଭୟ ଫଳାଫଳକୁ ତୁଳନା କରାଯାଇଥିଲା। ଶରୀର ଜାଗ୍ରତ ଓ ଶୟନ ସମୟରେ ଆଭ୍ୟନ୍ତରରେ କେତେକ ପରିବର୍ତ୍ତନ ଘଟିଥାଏ, ଯାହା ଟାଇପ୍-୨ ଡାଇବେଟିସ୍ ଭଳି କେତେକ ମେଟାବୋଲିକ୍ ରୋଗ ସହ ସମ୍ପୃକ୍ତ ବୋଲି ଗବେଷକ ତଥା ନେଦରଲାଣ୍ଡର ମାଷ୍ଟ୍ରିଚ୍ ୟୁନିଭର୍ସିଟିର ଇଭୋ ହାବେଟ୍ସ କହିଛନ୍ତି। ପ୍ରାକୃତିକ ଦିବାଲୋକ ଉକ୍ତ ସିର୍କାଡିଆନ୍ କ୍ଲକ୍‌ର ଏକ ବଳିଷ୍ଠ ପ୍ରକ୍ରିୟା ବା ପରିବେଶୀୟ ସଂକେତ। କିନ୍ତୁ ଅଧିକାଂଶ ଲୋକେ ଦିନବେଳା ଘରେ ନିୟମିତ ଭାବେ କୃତ୍ରିମ ଆଲୋକ ମଧ୍ୟରେ ରହୁଥିବାରୁ ସେମାନେ ଉକ୍ତ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ଅଧ୍ୟୟନରେ



ଭାଗ ନେଇଥିବା ୧୩ ଜଣଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ଗବେଷଣା ପ୍ରତିଷ୍ଠାନରେ ରଖାଯାଇ ସକାଳ ୮ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଉଭୟ ପ୍ରାକୃତିକ ଓ କୃତ୍ରିମ ଆଲୋକରେ କିଛିଦିନ ଲେଖାଏ ବସିବାକୁ କୁହାଯାଇଥିଲା। ମଧ୍ୟାହ୍ଣ ସମୟରେ ପ୍ରାକୃତିକ ଆଲୋକର ତୀବ୍ରତା ସର୍ବାଧିକ ୨୪୫୩ ଲକ୍ସ ହେଉଥିବାବେଳେ ସକାଳେ ଓ ଅପରାହ୍ଣରେ ଏହା କମ୍ ରହୁଥିଲା। ତେବେ କୃତ୍ରିମ ଆଲୋକ ସବୁବେଳେ ୩୦୦ ଲକ୍ସ ରହୁଥିଲା। ଶୋଇବା ସମୟ ରାତି ୧୧ରୁ ସକାଳ ୭ ପର୍ଯ୍ୟନ୍ତ ପ୍ରକୋଷ୍ଠକୁ ଅନ୍ଧାର କରାଯାଇଥିଲା। ଏହି ସମୟରେ ସେମାନଙ୍କର ରକ୍ତ ଶର୍କରା ନିୟମିତ ଯାଞ୍ଚ ହେଉଥିଲା। ପ୍ରାକୃତିକ ଦିବାଲୋକରେ ବ୍ଲଡ୍ ଗ୍ଲୁକୋଜ୍ ସ୍ତର ସ୍ୱାଭାବିକ ୪.୪ରୁ ୭.୮ ରହୁଥିଲା। ସେହିପରି ଶ୍ୱାସକ୍ରିୟା ଅନୁପାତ ମଧ ଦିବାଲୋକରେ କମ୍ ରହୁଥିଲା। ତେଣୁ ପ୍ରାକୃତିକ ଆଲୋକରେ କାର୍ବୋହାଇଡ୍ରେଟ୍ ସହଜରେ ଶ୍ୱେତସାରରେ ପରିଣତ ହୋଇ ଶକ୍ତି ଯୋଗାଇପାରିବ ବୋଲି ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ Bhubaneswar, Tuesday, October 3/2023

# ଜନସଂଖ୍ୟାର ୬୩% ଓବିସି, ଇବିସି

## ବିହାର ଜାତି ଜନଗଣନା

ପାଟନା,୨।୧୦ (ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିହାରର ନୀତୀଶ କୁମାର ସରକାର ସୋମବାର ବହୁପ୍ରତୀକ୍ଷିତ ଜାତି ଜନଗଣନା ରିପୋର୍ଟ ପ୍ରକାଶ କରିଛନ୍ତି। ରାଜ୍ୟର ମୋଟ ଜନସଂଖ୍ୟାର ଦୁଇ-ତୃତୀୟାଂଶ ବା ୬୩ ପ୍ରତିଶତ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ଅତ୍ୟନ୍ତ ପଛୁଆ ବର୍ଗ(ଇବିସି) ବୋଲି ଏହି ରିପୋର୍ଟରୁ ଜଣାପଡ଼ିଛି। ସର୍ଭେ ରିପୋର୍ଟ ଅନୁଯାୟୀ, ଜନସଂଖ୍ୟାର ୩୬ ପ୍ରତିଶତ ଅତ୍ୟନ୍ତ ପଛୁଆ ବର୍ଗ ହୋଇଥିବାବେଳେ୨୭.୧ ପ୍ରତିଶତ ଅନ୍ୟାନ୍ୟ ପଛୁଆ ବର୍ଗ, ୧୯.୭ ପ୍ରତିଶତ ଅନୁସୂଚିତ ଜାତି ଏବଂ ୧.୭ ପ୍ରତିଶତ ଅନୁସୂଚିତ ଜନଜାତି। ସାଧାରଣ ବର୍ଗ ୧୫.୫ ପ୍ରତିଶତ ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ବିହାରର ମୋଟ ଜନସଂଖ୍ୟା ୧୩.୧ କୋଟିରୁ ଅଧିକ। ରାଜ୍ୟରେ ଯାଦବ ସମ୍ପ୍ରଦାୟ ସର୍ବାଧିକ ହୋଇଥିବାବେଳେ ସେମାନଙ୍କ ସଂଖ୍ୟା ମୋଟ ଓବିସି ବର୍ଗର ୧୪.୨୭ ପ୍ରତିଶତ।

ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ମୋଟ ପଛୁଆ ବର୍ଗ ୬୩.୧ ପ୍ରତିଶତ ହୋଇଥିବାରୁ ସେମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ରହିଥିବା ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଦାବି ହୋଇଛି। ଗାନ୍ଧୀ ଜୟନ୍ତୀରେ ଜାତି ଜନଗଣନା ରିପୋର୍ଟ ପ୍ରକାଶ ପାଇବା ସହ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଜାତି ଜନଗଣନାରେ ବିହାର ସରକାର ଇତିହାସ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀଙ୍କ ଦଳ ଜେଡିୟୁ କହିଛି। ଦୀର୍ଘ ଦଶନ୍ଧିର ସଂଘର୍ଷର ଫଳ ମିଳିଲା ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିବା ସହ ରିପୋର୍ଟକୁ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି କହିଛନ୍ତି। ଏଣିକି ସରକାରଙ୍କ ନୀତି ଓ ଉଦ୍ଦେଶ୍ୟ ଉକ୍ତ ତଥ୍ୟ ଆଧାରରେ ହେବ ବୋଲି ସେ ମତ ଦେଇଛନ୍ତି। ଭାଜପାର ଷଡ଼ଯନ୍ତ୍ର ଏବଂ ଆଇନଗତ ପ୍ରତିବନ୍ଧକ ସତ୍ତ୍ୱେ ଜାତି ଜନଗଣନା ରିପୋର୍ଟ ପ୍ରକାଶ ପାଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏହାର ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଜାତିଭିତ୍ତିକ ସର୍ଭେ କେବଳ ଲୋକଦେଖାଣିଆ କହି ଭାଜପା ଲୋକ ସଭା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ସମାଲୋଚନା କରିଛନ୍ତି।

ସୁପ୍ରିମକୋର୍ଟଙ୍କ ରାୟ ପରେ ବିହାରରେ ଜାତିଭିତ୍ତିକ ସର୍ଭେ ଲାଗି ୨୦୨୨ ଜୁନ୍ ୬ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨ଟି ପର୍ଯ୍ୟାୟରେ ଏହି ସର୍ଭେ ହୋଇଥିଲା ଯଥା ଘର ତାଲିକା ଏବଂ ଜାତି ଓ ଅର୍ଥନୈତିକ ଆକଳନ। ସାଧାରଣ ପ୍ରଶାସନ ବିଭାଗ ଜାତି ଜନଗଣନା ଦାୟିତ୍ୱ ନେଇଥିଲା। ୨୦୨୩ ଜାନୁୟାରୀ ୭ରେ ସର୍ଭେ ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଥିବାବେଳେ ଅକ୍ଟୋବର ୨ରେ ରିପୋର୍ଟ ପ୍ରକାଶ ପାଇଛି।

# ୱିସ୍‌ମାନ୍, କାରିକୋଙ୍କୁ ମେଡିସିନ୍‌ରେ ନୋବେଲ

## କୋଭିଡ୍ ଟିକା ପ୍ରସ୍ତୁତିରେ ଥିଲା ଅବଦାନ

ଷ୍ଟକ୍‌ହୋମ୍,୨।୧୦


ଡ୍ରିଉ ୱିସ୍‌ମାନ୍


କାଟାଲିନ୍ କାରିକୋ

କୋଭିଡ୍-୧୯ର ପ୍ରତିଷେଧକ ଭାବେ ଏମ୍‌ଆର୍‌ଏନ୍‌ଏ(mRNA) ଟିକା ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିର ଆବିଷ୍କାର ପାଇଁ ୨ ବୈଜ୍ଞାନିକଙ୍କୁ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ଆବିଷ୍କାର ଭବିଷ୍ୟତରେ ଅନ୍ୟାନ୍ୟ ଟିକା ବିକାଶରେ ମଧ୍ୟ ବ୍ୟବହୃତ ହୋଇପାରିବ। ହଙ୍ଗେରୀ ଜନ୍ମିତ ଆମେରିକୀୟ ବୈଜ୍ଞାନିକ କାଟାଲିନ୍ କାରିକୋ ଏବଂ ଆମେରିକାର ଡ୍ରିଉ ୱିସ୍‌ମାନ୍ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇବାକୁ ଯାଉଛନ୍ତି। ଆଧୁନିକ ସମୟରେ ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼ ବିପଦ ଭାବେ ଦେଖାଦେଇଥିବା କୋଭିଡ୍-୧୯ର ପ୍ରତିଷେଧକ ଭାବେ ଟିକା ଉତ୍ପାଦନରେ ସେମାନଙ୍କ ଆବିଷ୍କାର ଗୁରୁତ୍ୱପୂର୍ଣ୍ଣ। ଆମର ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ଏମ୍‌ଆର୍‌ଏନ୍‌ଏ କିପରି ପ୍ରଭାବିତ କରେ, ଦୁଇ ବୈଜ୍ଞାନିକଙ୍କ ଐତିହାସିକ ଆବିଷ୍କାର ସେନେଇ ଆମର ବୁଝାମଣାକୁ ମୌଳିକ ଭାବେ ବଦଳାଇ ଦେଇଥିଲା ବୋଲି ଷ୍ଟକ୍‌ହୋମ୍‌ର ନୋବେଲ କମିଟି କହିଛି। ପାରମ୍ପରିକ ଭାବେ ଟିକା ପ୍ରସ୍ତୁତି ଲାଗି ବର୍ଦ୍ଧିତ ଭୂତାଣୁ ଆବଶ୍ୟକ ହେଉଥିଲା। ତେବେ ମେସେଞ୍ଜର ଆର୍‌ଏନ୍‌ଆଇ ଦୃଷ୍ଟିକୋଣ ଅଲଗା। ଏହା ପ୍ରୋଟିନ୍ ପ୍ରସ୍ତୁତି ପାଇଁ କାର୍ଯ୍ୟ କରୁଥିବା ସୂକ୍ଷ୍ମ ଜେନେଟିକ୍ କୋଡ୍‌ରୁ ଆରମ୍ଭ ହୋଇଥାଏ ଏବଂ ଠିକ୍ ଭୂତାଣୁର ପ୍ରୋଟିନଖକୁ ବାଛି ଟାର୍ଗେଟ କରିଥାଏ। ଏହା ଶରୀରକୁ ଏକ କ୍ଷୁଦ୍ର ଟିକା କାରଖାନାରେ ପରିଣତ କରିଥାଏ। ଲାବରେଟୋରିରେ ପ୍ରସ୍ତୁତ ଏମ୍‌ଆର୍‌ଏନ୍‌ଏ ଶରୀରକୁ ଇଞ୍ଜେକ୍ସନ ଜରିଆରେ ଯିବା ଦ୍ୱାରା ଭୂତାଣୁଗୁଡ଼ିକୁ ବିନାଶ କରିଥାଏ।

କାରିକୋ ହଙ୍ଗେରିର ସେଜ୍‌ଡ ୟୁନିଭର୍ସିଟିର ପ୍ରଫେସର ଏବଂ ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆର ସହାୟକ ପ୍ରଫେସର ଭାବେ କାର୍ଯ୍ୟ କରୁଥିବାବେଳେ ୱିସ୍‌ମାନ୍ ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆର ପ୍ରଫେସର ଅଛନ୍ତି। ସେମାନେ ଆର୍‌ଏନ୍‌ଏ ବିଲ୍ଡିଂ ବ୍ଲକ୍‌ର ସାମାନ୍ୟ ପରିବର୍ତ୍ତନ କରିଥିଲେ, ଯାହା ଇମ୍ୟୁନ୍ ପ୍ରତିରୋଧକୁ ଅତିକ୍ରମ କରିବା ପାଇଁ ଯଥେଷ୍ଟ ଥିଲା। ମେଡିସିନ୍‌ରେ ନୋବେଲ ଜିତିବାରେ ୬୮ ବର୍ଷୀୟା କାରିକୋ ହେଉଛନ୍ତି ୧୩ତମ ମହିଳା। କୋଭିଡ୍ ଟିକା ପ୍ରସ୍ତୁତକାରୀ ଫାଇଜରର ସହଯୋଗୀ ବାୟୋଏନ୍‌ଟେକ୍‌ର ସେ ବରିଷ୍ଠ ଉପାଧ୍ୟକ୍ଷା ଥିଲେ। ତାଙ୍କର ୬୪ ବର୍ଷୀୟ ପ୍ରଫେସର ତଥା ପେନ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ୱିସ୍‌ମାନ୍‌ଙ୍କ ସହ ☞ପୃଷ୍ଠା-୭

# ଆଜିଠୁ ପିଜି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର,୨।୧୦(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ମଙ୍ଗଳବାର ୩ ତାରିଖରୁ ଆରମ୍ଭ ହେବ। ସକାଳ ୧୦ଟାରୁ ୫ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୦ ତାରିଖ ଅପରାହ୍ନ ୨ଟାରେ ବଳକା ସିଟ୍ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୨ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ୧୩ ତାରିଖ ରାତି ୯ଟା ଭିତରେ ଶିକ୍ଷାନୁଷ୍ଠାନଗୁଡ଼ିକ ଇ-ସ୍ପେସ୍‌ରେ ନାମଲେଖା ସମ୍ପର୍କିତ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବେ। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୨୧ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଚାଲିଛି। ପ୍ରଥମ ପର୍ଯ୍ୟାୟରେ ସିଟ୍ ପୂରଣ ନ ହେବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି।

**ଆଜିର ସମ୍ପାଦକୀୟ**

୯୩: ଭୋଟ୍ ଦେଇନାହାନ୍ତି




# 'ଅଲିମ୍ପିକ୍ସ ଇନ୍ ରିଲ୍ ଲାଇଫ୍'ରେ ଓଡ଼ିଶାର ସଫଳତା ବଖାଣିଲେ ଦୁଇ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨।୧୦(ଅସମାପିକା ସାହୁ)

ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ, ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ୍ ଓ ଅଲିମ୍ପିକ୍ ମ୍ୟୁଜିୟମ୍ ପକ୍ଷରୁ ମୁମ୍ବାଇଠାରେ 'ଅଲିମ୍ପିକ୍ସ ଇନ୍ ରିଲ୍ ଲାଇଫ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଦୁଇଜଣ ଛାତ୍ରୀଛାତ୍ର ଓ ଦୁଇଜଣ ପିଇଟି ଶିକ୍ଷକ ଯୋଗଦେଇଥିଲେ। ଦୁଇ ଛାତ୍ରୀଛାତ୍ର ହେଲେ ଭୁବନେଶ୍ୱରସ୍ଥିତ ୟୁନିଟ୍-୪ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ସ୍ୱାଇଁ ଏବଂ ଭିଏସ୍‌ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ବାରିକ। ସେମାନେ ଓଡ଼ିଶାର ବିଭିନ୍ନ ସରକାରୀ ବିଦ୍ୟାଳୟରେ 'ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ'ର ସଫଳ କାର୍ଯ୍ୟକାରିତା ଉପରେ ଅଭିଭାଷଣ ରଖିଥିଲେ। ଏଥିସହ ଓଡ଼ିଶା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ 'ଅଲିମ୍ପିକ୍ସ ପ୍ରଦର୍ଶନୀ' କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ପିଲାମାନେ ନିଜେ ପ୍ରସ୍ତୁତ କରିଥିବା ଅଡିଓ-ଭିଜୁଆଲ୍‌ସକୁ ସେଠାରେ ପ୍ରଦର୍ଶିତ କରାଯାଇଥିଲା। ଦୁଇ ଛାତ୍ରୀଛାତ୍ରଙ୍କ ସହ ଭିଏସ୍‌ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଶିକ୍ଷୟିତ୍ରୀ ରଚିତା ନାୟକ ଏବଂ ରାଉରକେଲାସ୍ଥିତ ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଶିକ୍ଷକ ଆଶିଷ କୁମାର ପ୍ରଧାନ, ☞ପୃଷ୍ଠା-୭

# ଆସିଷ୍ଟାଣ୍ଟ କଲେକ୍ଟର ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

ରାଉରକେଲା,୨।୧୦(ସଙ୍ଗୀତା ଜେନା)

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ଡିଏସ୍‌ପି ବନିତା ମାଝୀ ସୋମବାର ମିଞ୍ଜଙ୍କ ମୃତଦେହ ମିଳିଥିବା ପ୍ଲାଣ୍ଟସାଇଟ୍ ସେନସୋରୀ ପାର୍କରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ବେଳେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପାର୍କ ଜଳାଶୟରେ ଖାନତଲାସି କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ମାଝୀ କହିଛନ୍ତି, ଆସିଷ୍ଟାଣ୍ଟ କଲେକ୍ଟର ମିଞ୍ଜଙ୍କ ନିଖୋଜ ସମ୍ପର୍କରେ ଗତ ସେପ୍ଟେମ୍ବର ୧୭ ତାରିଖରେ ଉଦିତନଗର ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ବେଳେ ହୋଟେଲ ରାଧିକା ରିଜେନ୍ସିରେ ମିଞ୍ଜ ରହୁଥିବା ଜଣାପଡିଥିଲା। ପରଦିନ ଅର୍ଥାତ୍ ୧୮ ତାରିଖରେ ପରିବାର ଲୋକେ ପୋଲିସ ସହ ଉକ୍ତ ହୋଟେଲକୁ ଯାଇ କବାଟ ବାଡେଇଥିଲେ ମଧ୍ୟ ସୁସ୍ମିତା ଖୋଲି ନ ଥିଲେ। ହୋଟେଲ କର୍ମଚାରୀ ପୋଲିସ ଉପସ୍ଥିତିରେ ଡୁପ୍ଲିକେଟ୍ ଚାବିରେ କବାଟ ଖୋଲିଥିଲେ। ଏହି ସମୟରେ ମିଞ୍ଜଙ୍କ ସହ ତାଙ୍କ ପରିବାର ଲୋକଙ୍କ ପାଟିତୁଣ୍ଡ ହୋଇଥିଲା। ☞ପୃଷ୍ଠା-୭



**ଆଜିର ମନ୍ତବ୍ୟ**

ବିହାର ସରକାରଙ୍କ ଜାତି ଜନଗଣନା ପ୍ରଶଂସନୀୟ। କେନ୍ଦ୍ର ସରକାର ଜାତୀୟ ସ୍ତରରେ ଅନୁରୂପ ସର୍ଭେ ତୁରନ୍ତ କରନ୍ତୁ। ସର୍ଭେ ହେଲେ ପ୍ରତ୍ୟେକ ବର୍ଗ ସେମାନଙ୍କ ଅଧିକାର ପାଇପାରିବେ।

– ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କା**
**ମୁହଁ କରିଦିଏ ବଙ୍କା।**

ସାଧାରଣତଃ ଅର୍ଥ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ବୁଡ଼ି ରହିଥିବା ବ୍ୟକ୍ତିଜଣକ ନିଜ ହିତାହିତ ଜ୍ଞାନ ଭୁଲି କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଧନକୁ ନେଇ ଏମାନଙ୍କ ମନରେ ଗର୍ବ ଆସିବା ସହ ଅନ୍ୟମାନଙ୍କ ପ୍ରତି ସେମାନେ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଅର୍ଥ ବଳରେ ଏଭଳି ବ୍ୟକ୍ତି ନିଜକୁ ଶ୍ରେଷ୍ଠ ମଣିବା ସହ କାହାକୁ ଆଡ଼ଆଖିରେ ମଧ୍ୟ ଚାହାନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଟେରାକୁ ଟେରୀ**
**ଟେରୀ ଆଣିଥିଲା ବାଉଁଶ ପେରୀ।**

ବହୁକାଳରୁ ଆମ ସମାଜରେ ଯୌତୁକ ଏକ ପ୍ରଥା ବା ଚଳଣି ଭାବେ ଚଳିଆସିଛି। ଏହା ଏକ କୁପ୍ରଥା ହୋଇଥିଲେ ମଧ୍ୟ ବିବାହରେ ଯଥା ସମ୍ଭବ ଜାନିଯୌତୁକ ଆଣିଥିବା ଗରିବ ଘରର ଝିଅ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




## ବିଧାନସଭା ପରିସରରେ ଗାନ୍ଧୀ ଜୟନ୍ତୀ

ଭୁବନେଶ୍ୱର,୨।୧୦
(ଅନିଲ ଦାସ)



ମହାତ୍ମା ଗାନ୍ଧୀଙ୍କ ୧୫୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ବିଧାନସଭା ପରିସରରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବାଚସ୍ପତି ପ୍ରମିଳା ମଲ୍ଲିକ, ଉପବାଚସ୍ପତି ରଜନୀକାନ୍ତ ସିଂ, ଅର୍ଥମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ସୁରେଶ କୁମାର ରାଉତରାୟ, ଅନନ୍ତ ଦାସ, ଅନନ୍ତ ନାରାୟଣ ଜେନା ପ୍ରମୁଖ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ମାନସ ରଞ୍ଜନ ଖୁଣ୍ଟିଆ, ସୂଚନା ଅଧିକାରୀ ସୁଶ୍ରୀ ପ୍ରମୋଦିନୀ ଟେଟେ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଗାନ୍ଧୀ ଜୟନ୍ତୀ ଅବସରରେ ସୋମବାର ହାଇକୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ମାଲ୍ୟାର୍ପଣ କରୁଛନ୍ତି।

## ଓଡ଼ିଶା ଗସ୍ତରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ

ଭୁବନେଶ୍ୱର, ୨।୧୦
(ବନ୍ଦନା ସେଠୀ)



ଅନୁରାଗ ସିଂ ଠାକୁର

କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସକାଳ ୯ଟା ୫ରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବେ। ଏହାପରେ ପୂର୍ବାହ୍ନ ୧୧ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ଆୟୋଜିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ନରେ କେତେକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## କାରାଗାର ଏକାଡେମୀରେ ମହାତ୍ମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର,୨।୧୦
(ଅନିଲ ଦାସ)

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱର ଉପକଣ୍ଠ ଛତାବରସ୍ଥିତ ମହାତ୍ମା ଗାନ୍ଧୀ କାରାଗାର ଓ ସଂସ୍କାରସେବା ଏକାଡେମୀ ପରିସରରେ ମହାତ୍ମା ଗାନ୍ଧୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାକୁ ଉନ୍ମୋଚନ କରିଛନ୍ତି। ଏକାଡେମୀ ପରିବେଶକୁ ସରସ ସୁନ୍ଦର କରିବାକୁ ଆହୁରି ଅଧିକ ଚାରାରୋପଣ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, ଏକାଡେମୀର ସହକାରୀ ନିର୍ଦ୍ଦେଶକ ତଥା ରେଜିଷ୍ଟ୍ରାର ସନ୍ତୋଷ କୁମାର ପଟ୍ଟନାୟକ, ସମସ୍ତ ଶାରୀରିକ ତାଲିମ ପ୍ରଶିକ୍ଷକ, କର୍ମଚାରୀ ଓ ତାଲିମ ନେଉଥିବା କାରାରକ୍ଷୀ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଏହି ପ୍ରତିମୂର୍ତ୍ତି ନିର୍ମାଣ ଖର୍ଚ୍ଚ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବହନ କରିଛି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ସଂସ୍କୃତି ଅଧିକାରୀ ଅରବିନ୍ଦ ଚୌଧୁରୀ ଦାସ, ଏକାଡେମୀ ନିର୍ଦ୍ଦେଶକ ତଥା କାରା ନିର୍ଦ୍ଦେଶାଳୟର ଉପନିରୀକ୍ଷକ ଗରିବ ସାହୁ, ଉପନିର୍ଦ୍ଦେଶକ ବୀରେନ୍ଦ୍ର ନାଥ ମାହାଲି, ସହକାରୀ ନିର୍ଦ୍ଦେଶକ ବୀର କିଶୋର ଦାଶ, ସହକାରୀ ନିର୍ଦ୍ଦେଶକ ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହସ୍ପିଟାଲରେ ଦିନକରେ ୧୨ ଶିଶୁ ସମେତ ୨୪ ମୃତ

ମୁମ୍ବାଇ,୨।୧୦

ମହାରାଷ୍ଟ୍ରର ନାନ୍ଦେଡ଼ସ୍ଥିତ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜରେ ୨୪ ଘଣ୍ଟା ମଧ୍ୟରେ ୧୨ ଶିଶୁଙ୍କ ସମେତ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ଶିଶୁମାନଙ୍କ ବୟସ ୩ ବର୍ଷ ମଧ୍ୟରେ। ଭଲ ଚିକିତ୍ସା ପାଇଁ ସେମାନଙ୍କୁ ଅନ୍ୟ ହସ୍ପିଟାଲରୁ ସେଠାକୁ ପଠାଯାଇଥିଲା। ୧୨ ଜଣ ବୟସ୍କ ରୋଗୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ଘଟିଥିବା ଡାକ୍ତରୀ ଶିକ୍ଷା ଓ ଗବେଷଣା ନିର୍ଦ୍ଦେଶକ ଡ. ଦିଲୀପ ମାଇସେକର କହିଛନ୍ତି। ହସ୍ପିଟାଲର ଶିଶୁ ରୋଗ ବିଭାଗରେ ୧୪୨ ଭର୍ତ୍ତି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

## ଗୋଲ୍ଡ ଟେଷ୍ଟିଂ ସେଣ୍ଟରରୁ ୭ କେଜି ସୁନା, ୨୬.୩୮ ଲକ୍ଷ ଟଙ୍କା ଜବତ

ବ୍ରହ୍ମପୁର, ୨।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସାନବଜାର ଛକ ଏକ ଗୋଲ୍ଡ ଟେଷ୍ଟିଂ ସେଣ୍ଟର୍‌ରୁ ସୋମବାର ରାତିରେ ନିମଖଣ୍ଡି ପୋଲିସ ୭କେଜି ସୁନା ସହ ୨୬.୩୮ ଲକ୍ଷ ଟଙ୍କା ଜବତ କରିଛି। ଥାନାଧିକାରୀ ଭାବାନନ୍ଦ ପ୍ରଧାନ କହିଛନ୍ତି ଯେ, ଜଣେ ଚୋରକୁ ଧରି ଜେରା କରାଯାଇଥିଲା। ତାଙ୍କ ବୟାନ ଆଧାରରେ ଉକ୍ତ ଟେଷ୍ଟିଂ ସେଣ୍ଟର୍ ଉପରେ ଚଢ଼ଉ କରାଯାଇଥିଲା। ଉକ୍ତ ସେଣ୍ଟର୍‌ର ମାଲିକ ମହାରାଷ୍ଟ୍ରର ହୋଇଥିବା ବେଳେ ବେଆଇନ ଭାବେ ଚୋରି ସୁନା ଗହଣା ସେଠାରେ ତରଳା ଯାଇ ବଜାରକୁ ଛଡ଼ାଯିବା ଅଭିଯୋଗରେ ଏହି ଚଢ଼ଉ କରାଯାଇଥିଲା ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି। ପୋଲିସ ଏବେ ଉକ୍ତ ଗହଣା ଦୋକାନ ମାଲିକ ଓ ଲୁଟିଆଙ୍କୁ ଥାନାରେ ଅଟକ ରଖି ଜେରା ଚଳାଇଛି।

## କାର-ବସ୍ ଧକ୍କା ମାମଲା, ୨ ଗିରଫ

ରାଉରକେଲା,୨।୧୦
(ସଙ୍ଗୀତା ଜେନା)

ରାଉରକେଲା ବିରଜାପାଲ୍ଲୀଠାରେ ରବିବାର ଅପରାହ୍ନରେ କାର ଓ ବସ୍ ଧକ୍କା ପରେ ବସ୍ ଭଙ୍ଗାରୁଜା ଓ ମାରପିଟ୍ ମାମଲାରେ ଉଦିତନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅମିତ ପାତ୍ର ଓ ଗୌରୀରାଣୀ ବିଭାର(୨୫)। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୧୫/୨୩) ରୁଜୁ ହୋଇଛି।

## ସମ୍ପତ୍ତି ବିବାଦରୁ ୬ ଜଣଙ୍କୁ ହତ୍ୟା

ଲକ୍ଷ୍ନୌ,୨।୧୦

ଉତ୍ତରପ୍ରଦେଶର ଦେଓରିଆ ଜିଲାରେ ସମ୍ପତ୍ତି ବିବାଦକୁ ନେଇ ସୋମବାର ସକାଳେ ୨ ପରିବାରର ୬ ଜଣଙ୍କୁ ହତ୍ୟା କରାଯାଇଛି। ରୁଦ୍ରପୁର ଥାନା ଅନ୍ତର୍ଗତ ଫତେପୁର ଗ୍ରାମରେ ଉତ୍ତେଜନା ଲାଗିରହିଥିବାରୁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ପୋଲିସ୍ କହିବା ଅନୁଯାୟୀ ପ୍ରେମ ଯାଦବ ଏବଂ ସତ୍ୟପ୍ରକାଶ ଦୁବେଙ୍କ ପରିବାର ମଧ୍ୟରେ ସମ୍ପତ୍ତିକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଥିଲା। ସୋମବାର ସକାଳେ ଏହାକୁ ନେଇ ପ୍ରେମ ଏବଂ ସତ୍ୟପ୍ରକାଶଙ୍କ ମଧ୍ୟରେ ବଚସା ହେବା ପରେ ସତ୍ୟପ୍ରକାଶ ପରିବାର ଲୋକେ ପ୍ରେମଙ୍କୁ ପିଟି ମାରିଦେଇଥିଲେ। ଏହା ପରେ ଗାଁର ୧୦/୧୨ ଜଣ ସତ୍ୟପ୍ରକାଶଙ୍କ ଘରେ ପହଞ୍ଚି ତାଙ୍କୁ ହତ୍ୟା କରିବା ସହ ଅନ୍ୟ ୪ ଜଣଙ୍କୁ ହତ୍ୟା କରିଥିବା ଦେଓରିଆ ଏସ୍‌ପି ସଂକଳ୍ପ ଶର୍ମା କହିଛନ୍ତି।

## ଦ୍ୱିତୀୟ ମ୍ୟାଲେରିଆ ଟିକାକୁ ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ

ଜେନେଭା,୨।୧୦

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପିଲାମାନଙ୍କ ପାଇଁ ଦ୍ୱିତୀୟ ମ୍ୟାଲେରିଆ ଟିକାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହା ଟିକା ଅଭାବକୁ ପୂରଣ କରିବା ସହ ଲକ୍ଷାଧିକ ଲୋକଙ୍କ ଜୀବନ ବଞ୍ଚାଇପାରିବ। ଆଫ୍ରିକୀୟ ଅଞ୍ଚଳରେ ପ୍ରତିବର୍ଷ ମ୍ୟାଲେରିଆରେ ପାଖାପାଖି ୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ଜଣେ ମ୍ୟାଲେରିଆ ବିଶେଷଜ୍ଞ ଭାବେ ଏଥିପାଇଁ ନିରାପଦ ଓ ଫଳପ୍ରଦ ଟିକା ଆସିବା ଦିନ ତାଙ୍କ ପାଇଁ ସ୍ୱପ୍ନ ଥଲା ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ ନୂଆ ଆର୍‌୨୧/ମାଟ୍ରିକ୍ସ-ଏମ୍ ଟିକାକୁ ବୁର୍କିନା ଫାସୋ, ଘାନା ଏବଂ ନାଇଜେରିଆରେ ବ୍ୟବହାର ଲାଗି ଅନୁମୋଦନ ମିଳିସାରିଛି। ୨୦୨୧ରେ ବ୍ରିଟିଶ ଔଷଧ କମ୍ପାନୀ ଜିଏସ୍‌କେ ପ୍ରସ୍ତୁତ ପ୍ରଥମ ମ୍ୟାଲେରିଆ ଟିକା ଆର୍‌ଟିଏସ୍, ଏସ୍ ଭାକ୍ସିନ ଚାହିଦା ତୁଳନାରେ ପର୍ଯ୍ୟାପ୍ତ ଉତ୍ପାଦନ ହେଉ ନ ଥିବାରୁ ଦ୍ୱିତୀୟ ଟିକା ଜରୁରୀ ଥିଲା।

## ୧୨ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ

**ନିଜ ଦୋଷ ଖସାଇବାକୁ ବିଇଓଙ୍କ ଉଦ୍ୟମ**

ପଟ୍ଟାଙ୍ଗି,୨।୧୦(ଶରତ ଧଳ)

ରାଜ୍ୟ ସରକାରଙ୍କ ଛୁଟିକୁ ଦୃଷ୍ଟିରେ ନ ରଖି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ଏବେ ସିଆରସିସିମାନଙ୍କ ମୁଣ୍ଡରେ ଅଠା ବୋଳିବାକୁ ବସିଛନ୍ତି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏନେଇ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଶିକ୍ଷା ବିଭାଗ କ୍ଷେତ୍ରରେ। ଖବରରୁ ଜଣାପଡ଼ିଛି, ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ପଟ୍ଟାଙ୍ଗି ବିଇଓଙ୍କ କାର୍ଯ୍ୟାଳୟ ଗତ ୧।୯।୨୩ରେ ବ୍ଲକର ୧୨ ଜଣ ସିଆରସିସିଙ୍କୁ ଚିଠି କରିଥିଲେ। ଏହି ଚିଠିକୁ ଗୁରୁତ୍ୱ ଦେଇ ସିଆରସିସିମାନେ ପ୍ରସ୍ତୁତି ଚଳାଇଥିବା ବେଳେ ପୁଣି ବିଭାଗ ପକ୍ଷରୁ ବିଇଓ ଟି. ମିନତି ୧୩।୯।୨୩ରେ ସିଆରସିସିମାନଙ୍କୁ ପୁଣି ଚିଠି ଲେଖି ୧୫ ଏବଂ ୧୬ ତାରିଖରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଇଓ ପୁଣି ଏକ ଚିଠି କରି ଧାର୍ଯ୍ୟ ୧୫ ଓ ୧୬ ତାରିଖରେ ପ୍ରତିଯୋଗିତା ନ କରି ୨୦ ଓ ୨୧ ତାରିଖରେ ଦୁଇଦିନ ପ୍ରତିଯୋଗିତା କରିବା ପାଇଁ ନିର୍ଦ୍ଦେଶ ଦେଲେ। ମାତ୍ର ୨୧ ତାରିଖ ଗଣପର୍ବ ନୂଆଁଖାଇ ପାଇଁ ସରକାରୀ ଛୁଟି ରହିଥିବାରୁ ସେ ଦୁଇଦିନ ପ୍ରତିଯୋଗିତା ନ କରି ଗୋଟିଏ ଦିନରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା କରି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଲେ। ଏବେ ଏହା ଉପରେ ଖୋଳତାଡ ହେବାରୁ ବିଇଓ ସିଆରସିସିମାନଙ୍କ ଉପରେ ଦୋଷ ଲଦିବାକୁ ୧୨ ଜଣ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କ୍ରୀଡ଼ା ସମୟରେ ତୁମେମାନେ କାହିଁକି ଉପସ୍ଥିତ ନ ରହିଲ ବୋଲି ଏଥିଲେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ୧୩ ତାରିଖଠାରୁ ବିଭାଗର ସମସ୍ତ ସିଆରସିସି ମାସେ ଛୁଟିରେ ରହିଥିଲେ। ଏପରି କ୍ଷେତ୍ରରେ ବ୍ଲକ ଶିକ୍ଷା ଅଧିକାରୀ ସିଆରସିସିମାନଙ୍କୁ କିପରି ୧୪ ତାରିଖରେ ଚିଠି କରି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କରିବା ଲାଗି ଚିଠି କରିଥିଲେ ବୋଲି ପ୍ରଶ୍ନ ଉଠୁଛି। ଏନେଇ ବର୍ତ୍ତମାନ ସମସ୍ତ ସିଆରସିସି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଇଓ ଟି. ମିନତିଙ୍କୁ ଯୋଗାଯୋଗ କରିବା ପାଇଁ ଫୋନ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ ଲାଗି ନ ଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଅଶ୍ୱିନୀ ନକ୍ଷତ୍ର ଭାବପ୍ରବଣତାରେ ବାସ୍ତବତା ଅପେକ୍ଷା କଳ୍ପନାରେ ଆନନ୍ଦ ଅନୁଭବ କରିବେ। ରବିବାରର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ ଟେନ୍‌ସନ କମିଯିବ। ନିଜ ଲୋକଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ପାଇପାରନ୍ତି। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ।

**ବୃଷ**: କୃତ୍ତିକା ନକ୍ଷତ୍ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ସମାଲୋଚନାରୁ ରକ୍ଷାପାଇବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବନ୍ଧୁଙ୍କ ଗହଣରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅପଚେଷ୍ଟା କରି ଧରାପଡ଼ିଯିବେ।

**ମିଥୁନ**: ମୃଗଶିରା ନକ୍ଷତ୍ର ପରିସ୍ଥିତିକୁ ଆଖି ଆଗରେ ରଖି ଯେସାକୁ ତେସା ନୀତିରେ କାମ କରିବେ। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ସ୍ଥିତି ଅନୁକୂଳ ହୋଇପାରେ। କୌଣସି ଦୂରାଗତ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**କର୍କଟ**: ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ, କିନ୍ତୁ କର୍ମକ୍ଷେତ୍ର ସନ୍ତୋଷଜନକ ରହି ନ ପାରେ। ଅଶ୍ଳେଷା ନକ୍ଷତ୍ରର ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ପାରିବାରିକ ସମସ୍ୟା ଗୁରୁତର ହୋଇପାରେ।

**ସିଂହ**: ଦୀର୍ଘଦିନ ହେଲା ଯେତେ ଚେଷ୍ଟାକଲେ ମଧ୍ୟ ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ଯାହା କଲେ ମଧ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ବ୍ୟବସାୟରେ ଲାଭର ମାତ୍ରା ବଢ଼ିବ ନାହିଁ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ହିତୈଷୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା**: ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେବେ, କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିବେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢ଼ିପାରେ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ହସ୍ତା ନକ୍ଷତ୍ର ଆଇନ ଅଦାଲତରୁ ସୁଫଳ ପାଇ ସମସ୍ୟା ସମାଧାନ ହୋଇଯିବ।

**ତୁଳା**: ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ସ୍ୱାତୀ ନକ୍ଷତ୍ର ସଭାସମିତିରେ ଯୋଗଦେଇ ଲାଭବାନ୍ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ହଠାତ୍ ବହୁ ଟଙ୍କା ଖର୍ଚ୍ଚକରିବା କାରଣରୁ ଦୁଃଖିତ ହେବେ।

**ବିଛା**: ଅନୁରାଧା ନକ୍ଷତ୍ର ପାଇଁ ଅବହେଳାରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ। ମନକଥା ମନରେ ମାରି ରହିବେ, ମୁହଁ ଖୋଲିବାର ରାସ୍ତା ପାଇବେ ନାହିଁ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ ଏବଂ ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ଧନୁ**: ଆଜି ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହରେ ତତ୍ପର ହୋଇ ସଫଳତା ପାଇବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ତଥାପି ପଛକୁ ଫେରିବାର ଉପାୟ ନ ଥିବ। ମୂଳା ନକ୍ଷତ୍ର ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି।

**ମକର**: ଆଜି ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟାକଲେ ମଧ୍ୟ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ମନୋରଞ୍ଜନ ସକାଶେ ମନ ବଳାଇବେ, କିନ୍ତୁ ଆର୍ଥିକ ଦୁରବସ୍ଥା ତାହା କରାଇ ଦେବ ନାହିଁ। ଧନିଷ୍ଠା ନକ୍ଷତ୍ର ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ।

**କୁମ୍ଭ**: ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ, କିନ୍ତୁ ସାମାନ୍ୟ ବିଳମ୍ବରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ ଫଳତଃ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିବ। ଶତଭିଷା ନକ୍ଷତ୍ର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**: ସମସ୍ତ ସୁବିଧା ଥାଇ ମଧ୍ୟ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଉତ୍ତରଭାଦ୍ରପଦ ନକ୍ଷତ୍ର ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଉଦାସୀନ ରହିବେ। ଜମିଜମା କାରବାର, ସଭାସମିତି, କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ମଙ୍ଗଳବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୪୧ ଗତେ, ଘ. ୦୬।୨୮ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୩୨ ଗତେ, ଘ.୦୪।୦୧ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ | Bhubaneswar, Tuesday, October 3/2023 | ପୃଷ୍ଠା-୧

# ବିକାଶ ଯାତ୍ରାରେ ବିରୋଧୀ ଖୁସି ନୁହନ୍ତି: ନବୀନ

## ବିଜେଡି ଜନସମ୍ପର୍କର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୦(ଅନିଲ ଦାସ)

ରାଜ୍ୟର ବିକାଶ ଯାତ୍ରାରେ ବିରୋଧୀ ଖୁସି ନାହାନ୍ତି। ଲୋକଙ୍କୁ ଭୁଲ୍ ଖବର ଦେବାରେ ସେମାନେ ଖୁସି ହୁଅନ୍ତି। ନିର୍ବାଚନ ଆସିଲେ ବିରୋଧୀ ସବୁବେଳେ ଏମିତି କାମ କରିଥାନ୍ତି। ତେଣୁ ଜନତା ସବୁବେଳେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି ଆସୁଛନ୍ତି। ସେମାନଙ୍କ ଜନବିରୋଧୀ ଓ ବିକାଶ ବିରୋଧୀ ମନୋଭାବକୁ ଲୋକେ ଠିକ୍ ବୁଝିଛନ୍ତି। ବିରୋଧୀ ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିର ବିକାଶ କାମ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ଜନସାଧାରଣ ସେମାନଙ୍କୁ କ୍ଷମା ଦେବେ ନାହିଁ। ସୋମବାର ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ସ୍ଥିତ କଳିଙ୍ଗ ବସ୍ତିରେ ବିଜେଡି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ସେଠାକାର ନେତାଜୀ ଖେଳପଡ଼ିଆଠାରେ ଆୟୋଜିତ ଦଳୀୟ କର୍ମୀ ସମାବେଶକୁ ସମ୍ବୋଧିତ କରି ନବୀନ କହିଛନ୍ତି, ସାଧାରଣ ଲୋକଙ୍କ ଖୁସି, ଆମର ସବୁଠାରୁ ବଡ଼ ଖୁସି। ଗରିବ ଲୋକ, ମହିଳା, ଯୁବବର୍ଗ, ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ ପାଇଁ ବିଜେଡି କାମ କରୁଛି। ମା'ମାନଙ୍କୁ ସଶକ୍ତ କରିବା ପାଇଁ ବିଜେଡି କାମ କରୁଛି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରଖିବାକୁ ଆଇନ ଆସିଛି। ବିଜେଡିର ପ୍ରୟାସ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ପ୍ରତି ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ବୃଦ୍ଧିପାଇଛି। ରୂପାନ୍ତର ଓଡ଼ିଶା ପାଇଁ ଶକ୍ତି ଦେଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବରଦାନ ସାଜିଛି। ସରକାରୀ ଓ ଘରୋଇ ସ୍କୁଲ ମଧ୍ୟରେ ତାରତମ୍ୟ ହ୍ରାସ ପାଇଛି। ଖାଦ୍ୟ ସୁରକ୍ଷା, କ୍ରୀଡ଼ାର ବିକାଶ ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଓଡ଼ିଶା ସମଗ୍ର ଦେଶ ଲାଗି ରୋଲ୍ ମଡେଲ ହୋଇଛି। ନିଯୁକ୍ତିର ନୂଆ ସୁଯୋଗ ଆସିଛି ବୋଲି ନବୀନ କହିଛନ୍ତି। ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ କାମ କରିବାକୁ ନବୀନ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନବୀନ ପଦଯାତ୍ରାରେ କର୍ମୀମାନଙ୍କ ଗହଣରେ କିଛି ବାଟ ଚାଲିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓଡ଼ିଶାକୁ ଆଗେଇ ନେଇଛି। ଜାଗା ମିଶନ ବସ୍ତି ବାସିନ୍ଦାଙ୍କ ପାଇଁ ଅମୃତସମ ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଏକାମ୍ର ଯୋଜନା, ନବୀନ ଓଡ଼ିଶା ଏବଂ ଜାଗା ମିଶନ ☞ପୃଷ୍ଠା-୭


ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଳିଙ୍ଗ ବସ୍ତିରେ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ: ମନୋରଞ୍ଜନ ମିଶ୍ର)

# ଘାଟିରେ ଓଲଟିଲା ଯାତ୍ରୀବାହୀ ବସ୍, ୨୩ ଆହତ

ମୋହନା,୨।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ଥାନା ଗୁଲୁବା ବାମୁଣମଲା ଘାଟିରେ ସୋମବାର ଏକ ଯାତ୍ରୀବାହୀ ମିନିବସ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଛି। ଏଥିରେ ୨୩ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ଜଣ ଗର୍ଭବତୀ ଅଛନ୍ତି। ସେମାନେ ହେଲେ କକ୍ଷଲେମା ଗାଁର ନମିତା ବୀର, କାମପଦର୍ ଗାଁର ଏଲିଶା ବୀର, ଲୁଦିଗୁଡ଼ା ଗାଁର ଲିଲି ନାୟକ। ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ମମିତା ଗମାଙ୍ଗ, ରୁଦ ମାଝୀ, ନମିତା ମଲ୍ଲିକ, ରମେଶ ମଲ୍ଲିକ, ବାସନ୍ତୀ ଲିମା, ପୁରୁଣି ମଲ୍ଲିକ, ତିଲୋତ୍ତମା କକ୍ଷର୍ଜୀ, କେତକୀ ପ୍ରଧାନ, ଆରିୟା ବଡ଼ରଇତ, ପିଣ୍ଟୁ ମଲ୍ଲିକ, ଦୀପସନ୍ ରଇତ, ଅବିତକ୍ଷ ନାୟକଙ୍କୁ ମୋହନା ମେଡିକାଲକୁ ପଠାଯାଇଥିଲା। ଅନ୍ୟ ଆହତମାନଙ୍କ ପରିଚୟ ମିଳିପାରି ନାହିଁ।

ପ୍ରକାଶ ଯେ, ସକାଳ ପ୍ରାୟ ସାଢ଼େ ୮ଟାରେ ଜଗତ ଜନନୀ ନାମକ ଏକ ଘରୋଇ ଯାତ୍ରୀବାହୀ ମିନିବସ୍ ପ୍ରାୟ ୩୦ ଜଣ ଯାତ୍ରୀଙ୍କୁ ନେଇ ମୋହନା ଆସୁଥିଲା। ଏହି ସମୟରେ ଗୁଲୁବା ବାମୁଣମଲା ଘାଟିରେ ବସଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ୨୩ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ରେଜିନା ପ୍ରଧାନ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଯାଇ ଆହତମାନଙ୍କୁ ଉଦ୍ଧାର କରି ବିରିକୋଟ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରୁ ୨୦ ଜଣ ଯାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଡ଼ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ପ୍ରାଥମିକ ତଦନ୍ତରୁ ବ୍ରେକ୍ ଫେଲ୍ ଯୋଗୁ ଦୁର୍ଘଟଣା ଘଟିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ୩ ଗର୍ଭବତୀଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

# ଦୁର୍ଘଟଣାରୁ ବର୍ତ୍ତିଲା ବନ୍ଦେ ଭାରତ

ଆଜମେର୍,୨।୧୦

ଉଦୟପୁର-ଜୟପୁର ବନ୍ଦେ ଭାରତ ଏକ୍ସପ୍ରେସ୍ ସୋମବାର ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ରେଳଲାଇନରେ କେହି ଦୁର୍ବୃତ୍ତ ବଡ଼ ପଥର ଖଣ୍ଡ ଓ ଲୁହାଛଡ଼ ରଖିଦେଇଥିଲେ। ଡ୍ରାଇଭର ଏହା ଦେଖିପାରି ତୁରନ୍ତ ଜରୁରୀ ବ୍ରେକ୍ କଷିବାରୁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି। ଗଙ୍ଗରାର-ସୋନିୟାନା ସେକ୍ସନ ଅନ୍ତର୍ଗତ ରେଳଧାରଣାର ଜଗଲ୍ ପ୍ଲେଟ୍‌ରେ ପଥର ଖଣ୍ଡ ଓ ରଡ୍ ରଖାଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର ହୋଇଛି। ସକାଳ ୯ଟା ୫୫ରେ ଟ୍ରେନ୍ ଉକ୍ତ ଲାଇନ ଦେଇ ଯାଉଥିବାବେଳେ ଡ୍ରାଇଭରଙ୍କ ନଜର ଉକ୍ତ ପଥର ଓ ରଡ୍ ଉପରେ ପଡ଼ିଥିଲା। ରେଳୱେ ପୋଲିସ ଓ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରୁଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅକ୍ଟୋବର, ୨୦୨୩

“ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ । ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ । କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ । –ଶ୍ରୀମା



# ୯୩: ଭୋଟ ଦେଇନାହାନ୍ତି

ସାରା ବିଶ୍ୱରେ ଭାରତୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାର ସ୍ୱତନ୍ତ୍ର ପରିଚୟ ଅଛି । ଦେଶରେ ମଜଭୁତ ଗଣତନ୍ତ୍ର ପାଇଁ ନିର୍ବାଚନ ଏକ ପ୍ରମୁଖ ଭୂମିକା ନେବା କଥା । ଭାରତ ସ୍ୱାଧୀନ ହେବା ପରେ ୨୫ ଅକ୍ଟୋବର ୧୯୫୧ରୁ ୨୧ ଫେବୃୟାରୀ ୧୯୫୨ ମଧ୍ୟରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଭୋଟର ସଂଖ୍ୟା ଥିଲା ୧୭ କୋଟି ୩୨ ଲକ୍ଷ । ଚଳିତବର୍ଷ ଜାନୁୟାରୀ ସୁଦ୍ଧା ଭୋଟର ସଂଖ୍ୟା ୯୪ କୋଟି ୫୦ ଲକ୍ଷରୁ ଅଧିକରେ ପହଞ୍ଚିଥିବା ଭାରତର ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି । ଦେଶରେ ପ୍ରଥମ ନିର୍ବାଚନଠାରୁ ଏଯାବତ୍ ୧୭ଟି ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଗଲାଣି । ରାଜ୍ୟଗୁଡ଼ିକରେ ମଧ୍ୟ ସମୟାନ୍ତରରେ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଆସିଛି । କିନ୍ତୁ ସ୍ୱାଧୀନତା ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ଛତିଶଗଡ଼ର ୩ ଜଣ ବରିଷ୍ଠ ନାଗରିକ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରଥମଥର ପାଇଁ ଭୋଟ ଦେବେ । ସେମାନେ ହେଲେ ମାଓପ୍ରବଣ କାଙ୍କେର ଜିଲା ଭାନୁପ୍ରତାପପୁର ନିର୍ବାଚନମଣ୍ଡଳୀର ଏକ ମଫସଲ ଗାଁର ବାସିନ୍ଦା ଶେରସିଂ ହେଡ୍‌କୋ (୯୩), ଶ୍ୟାମଲାଲ (୮୮) ଓ ରବିକା ମଣି (୮୪) । ଭୋଟର ତାଲିକା ସଂଶୋଧନ ପାଇଁ ବୁଥ୍ ଲେଭଲ ଅଧିକାରୀ ଘରଘର ବୁଲି ସର୍ଭେ କରୁଥିବାବେଳେ ସେମାନଙ୍କୁ ଠାବ କରିବା ସହ ସମସ୍ତଙ୍କ ନାମ ପଞ୍ଜୀକରଣ କରିଛନ୍ତି । ସେମାନେ ଏଥିପାଇଁ ଆଧାରକାର୍ଡ ଦାଖଲ କରିଛନ୍ତି । ଅନୁମେୟ ଯେ, ଯୋଜନାର ହିତାଧିକାରୀ ହେବା ସକାଶେ ହୁଏତ ସେମାନଙ୍କ ଆଧାରକାର୍ଡ କରାଯାଇଥାଇପାରେ । କିନ୍ତୁ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମ୍‌କୋର୍ଟରେ ଲିଖିତ ଭାବେ ଦାଖଲ କରାଯାଇଥିବା ଉତ୍ତରରେ ଭାରତର ନିର୍ବାଚନ କମିଶନ ସ୍ପଷ୍ଟ କରିଦେଇଛନ୍ତି ଯେ, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆଧାର ପ୍ରୟୋଜନ ନୁହେଁ । ମଧ୍ୟପ୍ରଦେଶରୁ ଅଲଗା ହୋଇ ଛତିଶଗଡ଼ ରାଜ୍ୟ ଗଠନ ହେବାର ୨୩ ବର୍ଷ ମଧ୍ୟରେ ରାଜ୍ୟ କିମ୍ବା ସାଧାରଣ ନିର୍ବାଚନରେ ସେମାନଙ୍କ ନାମ ପଞ୍ଜୀକରଣ ହୋଇ ନ ଥିଲା । ଏପରିକି ମଧ୍ୟପ୍ରଦେଶରେ ମଧ୍ୟ ତାଙ୍କ ନାମ ପଞ୍ଜୀକରଣ ନ ହେବା ଆଶ୍ଚର୍ଯ୍ୟର ବିଷୟ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଛତିଶଗଡ଼ର ଏହି ୩ ବୟୋବୃଦ୍ଧ ଦେଶରେ ନାଗରିକର ମହତ୍ତ୍ୱ ଓ ଗଣତାନ୍ତ୍ରିକ ସରକାର ଗଠନରେ ସେମାନଙ୍କ ଭୂମିକା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ । କେବଳ ଏହି ୩ ଜଣ ନୁହନ୍ତି, ଭାରତର ଦୁର୍ଗମ ଅଞ୍ଚଳରେ ଏଭଳି ଅନେକ ହଜାର ନାଗରିକ ଥାଇପାରନ୍ତି । ଏମାନଙ୍କୁ ଖୋଜି ନିର୍ବାଚନ ପ୍ରକ୍ରିୟାରେ ସାମିଲ କରାଯିବା ଦରକାର । ଏ ତ ଗଲା ଯେଉଁମାନେ ଭୋଟ ଦେବାର ସୁଯୋଗ ପାଇନାହାନ୍ତି, କିନ୍ତୁ ଭାରତରେ ଏବକାର ନିର୍ବାଚନ ବ୍ୟବସ୍ଥାରେ ମୋଟ ଭୋଟରମାନଙ୍କ ମଧ୍ୟରୁ ପାଖାପାଖି ୩୦% ଭୋଟ ଦେଉନାହାନ୍ତି ବୋଲି ଗତ କେତୋଟି ନିର୍ବାଚନରୁ ସ୍ପଷ୍ଟ ଜଣାପଡ଼ିଛି । ଏପରିକି ଭାରତର ଭୋଟଦାନ ହାର ଏହାର ପଡ଼ୋଶୀ ବାଂଲାଦେଶ ଓ ଶ୍ରୀଲଙ୍କାଠାରୁ ପଛରେ ରହୁଛି । ଏହା ନିଶ୍ଚିତ ଯେ, ନିର୍ବାଚନ ମାଧ୍ୟମରେ ଗଣତନ୍ତ୍ରକୁ ମଜଭୁତ କରିବାରେ ନାଗରିକର ସିଧାସଳଖ ଯୋଗଦାନ ରହିଥାଏ । ଭାରତୀୟ ରାଜନୈତିକ ଦଳଗୁଡ଼ିକ ମଧ୍ୟ ନାଗରିକ ଭାଗୀଦାରିକୁ ଉତ୍ସାହିତ କରିଥା'ନ୍ତି, ଏମିତିକି ସମ୍ବିଧାନ ଏହି ସିଦ୍ଧାନ୍ତକୁ ସ୍ୱୀକାର କରିଛି । କିନ୍ତୁ ବିଶ୍ୱର ସବୁଠୁ ଜନବହୁଳ ଦେଶ ଭାରତରେ ମୋଟ ଭୋଟର ସଂଖ୍ୟାର ଏକ ତୃତୀୟାଂଶ ଭୋଟ ନ ଦେବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ । କେବଳ ଛତିଶଗଡ଼ ଘଟଣା ନୁହେଁ, ବରଂ ଦେଶର ବିଭିନ୍ନ ସ୍ଥାନରେ ନାଗରିକମାନେ ନାମ ପଞ୍ଜୀକରଣ କରି ଭୋଟର ତାଲିକାରୁ ବାଦ୍ ପଡୁଥିବା ଖବର ବହୁ ସମୟରେ ସାମ୍ନାକୁ ଆସେ । ଏପରିକି ଆକ୍ରୋଶମୂଳକ ଭାବେ ଏସବୁ କରାଯାଉଥିବା ଅଭିଯୋଗ ମଧ୍ୟ ଶୁଣିବାକୁ ମିଳେ । କିନ୍ତୁ ଭୋଟଦାନ ଭଳି ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେବା କିମ୍ବା ଅଧିକାର ପାଇ ଏହାର ସିଂହଭାଗ ନିର୍ବାଚନରୁ ଦୂରେଇ ରହିବା ଉପରେ କେବେ ବି ବିତର୍କ ହେବା ଦେଖାଯାଏ ନାହିଁ । ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । କାରଣ ଜାତି ଧର୍ମକୁ ଆଧାର କରି ଧ୍ରୁବୀକରଣ ମାଧ୍ୟମରେ ଭୋଟ ହାତେଇ ନେଇ କୌଣସି ପ୍ରକାରେ କ୍ଷମତା ହାସଲ କରିବା ସେମାନଙ୍କର ମୂଳ ଲକ୍ଷ୍ୟ । ସେ କ୍ଷେତ୍ରରେ ନାଗରିକଙ୍କ ଭୋଟ ଅଧିକାର ଗୌଣ ହୋଇଯିବା ସ୍ୱାଭାବିକ ।

ଭୋଟଦାନ ଭଳି ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେବା କିମ୍ବା ଅଧିକାର ପାଇ ଏହାର ସିଂହଭାଗ ନିର୍ବାଚନରୁ ଦୂରେଇ ରହିବା ଉପରେ କେବେ ବି ବିତର୍କ ହେବା ଦେଖାଯାଏ ନାହିଁ । ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । କାରଣ ଜାତି ଧର୍ମକୁ ଆଧାର କରି ଧ୍ରୁବୀକରଣ ମାଧ୍ୟମରେ ଭୋଟ ହାତେଇ ନେଇ କୌଣସି ପ୍ରକାରେ କ୍ଷମତା ହାସଲ କରିବା ସେମାନଙ୍କର ମୂଳ ଲକ୍ଷ୍ୟ । ସେ କ୍ଷେତ୍ରରେ ନାଗରିକଙ୍କ ଭୋଟ ଅଧିକାର ଗୌଣ ହୋଇଯିବା ସ୍ୱାଭାବିକ ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 1 | | | | | 6 |
| 7 | | | | | 4 | | | |
| | | | | | 9 | 5 | | 8 |
| | | 4 | | | | | | |
| 2 | 1 | 3 | | | | | 5 | 4 |
| | 6 | 5 | | | | | 2 | 1 |
| 1 | 2 | | | 8 | | | | 3 |
| | | 6 | 2 | | | | | |
| | | | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 3 | 7 | 6 | 1 | 8 | 4 | 9 |
| 4 | 9 | 8 | 3 | 5 | 2 | 6 | 1 | 7 |
| 7 | 1 | 6 | 9 | 8 | 4 | 5 | 3 | 2 |
| 3 | 4 | 7 | 2 | 9 | 5 | 1 | 6 | 8 |
| 2 | 5 | 1 | 6 | 7 | 8 | 4 | 9 | 3 |
| 6 | 8 | 9 | 4 | 1 | 3 | 2 | 7 | 5 |
| 9 | 3 | 4 | 5 | 2 | 6 | 7 | 8 | 1 |
| 1 | 6 | 2 | 8 | 3 | 7 | 9 | 5 | 4 |
| 8 | 7 | 5 | 1 | 4 | 9 | 3 | 2 | 6 |

ଗତକାଲିର ଉତ୍ତର

# କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର



ଡ. ପବିତ୍ର ସୁବୁଦ୍ଧି

ଥରେ ଭକ୍ତ ସୁଦାମା ସଖା ଶ୍ରୀକୃଷ୍ଣଙ୍କୁ ପଚାରିଲେ, ‘‘ମାଧବ! ବନ୍ଧୁତା କାହାକୁ କୁହାଯାଏ ?’’ ଶ୍ରୀକୃଷ୍ଣ କହିଲେ, ‘‘ଯେଉଁଠି ସ୍ୱାର୍ଥ ଥାଏ, ସେଠି ସମ୍ପର୍କ ନ ଥାଏ ଆଉ ଯେଉଁଠି ସମ୍ପର୍କ ଥାଏ, ସେଠି ସ୍ୱାର୍ଥ ନ ଥାଏ । ଅର୍ଥାତ୍ ବିନା ସ୍ୱାର୍ଥ ଓ ସର୍ତ୍ତରେ ବନ୍ଧଯାଇଥିବା ସମ୍ପର୍କକୁ ‘ବନ୍ଧୁତା’ କୁହାଯାଏ ।’’ ଏକଦା ନୋବେଲ ପୁରସ୍କାର ବିଜୟିନୀ ମଦର ଟେରେସା କହିଥିଲେ– ‘‘ମଣିଷ ଜାତିର ସବୁଠାରୁ ଭୟଙ୍କର ଦାରିଦ୍ର୍ୟ ହେଲା: ନିଃସଙ୍ଗତା, ଏକାକୀତ୍ୱ ଓ ଅଲୋଡ଼ାପଣ ।’’ ନିର୍ଜନତାକୁ ସହ୍ୟ କରି ନେଇହୁଏ, ମାତ୍ର ନିଃସଙ୍ଗତାକୁ ସହ୍ୟ କରିବା କଷ୍ଟ । ଏଣୁ ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ ସ୍ୱାଭାବିକ । ସେଇଥିପାଇଁ କେଉଁ ଅନାଦି ଅନନ୍ତକାଳରୁ ମଣିଷ, ମଣିଷ ସହ ସମ୍ପର୍କଟିଏ ଯୋଡ଼ିଛି, ଯାହାକି ଏ ସମାଜ ବନ୍ଧୁତା ବୋଲି କହେ । ‘ପରିବାର’ ପରେ ସର୍ବପୁରାତନ ମାନବିକ ସମ୍ପର୍କ ହେଉଛି ‘ବନ୍ଧୁତା’ । ଏ ସମ୍ପର୍କର ପବିତ୍ରତା ପାରିବାରିକ ସମ୍ପର୍କର ପବିତ୍ରତାକୁ ଅତିକ୍ରମ କରିଯିବାର ଦୃଷ୍ଟାନ୍ତ ମଧ୍ୟ କମ୍ ନୁହେଁ । ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଉଦାହରଣ ହେଉଛନ୍ତି ମହାଭାରତର ‘କର୍ଣ୍ଣ’ । ପାଣ୍ଡବମାନେ ତାଙ୍କର ଭାଇ ବୋଲି ଜାଣିବା ପରେ ମଧ୍ୟ ସେ ବନ୍ଧୁ ଦୁର୍ଯ୍ୟୋଧନଙ୍କୁ ତ୍ୟାଗ କରି ନ ଥିଲେ । ଏତଦ୍‌ଭିନ୍ନ କୃଷ୍ଣ ଓ ସୁଦାମାଙ୍କର ଅପୂର୍ବ ବନ୍ଧୁତା କଥା ସମସ୍ତଙ୍କୁ ଜଣା ।

କିଏ ଜଣେ ବିଦ୍ୱାନ୍ ଏକଦା କହିଥିଲେ– ବନ୍ଧୁତା ଜନ୍ମ ହୋଇଥାଏ, ତିଆରି ହୋଇ ନ ଥାଏ । ହୃଦୟ ତ ପ୍ରେମ ଭାଙ୍ଗିଥାଏ, କିନ୍ତୁ ବନ୍ଧୁତା ହୃଦୟକୁ ଯୋଡ଼ିଥାଏ । ଈଶ୍ୱର ଏ ଦୁନିଆରେ ଅନେକ ସମ୍ପର୍କ ଗଢ଼ିଛନ୍ତି, କିନ୍ତୁ ସବୁଠାରୁ ଶ୍ରେଷ୍ଠ ସମ୍ପର୍କ ହେଲା ‘ବନ୍ଧୁତା’ । ଆମ ଜୀବନ ହେଉଛି ପିତାମାତାଙ୍କ ଉପହାର, ମାତ୍ର ଭଲ ବନ୍ଧୁଟିଏ ହେଉଛି ଈଶ୍ୱରଙ୍କ ଉପହାର । ସେଥିପାଇଁ କୁହାଯାଏ ଜଣେ ବିଶ୍ୱସ୍ତ ବନ୍ଧୁ, ଦଶ ଜଣ ଆତ୍ମୀୟଙ୍କ ସହ ସମାନ । ବନ୍ଧୁ ବାନ୍ଧିବାକୁ କିଛି ନିୟମ ନଥାଏ କି ଏହାକୁ ଶିଖେଇବା ପାଇଁ କୌଣସି ସ୍କୁଲ ନଥାଏ । ଅସଲ ବନ୍ଧୁତା ତ ହୃଦୟରୁ ଜନ୍ମ ନେଇଥାଏ । ବନ୍ଧୁତା କେବଳ ଏକ ଶବ୍ଦ ନୁହେଁ, କେବଳ ଏକ ସମ୍ପର୍କ ନୁହେଁ, ଏହା ଏକ ନୀରବ ପ୍ରତିଶ୍ରୁତି ଯାହା ନିରନ୍ତର କହୁଥାଏ– ‘ମୁଁ ଥିଲି, ମୁଁ ଅଛି, ମୁଁ ରହିବି’ । ଜଣେ ଭଲ ବନ୍ଧୁ କହେ ଚିନ୍ତା କରନା, କିଛି ଅସୁବିଧା ହେଲେ ମୁଁ ତୋ' ସାଙ୍ଗରେ ଅଛି । କିନ୍ତୁ ଜଣେ ପ୍ରକୃତ ବନ୍ଧୁ କହେ– ମୁଁ ଥିବାଯାଏଁ ତୋର କେବେ ଅସୁବିଧା ହେବାକୁ ଦେବିନି । ଜୀବନରେ ଏମିତି ବନ୍ଧୁଟିଏ ଲୋଡ଼ା, ଯିଏ ଦୂରରୁ ଦେଖି ହସେ । ଶ୍ମଶାନରେ ଛିଡ଼ା ହୁଏ । ଦୁଃଖ ବେଳେ ଆସେ । ଦୁର୍ଭିକ୍ଷରେ ଲୋଡ଼େ । ରାଜଦ୍ୱାରେ ଛିଡ଼ା ହୁଏ । କୁହାଯାଏ ଜୀବନରେ ଦୁଇ ପ୍ରକାର ବନ୍ଧୁ ଲୋଡ଼ା । ଜଣେ କୃଷ୍ଣଙ୍କ ପରି, ଯିଏ ଯୁଦ୍ଧ ନ ଲଢ଼ି ମଧ୍ୟ ବନ୍ଧୁ ଅର୍ଜୁନଙ୍କୁ ଯୁଦ୍ଧ ଜିତେଇପାରନ୍ତି । ଆଉ ଜଣେ କର୍ଣ୍ଣଙ୍କ ଭଳି, ଯିଏ ପରାଜୟ ନିଶ୍ଚିତ ଜାଣି ମଧ୍ୟ ବନ୍ଧୁ ଦୁର୍ଯ୍ୟୋଧନଙ୍କ ପକ୍ଷ ଛାଡ଼ନ୍ତି ନାହିଁ । ସତରେ ପ୍ରକୃତ ବନ୍ଧୁତା ନା କେବେ ପରୀକ୍ଷା ନିଏ, ନା କେବେ ପରୀକ୍ଷା ଦିଏ । ସେଥିପାଇଁ ତ କୁହାଯାଏ– ଦେଶରେ ‘ରାଜା’, ସମାଜରେ ‘ଗୁରୁ’, ପରିବାରରେ ‘ପିତା’, ଘରେ ‘ସ୍ତ୍ରୀ’ ଓ ଜୀବନରେ ‘ବନ୍ଧୁ’ କେବେ ବି ସାଧାରଣ ହୋଇ ନ ଥା'ନ୍ତି । ‘ସୃଷ୍ଟି’ ଆଉ ‘ପ୍ରଳୟ’ ତ ଏହିମାନଙ୍କ ହାତରେ ହିଁ ହୋଇଥାଏ ।



ବିଡ଼ମ୍ବନାର ବିଷୟ , ଏଭଳି ବନ୍ଧୁଟିଏ ଆଜି କାହିଁ ? ଏମତି ‘ହାଲୋ ହାଏ’ ବନ୍ଧୁ ତ ହଜାରେ । ଫେସ୍‌ବୁକରେ, ହ୍ୱାଟ୍‌ସ ଆପ୍‌ରେ, ପୁରୁଣା ମାଟ୍ରିକ ବ୍ୟାଚ୍ ମେଳରେ, ଛାଡ଼ଖାଇ, ନୂଆଖାଇ ଭେଟ୍‌ଘାଟ ମେଳାରେ! ‘‘କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଯୋଗୁଁ ଦେବା ନର ?’’ ଆଜିର ମଣିଷର ଜନସମ୍ପର୍କ ପୂର୍ବ ପିଢ଼ିର ମଣିଷ ଜନସମ୍ପର୍କ ତୁଳନାରେ ବହୁ ଅଧିକ । ବିଶେଷତଃ ସହର ନଗରରେ ରହୁଥିବା ପ୍ରତି ବ୍ୟକ୍ତିର ପରିଚିତ ମଣ୍ଡଳୀର ଆୟତନ ବେଶ ବଡ଼ । ବନ୍ଧୁ କ୍ଷେତ୍ରରେ ସେ ସବୁ ପରିଚିତମାନଙ୍କୁ ଆମେ ବନ୍ଧୁ ଆଖ୍ୟା ଦେଇଥାଉ । ଏ ଗତାନୁଗତିକ ସମ୍ପର୍କ ବଳୟ ବାହାରେ ରହିଛି ପୁଣି ଫେସ୍‌ବୁକ୍ ଓ ହ୍ୱାଟ୍‌ସଆପ୍ ଭଳି ଛାୟାମୟା ସମ୍ପର୍କର ବ୍ୟାପକ ପରିସର । କିନ୍ତୁ ବିସ୍ମୟର କଥା, ପରିଚିତ, ସୁପରିଚିତ, ମିତ୍ର, ବନ୍ଧୁ ଓ ସହକର୍ମୀ ସଂଖ୍ୟାର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆଜିର ମଣିଷ ନିଜକୁ ନିଃସଙ୍ଗ ମଣୁଛି । ବିଡ଼ମ୍ବନାର ବିଷୟ ହେଲା ନିଃସଙ୍ଗ ଅନୁଭବକୁ ଦୂର କରିବା ମାନସରେ ମଣିଷଟିଏ କ୍ଲବ, ଆଡ୍ଡା, ଅଥବା ଟେଲିଭିଜନ ପାଖରେ ଆତ୍ମସମର୍ପଣ କରେ । କିନ୍ତୁ ସେ ସବୁରୁ ଓହରି ଆସିବାମାତ୍ରେ ନିଃସଙ୍ଗତା ତାକୁ ଆଚ୍ଛନ୍ନ କରେ । ବିଶ୍ୱାସ ହେଉଛି ବନ୍ଧୁତାର ଭିତ୍ତି । ବିଶ୍ୱାସରେ ସଙ୍କଟ ହେତୁ ଆଜି ଯେଉଁ ସର୍ବପୁରାତନ ମାନବିକ ସମ୍ପର୍କ ଦୁର୍ବଳ ହୋଇପଡ଼ିଛି, ତାହା ହେଲା ବନ୍ଧୁତା । ଏମିତି ତ ଇଣ୍ଟରନେଟ୍‌ରେ ଅନେକ ବନ୍ଧୁ, ଯାହାକୁ ଅଶରୀରୀ ବନ୍ଧୁ କୁହାଯାଏ । କିନ୍ତୁ ସେମାନେ କେବଳ କମ୍ପ୍ୟୁଟର ସ୍କ୍ରିନ ବା ସ୍ମାର୍ଟ ଫୋନ୍‌ରେ ବନ୍ଦୀ । ସେମାନଙ୍କ ସହ ବାସ୍ତବ ସମ୍ପର୍କ ସ୍ଥାପନର ଦୃଷ୍ଟାନ୍ତ ଅତି ନଗଣ୍ୟ । ମାମୁ ଘରେ ଗୋଟେ ଗାଈ, ରାତି ପାହିଲେ ଗୋଟେ ନାହିଁ । ବନ୍ଧୁ ତ ଅନେକ, ମାତ୍ର ଦୁଃଖ ବାଣ୍ଟିବାକୁ ଜଣେ ବି ନାହିଁ ।

ବନ୍ଧୁତାର ଏ ଉତ୍କଟ ସଙ୍କଟବେଳେ ଗ୍ରୀକ୍ କିମ୍ବଦନ୍ତୀ ସାହିତ୍ୟରୁ ଡାମୋନ ଓ ପିଥିଆସ୍‌ଙ୍କ ଅବିସ୍ମରଣୀୟ ଚରିତ ସ୍ମରଣକୁ ଆସେ । ଦୁଇ ନିବିଡ଼ ବନ୍ଧୁ ଡାମୋନ ଓ ପିଥିଆସ୍ । ସେତେବେଳେ ସାଇରାକ୍ୟୁସରେ ଡାଇଆନୋସିଆସଙ୍କ ଏକଚ୍ଛତ୍ର ଶାସନ । ଏହି ଦୁର୍ଦ୍ଦାନ୍ତ ଶାସକଙ୍କ କୋପଦୃଷ୍ଟିରେ ପଡ଼ିଲେ ପିଥିଆସ୍ । ତାଙ୍କୁ ପ୍ରାଣଦଣ୍ଡର ଆଦେଶ ହେଲା । ମୃତ୍ୟୁ ପୂର୍ବରୁ ଶେଷ ଅଭିଳାଷ ରୂପେ ସପ୍ତାହକ ପାଇଁ ବିରତି ମାଗିଲେ ପିଥିଆସ । ଶେଷଥର ପାଇଁ ଦୂରବର୍ତ୍ତୀ ଗ୍ରାମକୁ ଯାଇ ପରିବାରଠାରୁ ବିଦାୟ ନେଇ ଆସିବେ । କିନ୍ତୁ ଏଥିପାଇଁ ଏକ ବିଚିତ୍ର ସର୍ତ୍ତ ରଖିଲେ ଡାଇଆନୋସିଆସ । ତୁମର ଯଦି କେହି ବନ୍ଧୁ ତୁମ ପାଇଁ ମୁଣ୍ଡଜାମିନ ରହିବ ଏବଂ ତୁମେ ଯଦି ନିର୍ଦ୍ଦିଷ୍ଟ ଦିନ ସୂର୍ଯ୍ୟୋଦୟ ସୁଦ୍ଧା ଲେଉଟି ନ ଆସିବ, ତେବେ ସେ ଜାମିନଦାର ମୃତ୍ୟୁଦଣ୍ଡ ଭୋଗିବାକୁ ପ୍ରସ୍ତୁତ ଥିବ, ତାହାହେଲେ ତୁମକୁ ସପ୍ତାହକ ପାଇଁ ବିରତି ମିଳିପାରେ । ତତ୍‌କ୍ଷଣାତ୍ ଆଗଭର ହେଲେ ଡାମୋନ । ଡାମୋନଙ୍କୁ କାରାରୁଦ୍ଧ କରାଗଲା ଓ ପିଥିଆସ୍‌ଙ୍କୁ ଗାଁକୁ ଯିବାର ଅନୁମତି ମିଳିଲା । ଷଷ୍ଠଦିନ ରାତି ସୁଦ୍ଧା ପିଥିଆସ୍ ଫେରିଲେ ନାହିଁ । ତେଣୁ ସପ୍ତମ ଦିନ ପ୍ରଭାତରେ ଡାମୋନଙ୍କୁ ଫାଶୀମଞ୍ଚକୁ ନିଆଗଲା । ସେଠାରେ ଉପସ୍ଥିତ ଥିଲେ ଡାଇଆନୋସିଆସ । ଡାମୋନଙ୍କ ଆଖିରେ ଅଶ୍ରୁ ଦେଖି ଅଟ୍ଟହାସ୍ୟ କଲେ ଏବଂ କହିଲେ– ମୁଁ ଠିକ୍ ଜାଣିଥିଲି ତୁମ ବନ୍ଧୁ ତୁମକୁ ଦଗା ଦେବ । ଏବେ ଅଶ୍ରୁପାତ କଲେ ଲାଭ କ'ଣ ? କାଳବିଳମ୍ବ ନ କରି ଡାମୋନ କହିଲେ– ହେ ମହାମାନ୍ୟ ଶାସକ! ଏ ଅଶ୍ରୁ ଦୁଃଖଜନିତ ନୁହେଁ । ଇଏ ମୋର ଆନନ୍ଦର ଅଶ୍ରୁ । ମୋ ବନ୍ଧୁ ନିଶ୍ଚୟ କୌଣସି ଦୁର୍ଲଂଘ୍ୟ ଅସୁବିଧା ଯୋଗୁ ଅଟକି ଯାଇଛନ୍ତି । ଭଗବାନ୍ ମୋତେ ମୋ ବନ୍ଧୁ ପାଇଁ ପ୍ରାଣ ଦେବା ଅପୂର୍ବ ସୁଯୋଗଟିଏ ଦେଇଥିବାରୁ ମୁଁ ଅତ୍ୟନ୍ତ ପୁଲକିତ । ମୋ ଜୀବନ ଧନ୍ୟ ହୋଇଗଲା । ଡାମୋନ ଫାଶୀ ପାଇଁ ପ୍ରସ୍ତୁତ ହୋଇଗଲେ । ହଠାତ୍ ଅଦୂରରୁ ଶୁଣାଗଲା ଏକ ଉତ୍କଣ୍ଠିତ ବିକଳ ଚିତ୍କାର ରହିଯାଅ, ମୁଁ ଆସିଗଲିଣି । ଚାହୁଁ ଚାହୁଁ ଗଳଦ୍‌ଘର୍ମ ପିଥିଆସ୍ ଆସି ଫାଶୀମଞ୍ଚରେ ପହଞ୍ଚିଗଲେ ଏବଂ ବନ୍ଧୁ ଡାମୋନ୍‌ଙ୍କୁ ଆଲିଙ୍ଗନ କରି କାନ୍ଦିବାକୁ ଲାଗିଲେ । କହିଲେ, ଭଗବାନ୍‌ଙ୍କୁ ଅଶେଷ ଧନ୍ୟବାଦ ଯେ, ମୁଁ ଠିକ୍ ସମୟରେ ପହଞ୍ଚିଗଲି, ନଦୀରେ ପ୍ରବଳ ବନ୍ୟା ଯୋଗୁ ଆସିବାରେ ମୋର ବିଳମ୍ବ ହେଲା । ଆଉ ଟିକିଏ ବିଳମ୍ବ ହୋଇଥିଲେ ବନ୍ଧୁତାର ପବିତ୍ର ସମ୍ପର୍କରେ କଳଙ୍କ ଲାଗିଯାଇଥାନ୍ତା । ସ୍ତବ୍ଧ ପରିବେଶ । ଫାଶୀମଞ୍ଚରେ ଉଭୟ ଡାମୋନ ଓ ପିଥିଆସ ପଞ୍ଚମଥର ଲାଗି ଦୁର୍ବିନୀତ ଡାଇଆନୋସିଆସଙ୍କ ଆଖିରେ ଲୁହ । ଡାଇଆନୋସିଆସ ଦୁଇବନ୍ଧୁଙ୍କୁ କହିଲେ– ଆଜିଠାରୁ ମୋତେ ତମର ତୃତୀୟ ବନ୍ଧୁରୂପେ ଗ୍ରହଣ କର ।

ବାସ୍ତବରେ ବନ୍ଧୁହୀନ ଜୀବନ ନର୍କ ସମାନ । ଦୀପକୁ ଜଳାଇବା ସହଜ, କିନ୍ତୁ ଦୀପକୁ ଜଳେଇରଖିବା ବହୁତ କଷ୍ଟ । ବନ୍ଧୁ ବାନ୍ଧିବା ସହଜ, ମାତ୍ର ବନ୍ଧୁତାକୁ ବଜାୟ ରଖିବା ସହଜ ନୁହେଁ । ଏଣୁ ବିଶ୍ୱାସ, ଭରସା ଓ ଭଲପାଇବା ଦେଇ ବନ୍ଧୁତାକୁ ବଞ୍ଚେଇ ରଖନ୍ତୁ । କାରଣ ବନ୍ଧୁତା ହିଁ ଆମ ପାଇଁ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଉପହାର ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ମୋ: ୬୩୭୦୬୪୫୭୮୯

# ଈଶ୍ୱରାନୁଭୂତିର ବୈଜ୍ଞାନିକ ମତ



ଉମାଶଙ୍କର ପ୍ରସାଦ

ମଣିଷ ମାତ୍ରକେ ଈଶ୍ୱର ବିଶ୍ୱାସୀ । କାରଣ ଈଶ୍ୱର ହେଉଛନ୍ତି ମହାନ୍ । ମଣିଷଠାରେ ଭଗବତ୍ ବିଶ୍ୱାସ ଉଦ୍ରେକ ହେବାର କାରଣ ଜାଣିବା ପାଇଁ ବୈଜ୍ଞାନିକ ମାନେ ଗବେଷଣାରତ । ସେମାନଙ୍କ ମତରେ ମଣିଷର ମସ୍ତକରେ ରହିଛି ଏକ ‘ଭଗବତ କ୍ଷେତ୍ର’ । ୧୯୯୦ ଦଶକର ଆଦ୍ୟଭାଗରେ କାନାଡାର ସ୍ନାୟୁ ମନୋବିଜ୍ଞାନୀ ଡ. ମାଇକେଲ ପର୍‌ସିଞ୍ଜର ପ୍ରଥମ ଥର ପାଇଁ ‘ପ୍ରତ୍ୟକ୍ଷ ଈଶ୍ୱରାନୁଭୂତି’ ପ୍ରାପ୍ତ ହୋଇଥିଲେ । ଡ. ପର୍‌ସିଞ୍ଜର ଜଣେ ଧାର୍ମିକ ବ୍ୟକ୍ତି ନ ଥିଲେ । ଉକ୍ତ ଅନୁଭୂତି ଲାଭକଲା ବେଳକୁ ସେ ଲରେନ୍ସିଆନ୍ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଥିଲେ । ନିଜର ମସ୍ତକକୁ ‘ଟ୍ରାନ୍ସକ୍ରାନିଆଲ୍ ମ୍ୟାଗ୍‌ନେଟିକ ଷ୍ଟିମୁଲେଟର’ ବା ‘ପାରକରୋଟି ଚୁମ୍ବକୀୟ ଉଦ୍ଦୀପକ’ ନାମକ ଏକ ଯନ୍ତ୍ର ସହ ସଂଯୁକ୍ତ କରିଦେଲେ । ଏହି ଯନ୍ତ୍ରଟି ଦ୍ୱାରା ମସ୍ତିଷ୍କର ଛୋଟ ଛୋଟ ନିର୍ବାଚିତ ଅଞ୍ଚଳରେ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିହୁଏ, ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ହ୍ରାସ ବୃଦ୍ଧି କରିହୁଏ ଓ ଚୁମ୍ବକୀୟ କ୍ଷେତ୍ର ମାଧ୍ୟମରେ ସେହି ସେହି ଅଞ୍ଚଳଗୁଡିକୁ ଉଦ୍ଦୀପିତ କରିହୁଏ । ମସ୍ତିଷ୍କ ତନ୍ତୁରେ ଉଦ୍ଦୀପନା ସୃଷ୍ଟି ହେଲେ ତାହା ସହ ସମ୍ପୃକ୍ତ ମାଂସପେଶୀ ସ୍ଫୁରିତ ହୁଏ କିମ୍ବା ଅବୟବ ଅନୈଚ୍ଛିକ ଭାବରେ ଚାଳିତ ହୁଏ । ମସ୍ତିଷ୍କସ୍ଥ ଦୃଷ୍ଟିକେନ୍ଦ୍ରକୁ ଏପରି ପଦ୍ଧତିରେ ଉଦ୍ଦୀପିତ କରାଇଲେ ଜନ୍ମାନ୍ଧ ବ୍ୟକ୍ତି ମଧ୍ୟ ‘ଦେଖିପାରିବା’ ଭଳି ଅନୁଭୂତି ଅର୍ଜନ କରିଥାଏ । ଡ. ପର୍‌ସିଞ୍ଜର ଚୁମ୍ବକୀୟ କ୍ଷେତ୍ର ସୃଷ୍ଟିକରି ନିଜ ମସ୍ତିଷ୍କର ‘ଟେମ୍ପୋରାଲ ଲୋବ୍’ ବା ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡକୁ ଉଦ୍ଦୀପିତ କରାଇଥିଲେ । ମସ୍ତିଷ୍କର ଶ୍ରୁତିଖଣ୍ଡ କାନମୁଣ୍ଡାର ଠିକ୍ ତଳକୁ ଅବସ୍ଥିତ । ଶ୍ରୁତିଖଣ୍ଡ ଉଦ୍ଦୀପିତ ହେବା ମାତ୍ରେ ପର୍‌ସିଞ୍ଜରଙ୍କୁ ‘ଭଗବତ ଦର୍ଶନ’ର ଅନୁଭୂତି ମିଳିଯାଇଥିଲା ।

‘ଟେମ୍ପୋରାଲ ଲୋବ୍ ଏପିଲେପ୍‌ସି’ ବା ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡ ଅପସ୍ମାର ଦ୍ୱାରା ଆକ୍ରାନ୍ତ ରୋଗୀମାନେ ଗଭୀର ଆଧ୍ୟାତ୍ମିକତା ଅନୁଭବ କରୁଥିବା ବହୁଦିନରୁ ଜଣାପଡ଼ିଛି । ଅପସ୍ମାର ରୋଗ ହେଲେ ରୋଗୀକୁ ମଝିରେ ମଝିରେ ବାତ ମାରିଥାଏ । ଏ ପ୍ରକାର ରୋଗୀମାନଙ୍କ ଉପରେ ଅନେକ ଗବେଷଣା କରିଛନ୍ତି ସାନ୍‌ଡିଏଗୋସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସ୍ନାୟୁ ବିଜ୍ଞାନୀ ପ୍ରଫେସର ଭି.ଏସ୍. ରାମଚନ୍ଦ୍ରନ୍ । ରୋଗୀମାନଙ୍କୁ ବାତ ମାରିସାରିବା ପରେ ସେମାନେ ପ୍ରାୟତଃ ତାଙ୍କୁ କହିଥାନ୍ତି ‘ଏପରି ଏକ ଦିବ୍ୟ ଆଲୋକ ଅଛି ଯାହା ସବୁ କିଛିକୁ ଉଦ୍ଭାସିତ କରିଥାଏ’ । ଏପରି ଏକ ପରମ ସତ୍ୟ ରହିଛି, ଯାହା ସାଧାରଣ ମନର ଊର୍ଦ୍ଧ୍ୱରେ’, ସାଧାରଣ ମନ ସେହି ପରମ ସତ୍ୟର ରୂପରେଖ ସମ୍ବନ୍ଧରେ ଧାରଣା କରିପାରେ ନାହିଁ । ନିତିଦିନର ଜୀବନ ଜଞ୍ଜାଳରେ ଘାଣ୍ଟିହେଉଥିବା ବ୍ୟକ୍ତିର ମନ ସେହି ପରମ ସତ୍ୟର ସୌନ୍ଦର୍ଯ୍ୟ ଓ ମହତ୍ତ୍ୱକୁ କଳନା କରିବା ନିମନ୍ତେ ଅକ୍ଷମ । ଡ. ପର୍‌ସିଞ୍ଜରଙ୍କ ବୈଜ୍ଞାନିକ ପରୀକ୍ଷା ‘ଶ୍ରୁତିଖଣ୍ଡ ଅପସ୍ମାର ରୋଗୀ ଅନୁଭବ କରୁଥିବା ଗଭୀର ଆଧ୍ୟାତ୍ମିକ ଅଭିଜ୍ଞତା ପାଇଁ ମସ୍ତିଷ୍କର ଶ୍ରୁତିଖଣ୍ଡର ଅତ୍ୟଧିକ ସକ୍ରିୟତା ଯୁକ୍ତିକୁ ସାବ୍ୟସ୍ତ କରିବାରେ ସହାୟକ ହୋଇପାରିଛି । ଚୁମ୍ବକୀୟ କ୍ଷେତ୍ର ସୃଷ୍ଟିକରି ଶ୍ରୁତିଖଣ୍ଡକୁ ଯେ କୃତ୍ରିମ ଉପାୟରେ ଉଦ୍ଦୀପିତ କରିହେବ, ଏହା ପ୍ରଥମେ ଆବିଷ୍କାର କରିଥିଲେ ‘ପର୍‌ସିଞ୍ଜର’ ଏବଂ ତାଙ୍କୁ ମିଳିଥିଲା ଅପୂର୍ବ ସଫଳତା । ଶ୍ରୁତିଖଣ୍ଡରେ କୃତ୍ରିମ ଉପାୟରେ ଉଦ୍ଦୀପନା ସୃଷ୍ଟିକଲେ ବ୍ୟକ୍ତି ବିଦ୍ୟାନୁଭୂତି ପ୍ରାପ୍ତ ହେବା, ଶରୀର ବାହାରେ ଅବସ୍ଥାନ କରିବା କିମ୍ବା ପୂର୍ବଜନ୍ମର ଘଟଣାବଳୀକୁ ମନେ ପକାଇପାରିବା ଭଳି ଅନୁଭୂତି ଲାଭ କରିଥାଏ ବୋଲି ମତ ଦେଇଛନ୍ତି ଡ. ପର୍‌ସିଞ୍ଜର ।



୧୯୯୭ରେ ଭି.ଏସ୍. ରାମଚନ୍ଦ୍ରନ୍ ଓ ତାଙ୍କର ସହକର୍ମୀବୃନ୍ଦ ଏ କ୍ଷେତ୍ରରେ ଆହୁରି ପାଦେ ଆଗେଇଯାଇ ସୁସ୍ଥ ବ୍ୟକ୍ତିଙ୍କ ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡର କ୍ରିୟାକୁ ଉଦ୍ଦୀପିତ କରାଇବାରୁ ସୁସ୍ଥ ବ୍ୟକ୍ତିମାନଙ୍କଠାରେ ମଧ୍ୟ ଭଗବତ ଅନୁଭୂତି ଜାତହେଲା । ରାମଚନ୍ଦ୍ରନ୍ ଓ ତାଙ୍କର ସହଯୋଗୀ ଗବେଷକମାନେ ସୁସ୍ଥବ୍ୟକ୍ତିଙ୍କ କାନମୁଣ୍ଡା ଉପରେ ‘ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ’(ଇଇଜି)ର ଇଲେକ୍‌ଟ୍ରୋନ୍ ସଂଯୁକ୍ତ କରି ସେମାନଙ୍କୁ ଶୁଣେଇ ଚାଲିଲେ ମନକୁ ଛୁଇଁଲା ଭଳି ଧର୍ମ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ । ଏପରି କରିବା ଫଳରେ ଶ୍ରୁତିଖଣ୍ଡରେ ପ୍ରତିକ୍ରିୟା ବୃଦ୍ଧିପାଇବା ସହ ଗବେଷଣା ଅନ୍ତର୍ଭୁକ୍ତ ସେହି ବ୍ୟକ୍ତିମାନେ ‘ଦିବ୍ୟାନୁଭୂତି’ ପ୍ରାପ୍ତହେବା ସମ୍ପର୍କରେ ନିଜର ଅଭିଜ୍ଞତା ବଖାଣି ଚାଲିଥିଲେ । ଏହି ପରୀକ୍ଷଣର ଫଳାଫଳକୁ ରାମଚନ୍ଦ୍ରନ୍‌ଙ୍କ ଗୋଷ୍ଠୀ ସିଦ୍ଧାନ୍ତ ଗ୍ରହଣ କଲେ ଯେ ସୁସ୍ଥବ୍ୟକ୍ତିଙ୍କ ସ୍ନାୟୁକୋଷିକା ଓ ସ୍ନାୟୁସୂତ୍ର ରହିଛି, ଯାହା ଧର୍ମ ଏବଂ ଆଧ୍ୟାତ୍ମିକତା ସହ ସମ୍ପୃକ୍ତ । ଆମ ପ୍ରତ୍ୟେକଙ୍କ ମସ୍ତିଷ୍କରେ ରହିଛି ‘ଲିମ୍ବିକ୍ ସିଷ୍ଟମ୍’ ଯେଉଁଥିରେ ଥାଏ ଆବେଗ କେନ୍ଦ୍ର ଏବଂ ସ୍ମୃତିକେନ୍ଦ୍ର । ଲିମ୍ବିକ୍ ସିଷ୍ଟମ ସହ ଶ୍ରୁତିଖଣ୍ଡର ଘନିଷ୍ଠ ଯୋଗାଯୋଗ ରହିଛି । ପର୍‌ସିଞ୍ଜର ଦର୍ଶାଇଛନ୍ତି, ମସ୍ତିଷ୍କର ଆବେଗ କେନ୍ଦ୍ରକୁ ଉତ୍ତେଜିତ କରାଇଲେ ଶ୍ରୁତିଖଣ୍ଡର ବୈଦ୍ୟୁତିକ କ୍ରିୟା ବୃଦ୍ଧି ପାଇଥାଏ । ଧାର୍ମିକ ତଥା ଆଧ୍ୟାତ୍ମିକ ଅନୁଭୂତିରେ ଆବେଗ ଯେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଯାହା ‘ଲିମ୍ବିକ୍ ସିଷ୍ଟମର’ ସମ୍ପୃକ୍ତିରୁ ପ୍ରମାଣିତ ।

ମସ୍ତିଷ୍କସ୍ଥ ଶ୍ରୁତିଖଣ୍ଡର ଯେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଧାର୍ମିକ କିମ୍ବା ଆଧ୍ୟାତ୍ମିକ ଅନୁଭୂତି ସହ ସମ୍ପୃକ୍ତ , ତାକୁ ‘ପର୍‌ସିଞ୍ଜର ଏବଂ ରାମଚନ୍ଦ୍ରନ୍’ଙ୍କ ଭଳି ସ୍ନାୟୁ ଜୀବବିଜ୍ଞାନୀମାନେ ‘ଭଗବତ୍ କ୍ଷେତ୍ର’ନାମରେ ନାମିତ କରିଛନ୍ତି । ମସ୍ତିଷ୍କର ସ୍ନାୟୁତନ୍ତ୍ରରେ ଭଗବତ୍ କ୍ଷେତ୍ରର ଉପସ୍ଥିତିରୁ ଏହି ସୂଚନା ମିଳୁଛି ଯେ ଆଧ୍ୟାତ୍ମିକ ବିଶ୍ୱାସ ଓ ଅନୁଭୂତି ସର୍ବଦା ମଣିଷର ହିତ ସାଧନ କରିଥାଏ ଏବଂ ଏହି ଉଦ୍ଦେଶ୍ୟ ପୂର୍ତ୍ତି ନିମନ୍ତେ ମସ୍ତିଷ୍କ ଅନୁରୂପ ଭାବରେ ବିବର୍ତ୍ତିତ ହୋଇଛି । ଦିନେ ଭୋଲ୍‌ଟାୟାର କହିଥିଲେ, ‘‘ ଈଶ୍ୱର ଯଦି ନାହାନ୍ତି, ତେବେ ଈଶ୍ୱରଙ୍କୁ ଉଦ୍‌ଭାବନ କରିବା ଦରକାର ।’’ କିନ୍ତୁ ଯଦି ଅଛନ୍ତି, ତେବେ ତାଙ୍କୁ ଆବିଷ୍କାର କରିବାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ । ମସ୍ତିଷ୍କରେ ‘ଭଗବତ କ୍ଷେତ୍ର’ର ଆବିଷ୍କାର ବୋଧହୁଏ ଏହି ଆବିଷ୍କାର ପର୍ବର ପ୍ରଥମ ପ୍ରଚେଷ୍ଟା ।

ଖୋର୍ଦ୍ଧା, ମୋ: ୬୩୭୦୬୭୫୫୬୨

## ଏଇ ଭାରତରେ

ଦୁଇଟି ଜୀବନର ଧାରାକୁ ଦେଖିଲେ ଜଣାପଡ଼େ ସେମାନଙ୍କୁ ଶରୀରର ପ୍ରତିକୂଳ ସ୍ଥିତି କେବେ ଆଗକୁ ବଢ଼ିବାରେ ବାଧା ଦେଇପାରିନାହିଁ । ଏହି ଦୁଇଜଣ ହେଉଛନ୍ତି ବାରାଣସୀର ଶ୍ୱେତା ମୌର୍ଯ୍ୟ ଓ ଅଜୟ ଗୁପ୍ତା । ଅଜୟଙ୍କୁ ୯ ବର୍ଷ ବୟସ ହୋଇଥିବାବେଳେ ସେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ । ଏଥିରେ ତାଙ୍କର ଦୁଇଗୋଡ଼ ଓ ବାମହାତ ଅଚଳ ହୋଇଯାଇଥିଲା ; ଯେଉଁଥିପାଇଁ ସେ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ । ହେଲେ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ମହତ ଲକ୍ଷ୍ୟରେ ପହଞ୍ଚାଇଛି । ସେ ପ୍ରି ସ୍କୁଲ ଫ୍ରାଞ୍ଚାଇଜ ‘ବଚ୍‌ପନ’ ଗଠନ କରି ଏହାର ୧,୨୦୦ କେନ୍ଦ୍ର ଖୋଲି ପ୍ରତିବର୍ଷ ୧ ଲକ୍ଷରୁ ଅଧିକ ପିଲାଙ୍କୁ ପଢ଼ାଉଛନ୍ତି । ସେହିଭଳି ଶ୍ୱେତା ଓଷ୍ଟିଓଜେନେସିସ୍ ଇମ୍ପରଫେକ୍ଟା ରୋଗରେ ପୀଡ଼ିତ ହୋଇଥିଲେ । ଏହା ତାଙ୍କ ଅସ୍ଥିକୁ କ୍ଷତି କରିଥିଲା ଓ ଏଥିରୁ ସେ ଆରୋଗ୍ୟ ଲାଭ କରିପାରିଲେ ନାହିଁ । ହ୍ୱିଲ ଚେୟାର ଓ ବେଡ୍‌ରେ ରହି ମଧ୍ୟ ବୁଲାପ୍ରାଣୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି । ସେ ଆସ୍ଥା ଲଭିଂ କାଇଣ୍ଡନେସ ଆଣ୍ଡ କମ୍ପାଶନ ଫାଉଣ୍ଡେଶନ ଗଠନ କରି ଆହତ ଓ ପରିତ୍ୟକ୍ତ ପ୍ରାଣୀମାନଙ୍କୁ ଚିକିତ୍ସା ଯୋଗାଇବା ସହ ସେମାନଙ୍କୁ ଆଶ୍ରୟ ଦେଉଛନ୍ତି । ଏବେ ସୁଦ୍ଧା ସେ ୪୦୦ ପ୍ରାଣୀଙ୍କୁ ଆଶ୍ରୟ ଦେଇସାରିଲେଣି ।

## ୨୫ ବର୍ଷ ତଳର ଧରିତ୍ରୀ

୩ ଅକ୍ଟୋବର ୧୯୯୮

- ଲୁଣା-ଚିତ୍ରୋତ୍ପଳା ଦୀପାଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ଶିକ୍ଷାବିତ୍ ବ୍ରଜନାଥ ମହାପାତ୍ରଙ୍କ ୯୮ ବର୍ଷ ବୟସରେ ପରଲୋକ ।
- ବିହାରର ପଶ୍ଚିମ ଚମ୍ପାରନ ଜିଲାର ସିକରପୁରଠାରେ ହରଗୋରା ନଦୀରେ ଏକ ଦେଶୀ ଡଙ୍ଗା ବୁଡ଼ିଯିବା ଫଳରେ ୪୦ ମୃତ ।

## ପାଠକ ଶ୍ରେଷ୍ଠ ବିଚାରକ

### ସୃଜନ-ସଂସାର ଏକ ବିଶାଳ ପରିବାର

ମହାଶୟ,

ସମାଜରେ ଲେଖକଙ୍କୁ ଏକ ସମ୍ମାନାସ୍ପଦ ଆସନ ଦିଆଯାଇଥାଏ । ଲେଖିକାଲେଖକମାନେ ଗୋଟିଏ ପରିବାରର ସଦସ୍ୟାସଦସ୍ୟ ପରି ଚଳିବା କଥା । ହେଲେ ଆଜିର ସମୟ ସାହିତ୍ୟାଶ୍ରିତ ଲେଖକଙ୍କୁ ମଧ୍ୟ ଭାଗ ଭାଗ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଲେଖକ ନିଜର ଦକ୍ଷତା, ସାମର୍ଥ୍ୟ ମୁତାବକ ନିଜକୁ ଗଢ଼େ । ଅବଶ୍ୟ ଏ କଥା ସତ ଯେ, ଲେଖା ଓ କଥାରେ ନାନା ପ୍ରକାରର ଭିନ୍ନତା ରହିବ ଲେଖକଙ୍କ ଭିତରେ । କିନ୍ତୁ ଭଲ ମଣିଷ ଓ ଭଲ ସାହିତ୍ୟିକଙ୍କ ସମନ୍ୱୟଧାରୀ ଲେଖକଟି ଉପରେ ସ୍ୱତନ୍ତ୍ର କିଛି କଲେ ତାହା ସମାଜ ପାଇଁ ମଙ୍ଗଳମୟ ଓ ବାର୍ତ୍ତା ପ୍ରସୂନ ହେବ । ଏସବୁ କରିବାର ତାତ୍ପର୍ଯ୍ୟ ହେଲା ଏବେ ସାହିତ୍ୟିକଙ୍କ ଉପରେ ସାଧାରଣ ଲୋକଙ୍କ ଆଶା ତୁଟି ଯାଉଛି । ସାହିତ୍ୟିକଙ୍କ କାର୍ଯ୍ୟକଳାପ ଦୁଃଖୀ କରାଉଛି । ସାହିତ୍ୟିକ କ'ଣ ପାଇବ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, କ'ଣ ଅଧିକ ଦେଇପାରିବ ତାହା ଧ୍ୟେୟ ହେଉ ।

– ଦେବଜିତ୍ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

‘‘ଶ୍ରାବଣର କେତେ ଅମା
କାଟି ଆଜି ଜଳେ ମହାଦୀପ
‘‘ଜୀବନ-ତଇଳ ଢାଳି
ରଖ ତାକୁ ସଜାଗ ଜୀବିତ !
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଧ୍ୱଂସ

ମାଲକାନଗିର,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ବିଜାପୁର ଜିଲାରେ ଯବାନମାନେ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବା ସହ ବିପୁଳ ପରିମାଣରେ ସାମଗ୍ରୀ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ମିତୁର ଥାନା କୁଡ଼ମେର ଓ ମଦପାଲ ଜଙ୍ଗଲରେ ବୈରମଗଡ଼ ଏରିୟା କମିଟି ସଚିବ ସୁମିତ୍ରା ଓ ଏସିଏମ୍ ଶଙ୍କର କାରାମଙ୍କ ସହ ୧୦ ରୁ ୧୫ ସଶସ୍ତ୍ର ମାଓବାଦୀ ଉପସ୍ଥିତ ଥିବା ବିଶେଷ ସୂତ୍ରରୁ ଖବରପାଇ ଡିଆରଜି ଓ ୧୯ ବି ବାଟାଲିୟନ ବିଜାପୁର ଜିଲା ମିତୁର ଥାନା ଅଞ୍ଚଳ ମଦପାଲ ଜଙ୍ଗଲରେ କୋମ୍ବିଂ ଆରମ୍ଭ କରିଥିଲେ। ପୋଲିସ ଆସିବା ସୂଚନା ପାଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଯବାନମାନେ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିଲେ।

**ସଂକ୍ଷେପରେ**

### ବଦଳିଲେ ‘ସମ୍ବାଦ’ ସମ୍ପାଦକ



**ଭୁବନେଶ୍ୱର,୨।୧୦(ଅନିଲ ଦାସ):** ଦୈନିକ ଖବରକାଗଜ ‘ସମ୍ବାଦ’ର ଦୀର୍ଘ ବର୍ଷଧରି ସମ୍ପାଦକ ରହିଆସିଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ପଦବୀରୁ ରବିବାର ଅବ୍ୟାହତି ନେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ସେହି ସ୍ଥାନରେ ତାଙ୍କ ଝିଅ ତନୟା ପଟ୍ଟନାୟକ ସମ୍ପାଦକ ଦାୟିତ୍ୱ ନେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ କର୍ମଚାରୀଙ୍କ ନାମରେ ଋଣ ଦୁର୍ନୀତି ଅଭିଯୋଗରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ସୌମ୍ୟରଞ୍ଜନଙ୍କ ବିରୋଧରେ ଠକେଇ ମାମଲା ରୁଜୁ କରିଥିଲା। ଏପରି କି ଇଓଡବ୍ଲ୍ୟୁ ଇଷ୍ଟର୍ନ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟାଳୟରେ ଚଢ଼ାଉ କରିବା ସହ ବହୁ କାଗଜାତ ଜବତ କରିଥିଲା।

### ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍, ୨ ମୃତ

**ହାଟଡିହୀ,୨।୧୦ (ଶୁଭକାନ୍ତ ନାୟକ):** ଏକ ବାଇକ୍ ଉପରେ ଟ୍ରକ୍ ଚଢ଼ିଯିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟିଛି କେନ୍ଦୁଝର ଜିଲା ନନ୍ଦିପଦା ଥାନାଠାରୁ ପ୍ରାୟ ୫୦୦ ମିଟର ଦୂର ବିରଞ୍ଚିପୁର ଛକରେ। ମୃତକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ସୁଲଗଡ଼ିଆ ଗ୍ରାମର ଇନ୍ଦ୍ରମଣି ସେଠୀ ଓ କୁନି ପେଡ଼ାଙ୍କ ପୁଅ ରବୀନ୍ଦ୍ର। ଇନ୍ଦ୍ରମଣି ଭଉଣୀ ଘର ହାଟଡ଼ିହୀ ବ୍ଲକ୍ ଭାତକରୁଆ ଗ୍ରାମରୁ ରବୀନ୍ଦ୍ରଙ୍କ ସହ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ବିରଞ୍ଚିପୁର ଛକଠାରେ ବିପରୀତ ପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କ ବାଇକ୍ ଧକ୍କା ଦେବା ସହ ଚଢ଼ିଯାଇଥିଲା। ୨ ଜଣଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଯାଇଥିଲା। ମାତ୍ର ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ୱାମୀ ଆଣିଲେ ହତ୍ୟା ଅଭିଯୋଗ

**ମହିଳା ଏଏସ୍‌ଆଇଙ୍କ ମୃତ୍ୟୁ ଘଟଣା**

- ଦୁଇଜଣଙ୍କୁ ଅଟକ ରଖିଛି ପୋଲିସ
- ଅଟକ ଯୁବତୀଙ୍କୁ ଛାଡ଼ିଦେବାକୁ ଦାବି

**ରାଉରକେଲା, ୨।୧୦(ସଙ୍ଗୀତା ଜେନା)**

ରାଉରକେଲା ଉଦିତନଗର ଥାନା ଅଧୀନ ବିରଜାପାଲି ନିକଟରେ ରବିବାର ଅପରାହ୍ନରେ ହୋଇଥିବା ଉତ୍ତେଜନାକୁ ପ୍ରଶମିତ କରିବାକୁ ଯାଇଥିବା ମହିଳା ଏଏସ୍‌ଆଇ ଆଲିସ ନାରମି ଲୁଗୁନ(୩୭)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ଭିନ୍ନ ମୋଡ ନେଇଛି। ଏହି ଘଟଣାରେ ମୃତା ଏଏସ୍‌ଆଇଙ୍କ ସ୍ୱାମୀ ସଞ୍ଜୟ ଲାକ୍ରା(୪୨) ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଉଦିତନଗର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୩୧୪/୨୩) ରୁଜୁ କରିବା ସହ ଜଣେ ବ୍ୟକ୍ତି ଓ ଅନ୍ୟ ଜଣେ ଯୁବତୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ଉକ୍ତ ଯୁବତୀଙ୍କୁ ଛାଡିଦେବାକୁ ଦାବି କରି ସ୍ଥାନୀୟ ବସ୍ତିବାସିନ୍ଦା ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହର ଇନ୍‌କ୍ୱେଷ୍ଟ କରାଯାଇଥିଲା। ମୃତଦେହରେ ମାଡ଼ ଦାଗ ଦେଖିବା ପରେ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ରାଜି ହୋଇ ନ ଥିଲେ। ସଞ୍ଜୟଙ୍କ ଅଭିଯୋଗ ଅନୁସାରେ, ଆଲିସଙ୍କ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲା। ସେ ରବିବାର ସକାଳେ ଡ୍ୟୁଟି ପାଇଁ ଥାନାକୁ ରିପୋର୍ଟ କରିଥିଲେ। ଅପରାହ୍ନ ୧ଟା ୨୫ମିନିଟ୍‌ରେ ସେ ପୁଅଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେତେବେଳେ କୌଣସି ଅସୁବିଧା ନ ଥିଲା। ଅପରାହ୍ନ ପ୍ରାୟ ୫ଟା ସମୟରେ ଆଲିସ ହାଇଟେକ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସଞ୍ଜୟ ସୂଚନା ପାଇଥିଲେ ଏବଂ ହସ୍ପିଟାଲରେ ପହଞ୍ଚିବା ପରେ ଆଲିସଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ଆଲିସଙ୍କ ଗାଲ ଫୁଲିଯାଇଥିବା ଏବଂ ମୁହଁରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା ବୋଲି ସଞ୍ଜୟ କହିଛନ୍ତି। ଅପରପକ୍ଷେ ଆଲିସ ଦିବଂଗତ ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ପିଏସ୍‌ଓ ଥିଲେ। ଏହି ମୃତ୍ୟୁ ପଛରେ ଅନେକ ରହସ୍ୟ ଅଛି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ମୃତା ଏଏସ୍‌ଆଇଙ୍କ ଦିଅର ଜୟନ୍ତ ଲାକ୍ରା ସମସ୍ତ ଘଟଣା ସମ୍ପର୍କରେ ପୋଲିସ ଠିକ୍ ତଥ୍ୟ ଦେଉନାହିଁ ବୋଲି କହି ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସୋମବାର ଅପରାହ୍ନରେ ଉଦିତନଗର ଥାନା ଅଧୀନ ବିରଜାପାଲି ରୋଡ୍‌ରେ ଏକ କାର୍ (ନଂ.ଓଡ଼ି୧୪ଏଲ/୮୬୮୫) ଓ ରାଜାଗୋଲ୍ଡ ନାମକ ଘରୋଇ ବସ୍ (ନଂ.ଓଆର୧୬ଇ/୦୯୬୫) ମଧ୍ୟରେ ଧକ୍କା ହୋଇଥିଲା। ଏହାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ଯୁବକ ବସ୍‌କୁ ପଥର ମାଡ଼ କରିଥିଲେ। ଖବର ପାଇ ଏଏସ୍‌ଆଇ ଆଲିସ ସଦଳବଳ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ସେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ବେଳେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ହାଇଟେକ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ବସ୍‌ର ୨ଜଣ କର୍ମଚାରୀ ଆହତ ହୋଇ ଆରଜିଏଚରେ ଚିକିତ୍ସିତ ହେଉଛନ୍ତି।



ମୃତ ଏଏସ୍‌ଆଇଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରି ଫେରୁଛନ୍ତି।

# ଗାନ୍ଧୀ ମନ୍ଦିରରେ ବାପୁଙ୍କ ସ୍ମୃତିଚାରଣ

**ଯୋଗଦେଲେ ଅଧିକାରୀ, ରାଜନେତା, ବୁଦ୍ଧିଜୀବୀ**



ଭତରା ଗାନ୍ଧୀ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ।

**ସମ୍ବଲପୁର,୨।୧୦ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାନଗର ନିଗମ ଭତରା ଗାନ୍ଧୀ ମନ୍ଦିରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନେତା, ଅଧିକାରୀ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଏକ ସୁସ୍ଥ ଓ ସ୍ୱଚ୍ଛ ରାଷ୍ଟ୍ର ଗଠନରେ ବ୍ରତି ହେବାକୁ ପରାମର୍ଶ ଦେଇଥିଲେ। ବରଗଡ଼ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଗଣ ଇସ୍ତାହାରର ଏଡିଟର ଡ଼. ପ୍ରଦୀପ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ (ଉତ୍ତରାଞ୍ଚଳ) ସମ୍ବଲପୁରର ଉପନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ପର୍ଯ୍ୟଟନ ବିଭାଗର ଓଏସ୍‌ଡି ହେମନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ପ୍ରତ୍ୟୁଷରେ ରାମଧୁନ ପରିବେଷଣ ସହିତ ପ୍ରଭାତଫେରି ହୋଇଥିଲା। ସେହିପରି ଗୁଲୁଣ୍ଡାସ୍ଥିତ ଗାନ୍ଧୀ ମନ୍ଦିରେ ମଧ ପୂଜାର୍ଚ୍ଚନା କରାଯାଇଥିଲା।

# ଗଡ଼ିଲା ସାଇବର ସୁରକ୍ଷା ରଥ

- ୧୫ ପର୍ଯ୍ୟନ୍ତ ବୁଲିବ
- ବାଣ୍ଟିବ ସଚେତନତା ମନ୍ତ୍ର

**କଟକ,୨।୧୦ (କାର୍ତ୍ତିକ ସାହୁ)**

ଓଡ଼ିଶା ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟର ମାର୍ଗଦର୍ଶନରେ ସମସ୍ତ ଜିଲାରେ ସୋମବାର ଠାରୁ ସାଇବର ସୁରକ୍ଷା ରଥ ବୁଲିବା ଆରମ୍ଭ କରିଛି। ଏହି ରଥ ମାଧ୍ୟମରେ ସାଇବର ସୁରକ୍ଷା ନେଇ ଲୋକଙ୍କୁ ସଚେତନତା କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ‘ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ’ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାର ଅଭିଯାନ ଆରମ୍ଭ ହୋଇଛି। ସମସ୍ତ ଜିଲାରେ ଆରକ୍ଷୀ ଅଧୀକ୍ଷକ(ଏସପି)ଙ୍କ କାର୍ଯ୍ୟାଳୟ ପରିସରରେ ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯାଇଛି। ଜିଲାପାଳ, ଏସପିଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତି ସଦସ୍ୟ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ପଞ୍ଚାୟତିରାଜ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ଏବଂ ଜିଲା ଏସ୍‌ପିମାନଙ୍କ ଦ୍ୱାରା ସଚେତନତା ବାର୍ତ୍ତା ସାଇବର ରଥରେ ପ୍ରଦର୍ଶିତ ହେଉଛି। ଏଥିସହ ମୁଖ୍ୟାଳୟରୁ ସାଇବର ସୁରକ୍ଷା ରଥ ଜିଲାର ଅନ୍ୟ ସ୍ଥାନକୁ ଗସ୍ତ କରିଛି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଥିଲେ। ୩୪ଟି ସାଇବର ସୁରକ୍ଷା ରଥ ସାରା ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ ଓ ପଞ୍ଚାୟତ ଆଦି ଭ୍ରମଣ କରି ସାଇବର ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିବ। ସାଇବର ସୁରକ୍ଷା ପାଇଁ ସାଇବର ମାସ୍କଟ ସାଇରା ସବୁ ଜିଲାରେ ବୁଲି ସାଇବର ସୁରକ୍ଷା ବାର୍ତ୍ତା ପ୍ରଦାନ କରୁଛି। ସଚେତନତା ସୃଷ୍ଟି ପାଇଁ ଗୋଟିଏ ସାଇବର ଥିମ ଗୀତ ତିଆରି ହୋଇଛି ଯାହା ଲୋକଙ୍କୁ ସୁରକ୍ଷା ବାର୍ତ୍ତା ପ୍ରଦାନ କରୁଛି। କେତେକ ସଚେତନତା କ୍ଷୁଦ୍ର ଚଳଚ୍ଚିତ୍ର ତିଆରି ହୋଇ ସାଇବର ରଥରେ ପ୍ରଦର୍ଶିତ ହେଉଛି। ଅନେକ ଜିଲାରେ ପଥପ୍ରାନ୍ତ ନାଟକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏକ ସାଇବର ସୁରକ୍ଷିତ ସୁସ୍ଥ ସମାଜ ଗଠନ କରିବା ଏବଂ ଲୋକଙ୍କୁ ସାଇବର ଠକେଇରୁ ବଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଯଦି କେହି ସାଇବର ଅପରାଧର ଶିକାର ହେଉଛନ୍ତି, ତେବେ ଅତି ଶୀଘ୍ର ୧୯୩୦ରେ ଫୋନ କରନ୍ତୁ। ସାଇବର ଠକେଇରୁ ବର୍ତ୍ତିବା ପାଇଁ ବାର୍ତ୍ତା ପ୍ରେରଣ କରାଯାଇଛି। ଅକ୍ଟୋବର ୮ ତାରିଖ ସକାଳେ ବିଭିନ୍ନ ସହରାଞ୍ଚଳରେ ମିନି ମାରାଥନ ଆୟୋଜନ କରାଯିବ। ୧୪ ତାରିଖରେ ବରିଷ୍ଠ ନାଗରିକଙ୍କୁ ସଚେତନ କରିବାକୁ ସାନ୍ଧ୍ୟ ଚାଲିବା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୫ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହିତ ପଦ୍ମପୁରସ୍କାରପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିଗଣ, ସ୍ୱାଧୀନତା ସଂଗ୍ରାମୀମାନେ ଉପସ୍ଥିତ ରହିବେ ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।




କଟକ ଡିସିପି କାର୍ଯ୍ୟାଳୟ ପରିସରରେ ସାଇବର୍ ସୁରକ୍ଷା ଅଭିଯାନ ରଥ ଶୁଭାରମ୍ଭ ଅବସରରେ ଉପସ୍ଥିତ ପୋଲିସ ଅଧିକାରୀ।

# ଓଡ଼ିଶା ମୁଖ୍ୟ, ପ୍ରୋପାଗଣ୍ଡା ମୁଖ୍ୟଙ୍କ ଜାମିନ ଖାରଜ

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲା**

**ଭୁବନେଶ୍ୱର,୨।୧୦ (ସତ୍ୟଜିତ୍ ରାଉତ)**

‘ଏସ୍‌ଟିଏ କ୍ରିପ୍ଟୋ ଟୋକନ୍’ ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ହଜାରେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଓଡ଼ିଶା ଏସ୍‌ଟିଏ ମୁଖ୍ୟ ନୀରୋଦ ଦାସ ଓ ପ୍ରୋପାଗଣ୍ଡା ମୁଖ୍ୟ ରତ୍ନାକର ଦଳାଇଙ୍କ ଜାମିନ ଖାରଜ ହୋଇଛି। କଟକ ଓପିଆଇଡି କୋର୍ଟ ଉଭୟଙ୍କ ଜାମିନ ଖାରଜ କରିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏହି ମାମଲାରେ ଏସ୍‌ଟିଏ ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ପୂର୍ବରୁ ଗିରଫ ହୋଇ ଜେଲରେ ଦିନ କାଟୁଛନ୍ତି। ତଦନ୍ତ ସମୟରେ ବେଆଇନ ଟଙ୍କା କାରବାର ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ନୀରୋଦ ତାଙ୍କ ରେଫରାଲ୍ ଲିଙ୍କ୍ ଜରିଆରେ ୨୧ ହଜାର ଡାଉନ୍-ଲାଇନ୍ ମେମ୍ବର କରି ବିପୁଳ ଟଙ୍କା କାରବାର କରିଥିଲେ। ନଗଦ ଆକାରରେ ୨.୧୦ କୋଟି ଓ ଅନ୍‌ଲାଇନ୍‌ରେ ୩୧.୨୩ କୋଟି ଟଙ୍କା ତାଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟ ଦ୍ୱାରା ଟ୍ରାଞ୍ଜାକ୍ସନ୍ ହୋଇଛି। ଏପରିକି ଭଦ୍ରକ ବାଇପାସ୍ ଛକରେ ସେ ଏକ ଭଡ଼ାଘର ନେଇ ଏସ୍‌ଟିଏ ଅଫିସ କରିଥିଲେ। ସେଠାରେ ନିୟମିତ ମିଟିଂ କରିବା ସହ ନିରୀହ ଲୋକଙ୍କୁ ଫସାଇ ଏସ୍‌ଟିଏର ସଦସ୍ୟ କରୁଥିଲେ। ସେହିଭଳି ରତ୍ନାକର ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲି ଏସ୍‌ଟିଏର ପ୍ରଚାର ପ୍ରସାର କରିବା ସହ ବହୁ ଡାଉନ୍-ଲାଇନ୍ ମେମ୍ବର କରିଥିଲେ। ନୟାପଲ୍ଲୀସ୍ଥିତ ଏକ ହୋଟେଲ୍‌ରେ ହୋଇଥିବା ଏକ ଇଭେଣ୍ଟ ପାଇଁ ସେ ୧.୪୨ ଲକ୍ଷ ଟଙ୍କା ଦେଇଥିଲେ। ରତ୍ନାକର ୬୦ ଲକ୍ଷରୁ ଉର୍ଦ୍ଧ୍ୱ ବେଆଇନ ଟଙ୍କାରେ ଭୁବନେଶ୍ୱରରେ ଜମି କିଣିଥିବା ଓ ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟରେ ୧.୩ କୋଟି ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି। ଏଥିସହ ତାଙ୍କ ୫ଟି ଆକାଉଣ୍ଟରେ ଥିବା ୩.୭୫ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

# ଲକ୍ଷ୍ମୀ ଯୋଜନାର ଉଦ୍‌ଘାଟନ ହେଲାନି

**ମାଲକାନଗିରି,୨।୧୦(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘ ତରଫରୁ ସୋମବାର ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ କେବଳ ଘରୋଇ ବସ୍ ଟ୍ରକ ଚଳାଚଳ ବନ୍ଦ ରହିବା ସରକାରୀ ବସ୍ ଚଳାଚଳରେ କୌଣସି ବାଧା ସୃଷ୍ଟି କରାଯାଇନାହିଁ। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିବା ବେଳେ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳ ଯୋଜନାକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ୨୪ ଘଣ୍ଟିଆ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଗାନ୍ଧୀ ଜୟନ୍ତୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ଯୋଜନାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମାଲକାନଗିରି ଜିଲାରୁ ହେବାର ଥିଲା, କିନ୍ତୁ ଧର୍ମଘଟ ଯୋଗୁ ତାହା କରାଯାଇ ନାହିଁ।

# ‘ଓଡ଼ିଶା ସହ ଗାନ୍ଧିଜୀଙ୍କର ନିବିଡ଼ ସମ୍ପର୍କ ଥିଲା’




ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ଅତିଥିମାନେ। (ଫଟୋ- ମୌସମ ନନ୍ଦ)

**ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ**

**ଭୁବନେଶ୍ୱର, ୨।୧୦ (ଅସମାପିକା ସାହୁ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ‘ଗାନ୍ଧୀ ଦର୍ଶନ’ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ବିଚାର ଓ ଆଦର୍ଶ ସବୁଦିନ ପାଇଁ ବଞ୍ଚି ରହିବ ବୋଲି ମତବ୍ୟକ୍ତ କରିଥିଲେ। ମନ୍ତ୍ରୀ କହିଥିଲେ, ଓଡ଼ିଶା ସହିତ ଗାନ୍ଧିଜୀଙ୍କର ନିବିଡ଼ ସମ୍ପର୍କ ଥିଲା। ୧୯୨୧ ମାର୍ଚ୍ଚରେ ଗାନ୍ଧିଜୀ ପ୍ରଥମ ଓଡ଼ିଶା ଆଗମନ ସମୟରେ ଧୋତି, ଜାମା ଓ ଟୋପି ପିନ୍ଧିଥିଲେ। ଓଡ଼ିଶାରୁ ଫେରିଲା ପରେ ତାଙ୍କ ପୋଷାକ ବଦଳି ଯାଇଥିଲା। ଓଡ଼ିଶା ତାଙ୍କ ଚିନ୍ତା ଓ ଚେତନାକୁ ଗଭୀର ଭାବେ ପ୍ରଭାବିତ କରିଥିଲା।

ଆଲୋଚନାଚକ୍ରରେ ବିଶିଷ୍ଟ ସ୍ତମ୍ଭକାର ତଥା ବକ୍ତା ଡ. ଅଭିରାମ ବିଶ୍ୱାଳ ଯୋଗଦେଇ କହିଲେ, ଗାନ୍ଧିଜୀ ବିଶ୍ୱ ଦର୍ଶନର ଏକ ଅଂଶବିଶେଷ। ତାଙ୍କ ମହିମାନ୍ୱିତ ଜୀବନ, ଆଦର୍ଶ ଏବଂ ଦର୍ଶନ ଭବିଷ୍ୟତର ଇତିହାସ ଓ ସମାଜ ପାଇଁ ଏକ ଅର୍ଥପୂର୍ଣ୍ଣ ଉପାଦାନ ହୋଇ ରହିଥିବ। ଆଗାମୀ ପିଢ଼ିଙ୍କୁ ସତ୍ୟ, ସରଳତା ଓ ଅହିଂସା ମାର୍ଗରେ ପରିଚାଳିତ ହେବା ପାଇଁ ପ୍ରେରଣା ଯୋଗାଉଥିବ ବୋଲି ସେ ପ୍ରକାଶ କରିଥିଲେ। ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ତଥା ସ୍ତମ୍ଭକାର ପ୍ରହ୍ଲାଦ କୁମାର ସିଂହ ଓଡ଼ିଶା ସହ ଗାନ୍ଧିଜୀଙ୍କର ସମ୍ପର୍କ ଏବଂ ଆଜିର ସମୟରେ ଗାନ୍ଧୀ ଦର୍ଶନର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଅନ୍ତର୍ଜାତୀୟ ଅହିଂସା ଦିବସ ଭାବେ ଅକ୍ଟୋବର ୨କୁ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ଏହା ଗାନ୍ଧିଜୀଙ୍କ ମହାନ ବ୍ୟକ୍ତିତ୍ୱକୁ ସୂଚିତ କରେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗାନ୍ଧୀ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା।






## ସଂକ୍ଷେପରେ

### ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ପୁରୁଣା ଭୁବନେଶ୍ୱର,୨।୧୦(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପୁରୁଣା ଭୁବନେଶ୍ୱରର ଶାସନ ପଡିଆ ସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବୈଠକରେ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘର ସୁରେନ୍ଦ୍ର ନାଥ ନନ୍ଦ ସଭାପତିତ୍ୱ କରିଥିଲେ। ସଂଘ ସମ୍ପାଦକ ଧିରେନ ପଟ୍ଟନାୟକ ପରସ୍ପର ଭିତରେ ସମ୍ପର୍କର ଭାଇଚାରା ସୃଷ୍ଟି ହୋଇପାରିଲେ ସାମାଜିକ ସ୍ତରରେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ବିଭିନ୍ନ କର୍ତ୍ତୃପକ୍ଷ ଗୁରୁତର ସହ ବିଚାରକୁ ନେଲେ ବରିଷ୍ଠଙ୍କ ଦୁଃଖ ଲାଘବ ହୋଇପାରିବ ବୋଲି କହିଥିଲେ। ସରକାର ବରିଷ୍ଠ ନାଗରିକମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ସମାଧାନ କରିବାକୁ ଆଗେଇଆସିବା ଦରକାର ବୋଲି ଅନ୍ୟମାନଙ୍କ ମଧ୍ୟରେ ଡ. ନାରାୟଣ ସାହୁ କହିଥିଲେ। ବିଶିଷ୍ଟ ଲେଖକ ସୁଧାଂଶୁ ମିଶ୍ର, ଅଲେଖ ରାଉତ, ଚନ୍ଦ୍ର ଶେଖର ପଣ୍ଡା, କୋଷାଧ୍ୟକ୍ଷ ରମାକାନ୍ତ ମହାନ୍ତି, ହେମନ୍ତ ପଣ୍ଡା, ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସକଳେଶ୍ୱର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ହାଇୱା ଧକ୍କାରେ କାର୍ ଚୁର୍‌ମାର୍

ଭୁବନେଶ୍ୱର,୨।୧୦ (ସୂର୍ଯ୍ୟକାନ୍ତ ବେହେରା) : ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକରେ ରବିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ କାରକୁ ହାଇୱା ଗାଡି ଧକ୍କା ଦେବାରୁ କାରଟି ଚୁର୍‌ମାର ହୋଇଯାଇଛି। ଏଥିରେ କାର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ ଫେରାର ହୋଇଯାଉଥିବା ହାଇୱାକୁ ଚୁନ୍‌କୋଳି ବସ୍ତି ଅଞ୍ଚଳରୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। କାରଟି ଜୟଦେବ ବିହାର ଆଡୁ ଆସୁଥିବାବେଳେ ଡମଣା ପଟୁ ଦ୍ରୁତଗତିରେ ଆସୁଥିବା ହାଇୱାଟି ଟ୍ରାଫିକ ଛକରେ ସିଧା କାରକୁ ସାମ୍ନାପଟୁ ଧକ୍କା ଦେଇ ପଳାଇଥିଲା।

# ପୋଖରୀରେ ବୁଡ଼ି ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

## ଗାନ୍ଧୀ ଜୟନ୍ତୀରେ ଦୁଃଖଦ ଘଟଣା

ଭୁବନେଶ୍ୱର,୨।୧୦ (ସୂର୍ଯ୍ୟକାନ୍ତ ବେହେରା)

ଗାନ୍ଧୀ ଜୟନ୍ତୀରେ ରାଜଧାନୀରେ ଏକ ଦୁଃଖଦ ଘଟଣା ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ସନ୍ନିକଟ ପୋଖରୀରେ ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ କୌରବ ଗୁରୁକୁଳ ଅନାଥ ଆଶ୍ରମରେ ରହି ବରମୁଣ୍ଡାସ୍ଥିତ ମ୍ୟୁନିସିପାଲ କର୍ପୋରେଶନ ସରକାରୀ ଉଚ୍ଚବିଦ୍ୟାଳୟରେ ପଢୁଥିବା ଓମ୍ ପ୍ରକାଶ ପ୍ରଧାନ (୧୩)। ଉଦ୍ଧାରବେଳେ ତାଙ୍କ ନାକରୁ ରକ୍ତ ବାହାରୁଥିବା ସ୍ଥାନୀୟ ଲୋକେ କହିବା ସହ ନାନା ସନ୍ଦେହ କରିଛନ୍ତି। ତେବେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୨୭/୨୩) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଏଥିସହ ବ୍ୟବଚ୍ଛେଦ ପରେ ଓମ୍‌ଙ୍କ ମୃତଦେହକୁ ପୋଲିସ ତାଙ୍କ ବଡଭାଇ ମିଳନଙ୍କୁ ହସ୍ତାନ୍ତର କରିଛି। ପରେ ମିଳନ ସତ୍ୟନଗର ଶ୍ମଶାନରେ ସାନଭାଇ ଓମ୍‌ଙ୍କର ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।

ସୂଚନାନୁସାରେ, ଓମ୍‌ଙ୍କ ଘର ଫୁଲବାଣୀରେ ହୋଇଥିବାବେଳେ ତାଙ୍କ ମା'ବାପାଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଛି। ସେ ଏଠାରେ କୌରବ ଗୁରୁକୁଳ ଅନାଥାଶ୍ରମରେ ରହି ମ୍ୟୁନିସିପାଲ କର୍ପୋରେଶନ ସରକାରୀ ଉଚ୍ଚବିଦ୍ୟାଳୟରେ ପଢୁଥିଲେ। ସୋମବାର ଗାନ୍ଧୀ ଜୟନ୍ତୀ ପାଳନ କରିବାକୁ ସେ ତିନି ସାଙ୍ଗଙ୍କ ସହ ସ୍କୁଲ ଯିବା ପାଇଁ ଆଶ୍ରମରୁ ସକାଳ ସାଢେ ୭ଟାରେ ବାହାରିଥିଲେ। ହେଲେ ସ୍କୁଲ ଯିବା ବଦଳରେ ସେମାନେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ କିଛି ସମୟ ଗାଧୋଇବା ପରେ ଓମ୍‌ଙ୍କ ପାଦ ଖସି ଯିବାରୁ ସେ ଗଭୀର ପାଣିରେ ବୁଡିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ମହିଳାମାନେ ଏହାଦେଖି ସଙ୍ଗେସଙ୍ଗେ ଆଖପାଖ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଓମ୍‌ଙ୍କୁ ପାଣିରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୫ରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ପୋଖରୀରେ ଗାଧୋଇବା ସମୟରେ ରାକେଶ ମହାରଣା ଓ ଶୁଭମ ଜେନା ନାମକ ଦୁଇ ଛାତ୍ର ପାଣିରେ ବୁଡିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା।


ଓମ୍ ପ୍ରକାଶ ପ୍ରଧାନ

### ଏକା ହୋଇଗଲେ ବଡ଼ଭାଇ ମିଳନ

ମୃତ ଛାତ୍ର ଓମ୍‌ଙ୍କ ଘର ଫୁଲବାଣୀରେ। ତାଙ୍କ ମା'ବାପାଙ୍କର ପୂର୍ବରୁ ମୃତ୍ୟୁ ହୋଇଥିଲା। ବଡ଼ଭାଇ ମିଳନ ହିଁ ତାଙ୍କର ଏକମାତ୍ର ସାହାଭରସା ଥିଲେ। ମିଳନ ନୟାପଲ୍ଲୀରେ ଏକ ଜୁସ୍ ଦୋକାନାରେ କାମ କରିବା ସହ ସାନଭାଇ ଓମ୍‌ଙ୍କର ସବୁ ଦାୟିତ୍ୱ ବୁଝୁଥିଲେ। କମ୍ ରୋଜଗାରରେ ଘରଭଡ଼ା ନେଇ ସାନ ଭାଇଙ୍କୁ ପାଖରେ ରଖି ପଢ଼ାଇବା କଷ୍ଟକର ହୋଇପଡିଥିଲା। ତେଣୁ ସେ ଓମ୍‌ଙ୍କୁ କୌରବ ଗୁରୁକୁଳ ଅନାଥ ଆଶ୍ରମରେ ରଖି ମ୍ୟୁନିସିପାଲ କର୍ପୋରେଶନ ସରକାରୀ ଉଚ୍ଚବିଦ୍ୟାଳୟରେ ପଢ଼ାଉଥିଲେ। ମା'ବାପା ଚାଲିଯିବା ପରେ ଓମ୍‌ଙ୍କୁ ନେଇ ବଡ଼ ଭାଇ ମିଳନ୍ ବହୁ ସ୍ୱପ୍ନ ଦେଖୁଥିଲେ। ହେଲେ ଓମ୍‌ଙ୍କ ସହ ସବୁ ସ୍ୱପ୍ନ ପାଣିରେ ହିଁ ମିଳେଇଗଲା। ସାନଭାଇଙ୍କୁ ହରାଇବା ପରେ ବଡ଼ଭାଇ ମିଳନ୍ ଏବେ ଏକା ହୋଇଯିବା ସହ ପୂରା ଭାଙ୍ଗିପଡିଛନ୍ତି। ସତ୍ୟନଗର ଶ୍ମଶାନରେ ଓମ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ପରେ ବସ୍‌ରେ ସିଧା ଫୁଲବାଣୀକୁ ଚାଲିଯାଉଥିବା ନେଇ ମିଳନ କୋହଭରା କଣ୍ଠରେ କହିଛନ୍ତି।

## ବିଜେଡିର ଜନସମ୍ପର୍କ ଯାତ୍ରା

ବାଲିପାଟଣା,୨।୧୦(ଅଭିମନ୍ୟୁ ନାୟକ)

ଜୟଦେବ ନିର୍ବାଚନମଣ୍ଡଳୀ ବିଜେଡିର ଜନସମ୍ପର୍କ ଯାତ୍ରା ସୋମବାର ବାଲିପାଟଣାସ୍ଥିତ ଗୋପବନ୍ଧୁ ସ୍ମୃତି ପୀଠରୁ ଆରମ୍ଭ ହୋଇଛି। ବାଲିପାଟଣା ଓ ବାଲିଅନ୍ତା ବ୍ଲକ୍‌ର ବିଜେଡି କର୍ମୀ ପଦଯାତ୍ରାରେ ଗୋପବନ୍ଧୁ ସ୍ମୃତି ପୀଠରୁ ବାହାରି ଶିଶୁଅନନ୍ତ ପୀଠରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିଜେଡି ସରକାରର ଜନହିତକର ଯୋଜନା ପ୍ରତି ପରିବାର ପାଖରେ ପହଞ୍ଚାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜୟଦେବ ବିଜେଡିର ଆବାହକ ଦ୍ୱାରିକାନାଥ ଚୌଧୁରୀ କହିଥିଲେ। ବାଲିପାଟଣା ବ୍ଲକ ବିଜେଡି ସଭାପତି ପ୍ରତାପ କେଶରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲୀପ ବଲିଆରସିଂ, ମିର ନାସିର ଅଲ୍ଲୀ, ଈଶ୍ୱର ମିଶ୍ର, ଦିପେଶ ସ୍ୱାଇଁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶିଭୂଷଣ ପାତ୍ର, ଦୁର୍ଗାନନ୍ଦନ ମିଶ୍ର, ବିରଞ୍ଚି ନାରାୟଣ କର, ଭରତ ବେହେରା ଓ ଭାବଗ୍ରାହୀ ଗୋଚ୍ଛାୟତ ଉପସ୍ଥିତ ଥିଲେ।


ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ 'ସ୍ମୃତି ସୁମନ୍ତ' ସମ୍ମାନ ପାଇଥିବା ପଣ୍ଡିତ କେ. ରାମାରାଓ ପାତ୍ର, ଗୀତା ଦାଶ।

## ପଣ୍ଡିତ କେ. ରାମାରାଓ ପାତ୍ର, ଗୀତା ଦାଶଙ୍କୁ 'ସ୍ମୃତି ସୁମନ୍ତ' ସମ୍ମାନ

ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)

ସଙ୍ଗୀତଜ୍ଞ ସୁମନ୍ତ ମହାନ୍ତି ନିଜ ସୃଜନୀରେ ଓଡ଼ିଶୀ ରାଗ ସଙ୍ଗୀତ ଓ ସୁଗମ ସଙ୍ଗୀତକୁ ସମଭାବରେ ଲୋକପ୍ରିୟ କରି ଏକ ନୂତନ ଧାରା ଆଣିଥିଲେ। ଏପରି ଜଣେ ଅନନ୍ୟ ପ୍ରତିଭାର ବିୟୋଗ ସଙ୍ଗୀତ ଜଗତରେ ଶୂନ୍ୟତା ସୃଷ୍ଟି କରିଛି ବୋଲି 'ସ୍ମୃତିରେ ସୁମନ୍ତ' ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଓଡ଼ିଶୀ ନୃତ୍ୟଗୁରୁ ଅରୁଣା ମହାନ୍ତି, ସିନେ ସମୀକ୍ଷକ ଦିଲୀପ ହାଲି, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗୀତଜ୍ଞ ପଣ୍ଡିତ୍ କେ. ରାମାରାଓ ପାତ୍ର ଓ କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ 'ସ୍ମୃତି ସୁମନ୍ତ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ସଙ୍ଗୀତ ଓ ନୃତ୍ୟରେ ଶିଳ୍ପୀମାନେ ସୁମନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନାଜିଆ ଆଲାମ୍, ରୂପକ କୁମାର ପରିଡ଼ା ଶ୍ରୀ ଗୀତଗୋବିନ୍ଦ କାବ୍ୟର ଅଷ୍ଟପଦୀ 'ଲଳିତ ଲବଙ୍ଗ ଲତା ପରିଶୀଳନ', 'ତବ ବିରହେ ବନମାଳୀ' ଓ 'ପଶ୍ୟତି ଦିଶିଦି ରହସି ଭର୍ବନ୍ତମ୍' ପରିବେଷଣ କରିଥିଲେ। ପରେ ନୃତ୍ୟଶିଳ୍ପୀ ଅରୂପା ଗାୟତ୍ରୀ ପଣ୍ଡା 'ରମତେ ଯମୁନା ପୁଳିନ ବନେ'କୁ ଅଭିନୟ ମାଧ୍ୟରେ ପରଶିଥିଲେ। ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଶିଳ୍ପୀ 'ଆମେଜିଙ୍ଗ ଓଡ଼ିଶା'ର ନୃତ୍ୟାଭିନୟ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଚାଳନା କରିଥିଲେ।

## ଗାନ୍ଧୀ ଜୟନ୍ତୀରେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ

ବାରଙ୍ଗ,୨।୧୦(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ବ୍ଲକ ଅଧୀନ ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କେନ୍ଦୁପାଟଣା ପରିସରରେ ଗାନ୍ଧୀ ଜୟନ୍ତୀ ଅବସରରେ ସୋମବାର ପ୍ରଥମରୁ ଅଷ୍ଟମ ଶ୍ରେଣୀର ୧୨୦ ପିଲାଙ୍କୁ ମାଗଣା ସ୍କୁଲ ବ୍ୟାଗ୍ ବିତରଣ କରାଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିମଣି ସିଂଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ରୋଟାରୀ ଇଣ୍ଟର ନ୍ୟାଶନାଲ ନିର୍ଦ୍ଦେଶକ ରାଜୁ ସୁବ୍ରମଣ୍ୟମ୍, ଜୟଶ୍ରୀ ମହାନ୍ତି, ସୁବ୍ରତ ଦାସ, ସୌରେନ୍ଦ୍ର ଦାଶ, ନୀହାର ମହାପାତ୍ର, ଆଶିଷ ସାହୁ, ଧର୍ମେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ, ସୁରେନ୍ଦ୍ର ରେଞ୍ଜୀ, ଶିକ୍ଷୟିତ୍ରୀ ସୁକାନ୍ତିମଣି ସିଂ, ସୀମାରାଣୀ ବେହେରା ପ୍ରମୁଖଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ଭଞ୍ଜ ଧନ୍ୟବାଦ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ସମିରନ୍ ଦତ୍ତ, ଗୋଲେଖ ମାଝୀ, ଅନ୍ନଦା ଦାସ ଉତ୍ସବ ପରିଚାଳନା କରିଥିଲେ।

## ଜେଲ ଅନ୍ତେବାସୀଙ୍କ ସହ ୱସ୍ୱ ପାଳିଲା ଗାନ୍ଧୀ ଜୟନ୍ତୀ



ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱିମେନ ଅର୍ଗାନାଇଜେସନ ଫର୍ ସୋସିଆଲ ୱେଲଫେୟାର (ୱସ୍ୱ) ପକ୍ଷରୁ ଝାରପଡା କାରାଗାର ଅସନ୍ତେବାସୀଙ୍କ ସହିତ ଗାନ୍ଧୀ ଜୟନ୍ତୀ ପାଳିତ ହେଇଯାଇଛି। ୱସ୍ୱର ସମ୍ପାଦିକା ଜ୍ୟୋସ୍ନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ ସତ୍ୟ ପ୍ରକାଶ ସ୍ୱାଇଁ, ସହକାରୀ ଜେଲର ସୁମାର୍ଜନୀ ପ୍ରଧାନ ତାଲିମ ସହାୟକ ସିପ୍ରାଦାସଙ୍କ ସହିତ ସମସ୍ତ କର୍ମଚାରୀ, ଅନ୍ତେବାସୀ ଯୋଗ ଦେଇଥିଲେ। ସମ୍ପାଦିକା ଗାନ୍ଧୀଙ୍କ ସ୍ୱପ୍ନ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଅନ୍ତେବାସୀମାନଙ୍କୁ ବୁଝାଇବା ସହ ଅନୁଷ୍ଠାନ ପକ୍ଷରୁ କାରାଗାର ପରିସରରେ ଶାଢୀ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଜେଲ ଅଧୀକ୍ଷକ ଅନୁଷ୍ଠାନର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ୱସ୍ୱର ସଦସ୍ୟ ତଥା କଣ୍ଠଶିଳ୍ପୀ ଇତିଶ୍ରୀ ଦୀକ୍ଷିତ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଶତପଥୀ, ସି.ଆର. ପଟ୍ଟନାୟକ, ସୁକାନ୍ତ ସାହୁ, ମାଣିକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଗାନ୍ଧୀଙ୍କ ଗୁଣାତ୍ମକ ଭାବନାକୁ ଅନୁଭବ କରିବାକୁ ଆହ୍ୱାନ


'ଷ୍ଟୁଡେଣ୍ଟସ୍ ରିମେମ୍ବର ମହାତ୍ମା ଗାନ୍ଧୀ' କାର୍ଯ୍ୟକ୍ରମରେ ଗାନ୍ଧୀ ବେଶଧାରୀ ପିଲାଙ୍କ ସହ ଅତିଥିମାନେ।

ଭୁବନେଶ୍ୱର, ୨।୧୦(ଅସମାପିକା ସାହୁ)

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ୍ ଓ ବଡ଼ଗଡ଼ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ପିଲାଙ୍କ ମଧ୍ୟରେ ଗାନ୍ଧୀ ଆଦର୍ଶ ପ୍ରତିଷ୍ଠା ଲକ୍ଷ୍ୟ ନେଇ 'ଷ୍ଟୁଡେଣ୍ଟସ୍ ରିମେମ୍ବର ମହାତ୍ମା ଗାନ୍ଧୀ' କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ତଥା ସ୍ୱାଧୀନତା ସଂଗ୍ରାମୀ କୁଶ ଲେଙ୍କା ଯୋଗଦେଇ ସମସ୍ତଙ୍କୁ ସ୍ନେହ, ଶ୍ରଦ୍ଧା, ଭକ୍ତି କରିବା ଦରକାର ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାଶ ବେନ୍‌ହୁର ଯୋଗଦେଇ ଛାତ୍ରୀଛାତ୍ର ଗାନ୍ଧୀଙ୍କର ଗୁଣାତ୍ମକ ଭାବନା-ଚିନ୍ତନକୁ ନିଜ ଭିତରେ ଅନୁଭବ କରିବାକୁ ଆହ୍ୱାନ ଦେଇଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ହାରୁନ ରସିଦ ଖାନ୍, ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଜୋନାଲ୍ ମ୍ୟାନେଜର ସର୍ବେଶ ରଞ୍ଜନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମିଶ୍ର, ବିଦ୍ୟାଳୟ ପରିଚାଳକ ତଥା ବରଗଡ଼ ପୁରାତନ ଛାତ୍ର ସଂସଦର ପରାମର୍ଶଦାତା ପ୍ରତାପ କୁମାର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ବରଗଡ଼ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମନୋଜା ମଞ୍ଜରୀ ସାହୁ, ସ୍କୁଲର ଅଧ୍ୟକ୍ଷା ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ କୁଶ ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। 'ସ୍ୱଚ୍ଛତା- ଏକ ସେବା' କାର୍ଯ୍ୟକ୍ରମ ଓ ଶାନ୍ତି ପଦଯାତ୍ରା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଚାରାରୋପଣକୁ ବ୍ୟାପକ କଲା ବିଏମ୍‌ସି

### ୮୮ ଶିକ୍ଷାନୁଷ୍ଠାନ ଓ ୨୨ ସମ୍ପଦ କେନ୍ଦ୍ରରେ ରୋପଣ ହେଲା ୩୮ଶହ ଚାରା

ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)

ଗାନ୍ଧୀ ଜୟନ୍ତୀ ଅବସରରେ ସୋମବାର ବିଏମ୍‌ସି ପକ୍ଷରୁ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜଧାନୀର ସବୁଜ ଆସ୍ତରଣକୁ ସୁଦୃଢ କରିବା ସହ ବୃକ୍ଷରାଜି ଓ ପରିବେଶର ସୁରକ୍ଷା ବାବଦରେ ବିଦ୍ୟାର୍ଥୀଙ୍କୁ ସଚେତନ କରାଇବା ନିମନ୍ତେ ବିଭିନ୍ନ ବିଦ୍ୟାଳୟରେ ଏହି ମେଗା କରାଯାଇଥିଲା। ଏହା ସାଙ୍ଗକୁ ସମସ୍ତ ସମ୍ପଦ କେନ୍ଦ୍ର (ଏମ୍‌ସିସି ଓ ଏମ୍‌ଆର୍‌ଏଫ୍)ରେ ମଧ୍ୟ ଚାରାରୋପଣ କରାଯାଇଥିଲା। ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ସଂଯୋଜନାରେ ଚାରାରୋପଣ କରାଯାଇଥିଲା। ପ୍ରତ୍ୟେକ ୱାର୍ଡର କର୍ପୋରେଟରଙ୍କ ସହ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ଡେପୁଟି କମିଶନର, ୩ଜୋନ୍‌ର ଜେଡ୍‌ଡିସି ଏସବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ୟାପିଟାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର, କମିଶନର, ଅତିରିକ୍ତ କମିଶନର, ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହାବ୍ୟତୀତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର, ଗୋପବନ୍ଧୁ ପ୍ରଶାସନିକ ସେବା ଏକାଡେମୀ, ନିଶ୍ୱାସ, ସପ୍ତମ ବାଟାଲିୟନ, ୱାଟର ମ୍ୟାନେଜମେଣ୍ଟ ଏକାଡେମୀ ପ୍ରମୁଖ ଶିକ୍ଷାନୁଷ୍ଠାନ, ଇଣ୍ଟିଗ୍ରେଟେଡ ସେଣ୍ଟର ଫର ଏଗ୍ରିକଲଚର ଆଣ୍ଡ ରିସର୍ଚ୍ଚରେ ମଧ୍ୟ ଚାରାରୋପଣ ହୋଇଥିଲା। ବିଧାୟକ ସୁଶାନ୍ତ କୁମାର ରାଉତ ସପ୍ତମ ବାଟାଲିୟନଠାରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦିନକରେ ୮୮ ଶିକ୍ଷାନୁଷ୍ଠାନ ଓ ୨୨ ସମ୍ପଦ କେନ୍ଦ୍ରରେ ମୋଟ୍ ୩୮ଶହ ଚାରାରୋପଣ କରାଯାଇଥିଲା। ଗୋଷ୍ଠୀ ସହଭାଗିତାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ମେୟର ଆହ୍ୱାନ ଦେଇଥିଲେ। ବିଏମ୍‌ସି ଅଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜୀବନ କାଳ ମଧ୍ୟରେ ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନେଲେ ଦିନ କେଇଟାରେ ଭୁବନେଶ୍ୱର ସ୍ୱଚ୍ଛ, ସବୁଜ ସୁନ୍ଦର ସହରରେ ପରଣତ ହୋଇପାରିବ ବୋଲି ମେୟର କହିଥିଲେ। ବୃକ୍ଷରୋପଣ ଓ ତାର ଯତ୍ନ ପ୍ରତି ଛାତ୍ରୀଛାତ୍ର ଆଗ୍ରହୀ ହେବା ଆବଶ୍ୟକ ବୋଲି କମିଶନର କହିଥିଲେ।



ଚାରା ରୋପଣ ଅବସରରେ ଛାତ୍ରୀଛାତ୍ରଙ୍କ ସହ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।


ଗାନ୍ଧୀ ଜୟନ୍ତୀରେ ସୋମବାର ମଦର୍ସ ପବ୍ଲିକ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଡିପ୍ଲୋମାଟିକ୍ ଫ୍ୟୁଜନ ଫୋରମ୍ କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଶିବାନୀ କୋୱାଡ଼କର ଓ ମୀନାକ୍ଷି ଅଜିତ୍‌ଙ୍କ ସହ ଅନ୍ୟ ଅତିଥିମାନେ। (ଫଟୋ- ବିକାଶ ନାୟକ)


ଗାନ୍ଧୀ ଜୟନ୍ତୀରେ ସୋମବାର ଭୁବନେଶ୍ୱର କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ଉତ୍କଳମଣି ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ପାଇଁ ସୋମବାର ଏସ୍‌ବିଆଇ ପକ୍ଷରୁ ଆୟୋଜିତ ରାଶନ ପ୍ରଦାନ ଓ ଚାରା ରୋପଣ କାର୍ଯ୍ୟକ୍ରମ। (ଫଟୋ- ମନୋରଞ୍ଜନ ମିଶ୍ର)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଡିଜେ ବନ୍ଦ କରିବାରୁ ପୋଲିସ କର୍ମଚାରୀଙ୍କୁ ମାଡ଼

କଣ୍ଟାପଡ଼ା,୨।୧୦(ସୁର ନାରାୟଣ ସାହୁ)

ଓଲଟପୁର ଥାନା ଅଧୀନ ଦାମୋଦରପୁର ଗ୍ରାମରେ ଗଣେଶ ପୂଜା ଭସାଣିରେ ବେଆଇନ ଭାବେ ବାଜୁଥିବା ଡିଜେକୁ ବନ୍ଦ କରିବାକୁ ଯାଇ ଓଲଟପୁର ଥାନାର ଜଣେ କର୍ମଚାରୀଙ୍କୁ ନିସ୍ଥୁକ ମାଡ଼ ଖାଇବାକୁ ପଡ଼ିଛି। ହେଲେ ଭସାଣିରେ ବେଆଇନ ଭାବେ ବାଜୁଥିବା ଡିଜେକୁ ବନ୍ଦ କରି ଓଲଟପୁର ପୋଲିସ ପ୍ରଶଂସାର ପାତ୍ର ହୋଇଛି। ଖବରରୁ ପ୍ରକାଶ, ଗ୍ରାମରେ ଅନୁଷ୍ଠିତ ଗଣେଶ ଭସାଣି ପାଇଁ ରବିବାର ପୋଲିସଠାରୁ ଡିଜେ ବଜାଇବା ଅନୁମତି ନ ନେଇ ଭସାଣିରେ ଡିଜେ ବଜାଇଥିଲେ। ଗ୍ରାମରେ ନିଯୁକ୍ତ ଜଣେ ପୋଲିସ କର୍ମଚାରୀ ରାତି ପ୍ରାୟ ୧୦ଟାବେଳେ ଗାଁ ଭିତରେ ଡିଜେ ବଜାଇବାକୁ ମନା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଜଣେ ଯୁବକ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ନିସ୍ଥୁକ ମାଡ ମାରିଥିଲେ। ଫଳରେ କର୍ମଚାରୀଙ୍କ ମୁଁହ ଫୁଲି ଯାଇଥିଲା। ତେବେ ଏହି ଘଟଣାର ଆପୋସ ସମାଧାନ ହୋଇ ଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ସେହିପରି ବାଗଲପୁରା ଗ୍ରାମରେ ଅନୁଷ୍ଠିତ ଗଣେଶ ଭସାଣିରେ ପୋଲିସ ରାତି ୧୦ଟା ପରେ ଡିଜେକୁ ବନ୍ଦ କରିଦେଇଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଗ୍ରାମବାସୀଙ୍କ ସହଯୋଗରେ ଶୃଙ୍ଖଳାର ସହ ଭସାଣି ଅନୁଷ୍ଠିତ ହୋଇଥିଲା।

### ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

କଟକ ସଦର,୨।୧୦ (ସୁଶାନ୍ତ କୁମାର ଜେନା):

ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସୋମବାର କଟକ ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳନ କରାଯାଇଛି। ପ୍ରାରମ୍ଭରେ ଦୁଇ ମହାପୁରୁଷଙ୍କ ଫଟୋରେ ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ, ମହେନ୍ଦ୍ର କୁମାର ଜେନା, ମାନସୀ ଭଟ୍ଟାଚାର୍ଯ୍ୟ, ନିବେଦିତା ଜେନା ଓ ଛାତ୍ରୀଛାତ୍ରମାନେ ମାଲ୍ୟାର୍ପଣ କରିବା ସହ ଜୀବନୀ ଉପରେ ଆଲୋଚନା କରିଥିଲେ। ସେହିପରି କଟକ ସଦର ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ବେଣ୍ଟକାରଠାରେ ପାଳନ କରାଯାଇଥିଲା।

# ଏସ୍‌ସିବିରେ ଫାଟିଲା ପାଣି ପାଇପ୍, ରୋଗୀ ହନ୍ତସନ୍ତ

କଟକ,୨।୧୦ (କାର୍ତ୍ତିକ ସାହୁ)




ଏସ୍‌ସିବି ମେଡିକାଲରେ ଦୁଇ ଦିନ ଧରି ବିଦ୍ୟୁତ୍ ବିଭ୍ରାଟର କଷ୍ଟ ରୋଗୀଙ୍କୁ ଅତିଷ୍ଠ କରିଛି। ପୁଣି ସୋମବାର ପାଣିପାଇପ ଫାଟି ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ରୋଗୀ ତଥା ସେମାନଙ୍କ ସମ୍ପର୍କୀୟମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ସମସ୍ୟା ରବିବାର ରାତିରୁ ଦେଖାଦେଇଥିଲା। ଏହାଦ୍ୱାରା ମେଡିକାଲର ବିଭିନ୍ନ ୱାର୍ଡକୁ ଜଳଯୋଗାଣ ବନ୍ଦ ହୋଇଯାଇଥିଲା। ଶୌଚାଳୟକୁ ପାଣି ନ ଆସିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିଲା। ତେବେ ସୋମବାର ସକାଳେ କେତେକ ୱାର୍ଡକୁ ଅଳ୍ପ ପରିମାଣର ପାଣି ଆସିଥିଲା। ତେବେ ତାହା ପର୍ଯ୍ୟାପ୍ତ ନ ଥିଲା। ନିତ୍ୟକର୍ମଠାରୁ ଆରମ୍ଭ କରି ପିଇବା ପାଇଁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସୁବିଧାରେ ପଡ଼ିଥିଲେ। ଅନ୍ୟ ଉପାୟ ନପାଇ ମେଡିକାଲ ବାହାରେ ଥିବା ଶୌଚାଳୟକୁ ଯାଇ ରୋଗୀଙ୍କ ସମ୍ପର୍କୀୟମାନେ ଶୌଚ, ସ୍ନାନାଦି କାର୍ଯ୍ୟ କରିଥିଲେ। ସେହିପରି ବଜାରରୁ ପାଣି କିଣି ପିଉଥିବା କେତେକ ରୋଗୀ ସମ୍ପର୍କୀୟ କହିଛନ୍ତି। ଏନେଇ ୱାଟ୍‌କୋ ପକ୍ଷରୁ କୁହାଯାଇଛି, ମେଡିକାଲ ପରିସରରେ ଏକ ପାଣି ପାଇପ ଫାଟିଯାଇଥିବାରୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ପାଇପ ମରାମତି କରାଯାଇ ଜଳଯୋଗାଣ ସ୍ୱାଭାବିକ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ବିଦ୍ୟୁତ ବିଭ୍ରାଟ କାରଣରୁ ଶନିବାର ଓ ରବିବାର ଦୁଇ ଦିନ ଧରି ଏସ୍‌ସିବି ମେଡିକାଲରେ ରୋଗୀସେବା ପ୍ରଭାବିତ ହୋଇଥିଲା। ଶନିବାର ୮ ଘଣ୍ଟା ପ୍ରଭାବିତ ହୋଇଥିବା ବେଳେ ରବିବାର ନିଦାନ ବିଭାଗରେ ଦୀର୍ଘ ୬ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ହୋଇଥିଲା। ଏହାଦ୍ୱାରା ରୋଗୀଙ୍କ ରକ୍ତ ପରୀକ୍ଷା ଓ ସିଟି ସ୍କାନ ହୋଇପାରି ନଥିଲା। ଏହାଦ୍ୱାରା ଗୁରୁତର ରୋଗୀମାନେ ପ୍ରଭାବିତ ହୋଇଥିଲେ। ରୋଗୀଙ୍କ ଚିକିତ୍ସାରେ ବହୁ ସମସ୍ୟା ହୋଇଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ପୁଣି ଜଳଯୋଗାଣଜନିତ କଷ୍ଟ ରୋଗୀ ତଥା ସମ୍ପର୍କୀୟମାନଙ୍କ ଦୁର୍ଦ୍ଦଶାକ ବଢ଼ାଇ ଦେଇଛି।

# ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଘୋଷିତ

କଟକ,୨।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଅକ୍ଟୋବର ୮ରୁ ୧୯ବର୍ଷରୁ କମ୍ ଜାତୀୟ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥି ନିମନ୍ତେ ସୋମବାର ଓସିଏ ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହିଳା ଚୟନ କମିଟି ଅଧ୍ୟକ୍ଷା ରଶ୍ମୀତା ମହାନ୍ତି ଉପସ୍ଥିତ ରହି ଦଳ ଘୋଷଣା କରିଥିଲେ। ଘୋଷିତ ୧୬ଜଣିଆ ଦଳର ନେତୃତ୍ୱ ନେବେ ସୁଚିସ୍ମିତା ପଣ୍ଡା। ଏହାଛଡ଼ା ପ୍ରିୟଙ୍କା ମୁଦୁଲି, ଦିବ୍ୟା ରାଉତରାୟ (ଉଇକେଟ କିପର), ସାଇ କୃପା, ଅଙ୍କିତା ଗିରି, ସୁଲଗ୍ନା ନାୟକ, ବିଜୟଲକ୍ଷ୍ମୀ ବେହେରା, ଜ୍ୟୋତି ପ୍ରସାଦ, ଏସ୍.ବି. ଲରେନ୍ସ, ପ୍ରାର୍ଥନା ପ୍ରତିଶ୍ରୁତି, ଅନନ୍ୟା ମିଶ୍ର, ମିତାଲି ଶର୍ମା, ଜାହ୍ନବି ଷଡ଼ଙ୍ଗୀ, କାଲାଶିଂ ଧ୍ରୀତିୟା, ମମତାରାଣୀ ଗାଗରାଇ, ପୂଜା ଯାଦବ ଦଳରେ ରହିଛନ୍ତି।

# ୫ମ ଆକା ଆମେଚର ଫୁଟବଲ୍ ଲିଗ୍ ପ୍ରସ୍ତୁତି

କଟକ ସଦର,୨।୧୦ ( ସୁଶାନ୍ତ କୁମାର ଜେନା):

୫ମ ଆକା ଆମେଚର ଫୁଟବଲ୍ ଲିଗ୍ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୧୫ତାରିଖରୁ ଏକ ମାସ ଧରି କିଶୋରନଗର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ୧୦ଟିମ୍ ଅଂଶଗ୍ରହଣ କରିବେ ବୋଲି ସ୍ଥିର ହୋଇଛି। ଆଞ୍ଚଳିକ କ୍ରୀଡ଼ା ଓ କଳା ଅନୁଷ୍ଠାନ(ଆକା)ର ସଭାପତି ଦେବବ୍ରତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ ସଭାପତି ସୟଦ ଏର୍‌ଫାନ ଅଲ୍ଲି, ଉପଦେଷ୍ଟା ଅଜୟ କୁମାର ପଟ୍ଟନାୟକ, ସମୀର କୁମାର ସେନାପତି, ଆଥ୍‌ଲେଟିକ ସମ୍ପାଦକ ଦିଲୀପ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନେଶନ ବିଲ୍‌ଡର ଆୱାର୍ଡ ସମାରୋହ




ଇନରହ୍ୱିଲ୍ କ୍ଲବ ପକ୍ଷରୁ ନେଶନ ବିଲ୍‌ଡର ଆୱାର୍ଡ ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

କଟକ,୨।୧୦(କାର୍ତ୍ତିକ ସାହୁ):

### ୧୦ କୃତୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କଟକ ଇନରହ୍ୱିଲ୍ କ୍ଲବ ପକ୍ଷରୁ ନେଶନ ବିଲଡର ଆୱାର୍ଡ ପ୍ରଦାନ ସମାରୋହ ସୋମବାର କଟକ କ୍ଲବ ଆନେକ୍ସ-୧୦ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ୧୦ ଜଣ କୃତୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠପଢ଼ା କୌଶଳ, ଛାତ୍ରୀଛାତ୍ରଙ୍କ ସହ ସୁସମ୍ପର୍କ ଓ ବିଭିନ୍ନ କଳାତ୍ମକ ଦିଗରେ ପାରଦର୍ଶିତା ସମେତ ଅନ୍ୟାନ୍ୟ କୃତିତ୍ୱ ସମୂହକୁ ମାନଦଣ୍ଡ ରୂପେ ନେଇ ଶିକ୍ଷକମାନଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନରହ୍ୱିଲ ଜିଲା-୩୨୬ର ପ୍ରାକ୍ତନ ଅଧ୍ୟକ୍ଷା ସଂଘମିତ୍ରା ସାହୁ ଅଧ୍ୟକ୍ଷତା କରି କହିଲେ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ସମାଜର ମେରୁଦଣ୍ଡ ଓ ସେମାନଙ୍କ ମାଧ୍ୟମରେ ସମାଜ ତଥା ଦେଶ ଗଠନ ହୁଏ। ସେମାନେ ଯେପରି ଛାତ୍ରୀଛାତ୍ରଙ୍କୁ ଗଢ଼ିଥାଆନ୍ତି ସେମାନେ ସେହିପରି ଗଢ଼ିହୁଅନ୍ତି। ଏହା ତାଙ୍କ ପରବର୍ତ୍ତୀ ଜୀବନକୁ ସୁସଜ୍ଜିତ ଓ ଶୃଙ୍ଖଳିତ କରେ। ତେଣୁ ଗୁରୁମାନେ ଆମ ସମସ୍ତଙ୍କର ନମସ୍ୟ ବୋଲି ସେ କହିଥିଲେ। କ୍ଲବ ସଭାପତି ଲୋରାମିତ୍ରା ରଥ ଜାତି ଗଠନରେ ବିଶେଷ ଭୂମିକା ନିର୍ବାହ କରୁଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିକଟରେ ଇନରହ୍ୱିଲ୍ କ୍ଲବ କୃତଜ୍ଞତା ଜଣାଇଛି ବୋଲି କହିଥିଲେ। ସଭ୍ୟା ଅର୍ଚ୍ଚନା ଦାସ କାନୁନ୍‌ଗୋ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡମଣୀ ହ୍ରଦରୁ ଯୁବକଙ୍କ ମୃତଦେହ ଜବତ

ଚୌଦ୍ୱାର,୨।୧୦(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ମଙ୍ଗରାଜପୁର ପଞ୍ଚାୟତର କୋଚିଲା ନୂଆଗାଁ ନିକଟସ୍ଥ ଡମଣୀ ପୀଠଠାରେ ଥିବା ଡ୍ୟାମ(ହ୍ରଦ)ରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ସୋମବାର ଜବତ ହୋଇଛି। ସେ ହେଲେ କଟକ ସିଡିଏ ସେକ୍ଟର ୭ର ଅଂଶୁମାନ ନାୟକ। ଚୌଦ୍ୱାର ଦମକଳ ବାହିନୀ, ଓଡ୍ରାଫ ଟିମ୍ ଓ ଏନ୍‌ଡିଆରଏଫ୍ ପକ୍ଷରୁ ମିଳିତ ଭାବେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ହ୍ରଦର ୨୦ ଫୁଟ ତଳୁ ମୃତଦେହ ଜବତ ହୋଇଛି। ସୂଚନା ଅନୁଯାୟୀ, ପର୍ଯ୍ୟଟନସ୍ଥଳୀ ଡମଣୀ ପୀଠକୁ ରବିବାର କଟକ ସିଡିଏ ଅଞ୍ଚଳରୁ ୪ଜଣ ଯୁବକ ଭୋଜି କରିବାକୁ ଆସିଥିଲେ। ଯୁବକମାନେ ନିକଟସ୍ଥ ଡ୍ୟାମରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ଅଂଶୁମାନ ପାଣିରେ ବୁଡ଼ି ଯାଇଥିଲେ। ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଅଂଶୁମାନଙ୍କ କୌଣସି ପତ୍ତା ମିଳିପାରି ନ ଥିଲା। ଡମଣୀ ହ୍ରଦ ଜିଲାର ଏକ ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏହି ପୀଠ ତଥା ହ୍ରଦରେ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟ ଶିବିରରେ ଆଧାର, ରାଶନ କାର୍ଡ

କଟକ ସଦର, ୨।୧୦(ସୁଶାନ୍ତ କୁମାର ଜେନା):

ପ୍ରତିମାସରେ କଟକ ସଦର ବ୍ଲକ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ରୋଗୀ ଚିକିତ୍ସା କରାଯାଉଛି। ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରୁ ଅନୁମତି ଆଣି ଶିବିର ପରିଚାଳନା କରୁଛନ୍ତି। ତେବେ ସ୍ୱାସ୍ଥ୍ୟ ଶିବିରକୁ ରୋଗୀମାନେ ଆସିବାବେଳେ ସାଙ୍ଗରେ ନିଜର ଆଧାର ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସ୍ମାର୍ଟ କାର୍ଡ ସାଙ୍ଗରେ ଆଣିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଏଭଳି ନିର୍ଦ୍ଦେଶକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ନାମରେ ବିଏସ୍‌କେୱାଇ କାର୍ଡରୁ ଚଞ୍ଚକତା କରି ଟଙ୍କା ଉଠାଇ ନିଆ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗୋଟିଏ ଦିନରେ ରୋଗୀମାନଙ୍କୁ ଡାକି ମାତ୍ର ୫ମିନିଟ ମଧ୍ୟରେ ରୋଗର ନିଦାନ କରିବା ସମ୍ଭବ ପର ନୁହେଁ। ତେଣୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଏହା ପଛରେ କ'ଣ ଉଦ୍ଦେଶ୍ୟ ରହିଛି, ତା'ର ଅନୁସନ୍ଧାନ କରିବା ପାଇଁ ଦାବି ହେଉଛି। ଗତ ୨ମାସ ମଧ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୌଜନ୍ୟରେ ବିଭିନ୍ନ ସ୍ଥାନରେ ଚକ୍ଷୁ, ଦନ୍ତ ଓ ସାଧାରଣ ରୋଗର ଚିହ୍ନଟ ପାଇଁ ଶିବିର ଆୟୋଜନ କରାଯାଇ ସାରିଲାଣି। ଏଥିପାଇଁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମେ ଆବେଦନ କରିବାକୁ ପଡ଼େ। ତା'ପରେ ଏହି ଆବେଦନ ପତ୍ରକୁ ତଦନ୍ତ ସହିତ ଅନୁମତି ଦେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣା କରାଯାଏ। ସାଧାରଣତଃ ତଦନ୍ତ ଦାୟିତ୍ୱ ସ୍ଥାନୀୟ ପ୍ରାଥମିକ କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଦ୍ୱାରା କରାଯାଇ ରିପୋର୍ଟ ଦିଆଯିବା ପରେ ସିଡିଏମ୍‌ଓ ଅନୁମତି ଦେଇଥାନ୍ତି। ହେଲେ ଶିବିରରେ ରାଶନ କାର୍ଡର ବ୍ୟବହାର କାହିଁକି କରାଯାଉଛି,ତା'ର ତଦନ୍ତ କରିବା ପରେ ଅନୁମତି ଦିଆଯିବା ଦରକାର ବୋଲି ମତ ପ୍ରକାଶ ପାଇଛି। ତେବେ ପରବର୍ତ୍ତୀ ଶିବିର ଆୟୋଜନ ପାଇଁ ଅନୁମତି ଦିଆଯିବା ସମୟରେ ଏହି ଅଭିଯୋଗ ଉପରେ ଦୃଷ୍ଟି ଦିଆଯିବ ବୋଲି କଟକ ସିଡିଏମ୍‌ଓ ଡା. ମକରନ୍ଦ ବେଉରା କହିଛନ୍ତି।

# 'ଗାନ୍ଧିଜୀଙ୍କ ମାର୍ଗକୁ ବିଶ୍ୱ ଆପଣେଇଛି'

କଟକ,୨।୧୦ (କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠରେ ଜିଲାସ୍ତରୀୟ ୧୫୪ତମ ଗାନ୍ଧୀ ଜୟନ୍ତୀ ସମାରୋହ ସୋମବାର ପାଳିତ ହୋଇଯାଇଛି। ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ସକାଳେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଗାନ୍ଧୀ ସ୍ମୃତି ପୀଠର ଉନ୍ନତିକରଣ କରିବା ପାଇଁ ବିଧାୟକ ବେହେରା ଜିଲାପାଳଙ୍କୁ କହିଥିଲେ। ସେହିପରି କଂଗ୍ରେସର ପୂର୍ବତନ ୱାର୍ଡ ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସ୍ୱରାଜ ଆଶ୍ରମଠାରେ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଲେ, ଗାନ୍ଧିଜୀ ମାର୍ଗକୁ ନେଲ୍‌ସନ୍ ମାଣ୍ଡେଲା, ମାର୍ଟିନ ଲୁଥର କିଙ୍ଗ(ଜୁନିୟର) ଭଳି ମହାନ୍ ନେତୃତ୍ୱ ସହ ବିଶ୍ୱ ଆପଣେଇଛି। ସମ୍ମାନିତ ଅତିଥି ମେୟର ସୁବାସ ସିଂ ତଳସ୍ତରର ଲୋକଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ସହ ମହିଳାମାନଙ୍କୁ ସବୁକ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଚୟନୀ ନିଜ ଜୀବନରେ ଗାନ୍ଧୀଙ୍କ ଆଦର୍ଶକୁ ପାଳନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ, ଦ୍ୱିଜବର ସାଥୁଆ, ଶ୍ୟାମାନନ୍ଦ ଧୂପାଳ, ଡା. ରବିରଞ୍ଜନ ସାହୁ ଓ ରଘୁନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନାରେ ଲୋକନାଥ ଦିକ୍ଷିତ ଭଗବତ୍ ଗୀତା, ଆଚାର୍ଯ୍ୟ ହିତକିଆ ଲିମା ବାଇବେଲ ଓ ସେକ୍ ହାସିମ୍ କୋରାନ ଧର୍ମଗ୍ରନ୍ଥ ପାଠ କରିଥିଲେ।

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ

### ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଡା. ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଶିବ ପ୍ରସାଦ ରଥଙ୍କ ସମେତ ବିଭିନ୍ନ ଉଇଙ୍ଗର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡିଗ୍ରୀ ଇଂଜିନିୟରିଂ ଅଧ୍ୟକ୍ଷ ଡ. ନୟନ ରଂଜନ ସାମଲ, ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରାଧ୍ୟାପକ ରାଜୀବ ଅଗ୍ରୱାଲ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ବିତ୍ତ ବିଭାଗ ଅଧିକାରୀ ନାରାୟଣ ମିଶ୍ର ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଇଣ୍ଡିଗୋ ଉଚ୍ଚ ମାଧ୍ୟମିକ ବିଜ୍ଞାନ ଓ ବାଣିଜ୍ୟ ବିଦ୍ୟାଳୟ ପରିସରରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାଗବତ ଶୁକ୍ଳଙ୍କ ପୌରୋହିତ୍ୟରେ ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗାନ୍ଧୀବାଦୀ ଡ. ବିଶ୍ୱଜିତ ରାୟ କହିଥିଲେ ଗାନ୍ଧିଜୀ ଜଣେ ମଣିଷ ନଥିଲେ, ବିଶ୍ୱର ଆଦର୍ଶ ଏବଂ ବିଚାରଧାରା ଥିଲେ। ବରେଣ୍ୟ ଅତିଥି ଗାନ୍ଧିବାଦୀ ହରିହର ସେନ କବିତା ମାଧ୍ୟମରେ ପ୍ରତ୍ୟେକ ଦିନ ଜଣେ ଜଣେ ଗାନ୍ଧୀ ଭାରତରେ ଅବତୀର୍ଣ୍ଣ ହେଉଛନ୍ତି ଏବଂ ଶାସ୍ତ୍ରୀଜୀଙ୍କ ନିର୍ଲୋଭ ଏବଂ ନିରଳସ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସସ୍ମିତା ସାହୁ, ପ୍ରଦ୍ୟୁମ୍ନ କୁମାର ମିଶ୍ର ଜୟନ୍ତୀ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ । ବିଭୁ ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

ଲିଗାଲ ଏଡ କାଉନସିଲ ପକ୍ଷରୁ ମୁଖ୍ୟ କାର୍ଯ୍ୟାଳୟ କଟକ ଦେଉଳସାହି ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବାପୁଜୀଙ୍କ ସତ୍ୟ ଓ ଅହିଂସା ନୀତି ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଆଡଭୋକେଟ ଦୁଃଖିଶ୍ୟାମ ଦାସ ଅଧ୍ୟକ୍ଷତା କରି ସତ୍ୟ ଓ ଅହିଂସାର ମାର୍ଗ ଥିଲା ଗାନ୍ଧିଜୀଙ୍କ ପାଇଁ ଅମୋଘ ଅସ୍ତ୍ର ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ମହାପାତ୍ର, ଜ୍ୟୋତିସାଗର ସ୍ୱାଇଁ, ରିତେଶ ଛୋଟରାୟ, ବନବାସିନୀ ମିଶ୍ର, ସବିତା ବସ୍ତିଆ, ସୌମ୍ୟ ସାରଥୀ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସରୋଜ କୁମାର ପଟେଲ ଧନ୍ୟବାଦ ଦେଇଥିଲେ।

ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଗାନ୍ଧୀ ଏକ ଚେତନା ଯାହା ସମାଜର ତଥା ଦେଶର ପ୍ରତିଟି ଭାରତୀୟଙ୍କ ଭିତରେ ଉଜ୍ଜିବିତ ହେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ସଙ୍ଘର ସଭାନେତ୍ରୀ ଡ. ପ୍ରତିମା ମହାପାତ୍ର ଅଧ୍ୟକ୍ଷତାରେ ସମ୍ପାଦିକା ଆଭା କାନୁନଗୋ, ନମିତା ପଣ୍ଡା ଓ ମୀରା ବେଉରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବସ୍ତି ଅଞ୍ଚଳର ସ୍କୁଲ ପିଲାଙ୍କ ଭିତରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀକୁ ନେଇ ଏକ କୁଇଜ ପ୍ରତିଯୋଗିତା କରି ପୁରସ୍କୃତ କରାଯାଇଥିଲା। ସଂଘ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଛତା ବଣ୍ଟନ କରାଯାଇଥିଲା। ମଞ୍ଜୁ ସିଂହ, ଗୀତାଶ୍ରୀ ଦାସ, ପଦ୍ମଜା ତ୍ରିପାଠୀ, ବାଣୀ ନିର୍ମାଲ୍ୟ, ନଳିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇନ୍ଦିରା ଆରୋରା ଧନ୍ୟବାଦ ଦେଇଥିଲେ।




ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ସୋମବାର ନିଶା ନିବାରଣ ବିରୋଧରେ ସର୍ବୋଦୟ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ସଭା ।




ଜାଗୃତ ଓଡ଼ିଶା ଆଇନଜୀବୀ ମଞ୍ଚ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।




ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ।



କଟକ ନଗର କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଉତ୍ସବରେ ଉପସ୍ଥିତ ଅତିଥି ।



କଟକ ନଗର ଭାଜପା ପକ୍ଷରୁ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି ।




ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା ଶୋଭାଯାତ୍ରାରେ ଦଳୀୟ ନେତୃମଣ୍ଡଳୀ ଏବଂ କର୍ମୀ ।

## ସଂକ୍ଷେପରେ

### ୨ ବଖରା ଜଳିଗଲା

ନିରାକାରପୁର,୨।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ମନମୋହନ ବେହେରାଙ୍କ ୨ ବଖରା ଜଳିଯାଇଛି। ଖବରପାଇ ଜଙ୍କିଆ ଓମ୍‌ଶ୍ରୀ ଗଣେଶ ପୂଜା କମିଟିର ସଦସ୍ୟ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ମନମୋହନଙ୍କ ୨୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ପୂର୍ବତନ ସମିତି ସଭ୍ୟ କୃଷ୍ଣ ଚନ୍ଦ୍ର ନରେନ୍ଦ୍ର ପହଞ୍ଚି ଅଗ୍ନିପିଡ଼ିତଙ୍କୁ ଆଶ୍ୱାସନା ଦେବା ସହ ଜିଲା ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି।

### ସାପ କାମୁଡ଼ାରେ ଯୁବକ ମୃତ

ନିରାକାରପୁର,୨।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ସାପ କାମୁଡ଼ାରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନନପଡା ଗ୍ରାମର ଉମ୍ବିଧର ରାଉତରାୟ ଓରଫ କାଳିଆ। ସୂଚନା ମୁତାବକ, କାଳିଆ ଏକ ସ୍ଥାନରେ ବସିଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେଠାରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ୭୪ ୟୁନିଟ୍ ରକ୍ତ ସଂଗ୍ରହ

ଟାଙ୍ଗୀ,୨।୧୦(ରଘୁନାଥ ସାହୁ)

ଗାନ୍ଧୀ ଜୟନ୍ତୀ ଅବସରରେ ସୋମବାର ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ କୁମାର ହୋତାଙ୍କ ସଂଯୋଜନାରେ ଟାଙ୍ଗୀସ୍ଥିତ ୟୁଥ୍ ଆଇକନ କ୍ୟାରିୟର ଏକାଡେମୀ ପରିସରରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଯୁବ ବିଜୁ ଜନତା ଦଳ ସଭାପତି ଚିନ୍ମୟ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୋର୍ଦ୍ଧା ରକ୍ତଭଣ୍ଡାର କର୍ମଚାରୀମାନେ ମୋଟ୍ ୭୪ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସମାଜସେବୀ ସଞ୍ଜୟ ପଟ୍ଟନାୟକ, ଜିଲା ମହିଳା ବିଜେଡି ସଭାପତି ଗୀତାଞ୍ଜଳି ପାଟ୍ଟଶାଣୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବଳରାମ ବେହେରା, ଗୌତମ ନାୟକ, ବିଜୟ ମାଝୀ, ସଂଗ୍ରାମ ବିଶ୍ୱାଳ, ସୌଭାଗ୍ୟ ଛୋଟରାୟ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ୬୭୭ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

ବୋଲଗଡ଼,୨।୧୦(ଦେବବ୍ରତ ହୋତା)

ବୋଲଗଡ଼ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୁଷ୍ମାନ୍ ଭବଃ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟମେଳାରେ ୬୭୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ସ୍ୱାସ୍ଥ୍ୟମେଳାରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବଦତ୍ତ ଦାସ, ଡା. ଅସିତ ମୋହନ ମହାପାତ୍ର, ଜ୍ୟୋତି ପ୍ରକାଶ ସାହୁ, ଶେଖ୍ ଗୁଲାମ୍ ହୁସେନ, ଦ୍ୱେଷା ପଣ୍ଡା, ରତ୍ନୁୟନି ମିଶ୍ର, ସୁଷମା ବେହେରା, ଶାଳିନୀ ମହାନ୍ତି, ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସ୍ୱାସ୍ଥ୍ୟମେଳା ଅବସରରେ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ ପାଇଁ ୫ଜଣ ବ୍ୟକ୍ତି ନାମ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ଜଣାପଡ଼ିଛି।

### ଶତାୟୁଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ,୨।୧୦(ରଘୁନାଥ ସାହୁ)

ଗାନ୍ଧୀ ଜୟନ୍ତୀ ଅବସରରେ ଟାଙ୍ଗୀ ଅଞ୍ଚଳର ବାଙ୍କନିଧି ବିଶ୍ୱାଳ(୧୦୮)ଙ୍କୁ କୋଠକରଣ ସାହି ସ୍ଥିତ ବାସଭବନରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୧୯୧୫ ମସିହାରେ ଜନ୍ମିତ ବିଶ୍ୱାଳ ଅତୀତର ସମସ୍ତ କଥା ମନେପକାଇ କହିପାରୁଥିଲେ। ଏହି ଅଞ୍ଚଳକୁ ମହାତ୍ମା ଗାନ୍ଧୀ ଆସିଥିବା ସମୟର କେତେକ କଥା କହିଥିଲେ। ମଞ୍ଚର ସଂଯୋଜକ ବିଜୟ କୁମାର ରାଉତ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସାମ୍ବାଦିକ ରଘୁନାଥ ସାହୁ, ଆଇନଜୀବୀ ନିରଞ୍ଜନ ଦାସ, ସମାଜସେବୀ ଦିଲୀପ ନାଥ ପ୍ରମୁଖ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଶ୍ରୀଜଗନ୍ନାଥଙ୍କ ଫଟୋ ପ୍ରଦାନ କରିଥିଲେ।

# ଗଢ଼ିଲା ସାଇବର ସୁରକ୍ଷା ରଥ, କରିବ ଜନସଚେତନ

ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅନ୍ତର୍ଗତ ସାଇବର ରଥର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଜିଲାପାଳ କହିଲେ ଯେ, ସାଇବର ଅପରାଧକୁ ରୋକିବା ତଥା ଏ ଦିଗରେ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଲୋକେ ସଚେତନ ହେଲେ ଏହି ଅଭିଯାନ ସଫଳ ହେବ ବୋଲି ସେ କହିଥିଲେ। ଏହି ରଥ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ସମସ୍ତ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପରିକ୍ରମା କରି ସାଇବର ଅପରାଧ ଓ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। କୌଣସି ସାଇବର ଠକେଇର ଶିକାର ହେଲେ କ'ଣ କରିବେ, କେଉଁଠି ଅଭିଯୋଗ କରିବେ ସେ ସଂକ୍ରାନ୍ତରେ ଜନସାଧାରଣଙ୍କୁ ସଚେତନ କରାଯିବ। ଏଥିସହିତ ବିଭିନ୍ନ କଲେଜ, ଶିକ୍ଷାନୁଷ୍ଠାନରେ କଲେଜ ଛାତ୍ରୀଛାତ୍ର, ଯୁବପିଢ଼ିଙ୍କୁ ନେଇ କର୍ମଶାଳା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅତିରିକ୍ତ ଏସ୍‌ପି ମୁଣ୍ଡ କହିଛନ୍ତି। ବିଭିନ୍ନ



ସାଇବର ସୁରକ୍ଷା ରଥ ଉଦ୍‌ଘାଟନ ଅବସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

ସାଇବର ଅପରାଧ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ଏସ୍‌ପି କହିଲେ ଯେ, ସର୍ବଦା କଠିନ ପାସ୍‌ୱାର୍ଡ ବ୍ୟବହାର କରନ୍ତୁ। ନିଜର ପାସ୍‌ୱାର୍ଡ କାହାରିକୁ ଦିଅନ୍ତୁ ନାହିଁ। ପାସ୍‌ୱାର୍ଡକୁ ସେଭ୍ (ସଂରକ୍ଷିତ) କରନ୍ତୁ ନାହିଁ। ସମୟ ବ୍ୟବଧାନରେ ପାସ୍‌ୱାର୍ଡ ବଦଳାନ୍ତୁ। ବ୍ୟକ୍ତିଗତ ତଥ୍ୟ ବା ଫଟୋ ସୋସିଆଲ ମିଡିଆରେ ଛାଡ଼ିବା ସମୟରେ ସତର୍କ ରହନ୍ତୁ। ଇ-ମେଲ, ମେସେଜ ପ୍ରତି ସତର୍କ ରୁହନ୍ତୁ, ଅଫରଯୁକ୍ତ ମେଲ୍‌ର ଉତ୍ତର ଦିଅନ୍ତୁ ନାହିଁ। କମ୍ପ୍ୟୁଟର, ଲାପଟପ୍, ଟାବ୍‌ଲେଟ, ଫୋନ ଆଦିକୁ ଲାଟେଷ୍ଟ ସଫ୍ଟୱେର ଏବଂ ସିକ୍ୟୁରିଟି ମାଧ୍ୟମରେ ଇନ୍‌ଷ୍ଟଲ କରନ୍ତୁ। ଫେସ୍‌ବୁକରେ ଫ୍ରେଣ୍ଡ ରିକ୍ୟୁୱେଷ୍ଟ ଆସିବା ସମୟରେ ତରବର ନ ହୋଇ ତାଙ୍କ ସମ୍ପର୍କରେ ଜାଣି ନ ଥିଲେ, ଗ୍ରହଣ କରନ୍ତୁ ନାହିଁ। ନିଜ ପ୍ରୋଫାଇଲ ଲକ୍ କରି ରଖନ୍ତୁ। ଅଜଣା ନମ୍ବରରୁ ଭିଡିଓ କଲ୍ ଆସିଲେ, କଦାପି ଉତ୍ତର ଦିଅନ୍ତୁ ନାହିଁ। ଫେସ୍‌ବୁକ, ମେସେଞ୍ଜରରେ କେହି ଟଙ୍କା ମାଗିଲେ ଦିଅନ୍ତୁ ନାହିଁ। ଅଭିଭାବକମାନେ ପିଲାଙ୍କୁ ସାଇବର ଅପରାଧରୁ ସୁରକ୍ଷିତ ରଖିବାକୁ ଯତ୍ନବାନ ହୁଅନ୍ତୁ। ସେମାନେ ଇଣ୍ଟରନେଟ ଓ ସ୍ମାର୍ଟଫୋନ ବ୍ୟବହାର କରୁଥିଲେ, ନଜର ରଖନ୍ତୁ। ଆପଣଙ୍କ ଅଜ୍ଞାତରେ ଯେପରି ପିଲାମାନେ ଅନ୍‌ଲାଇନ ଗେମ୍ସ ନ ଖେଳନ୍ତି, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଶିଶୁ ସାବାଳକ ନ ହେବା ଯାଏ ତାଙ୍କୁ ଏଟିଏମ୍, କ୍ରେଡିଟ କାର୍ଡ ଦିଅନ୍ତୁ ନାହିଁ। ଆର୍ଥିକ କାରବାର ସମ୍ପର୍କରେ ସତର୍କ ରହନ୍ତୁ। କୌଣସି ଅଜଣା ବ୍ୟକ୍ତିଙ୍କ ସହ ବ୍ୟାଙ୍କ ତଥ୍ୟ ଶେୟାର କରନ୍ତୁ ନାହିଁ। କାର୍ଡ, ଡେବିଟ କାର୍ଡ ହଜିଯାଇଥିଲେ, ତୁରନ୍ତ ବ୍ୟାଙ୍କକୁ ଜଣାଇବା ସହ କାର୍ଡକୁ ବ୍ଲକ କରନ୍ତୁ। ଅନଲାଇନ ଶପିଂ କରୁଥିଲେ ବିଶେଷ ସତର୍କତା ଅବଲମ୍ବନ କରନ୍ତୁ। ବ୍ୟାଙ୍କିଂ ବା ଶପିଂ କରୁଥିଲେ ସର୍ବସାଧାରଣ କମ୍ପ୍ୟୁଟର ବ୍ୟବହାର କରନ୍ତୁ ନାହିଁ। ଅଜଣା ଲିଙ୍କ୍‌ରେ କ୍ଲିକ କରନ୍ତୁ ନାହିଁ। ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡିକ କୌଣସି ଅଫର ବା ଉପହାର ଦିଅନ୍ତି ନାହିଁ। କେୱାଇସି ଅପଡେଟ ପାଇଁ କଲ୍ ବା ମେସେଜ ମାଧ୍ୟମରେ ବ୍ୟାଙ୍କ କହେ ନାହିଁ। ଏସ୍‌ଏମ୍‌ଏସ୍ ନମ୍ବରର ଉତ୍ତର ଦିଅନ୍ତୁ ନାହିଁ ଅଥବା ବ୍ଲକ କରିଦିଅନ୍ତୁ। ଏଥିସହ ନିଯୁକ୍ତି ଠକେଇ, ଲୋନ୍ ଆପ୍ ଠକେଇ, ମାଟ୍ରିମୋନିଆଲ ବା ଉପହାର ଠକେଇ, ଅଜଣା କଲ୍, ସିମ୍ ସ୍ୱାପ୍ ଠକେଇ, ଟାୱାର ବସେଇବା ନାମରେ ଠକେଇ, ଓଏଲକ୍ସ ଠକେଇ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, କିଶୋର ଚନ୍ଦ୍ର ମୁଣ୍ଡ, ଡିଏସ୍‌ପି ମିନାକ୍ଷୀ ଠାକୁର, ସଦର ଏସ୍‌ଡିପିଓ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ, ଯୁବକ ଗୁରୁତର

ବାଣପୁର (ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା, ୨।୧୦(ଦିଲ୍ଲୀପ ସ୍ୱାଇଁ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର କେତେଜଣ ଯୁବକ ସଂଘବଦ୍ଧ ଭାବେ ବାଣପୁର ଥାନା ଅଧୀନ ଆଙ୍ଗୁଲାପଦର ଛକ ନିକଟରେ ସାନହନ୍ତୁଆଡ଼ ଗ୍ରାମର ଶିବ ନାରାୟଣ ପାଇକରାୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସାନହନ୍ତୁଆଡ଼ ଗ୍ରାମର ଶିବ ମାଛ ଧରିବାକୁ ଯାଇଥିବାବେଳେ କେତେଜଣ ଯୁବକ ହଠାତ୍ ତାଙ୍କୁ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସୁଥିବା ଦେଖି ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ଗ୍ରାମବାସୀ ଶିବଙ୍କୁ ଉଦ୍ଧାର କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଶିବଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୫୭/୨୩) ରୁଜୁ କରି ତଦନ୍ତ ଚଳାଇଛି।



ଜଟଣୀ: ସ୍ୱଚ୍ଛତା ପକ୍ଷ ଉଦ୍‌ଯାପନ ଦିବସରେ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ସମ୍ମୁଖରେ ରେଳ ପ୍ରବନ୍ଧକ ଏଚ୍.ଏସ୍.ବାଜୱା, ଅଧିକାରୀ ଏବଂ ଅନ୍ୟମାନେ।

## 'ଅବହେଳିତଙ୍କ ନିକଟରେ ପହଞ୍ଚିବା ମୂଳମନ୍ତ୍ର ହେଉ'

ଜଟଣୀ,୨।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଜଟଣୀ ୟୁଥ୍ ଫେଡେରେଶନ'ର ୧୦ମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଶାନ୍ତ ପାଇକରାୟଙ୍କ ସଭାପତିତ୍ୱରେ ଏକ ସଭା ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସମ୍ପାଦକ ଅନନ୍ତ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍ଗଠନକୁ ସୁଦୃଢ଼ କରିବା ସହିତ ସମାଜର ଅବହେଳିତ, ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ଆବଶ୍ୟକ ସହଯୋଗ ପ୍ରଦାନ କରିବା ମୂଳମନ୍ତ୍ର ହେବା ଦରକାର ବୋଲି ଶତପଥୀ କହିଥିଲେ। କୋଷାଧ୍ୟକ୍ଷ ଶିବପ୍ରସାଦ ମହାପାତ୍ର ଆୟବ୍ୟୟର ହିସାବ ରଖିଥିଲେ। ସ୍ଥାନୀୟ ରାମଚନ୍ଦ୍ରପୁର ବଜାର ଥାନା ଛକସ୍ଥିତ ସଙ୍ଗଠନ କାର୍ଯ୍ୟାଳୟ ପରିସରରୁ ଏକ ପଦଯାତ୍ରା ବାହାରି ନଗର ପରିକ୍ରମା କରି ସ୍ଥାନୀୟ ଗାନ୍ଧୀପାର୍କରେ ପହଞ୍ଚିଥିଲା। ଗାନ୍ଧୀ ଉଦ୍ୟାନରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ପଦଯାତ୍ରାରେ ପ୍ରୟାସ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହିତ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ନାଥ ମହାକୁଡ଼, ଆଇନ ପରାମର୍ଶଦାତା ଅଧିବକ୍ତା ଦୀପକ କୁମାର ମହାକୁଡ଼, ଅଧିବକ୍ତା ପ୍ରକାଶ ପାଟଶାଣୀ, ମନମୋହନ ରାଉତରାୟ, ଦିନେଶ ମଙ୍ଗରାଜ, ସର୍ଜନ ସାହାଣୀ, ବିକ୍ରମ ମହାପାତ୍ର, ରାମଚନ୍ଦ୍ର ମହାରଣା, ରାମ ମାର୍ଥା, ସୁନାକର ପାଇକରାୟ, ସୁଦଂଶୁ ଶେଖର ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଆଗାମୀ ଦିନରେ ସମାଜର ହିତ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ।

## 'ଘରେ ଦୈନିକ ଭାଗବତ ପାଠ କର'

ଖୋର୍ଦ୍ଧା,୨।୧୦ (ପ୍ରଭାତ ପାଣିଗ୍ରାହୀ)

ଶ୍ରୀରାଧାବଲ୍ଲଭ ଦେବ ମନ୍ଦିର ପ୍ରାଙ୍ଗଣରେ ସପ୍ତାହେ ବ୍ୟାପୀ ଚାଲିଥିବା ୩୮ତମ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରବଚକ ଭାବେ ଭକ୍ତିବେଦାନ୍ତ ବୋଧାୟନ ମହାରାଜ ଯୋଗଦେଇ ଭକ୍ତି ଓ ଆଧ୍ୟାତ୍ମିକତାର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ଈଶ୍ୱର ପ୍ରାପ୍ତିର ଭକ୍ତି ଏକମାତ୍ର ମାର୍ଗ ବୋଲି କହିଥିଲେ। ପ୍ରତ୍ୟେକ ଦିନ ଘରେ ଭାଗବତ ପାଠ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ପରିବାରରେ ସୁଖଶାନ୍ତି ସମୃଦ୍ଧି ବଜାୟ ରହିବ ବୋଲି ସେ ପ୍ରକାଶ କରିଥିଲେ। ସଭାପତି ଅମୂଲ୍ୟକୃଷ୍ଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପସଭାପତି ରବିନାରାୟଣ ମହାପାତ୍ର ଏବଂ ଅଧ୍ୟାପକ ସୁଶାନ୍ତ ମିଶ୍ର ପରିଚାଳନା କରିଥିଲେ। ଗୌରଚରଣ ପ୍ରଧାନ, କେ. ସୂର୍ଯ୍ୟ ନାରାୟଣ ପାତ୍ର, ଲାଲା କାଶୀନାଥ ରାୟ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ଦୁଇଜଣ ଦିବଂଗତ ସଭ୍ୟ ରାଧାଗୋବିନ୍ଦ ଦାସ ଓ ବିଷ୍ଣୁପ୍ରିୟା ପଟ୍ଟନାୟକଙ୍କ ପରିବାରର ପ୍ରାଧ୍ୟାପକ ଗୋପାଳ ଦାସ ଓ ନରସିଂହ ପ୍ରସାଦ ପଟ୍ଟନାୟକଙ୍କ ସମେତ ବିନୋଦିନୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଜେଡିର ସାଙ୍ଗଠନିକ ବୈଠକ

ବେଗୁନିଆ,୨।୧୦(ହର ପ୍ରସନ୍ନ ପଣ୍ଡା)

ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ସୋମବାର ବେଗୁନିଆ ବିଜେଡି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୨୧ଟି ପଞ୍ଚାୟତର ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପ୍ରଥମେ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା ପାଇଁ ସର୍ବସମ୍ମତିକ୍ରମେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସେହିପରି ଆସନ୍ତା ୫, ୯ ଓ ୧୧ ତାରିଖରେ ପର୍ଯ୍ୟାୟକ୍ରମେ ୩ଟି ଜିଲା ପରିଷଦ ଜୋନ ପାଇଁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ବୁଥରେ ପଦଯାତ୍ରା ପହଞ୍ଚି ବିଜେଡି ଦଳର କର୍ମୀଙ୍କୁ ଭେଟିବା ସହିତ ସରକାରଙ୍କ ବିଭିନ୍ନ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଯିବ ବୋଲି ବିଧାୟକ ସାହୁ କହିଥିଲେ। ଭଗବାନ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୪୫ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ,୨।୧୦(ରଘୁନାଥ ସାହୁ)

ଗାନ୍ଧୀ ଜୟନ୍ତୀ ଅବସରରେ ସୋମବାର ଝାରପଡ଼ା ଗ୍ରାମରେ ୪୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ପ୍ରଧାନ ଓ ତାଙ୍କର ସହଧର୍ମିଣୀ କନକଲତା ଛୁଆଳ ସିଂଙ୍କ ଉଦ୍ୟମରେ ଗ୍ରାମର ୮୦ବର୍ଷ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଂଯୋଜକ ବିଜୟ ରାଉତ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ ପାତ୍ର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଗୁଣି ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନେ ପରିବାରଠାରୁ ଆରମ୍ଭ କରି ସରକାରୀ ସ୍ତର ପର୍ଯ୍ୟନ୍ତ ଅବହେଳିତ ହେଉଛନ୍ତି। ସେମାନଙ୍କର ସମସ୍ୟାକୁ ଅନୁଧ୍ୟାନ କରି କିଛି ଯୋଜନା କରାଯିବା ପାଇଁ ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଅତିଥିମାନେ ଆୟୋଜକ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁରେନ୍ଦ୍ର ପରିଡ଼ା, ଧରିତ୍ରୀ ପରିଡ଼ା ଓ ତୃପ୍ତି ପ୍ରିୟଦର୍ଶିନୀ ପରିଡ଼ା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ କାଶୀନାଥ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ସାଥୁଆ ଶ୍ଳୋକ ଉଚ୍ଚାରଣ କରିଥିଲେ। ମାଧବ ରାଉତ ଧନ୍ୟବାଦ ଦେଇଥିଲେ।

## ଘରେ ଘରେ ପହଞ୍ଚିବ ବିକାଶର ବାର୍ତ୍ତା

ଖୋର୍ଦ୍ଧା/ ଗମ୍ଭାରୀମୁଣ୍ଡା,୨।୧୦ (ପ୍ରଭାତ ପାଣିଗ୍ରାହୀ/ଦିଲ୍ଲୀପ ସ୍ୱାଇଁ)

ଗାନ୍ଧୀ ଜୟନ୍ତୀ ଅବସରରେ ସୋମବାର ବିଜେଡିର ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରା ଡାକ ବଙ୍ଗଳାଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଡାକବଙ୍ଗଳାସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ବିଜୁ ପଟ୍ଟନାୟକ ପାର୍କସ୍ଥିତ ବିଜୁ ବାବୁ ଏବଂ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହି ପଦଯାତ୍ରାରେ ରାଜ୍ୟ ମହିଳା ବରିଷ୍ଠ ଉପସଭାନେତ୍ରୀ ବାସନ୍ତି ମହାପାତ୍ର, ପୌରାଧ୍ୟକ୍ଷ କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଦିଲୀପ ହୋତା, ଛାତ୍ରନେତା ବିଶ୍ୱରୂପ ପ୍ରଧାନଙ୍କ ସମେତ ବିଜେଡି କାଉନସିଲର ଓ ଏକାଧିକ କର୍ମୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନର ବାର୍ତ୍ତା ଦେଇଥିଲେ। ବିକାଶ କାର୍ଯ୍ୟକୁ ଆଗକୁ ବଢ଼ାଇବାରେ ଲୋକଙ୍କ ସହଯୋଗ କାମନା କରିଥିଲେ।

ସେହିପରି ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁରସ୍ଥିତ ମା'ଭଗବତୀ ମନ୍ଦିର ନିକଟରୁ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ବାହାରି ପଲଟଣଠାରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ରାଜ୍ୟ ସଭା ସଦସ୍ୟ ମାନସ କୁମାର ମଙ୍ଗରାଜ, ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ମାନସିଂହ, ବାଣପୁର ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ମିଟୁ ନାୟକ, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜଗତ ବଲ୍ଲଭ ମହାରଥା, ମନୋଜ ପ୍ରଧାନ, ମାନସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଭା ସଦସ୍ୟ ମଙ୍ଗରାଜ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସହ ଆସି ମେଡିକାଲ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


ଖୋର୍ଦ୍ଧା: ବିଜେଡି ପକ୍ଷରୁ ସୋମବାର ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।


ଗମ୍ଭାରୀମୁଣ୍ଡା: ବାଣପୁରରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଜେଡି ନେତା ଓ କର୍ମୀମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୦।୨୦୨୩

| | |
|---|---|
| ୬,୫୮,୧୧୯ ଟଙ୍କା | |
| ସୁନା | ୫.୨୮୦ ଗ୍ରାମ୍ |
| ରୁପା | ୬୯.୧୦୦ ଗ୍ରାମ୍ |

# ପୁରୀକୁ ସମ୍ପୂର୍ଣ୍ଣ ନିଶା, ମଦମୁକ୍ତ କରାଯାଉ

**ପୁରୀ, ୨।୧୦(ଅଜିତ ମହାନ୍ତି):**

### ୨ ସଙ୍ଗଠନ ପକ୍ଷରୁ ଦାବି ନେଇ ଗାନ୍ଧୀ ସ୍ମୃତିପୀଠରେ ସତ୍ୟାଗ୍ରହ

ମଦମୁକ୍ତ ଏବଂ ନିଶାମୁକ୍ତ ଓଡ଼ିଶା ପାଇଁ ସୋମବାର ଗାନ୍ଧୀ ଜୟନ୍ତୀ ଅବସରରେ ପୁରୀ ଗାନ୍ଧୀ ସ୍ମୃତିପୀଠରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ସ୍ମୃତିପୀଠରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଆହ୍ୱାନରେ ପୁରୀ ଜିଲା ଶାଖା ତରଫରୁ ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉମାବଲ୍ଲଭ ମହାପାତ୍ର, ସର୍ବୋଦୟ ମେଳାର ଶିବ ପ୍ରସାଦ ମିଶ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ମଧୁସୂଦନ ମିଶ୍ର, ଶଚ୍ଚିନନ୍ଦନ ଦାଶ, ମନୋଜ ରଥ, ପବିତ୍ର ଦଳାଇ, ବିଦ୍ୟୁଲତା ଆଚାର୍ଯ୍ୟ, ଛାୟାକାନ୍ତ ନାୟକ, କାହ୍ନୁଚରଣ ବେହେରା, ରାଧେଶ୍ୟାମ ରଥ, ଜଗନ୍ନାଥ ଷଡଙ୍ଗୀ, ଭାସ୍କର ପୂଜାରୀ, ସୁକାନ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଗାଁ ଗାଁରେ ମଦର ଆସର ଜମୁଛି। ପ୍ରତିଦିନ ମଦ ଯୋଗୁ ମହିଳାଙ୍କ ସିନ୍ଦୁର ଉଜୁଡିଯିବା ସହ ଗାଁଠୁ ସହର ସବୁଠି ଗଣ୍ଡଗୋଳ, ମାର୍‌ପିଟ୍, ହତ୍ୟା ଏବଂ ସଡ଼କ ଦୁର୍ଘଟଣା ଘଟୁଛି। ତେଣୁ ମଦମୁକ୍ତ ସମାଜ ଗଠନ ପାଇଁ ସରକାର ଆଗେଇ ଆସିବା ଆବଶ୍ୟକ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ମିଳିତ ଓଡିଶା ନିଶା ନିବାରଣ ଗାଁ ଓ ବ୍ଲକରେ ସପ୍ତାହେ ବ୍ୟାପି ସତ୍ୟାଗ୍ରହ କରି ମଦମକ୍ତ ଓଡ଼ିଶାର ବାର୍ତ୍ତା ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚାଇବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା କହିଥିଲେ।



ଗାନ୍ଧୀ ସ୍ମୃତି ପୀଠରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସତ୍ୟାଗ୍ରହ କରାଯାଇଛି ।




ପୁରୀ ବିକାଶ ପରିଷଦ ପକ୍ଷରୁ ସତ୍ୟାଗ୍ରହ କରାଯାଉଛି ।

ସେହିପରି ଶ୍ରୀଜଗନ୍ନାଥ ଧାମ ପୁରୀରେ ଅବାଧ ମଦ ବିକ୍ରି ଏହାର ପବିତ୍ରତା ଓ ଆଧ୍ୟାତ୍ମିକ ପରିବେଶକୁ ନଷ୍ଟ କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଏଠାରୁ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ତେଣୁ ପୁରୀ ସହରକୁ ସଂପୂର୍ଣ୍ଣ ମଦମୁକ୍ତ କରିବାକୁ ପୁରୀ ବିକାଶ ପରିଷଦ ଦାବି କରିଛି। ଏ ନେଇ ସୋମବାର ଗାନ୍ଧୀ ଜୟନ୍ତୀରେ ପୁରୀ ଗାନ୍ଧୀ ସ୍ମୃତି ପୀଠରେ ବିକାଶ ପରିଷଦ ପକ୍ଷରୁ ସତ୍ୟାଗ୍ରହ କରାଯାଇଛି। ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଉପଜିଲାପାଳ ଭବତାରଣ ସାହୁ ଘଟଣାସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ।

ପରିଷଦ ଅଭିଯୋଗ କରିଛି ଯେ, ପୁରୀରେ ପ୍ରତିବର୍ଷ ଦେଶୀ ଓ ବିଦେଶୀ ମଦ ଦୋକାନ ସଂଖ୍ୟା ବୃଦ୍ଧି ପାଉଛି। ପୁରୀ ସହରର ପ୍ରବେଶ ପଥ ଅଠରନଳା ଠାରୁ ଆରମ୍ଭ କରି ଜେଲ୍‌ରୋଡ, ଭିଆଇପି ରୋଡ, ସ୍ୱର୍ଗଦ୍ୱାର ନିକଟ ଚୈତନ୍ୟ ଛକ, ମୋଚିସାହି ଛକ, ବଳିଆପଣ୍ଡା, ନୋଳିଆ ସାହି, ଚକ୍ରତୀର୍ଥ ରୋଡ, ପେଣ୍ଠକଟା, ବାଲିଘାଟ, ଗୌଡ଼ବାଡ଼ ସାହି, ଷ୍ଟେଶନ ବଜାର ଆଦି ପ୍ରମୁଖ ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲାଯାଉଛି। ଏଥିଯୋଗୁ ପୁରୀ ସହରରେ ମଦ୍ୟପଙ୍କ ଦୌରାତ୍ମ୍ୟ ସମେତ ଅପରାଧ ବୃଦ୍ଧି ପାଉଛି। ଦେଶର ଅନ୍ୟ ପ୍ରମୁଖ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନ ସହର ତଥା ହରିଦ୍ୱାର, ହୃଷିକେଶ, ମଥୁରା, ବୃନ୍ଦାବନ, ଅଯୋଧ୍ୟାରେ ମଦ ବିକ୍ରି ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ତେଣୁ ଐତିହ୍ୟ ସହର ପୁରୀରେ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ପରିଷଦ ଦାବି କରିଛି।

ଉପଦେଷ୍ଟା ଚକ୍ରଧର ମହାପାତ୍ର, ଉପସଭାପତି ସୁକାନ୍ତ ପଣ୍ଡା, ରାଧାଶ୍ୟାମ ରଥ, ସଙ୍ଗଠନ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରାନ୍ତସିନି ଜେନା, ଗୋବିନ୍ଦ ଦାସ ଘୋଷ, ସୁଜିତ୍ ମହାପାତ୍ର, ବାପିନା ସାମନ୍ତରାୟ, ଉତ୍କଳ ବିଦ୍ୱତ୍ ପରିଷଦ ଅଧ୍ୟକ୍ଷ ମନୋଜ କୁମାର ରଥ, ସର୍ବୋଦୟ କମିଟି ସଭାପତି ଉମା ବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ସଭାପତି ଦେବଦତ୍ତ ଷଡ଼ଙ୍ଗୀ, ଅଧ୍ୟାପକ ସୁକାନ୍ତ ମହାନ୍ତି, ପ୍ରାକ୍ତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାୟାଧର ମହାରଣା, ଶିକ୍ଷାବିତ୍ ସୁଧାକର ମହାପାତ୍ର, ନେହେରୁ ଯୁବକେନ୍ଦ୍ରର କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. କାର୍ତ୍ତିକ କୁମାର ଦାସ, ଚନ୍ଦ୍ରଶେଖର ମହାରଣା, ବିପିନ ବିହାରୀ ଦଳେଇ, ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ସମ୍ପାଦକ ଅନାମ ସାହୁ, ବୋଧିଚକ୍ର ସଭାପତି ଗିରିଜା ଶଙ୍କର ପାଢ଼ୀ, ଦେବରାଜ ପ୍ରଧାନ ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇଥିଲେ।

## ବଜ୍ରି ଜଗବନ୍ଧୁ ଶୌର୍ଯ୍ୟ ଜାଗରଣ ରଥକୁ ସମ୍ବର୍ଦ୍ଧନା

**ପିପିଲି, ୨।୧୦(ପ୍ରଭାତ ମହାପାତ୍ର):**

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଓଡ଼ିଶା ଆନୁକୂଲ୍ୟରେ ସନାତନ ହିନ୍ଦୁ ଧର୍ମର ଜାଗରଣ ତଥା ରାଷ୍ଟ୍ରୀୟ ଅସ୍ମିତା ପୁନଃ ସ୍ମରଣ ନିମନ୍ତେ ପୁରୀ ଶ୍ରୀକ୍ଷେତ୍ର ଧାମଠାରୁ ବକ୍ସି ଜଗବନ୍ଧୁ ଶୌର୍ଯ୍ୟ ଜାଗରଣ ରଥ ପରିକ୍ରମା କରୁଛି । ଏହି ଶୌର୍ଯ୍ୟ ରଥଟି ଅସ୍ତରଙ୍ଗ, କାକଟପୁର, ଗୋପ, ନିମାପଡା ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା ପରେ ପିପିଲି ଜଗନ୍ନାଥପୁରଠାରେ ପହଞ୍ଚିଥିଲା। ପୁରୀ ଜିଲା ଓ ପିପିଲିର ବହୁ ସନାତନ ପ୍ରେମୀ ଏହି ବକ୍ସି ଜଗବନ୍ଧୁ ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ କରି ସଙ୍କୀର୍ତ୍ତନ ଘଣ୍ଟ ମାଦଳ ସହିତ ପିପିଲି ବଜାର ପରିକ୍ରମା କରାଇଥିଲେ । ଏହି ପରିକ୍ରମାରେ ପ୍ରାନ୍ତଧର୍ମ ସମନ୍ୱୟ ସାଧୁସନ୍ଥ ସମ୍ପର୍କ ପ୍ରମୁଖ ଅଜୟ ଦାସ, ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ସହ ସଂପାଦକ ଉମାକାନ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହେଉଥିବା ବେଳେ ପିପିଲି ପ୍ରଖଣ୍ଡ ସଭାପତି ପ୍ରଭାକର ପଣ୍ଡା, ସଂପାଦକ ମନୋଜ ପ୍ରଧାନ, ଉପସଭାପତି ବିଭୁନି ସାମନ୍ତରାୟ, ସହ ସଂପାଦକ ମୁନୁ ଅଗ୍ରୱାଲ, ବଜରଙ୍ଗ ଦଳ ସଂଯୋଜକ ଅଭିଷେକ ମେକାପ, ପ୍ରକାଶ ପ୍ରଧାନ, ଅଭିଜିତ ବେହେରା, ପ୍ରଦୀପ କୁମାର ବେହେରା, ସୁଜିତ ବାରିକ ଓ ରାଜେଶ ଅଗ୍ରୱାଲ ଓ ଭାଜପା ନେତା ସରୋଜ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଏଥିରେ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମା 'ଙ୍କ ମୃଣ୍ମୟୀ ପ୍ରତିମା ଲାଗି ମାଟି ଅନୁକୂଳ

**ଅସ୍ତରଙ୍ଗ, ୨।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତୀ):**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଦୁର୍ଗାପୂଜା କମିଟିର ଏକାଦଶ ବାର୍ଷିକ ଦୁର୍ଗାପୂଜା ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା'ଙ୍କ ପ୍ରତିମା ନିର୍ମାଣ ଲାଗି ମାଟି ପୂଜନ କରାଯାଇଛି। ବିଧି ଅନୁଯାୟୀ ମାଟି ଅନୁକୂଳ ହୋଇଥିଲା। ପୂଜା ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ ସହ ରାବଣପୋଡି, ଭଜନ ସମାରୋହ, ଚକ୍ରାଳତୀ, ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଶାନ୍ତିର ସହ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ କର୍ତ୍ତା ଦିନେଶ ପ୍ରଧାନ, ସଭାପତି ରତିରଞ୍ଜନ ବିଶ୍ୱାଳ, ସମ୍ପାଦକ ବିକାଶ ରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତିରେ ପୂଜା ଶାନ୍ତି ଶୃଙ୍ଖଳାରେ ହେବ ବୋଲି ବୈଠକରେ ଆଲୋଚନା କରାଯାଇଛି।

### ନିରାଶ୍ରୟ ସେବାଶ୍ରମ ପକ୍ଷରୁ ସଫେଇ, ଚାରାରୋପଣ

**ଚାରିଛକ,୨।୧୦(ଶିଶିର ସ୍ୱାଇଁ)**

ଚାରିଛକ ନିକଟସ୍ଥ ଅମରେଶ୍ୱର ମହାଦେବ ମନ୍ଦିର ପରିସରରେ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଅଗ୍ରଣୀ 'ନିରାଶ୍ରୟ ସେବାଶ୍ରମ' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ମନ୍ଦିରର ବେଢା ପରିସର ସଫେଇ କରାଯିବା ସହିତ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଫଳଗଛ ଯଥା ଅଁଳା, ବାହାଡା, ଓଉ, କଇଁଥ, ପେସ୍ତାବାଦାମ, ମହୁଲ ଆଦି ବୃକ୍ଷର ଚାରାରୋପଣ କରାଯାଇଛି। ଏଥିରେ ଅରକ୍ଷିତ ଭୋଇ, ମନୋରଞ୍ଜନ ପାଣି, ଚକ୍ରଧର ପାଣି ଯୋଗଦେବା ସହିତ ସେବାଶ୍ରମର ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ସତ୍ୟଭୂଷଣ ନାୟକ, କବିନ୍ଦ୍ର ନାୟକ, ବୈରାଗୀ ସାହୁ, ପ୍ରମୋଦ ସାହୁ, ଲକ୍ଷ୍ମୀଧର ବେହେରା, ଜୟକୃଷ୍ଣ ସାହୁ, ଶ୍ରୀଧର ମିଶ୍ର ଏବଂ ମନ୍ଦିରର ପରିଚାଳନା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନର 'ମିଶନ ଗ୍ରୀନ ୧୦୦୦' କାର୍ଯ୍ୟକ୍ରମ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଦିନ ଆରମ୍ଭ ହୋଇ ଗାନ୍ଧୀ ଜୟନ୍ତୀ ଦିବସରେ ଶେଷ ହୋଇଛି। ଏଭଳି ମହତ୍ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ନିରାଶ୍ରୟକୁ ପ୍ରଶଂସା କରାଯାଇଛି।

### ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ଅସ୍ତରଙ୍ଗ, ୨।୧୦ (ମମତା ଜେନା):**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ନିକଟସ୍ଥ ପରିଡା କଲ୍ୟାଣୀ ମଣ୍ଡପଠାରେ ଜାତିର ପିତା ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହିତ କାକଟପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ସୋମବାର ପରିଡା କଲ୍ୟାଣୀ ମଣ୍ଡପଠାରେ ପାଳନ କରାଯାଇଛି। ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ବିଶ୍ୱଭୂଷଣ ଦାସ, ସର୍ବଭାରତୀୟ ମହିଳା କଂଗ୍ରେସ ସଦସ୍ୟା ସସ୍ମିତା ବେହେରା, ରାଜ୍ୟ କୃଷକ ସେଲ୍‌ର ସଭାପତି ଅମୀୟ ପଟ୍ଟନାୟକ, ପୁରୀ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର ପ୍ରମୁଖ ଯୋଗଦେଇ ଉଭୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଅସ୍ତରଙ୍ଗ ମଣ୍ଡଳ ସଭାପତି ପ୍ରଶାନ୍ତ ଭୋଳ, ବିକାଶ ବାରିକ, ଯୁବନେତା ଜିତେନ୍ଦ୍ର ନାୟକ, ପ୍ରତାପ ଖୁଣ୍ଟିଆ, ଲିଟୁ ବିଶ୍ୱାଳ, ସୁଦାମ ପ୍ରଧାନଙ୍କ ସହ ଶତାଧିକ ଲୋକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ଜନସମ୍ପର୍କ ପଦଯାତ୍ରାରେ ଶହଶହ କର୍ମୀଙ୍କ ଗହଣରେ ବିଧାୟକ ସମୀର ରଞ୍ଜନ ଦାଶ ।

## ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ନିମାପଡ଼ା,୨।୧୦(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ାର ପ୍ରବେଶ ପଥ ନିମାପଡ଼ା ବ୍ଲକ ଅଧୀନ ହରପୁରଠାରେ ସୋମବାର ନିମାପଡ଼ା ନିର୍ବାଚନମଣ୍ଡଳୀର ଜନସମ୍ପର୍କ ପଦଯାତ୍ରାକୁ ବିଧାୟକ ସମୀର ରଞ୍ଜନ ଦାଶ ଶୁଭାରମ୍ଭ କରିଛନ୍ତି। ୫ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କ ଗହଣରେ ବିଧାୟକ ଦାଶ, ସ୍ଥାନୀୟ ବ୍ଲକର ହରିପୁର, ଗଡ଼ପଦନପୁର, ସାଇଁସଶାସନ ଆଦି ୩ ପଞ୍ଚାୟତର ୨୫ଟି ଗ୍ରାମରେ ପଦଯାତ୍ରା କରିଛନ୍ତି। ଏହି ଅବସରରେ ବିଜେଡି ପକ୍ଷରୁ ନିମାପଡ଼ା ବ୍ଲକ ଅଧୀନ ସାଇଁସଶାସନ ପଞ୍ଚାୟତର ଭଗବତୀପୁର ଛକଠାରେ ଏକ ସାଧାରଣ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପଞ୍ଚାୟତର ଗ୍ରାମ ଛକଠାରେ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଧାୟକ ସମୀର ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସସ୍ମିତା ନାୟକ, ରବୀନ୍ଦ୍ର ମଲ୍ଲିକ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ସଭାପତି ଅଶୋକ ସାହୁଙ୍କ ସମେତ ନିର୍ବାଚନମଣ୍ଡଳୀର ବହୁ ବରିଷ୍ଠ ନେତା, ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ। ନିମାପଡ଼ାରେ ବିପୁଳ ଭୋଟରେ ବିଜେଡି ଲଗାତର ଭାବେ ୪ର୍ଥ ଥର ବିଜୟୀ ହେବ ବୋଲି ବିଧାୟକ ଦାଶ କହିଥିଲେ। ମିଶ୍ରଣ ପର୍ବରେ ହରିପୁର, ଗଡ଼ପଦନପୁର, ସାଇଁସଶାସନ ଆଦି ୩ ପଞ୍ଚାୟତର ଶହେରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ବିଧାୟକ ଦଳୀୟ ପତାକା, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ସମଗ୍ର ନିର୍ବାଚନମଣ୍ଡଳୀର ୪୬ଟି ପଞ୍ଚାୟତରେ ଏହି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

### ଗାନ୍ଧୀ ଜୟନ୍ତୀ ଓ ସେମିନାର କାର୍ଯ୍ୟକ୍ରମ

**କଣାସ, ୨।୧୦(ବିଭୂତି ଭୂଷଣ ତ୍ରିପାଠୀ):**

ଦୟାବିହାର ସ୍ନାତକ ମହାବିଦ୍ୟାଳୟ ଇତିହାସ ସମ୍ମାନ ବିଭାଗ ତରଫରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ଛାତ୍ରୀଛାତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ମହାବିଦ୍ୟାଳୟ ପରିସର ପରିଷ୍କାର ପରିଚ୍ଛନ୍ନ କରିବା ସହିତ ମୁଖ୍ୟ ଗେଟ୍ ସମ୍ମୁଖ ରାସ୍ତାକୁ ମଧ୍ୟ ପରିଷ୍କାର କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ମାନସ ରଞ୍ଜନ ବାରିକ, ଅଧ୍ୟାପିକା ସ୍ମୃତିରେଖା ପାଣିଗ୍ରାହୀ, ରାଜନୀତି ବିଜ୍ଞାନର ଅଧ୍ୟାପିକା ଦେବସ୍ମିତା ମଲ୍ଲିକ, ପ୍ରାଣୀବିଜ୍ଞାନ ଅଧ୍ୟାପିକା ମୋନାଲିସା ବାରିକ ଏବଂ ୪୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସେମିନାର ସେକ୍ରେଟାରୀ ଲକ୍ଷ୍ମୀପ୍ରିୟା କୋଦମା ସିଂହ ପ୍ରାରମ୍ଭିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଜୟଲକ୍ଷ୍ମୀ ବଳିୟାରସିଂହ, ଦୃତା ବେହେରା, ଲଲାଟ ବେହେରା, ଅରବିନ୍ଦ ବେହେରା, ସପ୍ତରୂପା ବଳିୟାରସିଂହ, ଶୁଭଲକ୍ଷ୍ମୀ ରାଉତରାୟ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଧ୍ୟାପକ ମାନସ ରଂଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଜପା, ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ସ୍ୱଚ୍ଛତା ବାର୍ତ୍ତା



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଦସ୍ୟମାନେ ।

**ନିମାପଡ଼ା,୨।୧୦(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଭାଜପା ଏବଂ ନିମାପଡ଼ାର ସ୍ୱେଚ୍ଛାସେବୀ ସଂସ୍ଥା ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଭାଜପା ନେତୃବୃନ୍ଦମାନେ ପୁଷ୍ପମାଲ୍ୟ, ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅତିଥି ଭାବେ ବରିଷ୍ଠ ଭାଜପା ନେତା ଶ୍ୟାମସୁନ୍ଦର ନାୟକ, ନଗରମଣ୍ଡଳ ସଭାପତି ନିରଞ୍ଜନ ନାୟକ, ସନ୍ତୋଷ ପରିଡ଼ା, ଜତିନ୍ଦ୍ର ସ୍ୱାଇଁ, ଦିଲୀପ ପରିଡ଼ା, ଜାନକୀନାଥ ଜେନା ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଦେଶପ୍ରେମ ପାଇଁ ବଳିଦାନ, ଅହିଂସା ନୀତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାଜପାର ବହୁ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଯୋଗଦେଇ ଗାନ୍ଧୀ ଜୟନ୍ତୀର ତାତ୍ପର୍ଯ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଟ୍ରଷ୍ଟର କର୍ମକର୍ତ୍ତାମାନେ 'ମଦମୁକ୍ତ ଓଡ଼ିଶା' ଗଠନ ପାଇଁ ଆହ୍ୱାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ଟ୍ରଷ୍ଟ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱଚ୍ଛତା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଟ୍ରଷ୍ଟର କର୍ମକର୍ତ୍ତା ନିମାପଡ଼ ଜେଲ ଓ ମେଡିକାଲ ପରିସର ସଫେଇ କରିଥିଲେ। ଟ୍ରଷ୍ଟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ସାବୁତ୍, ସମ୍ପାଦକ ନିର୍ମଳ ପରିଜା, ସୁଲଗ୍ନା ସାହୁ, ଶ୍ରଦ୍ଧାଞ୍ଜଳି ଓଝା, ନାଭ୍ୟାଙ୍କିତା ପରିଜା ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ। ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଘନିପୁରକୁ ପକ୍କାରାସ୍ତା ନିର୍ମାଣ ଦାବି

**ଡେଲାଙ୍ଗ,୨।୧୦(ରଶ୍ମିରଞ୍ଜନ ପ୍ରଧାନ) :**

ଗମନାଗମନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଡେଲାଙ୍ଗ ବ୍ଲକର ଗୁଆଳିପଡା ପଞ୍ଚାୟତର ଘନିପୁର ଗ୍ରାମରେ ଏହାର ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଡେଲାଙ୍ଗ ଷ୍ଟେଶନ ସନ୍ନିକଟ ଘନିପୁର ଗ୍ରାମକୁ ପକ୍କା ରାସ୍ତାଟିଏ ନାହିଁ। ଏହି ଗାଁକୁ ପକ୍କା ରାସ୍ତା କେବେ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପକ୍କା ରାସ୍ତାଟିଏ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହି ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବେଳେ ବଜାରଘାଟ, ଡାକ୍ତରଖାନା ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପଢିବାକୁ ଯିବାଆସିବାରେ ହନ୍ତସନ୍ତ ଭୋଗୁଛନ୍ତି । ଗ୍ରାମ୍ୟ ରାସ୍ତାର ଆରମ୍ଭ ଓ ଶେଷ ମୁଣ୍ଡରୁ ମାତ୍ର ୨ଶହ ମିଟର ଢଳେଇ ହୋଇଥିବା ବେଳେ ପାଖାପାଖି ୩ଶହ ମିଟର ରାସ୍ତା ପଙ୍କ କାଦୁଅରେ ଭର୍ତ୍ତି ହୋଇରହିଛି। ଅସଂପୂର୍ଣ୍ଣ ରାସ୍ତା ଯୋଗୁ ଜରୁରିକାଳୀନ ପରିସ୍ଥିତି ସେବାରୁ ଗ୍ରାମବାସୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଯଥାଶୀଘ୍ର ଏହି ରାସ୍ତା ନିର୍ମାଣ କରିବାକୁ ଗ୍ରାମର ରମେଶ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ପ୍ରଧାନ, ସୁଶାନ୍ତ ବେହେରା, ମନୋଜ କୁମାର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ଶତାଧିକ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଶ୍ରମଦାନ

**ନିମାପଡ଼ା,୨।୧୦(ବିଚିତ୍ରାନନ୍ଦ ସାହୁ)**

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ନିମାପଡ଼ା ବ୍ଲକ ଚଅଁରପଦାଠାରେ ଥିବା ଭିନ୍ନକ୍ଷମ ଅନୁଷ୍ଠାନ ପତିତପାବନ ସେବାସଂଘ ପକ୍ଷରୁ ନିଆରା ଢଙ୍ଗରେ ଏହି ଦିବସ ପାଳିତ ହୋଇଯାଇଛି। ସଂଘର ଦୃଷ୍ଟିବାଧିତ, ଶ୍ରବଣବାଧିତ, ମାନସିକ ନ୍ୟୂନ ଅନୁଷ୍ଠାନର ଶତାଧିକ ଭିନ୍ନକ୍ଷମ ଛାତ୍ରୀଛାତ୍ର, କର୍ମଚାରୀ ଶ୍ରମଦାନ କରି ଅନୁଷ୍ଠାନ ପରିସରରେ ସଫେଇ କାର୍ଯ୍ୟ କରି 'ସ୍ୱଚ୍ଛତା ହିଁ ସେବା' ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ଅନୁଷ୍ଠାନଠାରେ ଏକ ସ୍ୱାସ୍ଥ୍ୟ ଶିବିର, ଆଲୋଚନା ଚକ୍ର, ପୁରସ୍କାର ବିତରଣ ସମାରୋହ, ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମାରୋହରେ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଶିଷ୍ଟ ଶିକ୍ଷାବିତ୍ ଯୋଗେନ୍ଦ୍ରଚନ୍ଦ୍ର ମିଶ୍ର, ଗଙ୍ଗାଧର ପରିଡ଼ା, କାଳନ୍ଦୀ ନାୟକ, ଡ. ସୁଧାଂଶୁବାଳା ସାମନ୍ତରାୟ, ସେବାସଂଘ ସମ୍ପାଦକ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଅଧିକାର, ମହତ୍ତ୍ୱ, ସମାଜରେ ସେମାନଙ୍କ ପ୍ରତି କର୍ତ୍ତବ୍ୟବୋଧ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା କୃତୀ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ବରିଷ୍ଠ ନାଗରିକ, ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବରିଷ୍ଠ ନାଗରିକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନସୂୟା ମହାପାତ୍ର, ପଦ୍ମଜା ନନ୍ଦ, ସରିତା ଦାସ, ଶ୍ରୀନାଥ ଶତପଥୀ, ତୀର୍ଥରାଜ ଦୀକ୍ଷିତ୍, ସୁଶାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

## ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନତା

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ପୁରୀ, ୨।୧୦(ଅଜିତ ମହାନ୍ତି):**




ଗାଁ ପରିକ୍ରମା ପାଇଁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା ।

ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ପୁରୀ ସଦର ଅନ୍ତର୍ଗତ ବାଲିପୁଟ ଗ୍ରାମପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ବାଲିପୁଟ ଗ୍ରାମ ଓଡ଼ିସାହି, ପାଟଣାସାହି ଓ ଅନ୍ୟାନ୍ୟ ଗ୍ରାମ ପରିକ୍ରମା କରିବା ପରେ ବେତାଳ ମା' ଛୋଟିବୁଢୀ ମନ୍ଦିର ଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ୭୦୦ରୁ ଊର୍ଦ୍ଧ୍ୱ କର୍ମୀ ପଦଯାତ୍ରା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପୂର୍ବତନ ସରପଞ୍ଚ ବାବାଜୀ ଫାରକ୍ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ପୂର୍ବତନ ପୁରୀ ନଗରପାଳ ଗୌରହରି ପ୍ରଧାନ, ଜିଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ଜିଲା ଜୀବନ ବିନ୍ଦୁ ସହ ସଂଯୋଜକ ଭଗବାନ ପଢ଼ିଆରୀ, ଆଇନଜୀବୀ ଗୋପାଳ ଚନ୍ଦ୍ର ପଣ୍ଡା, ଜିଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଏମ୍‌ପିଙ୍କ ପୁରୀ ସଦର ବ୍ଲକ ପ୍ରତିନିଧି ପ୍ରଭାତ ପୃଷ୍ଟି, ଗୋପିନାଥପୁର ସମିତି ସଭ୍ୟଙ୍କ ପ୍ରତିନିଧି ପ୍ରଭାକର ସମର୍ଥା, ବାସୁଦେବପୁର ସମିତି ସଭ୍ୟ ଅରୁଣ କୁମାର ମିଶ୍ର, ବାଲିଗୁଆଳି ସମିତି ସଭ୍ୟା ମାମିନା ସାହୁ, ସମଙ୍ଗରା ସମିତିସଭ୍ୟା ଗୀତାଞ୍ଜଳି ବେହେରା, ଇତିଭୂଆଁ ସମିତି ସଭ୍ୟା ଗୀତାଞ୍ଜଳି ସେନାପତି, ରାୟଗରଡ଼ା ସମିତିସଭ୍ୟ କୈଳାଶ ଭୋଇ, ଗଙ୍ଗାନାରାୟଣପୁର ସମିତି ସଭ୍ୟ ବ୍ରଜବନ୍ଧୁ ନାୟକ, ବେଲଦଳ ପୂର୍ବତନ ସରପଞ୍ଚ କାଳୁ ପ୍ରଧାନ, ପୂର୍ବତନ ବାଲିପୁଟ ସରପଞ୍ଚ ବାବୁଲି ପରିଡ଼ା, ବିଜେଡି ନେତା ରବି ନାରାୟଣ ସାମନ୍ତରାୟ, ଛାତ୍ର ନଗର ସଭାପତି ସାଗର ପାତ୍ର, ଜିଲା ଛାତ୍ର ସମ୍ପାଦକ ରାଜେଶ ତ୍ରିପାଠୀ ବାଲିପୁଟ ମହିଳା ମହାସଂଘ ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ଏବଂ ସମ୍ପାଦିକା ସୁଲୋଚନା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୱିଲିୟମ ଫୋର୍ଟ ସୋସାଇଟି ପକ୍ଷରୁ ଗାନ୍ଧୀଜୟନ୍ତୀ

ଭୁବନେଶ୍ୱର,୧।୧୦(ଅନୁରାଧା ମହାରଣା)

ୱିଲିୟମ ଫୋର୍ଟ ସୋସାଇଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଆଇଆରସି ଭିଲେଜ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ କରାଯାଇଥିଲା। ସୋସାଇଟିର ସଦସ୍ୟ ସଭାପତି ପ୍ରମୋଦ ସାହୁ କହିଛନ୍ତି, ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ସ୍ୱପ୍ନ ଥିଲା ସ୍ୱଚ୍ଛ ଭାରତ। ଏହାକୁ ଶାକାର କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତେ ତତ୍ପର। ଏଥିରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସୋସାଇଟିର ସଚିବ ଅମୂଲ୍ୟ କୁମାର ମୋହିନି, ଟ୍ରେଜରର ସତ୍ୟାନନ୍ଦ ଦାସ ଓ ସଦସ୍ୟ ବିନୋଦ ଜେନା, ପ୍ରଦୀପ ପାତ୍ର, ପ୍ରଶାନ୍ତ ଦାସ, ପ୍ରଶାନ୍ତ ନାୟକ, ଦୁର୍ଗା ପ୍ରସାଦ ସାହୁ, ଶଶାଙ୍କ ଶେଖର ମହାନ୍ତି ଓ ତପନ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ବିଦେଶରେ ଡାକ୍ତରୀ ଶିକ୍ଷା ପାଇଁ ବାଟ ଦେଖାଉଛି ଏଡୁନମ୍

ଭୁବନେଶ୍ୱର,୨।୧୦(ଅନୁରାଧା ମହାରଣା)

ପ୍ରାଥମିକ ଶିକ୍ଷା ପରାମର୍ଶଦାତା ସଂଗଠନ 'ଏଡୁନମ୍- ଗାଇଡିଂ କ୍ୟାରିୟର୍' ଛାତ୍ରୀଛାତ୍ରଙ୍କ ବଜେଟ୍ ଏବଂ ଆଶା ଅନୁଯାୟୀ ବିଦେଶରେ ଡାକ୍ତରୀ ପାଠ୍ୟକ୍ରମ ଅଧ୍ୟୟନ କରିବାକୁ ମାର୍ଗଦର୍ଶନ କରିଥାଏ। ନୂତନ ଭାବେ ଶିକ୍ଷା ଗ୍ରହଣ କରିବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆୟୋଜିତ ଶୁଭେଚ୍ଛା ସମ୍ବର୍ଦ୍ଧନା ଉତ୍ସବରେ ସୋମବାର ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ କର୍ପୋରେଟର ମହାମାୟା ସ୍ୱାଇଁ, ବକ୍ତାଭାବେ ସୁଦୀପା ଦାସ, ଶାନ୍ତନୁ ପାଣି, କିଶୋର ଦ୍ୱିବେଦୀ, ପ୍ରୀତି ଦାଶ ଏବଂ ଲମ୍ବୋଦର ରାଉତ ଯୋଗଦେଇଥିଲେ। ଦେଶ ବିଦେଶରେ ଏମ୍‌ବିବିଏସ୍ ଶିକ୍ଷା ବିଷୟରେ ଠିକ୍ ସୂଚନା ପ୍ରଦାନ କରିବାକୁ ଏହା ଲକ୍ଷ୍ୟ ରଖିଛି। ରୁଷିଆ, ବାଂଲାଦେଶ, ନେପାଳ, ପୋଲାଣ୍ଡ, ଜର୍ଜିଆ, ଉଜ୍‌ବେକିସ୍ତାନ, କାଜ୍‌ଖସ୍ତାନ, କିର୍ଗିଜସ୍ତାନ, ମରିସସ୍ ଏବଂ ଜର୍ମାନୀ ପରି ଦେଶରେ ଏମ୍‌ବିବିଏସ୍ ପାଇଁ ଠିକ୍ ବିଶ୍ୱବିଦ୍ୟାଳୟ ବାଛିବାରେ ଏଡୁନମ୍ ଛାତ୍ରମାନଙ୍କୁ ସାହାଯ୍ୟ କରିଥାଏ। ସିଙ୍ଗାପୁର, ଜର୍ମାନୀ, ଦୁବାଇ, ମାଲେସିଆ, ଫ୍ରାନ୍ସ, ଆମେରିକା, ୟୁକେ, କାନାଡ଼ା ଆଦି ଦେଶରେ ୨ହଜାରରୁ ଅଧିକ ଛାତ୍ରୀଛାତ୍ର ପୂର୍ବରୁ ଏଡୁନମ୍ ମାଧ୍ୟମରେ ଶୀର୍ଷ ମେଡିକାଲ ବିଶ୍ୱବିଦ୍ୟାଳୟରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଆଡ୍‌ମିଶନ ହୋଇସାରିଛନ୍ତି। ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଥିବାବେଳେ ଭୁବନେଶ୍ୱରରେ ଶାଖା କାର୍ଯ୍ୟାଳୟ ଅଛି।

### ଏଏସ୍‌ଆଇ ପକ୍ଷରୁ କେଦାରଗୌରୀ ମନ୍ଦିର ଜଳାଶୟ ସଫେଇ

ଭୁବନେଶ୍ୱର,୨।୧୦(ଅନୁରାଧା ମହାରଣା)

ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ କେଦାର ଗୌରୀ ମନ୍ଦିର ପରିସରରେ ପବିତ୍ର ଜଳାଶୟଗୁଡ଼ିକୁ ସଫେଇ କରାଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ଅଧୀକ୍ଷକ ପ୍ରତ୍ନତତ୍ତ୍ୱବିଦ୍ ଡ. ସୁଶାନ୍ତ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଧ୍ୟ ସାମିଲ ହୋଇଥିଲେ। ମନ୍ଦିର ପରିସରରେ ଥିବା ଦୁଗ୍ଧ କୁଣ୍ଡ, କେଦାର କୁଣ୍ଡ, ଗୌରୀ କୁଣ୍ଡ ଓ ଦାନ୍ତଘଷା କୁଣ୍ଡ ସଫେଇ କରାଯାଇଛି। ସମସ୍ତ କୁଣ୍ଡରୁ ପ୍ଲାଷ୍ଟିକ ବୋତଲ, ପଲିଥିନ୍, ଖାଦ୍ୟ ଥଳି, ଅନାବନା ଘାସ ସଫେଇ କରାଯାଇଛି।

# ପୋଲିସ ସହ ସଚେତନ କରୁଛି 'ସାଇରା'

## ଭୁବନେଶ୍ୱରରେ ଗଡ଼ିଲା ସାଇବର ସୁରକ୍ଷା ରଥ

ଭୁବନେଶ୍ୱର,୨।୯(ସତ୍ୟଜିତ୍ ରାଉତ)

ସଚେତନତା ମାଧ୍ୟମରେ ସାଇବର ଅପରାଧରେ ରୋକ୍ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ 'ସାଇବର ସୁରକ୍ଷା ଅଭିଯାନ' ଆରମ୍ଭ ହୋଇଛି। ଗତ ଶନିବାର ରାଜ୍ୟର ସବୁ ଜିଲା ପାଇଁ ୩୪ଟି ରଥକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିବାବେଳେ ସେସବୁ ରଥ ସୋମବାରଠାରୁ ଗଡ଼ିବା ଆରମ୍ଭ କରିଛି। ପୋଲିସ ସହ ମିଶି ସଚେତନତା କରୁଛି ମାସ୍କଟ 'ସାଇରା'। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱରରେ ମଧ୍ୟ ସାଇବର ସୁରକ୍ଷା ଅଭିଯାନ ସହ ରଥର ଶୁଭାରମ୍ଭ ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଛକଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅରବିନ୍ଦ ଢାଲି, ସୁରେଶ ରାଉତରାୟ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଓ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର କର୍ମକର୍ତ୍ତା ପ୍ରମୁଖ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପରେ ସାଇବର ସୁରକ୍ଷା ଉପରେ ଏକ ସଚେତନାମୂଳକ ନାଟକ ପରିବେଷଣ କରାଯାଇଥିଲା। ଏଥିସହ ଛୋଟ ପିଲାମାନେ ଗୀତ ଗାଇ ସଚେତନତା ବାର୍ତ୍ତା ଦେଇଥିବାବେଳେ ସାଇବର ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ସାଇବର ଅପରାଧରୁ ନିଜକୁ ରକ୍ଷା କରିବାକୁ ସଚେତନ କରିଥିଲେ। ପରେ ସାଇବର ରଥ ଇନ୍‌ଫୋସିଟି, ନନ୍ଦନକାନନ, ସିଭିରମଣ କଲେଜ ସମେତ ଭୁବନେଶ୍ୱରର ବିଭିନ୍ନ ଥାନା, ସର୍ବସାଧାରଣ ସ୍ଥାନକୁ ବୁଲି ସଚେତନତାର ବାର୍ତ୍ତା ଦେଇଥିଲା। ସନ୍ଧ୍ୟାରେ ରସୁଲଗଡସ୍ଥିତ ଏସ୍‌ପ୍ଲାନେଡ ମଲ୍‌ରେ ସାଇବର ସଚେତନା ସମ୍ପର୍କିତ ଫଟୋ, ଭିଡିଓ ପ୍ରସାର କରାଯାଇଥିଲା। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ରଥ ସହର ସାରା ବୁଲି ବୁଲି ସାଇବର ଅପରାଧ ସଂକ୍ରାନ୍ତରେ ସଚେତନ କରିବ। ଶିକ୍ଷାନୁଷ୍ଠାନରେ ସାଇବର ସୁରକ୍ଷା ଉପରେ କର୍ମଶାଳା ସହିତ କୁଇଜ୍ ପ୍ରତିଯୋଗିତାର କାର୍ଯ୍ୟକ୍ରମ ରହିଛି।



ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟ ଅତିଥିମାନେ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରୁଛନ୍ତି।

# ସ୍କୁଟିକୁ ଧକ୍କା ଦେଇ ଘୋଷାରି ନେଲା କାର୍

## ସ୍କୁଟି ଚାଳକ ମୃତ, ଜଣେ ଆହତ

ଭୁବନେଶ୍ୱର,୨।୧୦
(ସୂର୍ଯ୍ୟକାନ୍ତ ବେହେରା)





ମୈତ୍ରୀବିହାର ଥାନା ଅନ୍ତର୍ଗତ ଲୁମ୍ବିନୀ ବିହାର ନିକଟ ୨ଶହ ଫୁଟିଆ ରାସ୍ତାରେ ସୋମବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ କାର ସ୍କୁଟିକୁ ଜୋରରେ ଧକ୍କା ଦେବା ପରେ କିଛି ବାଟ ଘୋଷାରି ନେବାରୁ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସେଥିରେ ବସିଥିବା ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ମୃତକ ହେଲେ ନିଳାଦ୍ରୀବିହାର ହରେକୃଷ୍ଣ ନଗର ବସ୍ତିର ସନ୍ତୋଷ ବେହେରା ଓ ଆହତ ହେଲେ ସୂର୍ଯ୍ୟକାନ୍ତ ପ୍ରଧାନ। ଦୁର୍ଘଟଣା ପରେ କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଏକ ମାମଲା (୩୨୧/୨୩) ରୁଜୁ କରି ତଦନ୍ତ କରିବା ସହ ଡ୍ରାଇଭରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୋମବାର ଅପରାହ୍ନ ପ୍ରାୟ ୧ଟା ବେଳେ ସାଲିଆ ସାହି ଦେଇ ଯାଇଥିବା ୨୦୦ ଫୁଟିଆ ରାସ୍ତାରେ ସନ୍ତୋଷ ଓ ସୂର୍ଯ୍ୟ ଏକ ସ୍କୁଟିରେ ଯାଉଥିବାବେଳେ ଲୁମ୍ବିନି ବିହାର ନିକଟରେ ୟୁ ଟର୍ନ କରୁଥିଲେ। ଏହି ସମୟରେ ଉତ୍କଳ ହସ୍ପିଟାଲ ଆଡୁ ଏକ କାର ଦ୍ରୁତ ଗତିରେ ଆସି ସେମାନଙ୍କୁ ଜୋରରେ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ସନ୍ତୋଷ ଓ ସୂର୍ଯ୍ୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ସନ୍ତୋଷଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଦୁର୍ଘଟଣା ପରେ ସ୍କୁଟି ଓ କାର କ୍ଷତିଗ୍ରସ୍ତ ହୋଇଛି।

# ମାଷ୍ଟର୍ କ୍ୟାଣ୍ଟିନ୍‌ରେ ଯୁବତୀ, ଯୁବକଙ୍କ ହାଇଡ୍ରାମା

ଭୁବନେଶ୍ୱର,୨।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟରେ ସୋମବାର ଜଣେ ଯୁବତୀ ଓ ଆଉଜଣେ ଯୁବକଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳକୁ କେହି ମୋବାଇଲ କ୍ୟାମେରାରେ କଏଦ୍ କରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ଏହା ଭାଇରାଲ୍ ହୋଇଛି। ଅପରାହ୍ନ ପ୍ରାୟ ୨ଟାବେଳେ ଏହି ଘଟଣା ଘଟିଥିବା ଜଣାପଡିଛି। ରାସ୍ତା କଡ଼ରେ ଯୁବତୀଦ୍ୱୟ ନିଜ ହାତରେ ଦୁଇଟି ଇଟା ଖଣ୍ଡ ଧରି ଠିଆ ହୋଇଛନ୍ତି। ଏହି ସମୟରେ ଜଣେ ଯୁବକ ଗାଳିଗୁଲଜ କରି କଳା ରଙ୍ଗର ଟପ୍ସ ପିନ୍ଧିଥିବା ଯୁବତୀଙ୍କ ପାଖକୁ ଆସୁଛନ୍ତି। ସେ ପାଖାପାଖି ହେବା ପରେ ଯୁବତୀ ଜଣକ ଦେଇଥିବା ପଇସା ମାଗୁଛନ୍ତି। ଏହାପରେ ଯୁବକ ଜଣକ ଉତ୍ୟକ୍ତ ହୋଇ ଯୁବତୀଙ୍କୁ ଧକ୍କା ଦେବା ସହ ମୁଥ ମାରୁଛନ୍ତି। ଏପରିକି ଯୁବକ ଜଣକ ଉଭୟ ଯୁବତୀଙ୍କୁ ଗାଳିଗୁଲଜ କରିବା ସହ ମାରିବାକୁ ଗୋଡ଼ାଉଛନ୍ତି। ଏହାପରେ ଯୁବତୀଦ୍ୱୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ସେଠାରୁ ପଳାଉଥିବା ଦେଖିବାକୁ ମିଳୁଛି। ତେବେ ଦେହ ବ୍ୟବସାୟରେ ହୋଇଥିବା ଟଙ୍କା କାରବାକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏହି ଘଟଣା ସଂକ୍ରାନ୍ତରେ କୌଣସି ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବା ସୂଚନା ମିଳିଛି।

# ଜୟଦେବ ମିନି ମାରାଥନରେ ସେଲିବ୍ରିଟିଙ୍କ ସ୍ୱଚ୍ଛତା ବାର୍ତ୍ତା

ବାଲକାଟୀ,୨।୧୦(ମନୋଜ ମଣ୍ଡଳ)

ଗାନ୍ଧୀ ଜୟନ୍ତୀ ଅବସରରେ ବାଲକାଟୀରେ ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଜୟଦେବ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ନାୟକ ସବ୍ୟସାଚୀ, ନାୟିକା ଅର୍ଚ୍ଚିତା ଓ ଅଭିନେତ୍ରୀ ବିଦୁସ୍ମିତାଙ୍କ ପରି ସେଲିବ୍ରିଟି ସାମିଲ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଯୁବକ ଓ ଯୁବତୀ ମିନି ମାରାଥନରେ ସାମିଲ ହୋଇଥିଲେ। ବାଲକାଟୀ ବଜାରସ୍ଥିତ ସଙ୍ଗୀତ ସୁଧାକର ବାଲକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତିଠାରୁ ସକାଳ ୭ଟାରେ ମାରାଥନର ଶୁଭାରମ୍ଭ ହୋଇଥିଲା। ଅତିଥି ଭାବେ ୩ ଓଡ଼ିଆ କଳାକାରଙ୍କ ସମେତ ଅନ୍ତର୍ଜାତୀୟ ପର୍ବତାରୋହଣକାରୀ ଲିପିକା ସେଠ, ଅନ୍ତର୍ଜାତୀୟ କରାଟେ ଖେଳାଳି ଗଜେନ୍ଦ୍ର ମେହେରଓ, ଟ୍ରଷ୍ଟର ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା ମଞ୍ଚାସୀନ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ୩ ସେଲିବ୍ରିଟି ପତାକା ହଲାଇ ମାରାଥନ ଦୌଡ଼ର ଶୁଭାରମ୍ଭ କରିଥିଲେ। ଟଙ୍କପାଣି ବ୍ରିଜସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିଠାରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମାରାଥନରେ ପୁରୁଷ ବର୍ଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ପାଇଥିବା ଅଶୋକ ଦଣ୍ଡସେନା, ବୀରଭଦ୍ର ଭଦ୍ର, ସୂର୍ଯ୍ୟକାନ୍ତ ରାୟ, ସତ୍ୟ ରଞ୍ଜନ ଦାସ ଓ ଦେବରାଜ ଭୋଇଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର ୫୦୦, ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ପାଇଥିବା ସୋନାଲି ମୁର୍ମୁ, ସସ୍ମିତା ଭୋଇ, ବନିତା ସ୍ୱାଇଁ, ଦସ୍ମିତା ମାଝୀ, ଆଦ୍ୟାଶା ଦାସଙ୍କୁ ଯଥାକ୍ରମେ ୬ ହଜାର, ୪ ହଜାର, ୩ ହଜାର, ୨ ହଜାର ଓ ୧ ହଜାର ଟଙ୍କାର ପୁରସ୍କାର ରାଶି ଶହ ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଅଞ୍ଚଳରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ବାଲିଅନ୍ତା ବାଲିପାଟଣାର ୮ଜଣ ଖବରଦାତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଜୟଦେବ ମିନି ମାରାଥନରେ କଳାକାରଙ୍କ ସହ ଖେଳାଳି ଓ ଅନ୍ୟମାନେ।

## ସାପ କାମୁଡ଼ାରେ ଯୁବକ ମୃତ

ନିରାକାରପୁର,୨।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ସାପ କାମୁଡ଼ାରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନନପଡା ଗ୍ରାମର ଉମ୍ଭରୁଧର ରାଉତରାୟ ଓରଫ କାଳିଆ। ସୂଚନା ମୁତାବକ, କାଳିଆ ଏକ ସ୍ଥାନରେ ବସିଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେଠାରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ତାଳପତ୍ର ପୋଥିରୁ ସୁ-ସମୃଦ୍ଧ ସାହିତ୍ୟ, ପରମ୍ପରା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିହେବ

ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)

## 'ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମୀ' ଗ୍ୟାଲେରୀ ଉଦ୍‌ଘାଟିତ

ପ୍ରାଚୀନ ତାଳପତ୍ର ପୋଥି ସଂରକ୍ଷଣ ନିମନ୍ତେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଆରମ୍ଭ ହୋଇଥିବା ୧୫ ଦିନିଆ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ତାଳପତ୍ର ପୋଥିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଳପତ୍ର ପୋଥିରୁ ଆମ ସୁ-ସମୃଦ୍ଧ ସାହିତ୍ୟ, ଇତିହାସ, ପରମ୍ପରା, ପ୍ରାଚୀନ ଚିକିତ୍ସା ପଦ୍ଧତି ସମ୍ପର୍କରେ ଅଧିକରୁ ଅଧିକ ଗବେଷଣାତ୍ମକ ତଥ୍ୟ ହାସଲ କରିହେବ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀ ଉଦ୍‌ଘାଟନ କରିଥିଲେ। ଏଥିସହ ଓଡ଼ିଶାରେ ମହାତ୍ମାଗାନ୍ଧୀଙ୍କ ପଦଚିହ୍ନ ଉଭୟ ଓଡ଼ିଆ ଓ ଇଂଲିଶ କଫି ଟେବୁଲ୍ ବୁକ୍, ଆନନ୍ଦ ଭବନ ସଂଗ୍ରହାଳୟର ଭର୍ଚ୍ଚୁଆଲ୍ ୱାକ୍ ଥ୍ରୁ ଏବଂ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ସ୍ୱତନ୍ତ୍ର ଓଡ଼ିଶା ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ଣ୍ଣାଲ୍ ବିଶେଷାଙ୍କ ଉନ୍ମୋଚନ କରିଥିଲେ। ସେହିପରି କର୍ମଶାଳାରେ ଯୋଗଦେଇଥିବା ପ୍ରାୟ ୧୦୦ ଜଣ ସ୍ନାତକୋତ୍ତର, ଏମ୍.ଫିଲ୍ ଏବଂ ପି.ଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାର ଉଦ୍‌ଯାପନୀ ଅବସରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ।

# ଶାସ୍ତ୍ରିଜୀଙ୍କ ଆଦର୍ଶକୁ ମନେପକାଇଲେ

ପୁରୁଣା ଭୁବନେଶ୍ୱର,୨।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏକାମ୍ର ଜନଜାଗରଣ ମଞ୍ଚ କାର୍ଯ୍ୟାଳୟ ମୋତିଲାଲ ଭବନଠାରେ କୁନିକୁନି ପିଲାମାନେ ଶାସ୍ତ୍ରିଜୀଙ୍କୁ ମନେପକାଇବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ ଶାସ୍ତ୍ରିଜୀଙ୍କ ଉପରେ ଆଲୋକପାତ କରିଥିଲେ। ସତ୍ୟପଥକୁ ଆଧାର କରି କାର୍ଯ୍ୟ କରିବା ପାଇଁ ପିଲାମାନେ ସଙ୍କଳ୍ପ ନେବା ଉଚିତ୍ ବୋଲି କହିଥିଲେ। ସେହିପରି କେଦାରଗୋରୀ ମନ୍ଦିର ନିକଟ କେଦାରଗୌରୀ କ୍ଲବ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ମହାପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ବାସୁଦେବ ସମର୍ଥ, ଭାଗୀରଥି ମହାପାତ୍ର, ଗୌରିଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



# ଗାନ୍ଧିଜୀଙ୍କ ରହଣିସ୍ଥଳରେ ଗାନ୍ଧୀ ଜୟନ୍ତୀ

ବାଲିଅନ୍ତା,୨।୧୦(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଥିବା ଗାନ୍ଧିଜୀଙ୍କ ରହଣିସ୍ଥଳ ପୀଠରେ ସୋମବାର ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲିଙ୍କ ସମେତ ବହୁ ବରିଷ୍ଠ ନାଗରିକ, ବିଭିନ୍ନ ରାଜନୈତିକ ଦଳର କର୍ମୀ ଓ ଗାନ୍ଧୀ କମିଟି କର୍ମକର୍ତ୍ତା ପୀଠକୁ ଆସି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଧାୟକ ଡ. ଅରବିନ୍ଦ ଢାଲି ଓ ଅନ୍ୟମାନେ।

# 'ଜୀବନକୁ ବଞ୍ଚାଇବାର ସାମର୍ଥ୍ୟ ରଖେ ସାହିତ୍ୟ'

ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)

ଯାହା ଜୀବନକୁ ବଞ୍ଚାଇବାର ସାମର୍ଥ୍ୟ ରଖେ ତାହା ହିଁ ସାହିତ୍ୟ। ଶାନ୍ତନୁ ଆଚାର୍ଯ୍ୟଙ୍କର ଉପନ୍ୟାସକୁ ତାଙ୍କର ଜୀବନ ସବୁଠାରୁ ବେଶୀ ପ୍ରଭାବିତ କରିଛି। ବିଜ୍ଞାନ ଏବଂ ବିଶ୍ୱାସ ଭିତରେ ତାଙ୍କ ସାହିତ୍ୟ ଏକ ସେତୁ ସ୍ଥାପନ କରିଛି ବୋଲି ପ୍ରଫେସର ବୈଷ୍ଣବ ସାମଲ କହିଥିଲେ। ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ଫାଉଣ୍ଡେଶନର ଦ୍ୱିତୀୟ ଅଧିବେଶନ ସୋମବାର ଓଡିଶା ଭେଟେରିନାରୀ କାଉନସିଲ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବେ ଯୋଗଦେଇ ପ୍ରଫେସର ସାମଲ ଶାନ୍ତନୁଙ୍କ ଦ୍ୱାରା ଲିଖିତ ଦୁଇ ଉପନ୍ୟାସ 'ଜେଜେ ମଲାପରେ' ଓ 'ବହୁ ବହୁ ଜନ୍ମ' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷିକେଶ ମଲ୍ଲିକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ,



ଆଲୋଚନା ସଭାରେ ପ୍ରଫେସର ବୈଷ୍ଣବ ସାମଲ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷିକେଶ ମଲ୍ଲିକ ଓ ଅନ୍ୟମାନେ।

## ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ଫାଉଣ୍ଡେଶନର ଦ୍ୱିତୀୟ ଅଧିବେଶନ

ଶାନ୍ତନୁଙ୍କ ଉପନ୍ୟାସ କେବଳ ଉପନ୍ୟାସ ନୁହେଁ ମହାଉପନ୍ୟାସ। କାରଣ ଏଥିରେ ଦୃଶ୍ୟଜଗତ ବହିର୍ଭୂତ ସତ୍ୟର ଅନୁସନ୍ଧାନ କରାଯାଇଛି ଏବଂ ତାକୁ ରୂପ ଦେବାକୁ ଚେଷ୍ଟା କରାଯାଇଛି। କୌଣସି ଏକ ସାହିତ୍ୟ ଉପଯୁକ୍ତ ପାଠକ ନ ପାଇଲେ ସମ୍ପୂର୍ଣ୍ଣ ଭାବେ ନିଜକୁ ଉନ୍ମୋଚିତ କରିପାରେ ନାହିଁ। ଶାନ୍ତନୁ ଆଚାର୍ଯ୍ୟଙ୍କ ଉପନ୍ୟାସକୁ ବୁଝିବାକୁ ହେଲେ ବାରମ୍ବାର ପାଠ କରିବାକୁ ପଡିବ ବୋଲି ସେ ମତ ଦେଇଥିଲେ। ଶାନ୍ତନୁ ଆଚାର୍ଯ୍ୟ ନିଜ ଦୁଇ ଉପନ୍ୟାସ ଉପରେ ଆଲୋଚନା କରି କହିଲେ, ସାହିତ୍ୟରେ ଧ୍ୱନି ହେଉଛି ସବୁଠାରୁ ବଡ କଥା। ଉପନ୍ୟାସରେ ଧ୍ୱନିତତ୍ତ୍ୱକୁ ବୁଝିବାକୁ ଚେଷ୍ଟା କରାଯାଇଥିବା ସେ କହିଥିଲେ। ଅନ୍ୟତମ ଅତିଥି ଗଙ୍ଗାଧର ମିଶ୍ର ଯୋଗଦେଇ ଟ୍ରଷ୍ଟର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।


**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ଼-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ)।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-634/O/23-24

## ଜଗତପୁର କଂଗ୍ରେସ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଜଗତପୁର କଂଗ୍ରେସ ପକ୍ଷରୁ ୪୮ ନଂ. ୱାର୍ଡ ସଭାପତି ରଶ୍ମିକାନ୍ତ ସାମଲ ଓ ୪୯ ନଂ. ୱାର୍ଡ ସଭାପତି ଦୁର୍ଯ୍ୟୋଧନ ପ୍ରଧାନଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜଗତପୁର ୪୯ ନଂ. ୱାର୍ଡସ୍ଥିତ ମା' ମଙ୍ଗଳା କ୍ରିକେଟ୍ କ୍ଲବ ପ୍ରାଙ୍ଗଣରେ ଥିବା ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଜିନେସ ଦାସ, ସଭାପତି ଅଲେଖ ଚନ୍ଦ୍ର ବେହେରା, କଟକ ନଗର(ଜିଲା) କଂଗ୍ରେସ କମିଟିର ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ, ସମ୍ପାଦକ ଲକ୍ଷ୍ମୀଧର ଶରଣ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଷ୍ଣୁପୁର ବୋମାମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ତିଗିରିଆ, ୨।୧୦(ଜାଫର ଖାଁ) :** ତିଗିରିଆ ଥାନା ଅନ୍ତର୍ଗତ ହାଟମାଳ ପଞ୍ଚାୟତର ବିଷ୍ଣୁପୁର ଗାଁରେ ସେପ୍ଟେମ୍ବର ୨୪ ଖୁଦୁରୁକୁଣୀ ପୂଜା ଶେଷ ପାଳିରେ ବୋମାମାଡ଼ ହୋଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଭିରାମ ସାମଲ (୨୯)ଙ୍କୁ ସୋମବାର ପୋଲିସ ଗିରଫ କରିଛି। ପୂର୍ବଶତ୍ରୁତା ଓ ବାଣ ଫୁଟାକୁ କେନ୍ଦ୍ର କରି ଉକ୍ତ ଦିନ ରାତି ୧୦ଟାରେ ସେହି ଗ୍ରାମର ଗୋଟିଏ ଗୋଷ୍ଠୀ ବୋମାମାଡ଼ କରିବାରୁ ଅନ୍ୟ ଗୋଷ୍ଠୀର ୩ ଜଣ ଆହତ ହୋଇଥିଲେ। ଘଟଣାର ଗୋଟିଏ ଦିନ ପରେ ଶିବ ପ୍ରସାଦ ଗୋଛିଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ଥିଲେ। ସୋମବାର ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଅଭିରାମ ଘରକୁ ଆସିଥିବା ଖବରପାଇ ଆଇଆଇସି ଜ୍ଞାନରଞ୍ଜନ ସାମଲ ଚଢ଼ାଉ କରି ତାଙ୍କୁ ଧରିଛନ୍ତି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏ ନେଇ ଥାନାରେ ମାମଲା (ନଂ. ୧୯୨/୨୩) ରୁଜୁ ହୋଇଥିଲା।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଚେତନତା କାର୍ଯ୍ୟକ୍ରମ

**ବଡ଼ମ୍ବା/ମାଣିଆବନ୍ଧ,୨।୧୦(ମାୟାଧର ମଲ୍ଲିକ/ଅଖିଳ କୁମାର ସାହୁ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ଦୁଖୀ ଦେଈଙ୍କ ପରିଚାଳନା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇ ଗ୍ରାମର ବିଭିନ୍ନ ବସ୍ତିରେ ସଫେଇ କରାଯାଇଥିଲା। ସେହିପରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସରସ୍ୱତୀ ଶିଶୁ ମନ୍ଦିରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀତବାସ କରଣ, ଉପଦେଷ୍ଟା ଶ୍ରୀନିବାସ ଶତପଥୀ, ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ମିତାଶ୍ରୀ ମିଶ୍ର, ଆଚାର୍ଯ୍ୟ ବିଶ୍ୱନାଥ ସାହୁ, ଗଣେଶ୍ୱର ସାହୁ, ସେବିକା ସୁକାନ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି କେନାଲବନ୍ଧ ରାସ୍ତା

- ୨ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ
- ଘାଇ ହେଲେ ଧାନବିଲ ନଷ୍ଟ ହେବା ଆଶଙ୍କା
- ଦମକଳ, ଆମ୍ବୁଲାନ୍ସ ଆସିପାରୁନି

**ନିଶ୍ଚିନ୍ତକୋଇଲି,୨।୧୦ (ଅଶୋକ କୁମାର ମହାପାତ୍ର)**


ରାସ୍ତାରେ ହୋଇଥିବା ଗାତ।

କେନ୍ଦ୍ରାପଡ଼ା ଜିଲା ଛତା ଜଳସମ୍ପଦ ବିଭାଗ ଓ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ୯ ନମ୍ବର କେନାଲବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ କେନାଲବନ୍ଧ ଭୁଶୁଡିବା ନେଇ ଆଶଙ୍କା ପ୍ରକାଶ ପାଇଛି। କେନ୍ଦ୍ରାପଡା ଜିଲା ଛତା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ୯ ନମ୍ବର କେନାଲ ରହିଛି। ଏହି କେନାଲବନ୍ଧକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ନିକଟରେ କୋଟି କୋଟି ଟଙ୍କା ବ୍ୟୟରେ ଏହି କେନାଲବନ୍ଧର ବାଲିଆପଦାଠାରୁ ସୁକରପଡା ପର୍ଯ୍ୟନ୍ତ ଦକ୍ଷିଣ ପାର୍ଶ୍ୱକୁ ନିର୍ମାଣ କରାଯାଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟହେତୁ ନିର୍ମାଣର ମାତ୍ର ଅଳ୍ପଦିନ ପରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ସେହିପରି ଏହି କେନାଲବନ୍ଧରେ ସେତୁ ନିର୍ମାଣ ଓ ଗାର୍ଡୱାଲ ନିର୍ମାଣରେ ଜଳସମ୍ପଦ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା। ତେବେ ଗାର୍ଡୱାଲ ଓ ସେତୁ ନିର୍ମାଣ ଅଟକଳ ଅନୁଯାୟୀ କରାଯାଇ ନ ଥିବା ବେଳେ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏବେ କେନାଲବନ୍ଧର ବାଲିଆପଦା ପଞ୍ଚାୟତ ଅନ୍ତର୍ଗତ ଫତେପୁରଠାରେ ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ କେନାଲବନ୍ଧ ଭାଙ୍ଗି ଘାଇ ସୃଷ୍ଟିହେବା ନେଇ ଆଶଙ୍କା ରହିଛି। ଏପରି ହେଲେ ଶହ ଶହ ଏକର ଧାନବିଲ ନଷ୍ଟ ହୋଇଯିବ ବୋଲି କେତେଜଣ ଚାଷୀ କହିଛନ୍ତି। ଏହି ରାସ୍ତା ଉପରେ ଗମନାଗମନ ନିମନ୍ତେ ସ୍ଥାନୀୟ ବାଲିଆପଦା, କେଣ୍ଟାଲୋ, କଟରପଡା, ସୁକରପଡା, ସରପଡା ଆଦି ପଞ୍ଚାୟତର ଲୋକେ ନିର୍ଭରଶୀଳ। ଏହି ରାସ୍ତା ଦେଇ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ସମେତ ଅଙ୍ଗନୱାଡି ଶିଶୁମାନେ ଯାତାୟାତ କରିଥାନ୍ତି। ମାତ୍ର ରାସ୍ତାରେ ଗର୍ତ୍ତ ହୋଇଥିବାରୁ ଦୁର୍ଘଟଣା ହେବାର ଆଶଙ୍କା ରହିଛି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟିବାର ନଜୀର ରହିଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ ଏହି ରାସ୍ତାଦେଇ ଦମକଳ ଗାଡି କିମ୍ବା ଆମ୍ବୁଲାନ ଆସିପାରୁନାହିଁ। ଫଳରେ ବହୁ ସମୟରେ ଗର୍ଭବତ, ପ୍ରସୁତୀଙ୍କ ସମେତ ଶିଶୁମାନେ ଡାକ୍ତରଖାନାକୁ ଯାଇପାରୁ ନ ଥିବା ଅଭିଯୋଗ ହୋଇଛି। ଉଭୟ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ଜଳସମ୍ପଦ ବିଭାଗ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଦାୟିତ୍ୱ ନେବାକୁ କେହି ଆଗକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏଠାରେ ଏକ ବଡ଼ଧରଣର ଅଘଟଣକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ ଗାହାଣ କୁହନ୍ତି, ରାସ୍ତାର ଦୁରବସ୍ଥା ସମ୍ପର୍କରେ ମୋ ପାଖରେ କୌଣସି ସୂଚନା ନାହିଁ ଯଦି ସୂଚନା ମିଳେ ତେବେ ପଦକ୍ଷେପ ନିଆଯିବ।

### ଯୁକ୍ତିତର୍କରୁ ଭଙ୍ଗା ବୋତଲରେ ଆକ୍ରମଣ : ୨ ଆହତ

**ତିଗିରିଆ, ୨।୧୦( ଜାଫର ଖାଁ):** ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଫୋନରେ ଯୁକ୍ତିତର୍କ ପରେ ଆକ୍ରମଣ ଓ ବୋତଲରେ ପ୍ରତି ଆକ୍ରମଣରେ ୨ ଜଣ ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଅନୁଯାୟୀ ପୂର୍ବ ଶତ୍ରୁତା କାରଣରୁ ରାତି ସାଢେ ୧୧ଟାରେ ବାଙ୍କୀ ଥାନା ଅନ୍ତର୍ଗତ ପାଳପୁଟ ଗ୍ରାମର ଜିତେନ୍ଦ୍ର ରାଉତ ଗଦାଧରପୁର ଗ୍ରାମର ଅଶୋକ ସ୍ୱାଇଁ ସହିତ ଫୋନ ଯୋଗେ ଯୁକ୍ତିତର୍କ ହୋଇଥିଲା। ପରେ ଜିତେନ୍ଦ୍ର ଗଦାଧରପୁର ଆସି ଏକ ଭଙ୍ଗା ବିଅର ବୋତଲରେ ଅଶୋକଙ୍କ ପେଟକୁ ଆକ୍ରମଣ କରିଥିଲେ। ଅଶୋକ ହାତ ଦେଖାଇ ଦେବାରୁ ତାଙ୍କ ହାତରେ ଗଭୀର କ୍ଷତ ହୋଇଥିଲା। ପାଖରେ ଥିବା ଗାଁର ଅନ୍ୟ ଯୁବକମାନେ ମିଶି ଜିତେନ୍ଦ୍ରଙ୍କୁ ନିଘୁକ ମାଡ ମାରିବା ସହ ଗୋଟିଏ ଗୋଡ ଭାଙ୍ଗି ଦେଇଛନ୍ତି। ଏନେଇ ଜିତେନ୍ଦ୍ରଙ୍କ ପରିବାର ଖବରପାଇ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠଗଡ଼ ଓ ପରେ କଟକ ବଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରୁଛନ୍ତି। ଅଶୋକଙ୍କ ମା' ଶୈଳବାଳାଙ୍କ ଅଭିଯୋଗ ଅନୁଯାୟୀ ତିଗିରିଆ ଥାନାରେ ନଂ.୧୯୭/୨୩ ମାମଲା ରୁଜୁ କରି ଆଇଆଇସି ଜ୍ଞାନରଞ୍ଜନ ସାମଲ ତଦନ୍ତ କରୁଥିବା କହିଛନ୍ତି।

# ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ବନ୍ୟପ୍ରାଣୀ ସଚେତନତା ରଥ ପରିକ୍ରମା

**ଖୁଣ୍ଟୁଣୀ,୨।୧୦(ସଚ୍ଚିଦାନନ୍ଦ ପଣ୍ଡା)**



ବନ କର୍ମଚାରୀଙ୍କ ପକ୍ଷରୁ ସଚେତନତା ରଥ ଗ୍ରାମ ପରିକ୍ରମା କରାଯାଉଛି।

ପବିତ୍ର ଗାନ୍ଧୀ ଜୟନ୍ତୀଠାରୁ ୮ ତାରିଖ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ସମଗ୍ର ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ହାତୀ ସମେତ ସମସ୍ତ ବନ୍ୟପ୍ରାଣୀଙ୍କ ସୁରକ୍ଷା ସାଙ୍ଗକୁ ସେମାନଙ୍କ ବାସସ୍ଥଳୀକୁ କିପରି ସୁରକ୍ଷିତ ରଖାଯାଇ ପାରିବ, ସେଥିପାଇଁ ସଚେତନତା ରଥ ଖୁଣ୍ଟୁଣୀ ବନାଞ୍ଚଳର ଖୁଣ୍ଟୁଣୀ, କୃଷ୍ଣପୁର, ଓରନ୍ଦା, ନିଧିପୁର ଓ ଗୁରୁଡ଼ିଝାଟିଆ ଆଦି ୫ଟି ସେକ୍ସନର ୧୫ ପଞ୍ଚାୟତର ୧୨୦ରୁ ଉର୍ଦ୍ଧ୍ୱ ଗ୍ରାମ ପରିକ୍ରମା କରିଥିଲା। ଜନସାଧାରଣଙ୍କ ମଧ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ନିମନ୍ତେ ସଚେତନତା ସୃଷ୍ଟି କରିବା ଏହି ପରିକ୍ରମା ରଥର ଉଦ୍ଦେଶ୍ୟ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ଏହି ସଚେତନତା ରଥକୁ ଆଠଗଡ଼ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଓ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରିକ୍ରମା ରଥ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଉପରେ ମେଗା ଫୋନ ଓ ଲିଫ୍ଟ ପ୍ଲେଟ୍ ଜରିଆରେ ଲୋକଙ୍କୁ ବାର୍ତ୍ତା ବଣ୍ଟନ କରିଥିଲା। ଓରନ୍ଦା, ଗୋବରା, କଖଡି ଗ୍ରାମରେ ବନ୍ୟପ୍ରାଣୀ ସଚେତନତା ରଥ ଓ ବନବିଭାଗ କର୍ମଚାରୀଙ୍କୁ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମ ମୁରବିମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ୫ଗୋଟି ସେକ୍ସନର ଫରେଷ୍ଟର ଯୁଗଳ ନନ୍ଦ ନାୟକ, ସରୋଜ ପଣ୍ଡା, ଲମ୍ବୋଧର ନାୟକ, ରାମଚନ୍ଦ୍ର ନାୟକ, ସୁଶାନ୍ତ ଲେଙ୍କାଙ୍କ ସମେତ ସମସ୍ତ ବନରକ୍ଷୀ, ପାରା ଓ ସ୍କ୍ୱାଡ୍ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଜସାଥୀ ଓ ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ରାଜ୍ୟ ସରକାରଙ୍କ ଯୋଜନା ବଖାଣିଲେ କର୍ମୀ


ସାଲେପୁରରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ପଦଯାତ୍ରାରେ ସାମିଲ କର୍ମୀ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବାଙ୍କୀ,୨।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ବାଙ୍କୀ ବ୍ଲକରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁୟାରୀଠାରୁ ମଇଜୋରି ସ୍କୁଲ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ନଗରପାଳଙ୍କ ପ୍ରତିନିଧି ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମାର ରଣା, ବରିଷ୍ଠ ବିଜେଡି ନେତା ସୌମେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁରରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଉତ୍କଳଗୌରବ ମଧୁଦାସଙ୍କ ଜନ୍ମ ପୀଠ ସତ୍ୟଭାମାପୁରରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ସତ୍ୟଭାମାପୁର, ଗୋପୀନାଥପୁର, ରାମେଶ୍ୱର, ଶିଶୁଆ ଓ ନଇଗୁଆଁ ପଞ୍ଚାୟତ ପରିକ୍ରମା କରି ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ବ୍ଲକ ଆମ୍ବ କମିଟି ସଭାପତି ଦିଲୀପ କୁମାର ଦାଶ, ବ୍ଲକ ଯୁବବିଜେଡି ସଭାପତି ସଞ୍ଜିତ ଦାଶ, ବିଦ୍ୟୁଭୂଷଣ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

**ତିଗିରିଆ,(ଜାଫର ଖାଁ ):** ତିଗିରିଆ ବ୍ଲକ ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧିର ଏଥିରେ ସଭାପତିତ୍ୱ କରିଥିଲେ। ଅଚଳକୋଟ ପଞ୍ଚାୟତର ହରିଡ଼ାପଶି ଗ୍ରାମର ଶିବ ମନ୍ଦିରଠାରେ ପୂଜାର୍ଚ୍ଚନା ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ଆଠଗଡ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ। ଏହି ଯାତ୍ରା ଭୀରୁଡ଼ା, ପାଞ୍ଚଗାଁ ଓ ସୋମପଡା ଆଦି ପଞ୍ଚାୟତ ପରିକ୍ରମା କରିଥିଲା। ଏଥିରେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ ସମସୁରା ବେଗମ ଓ ରଘୁନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

# ସରିଲା ଇନ୍ଦୁପୂର୍ଣ୍ଣିମା ମହୋତ୍ସବ

**ଚୌଦ୍ୱାର,୨।୧୦(ଆଶୁତୋଷ ଦାସ)**

ଇନ୍ଦୁପୂର୍ଣ୍ଣିମା ଦିନରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଚୌଦ୍ୱାର ଗୋଡ଼ିପାଟଣା ଗଣେଶ ମେଳଣ ଓ ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗନ୍ଧର୍ବନାଥ ପୂଜା କମିଟି ଚିତ୍ରେଶ୍ୱର, ଇନ୍ଦ୍ରାଣିପାଟଣା, ଦାଶରଥିପାଟଣା, ଟିପିଏମ୍ ବଣିକ ସଂଘ, ଚିତ୍ରେଶ୍ୱର ପୂଜା କମିଟି, ମୁରାଦଖାଁପାଟଣା ଛକ, ଦୌଲତାବାଦ, ଜେନାପାଟଣା, ଦେହୁରୀ ସାହି, ଗୋଡିପାଟଣା, ଜେନିପୁର ଆଦି ୨୧ଟି ପ୍ରତିମା ରବିବାର ସକାଳୁ ମଣ୍ଡପରୁ ବାହାରି ଶୋଭାଯାତ୍ରାରେ ସାହି ପରିକ୍ରମା କରିବା ସହ ଗୋଡ଼ିପାଟଣାସ୍ଥିତ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସୋମବାର ଯାତ୍ରା କମିଟି ପକ୍ଷରୁ ମେଢ଼ଗୁଡ଼ିକୁ ସ୍ୱାଗତ କରାଯିବା ସହିତ ପାରମ୍ପରିକ 'ଛନ୍ଦା' ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ ଥାନପତି ମେଢ ଶ୍ରୀଶ୍ରୀ ଗନ୍ଧର୍ବନାଥ ପ୍ରଥମେ ଯାତ୍ରା କମିଟିଠାରୁ ଟିକେଟ ପାଇ ଭସାଣି ଯାତ୍ରା ଆରମ୍ଭ କରିଥିଲେ। ପରେ ଅନ୍ୟ ସମସ୍ତ ମେଢ଼ ଶୋଭାଯାତ୍ରା କରି ମହାନଦୀକୂଳ ଚଷାପଡ଼ା ଘାଟ ନିକଟରେ ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ପ୍ରକାଶିତ ବାର୍ଷିକ ମୁଖପତ୍ର 'ଶ୍ରୀ ଗଣେଶ' ପତ୍ରିକାକୁ ବିଧାୟକ ସୌଭିକ୍ ବିଶ୍ୱାଳ ଉନ୍ମୋଚନ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା ଓ ବହୁ କାଉନ୍‌ସିଲର ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ଜୋନ-୧ ଏସିପି ଅରୁଣ ସ୍ୱାଇଁ, ଚୌଦ୍ୱାର ଭାରପ୍ରାପ୍ତ ଆଇଆଇସି ସସ୍ମିତା ଖିଲାର ଓ ଟିପିଏମ୍ ଫାଣ୍ଡି ଅଧିକାରୀ ମାନସ ମହାରଣାଙ୍କ ନେତୃତ୍ୱରେ କମିଶନରେଟ ପୋଲିସର ବହୁ ଅଧିକାରୀ ଏବଂ ଫୋର୍ସ ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଶାନ୍ତି କମିଟି ଓ ଯାତ୍ରା କମିଟିର ନରେନ୍ଦ୍ର ମହାପାତ୍ର, ସୁଧାକର ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ସୁଶାନ୍ତ ମହାପାତ୍ର, ପୁରୋଷ୍ତମ ମହାପାତ୍ର, ଅଜୟ ବେହେରା, ହୃଷୀକେଶ ଭୂୟାଁ, ଚୈତନ୍ୟ ନାୟକ, ତ୍ରିବିକ୍ରମ ବେହେରା ଓ ନିରଞ୍ଜନ ସାସ୍‌ମଲ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଘଣ୍ଟିଖାଲରେ ମଶାରି ବିତରଣ

**ଖୁଣ୍ଟୁଣୀ,୨।୧୦(ସଚ୍ଚିଦାନନ୍ଦ ପଣ୍ଡା)**



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମହିଳାମାନଙ୍କୁ ମଶାରି ବିତରଣ କରୁଛନ୍ତି।

ଗାନ୍ଧୀ ଜୟନ୍ତୀ ଅବସରରେ ଶ୍ରୀଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଘଣ୍ଟିଖାଲ ପଞ୍ଚାୟତର ଚନ୍ଦ୍ରାବଳିଶ୍ୟାମପୁର, ଘଣ୍ଟିଖାଲ ଶୀତୁଳିଆ ସାହି ଓ ଶବର ସାହିର ୧୧୫ ପରିବାରକୁ ସୋମବାର ମଶାରି ବିତରଣ କରାଯାଇଛି। ଘଣ୍ଟିଖାଲ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବସ୍ତି ବାସିନ୍ଦାଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିବା ମଶାରି ବାଣ୍ଟିଥିଲେ। ମନ୍ତ୍ରୀ ସ୍ୱାଇଁ ଘଣ୍ଟିଖାଲ ପଞ୍ଚାୟତର ସାମୂହିକ ବିକାଶ ପାଇଁ ଶ୍ରୀ ସିମେଣ୍ଟ କମ୍ପାନୀ ତାର ସିଏସ୍‌ଆର କାର୍ଯ୍ୟକ୍ରମକୁ ଶ୍ରୀ ଫାଉଣ୍ଡେଶନ ଟ୍ରଷ୍ଟ ଜରିଆରେ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୩ ନମ୍ବର ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଘଣ୍ଟିଖାଲଠାରେ ପ୍ରତିଷ୍ଠିତ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟ ୟୁନିଟ୍ ଅଫ୍ ଶ୍ରୀ ସିମେଣ୍ଟ ଲିମିଟେଡ୍ ତଥା ଶ୍ରୀ ଫାଉଣ୍ଡେଶନ ଟ୍ରଷ୍ଟର ଓଡ଼ିଶା ମୁଖ୍ୟ ସର୍ବେଶ୍ୱର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଆଗାମୀ ଦିନରେ ପଞ୍ଚାୟତର ପାରିପାର୍ଶ୍ୱିକ ଉନ୍ନତି ପାଇଁ କମ୍ପାନୀ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟା ଜାନକୀଲତା ନାଏକ, ସାମାଜିକ କର୍ମୀ ସୁବାସ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମହାନ୍ତି, ସମିତିସଭ୍ୟ ପ୍ରଣବା ନନ୍ଦ ପ୍ରଧାନ, ଶ୍ରମିକ ନେତା ସନ୍ତୋଷ ବେହେରା, ସରୋଜ ସ୍ୱାଇଁ, ରବୀନ୍ଦ୍ର ବରାଳ, ନାରୀନେତ୍ରୀ କିରଣବାଳା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ସିମେଣ୍ଟ କମ୍ପାନୀର ସହ-ମହାପ୍ରବନ୍ଧକ ପ୍ରଦୀପ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମାନବ ସମ୍ବଳ ଅଧିକାରୀ ପ୍ରଶାନ୍ତ ପୂଜାରୀ ଓ ବିଭାଗୀୟ ସାଥୀ କର୍ମଚାରୀ ସହଯୋଗ କରିଥିଲେ।

# ସତ୍ୟ,ଅହିଂସା, ପ୍ରେମ, ଶାନ୍ତିର ଅନ୍ତୁଡ଼ିଶାଳ ଭାରତ

**ବଡ଼ମ୍ବା, ୨।୧୦ (ମାୟାଧର ମଲ୍ଲିକ):** ମହିଳା ପତଞ୍ଜଳି ଯୋଗ ସମିତି ଓ ପ୍ରାଣଯୋଗ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାଣଯୋଗ ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ତୈଳଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତିଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସ ଯୋଗଦେଇ ସତ୍ୟ, ଅହିଂସା, ପ୍ରେମ, ଓ ଶାନ୍ତିର ଅନ୍ତୁଡ଼ିଶାଳ ଭାରତ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଇଂଲିଶ୍ ବିଭାଗ ମୁଖ୍ୟ ମାନଗୋବିନ୍ଦ ପାତ୍ର ଯୋଗଦେଇଥିଲେ। ପ୍ରତିଷ୍ଠାନର ଆବାହକ ଶିବ ନାରାୟଣ ମିଶ୍ର ସମାପନ ବକ୍ତବ୍ୟ ଦେଇଥିଲେ। ଶେଷରେ ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁର କଂଗ୍ରେସ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା କଂଗ୍ରେସ ନେତା ରବୀନ୍ଦ୍ର ନାଥ କର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ଶିଶୁଆଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ବାୟା ରାଉତ, ହରେକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଗାନ୍ଧୀ ଜୟନ୍ତୀ ପାଳନ କରୁଛନ୍ତି।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାତ୍ମା ଗାନ୍ଧୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସଂସଦର ସମ୍ପାଦକ ବୃନ୍ଦାବନ ପ୍ରଧାନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ. ନିବାସିନୀ ପଣ୍ଡା, ଭୂପତି ଭୂଷଣ ପ୍ରଧାନ, ଅଧ୍ୟାପିକା ଦେବସ୍ମିତା ରାଉତ, ଭରତ ଚନ୍ଦ୍ର ବେହେରା, ଡ. ଶୈଳେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ଯୋଗଦେଇଥିଲେ।

**ଆଠଗଡ଼,(ସତ୍ୟପ୍ରସାଦ ରଥ) :** ଆଠଗଡ଼ରେ ବିଜେଡି ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ଯୁବ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଆଠଗଡ଼ ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ଶୁଭ୍ରଶଙ୍କର ଜ୍ୟୋତି, ବିଜେଡି ନଗର ସଭାପତି ଶିଶିର ପ୍ରସାଦ ମାନସିଂହ, ଲଳିତେନ୍ଦୁ ସେନାପତି, ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖଲିଦ ଓ ଆଇନଜୀବୀ ସତ୍ୟେନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଟକ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ବିରୂପା ନଦୀକୂଳରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆଗାମୀ ଦିନରେ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଜେଡି କଟକ ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଳ ବେଉରାଙ୍କ ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ ଏବଂ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସେହିପରି ଓଟିଏମ୍ କଲୋନି ଓ ନିକଟରେ ଥିବା ବସ୍ତିବାସିନ୍ଦା ପକ୍ଷରୁ ଅହିଂସାର ବାର୍ତ୍ତା ନେଇ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବିଶ୍ୱ ରଞ୍ଜନ କର, ଜୟ ସିଂ, ସରିତା ଦାସ, ବିଶ୍ୱଜିତ୍ ଭଞ୍ଜ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।


## ପୂର୍ବ ତଟ ରେଳପଥ

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ୍-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ)।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍‌ର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-634/O/23-24

## ସଂକ୍ଷେପରେ

### 'ବିଶ୍ୱରେ ଗାନ୍ଧୀଙ୍କ ବିଚାରଧାରାର ପ୍ରଭାବ ରହିଛି'

ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସଂସଦ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ପ୍ରବୀଣ କୁମାର ମିଶ୍ର ଓଡ଼ିଆ ସାହିତ୍ୟରେ ଗାନ୍ଧିଜୀଙ୍କ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ଗାନ୍ଧୀଜୀଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ସମଗ୍ର ବିଶ୍ୱରେ ଗାନ୍ଧୀଙ୍କ ବିଚାରଧାରାର ଅଖଣ୍ଡ ପ୍ରଭାବ ରହିଛି ବୋଲି କହିଥିଲେ। ସଂସଦ ସମ୍ପାଦକ ଶିଶୁ ସାହିତ୍ୟିକ ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଡ. ବୃନ୍ଦାବନ ପଣ୍ଡା, ଡ. ପ୍ରମୋଦ ଚନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର, ବାସୁଦେବ ସାହୁ, ଡ. ଯୋଗେଶ ଚନ୍ଦ୍ର ରଥ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଜ୍ୟୋତିପ୍ରଭା ପଟ୍ଟନାୟକ, ଡ. ଚପଳା ପଣ୍ଡା, ପ୍ରିୟରଞ୍ଜନ ପଟ୍ଟନାୟକ, ନାରାୟଣ ଦାସ, ବଂଶୀଧର ଦାସ, ଜଳଧର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଉପସଭାପତି ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ଗାନ୍ଧିଜୀଙ୍କ ସମ୍ପର୍କିତ ପ୍ରଦର୍ଶନୀ

ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)

ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ମହାତ୍ମା ଗାନ୍ଧୀଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି, ଗାନ୍ଧିଜୀ ରହୁଥିବା ବମ୍ବେର ମଣି ଭବନ, ସାବରମତୀ ଆଶ୍ରମର ସ୍ମାରକୀ, ବିରଳ ଗଛପତ୍ର ପତ୍ରିକା, ମୁଦ୍ରା, ଡାକ ଟିକେଟ, ପ୍ରଥମ ଦିବସ ଲଫାପା ଆଦିର ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏଥିରେ ଗାନ୍ଧିଜୀଙ୍କ ହରିଜନ ପତ୍ରିକା, ବିଭିନ୍ନ ଭାଷାରେ ଗାନ୍ଧିଜୀଙ୍କ ସ୍ୱାକ୍ଷର, ବିଶ୍ୱନାଥ ଦାଶଙ୍କ ଦ୍ୱାରା ପ୍ରକାଶିତ ସ୍ନେହଲତା ମିଶ୍ରଙ୍କ 'ଗାନ୍ଧୀ ବିୟୋଗରେ ପୃଥିବୀର ଶୋକ' ଗୋପବନ୍ଧୁ ଚୌଧୁରୀଙ୍କ 'ଚାଷୀ ମୂଳିଆର ଗାନ୍ଧୀ'-୧୯୪୯, ବିନୋଦ କାନୁନ୍‌ଗୋଙ୍କ 'ଉତ୍କଳରେ ଗାନ୍ଧିଜୀଙ୍କ ପଦଯାତ୍ରା', ସତ୍ୟବାଦୀ ପ୍ରେସରେ ମୁଦ୍ରିତ ବନମାଳୀ ମିଶ୍ରଙ୍କ 'ଉତ୍କଳରେ ଖଦଡ଼'-୧୯୩୩, ଉତ୍କଳ ଖଦିମଣ୍ଡଳ ଦ୍ୱାରା ପ୍ରକାଶିତ 'ଭୂଦାନ ଗୀତିକା' ଚିନ୍ତାମଣି ପାଣିଗ୍ରାହୀଙ୍କ ଦ୍ୱାରା ପ୍ରକାଶିତ ପ୍ରଜାତନ୍ତ୍ର ମୀନାବଜାର ସ୍ୱତନ୍ତ୍ର ସଂଖ୍ୟା 'ପିଲାଙ୍କ ବାପୁ'-୧୯୪୯ ଉତ୍କଳ ପ୍ରସଙ୍ଗର ଗାନ୍ଧୀ ସ୍ମାରକୀ ବିଶେଷ ସଂଖ୍ୟା-୧୯୫୦, ଗାନ୍ଧୀ ଜୟନ୍ତୀ ସଂଖ୍ୟା-୧୯୫୦, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ 'ଓଡ଼ିଶାରେ ଗାନ୍ଧିଜୀ' ଜେ.ବି. ପଟ୍ଟନାୟକଙ୍କ ଇଂରାଜୀ ରଚିତ 'ଦି ଷ୍ଟ୍ରଗଲ ଅଫ୍ ସେଞ୍ଚୁରୀ', ଗୋପାଳକୃଷ୍ଣ ଦାସଙ୍କ 'ଗାନ୍ଧୀ ଆଣ୍ଡ କଟକ', ବି.ପି. ସେନାପତିଙ୍କ ଉପନ୍ୟାସ 'ଲିଡର ଅଫ୍ ମିଲିୟନ୍ସ' ଆଦି ପ୍ରଦର୍ଶିତ ହୋଇଥିଲା । ଏଥିରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ଓ ବିଜେବି ହାଇସ୍କୁଲର ଛାତ୍ରମାନେ ଯୋଗ ଦେଇଥିଲେ। ରୋଭର ରିଣ୍ଟୁ ଧନ୍ୟବାଦ ଦେଇଥିଲେ।

# ଗାନ୍ଧୀ, ଶାସ୍ତ୍ରୀଙ୍କ ନୀତି ଆଦର୍ଶ ସର୍ବଦା ସ୍ମରଣୀୟ

ଖୋର୍ଦ୍ଧା,୨।୧୦ (ପ୍ରଭାତ ପାଣିଗ୍ରାହୀ)

ମହାତ୍ମା ଗାନ୍ଧୀଙ୍କ ବିଚାରଧାରା ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶ ଏ ଦେଶ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ପ୍ରଫେସର ନାରାୟଣ ରାଓ କହିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସୋମବାର ବିଜେବି ହାଇସ୍କୁଲ ପରିସରରେ ଗାନ୍ଧିଜୀଙ୍କ ୧୫୪ତମ ଓ ଶାସ୍ତ୍ରୀଙ୍କ ୧୧୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ରାଓ ଯୋଗଦେଇ କହିଲେ ଯେ, ଗାନ୍ଧୀ ଥିଲେ ଏକ ବିଚାରାଧାରା। ବିଶ୍ୱର ଅନେକ ରାଷ୍ଟ୍ର ଗାନ୍ଧିଜୀଙ୍କ ବିଚାରକୁ ଆପଣାଇଛନ୍ତି। ତାଙ୍କ ଅହିଂସା ମାର୍ଗକୁ ଜାତିସଂଘ ମଧ୍ୟ ଗ୍ରହଣ କରିଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା



ଗାନ୍ଧୀ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

ରୁପଶ୍ରୀରାଣୀ ଗୁମାନ ସିଂ ଯୋଗଦେଇ ଉଭୟ ବରପୁତ୍ରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଗାନ୍ଧୀଙ୍କ ଅସୀମ ଧୈର୍ଯ୍ୟ ଶକ୍ତି ତାଙ୍କ ସଫଳତାର ଚାବିକାଠି ବୋଲି କହିଥିଲେ। ଗାନ୍ଧୀଙ୍କ ବିଚାର ଓ ଦର୍ଶନକୁ ନେଇ ଆୟୋଜିତ ଆଲୋଚନା ଚକ୍ରରେ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରସ୍ତକାର ଉମାଶଙ୍କର ପ୍ରସାଦ, ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂ, ଭୀମସେନ ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ ମିଶ୍ର ଗୀତାପାଠ, ମାନୁଏଲ କାରାଡୋ ବାଇବେଲ ଏବଂ ମୌଲାନା ଫତିବୁଧିନ ଖାଁ କୋରାନ ପାଠ କରିଥିଲେ। ବିଦ୍ୟାଳୟ, ହାଇସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳ ଭୋର ସାଢେ ୪ଟାରେ ରାମଧୁନ ପ୍ରଚାର କରାଯାଇଥିଲା। ସକାଳ ୭ଟାରେ ଗାନ୍ଧୀଙ୍କ ସଦଭାବନା ବାଣୀ ପ୍ରଚାର ନେଇ ବିଜେବି ହାଇସ୍କୁଲ ପକ୍ଷରୁ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏହାର ଶୁଭାରମ୍ଭ କରିଥିଲେ। ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ଶିକ୍ଷାବିତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଡାକବଙ୍ଗଳାସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜେବି ହାଇସ୍କୁଲକୁ ଫେରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓ ଶିକ୍ଷକମାନେ ସହଯୋଗ କରିଥିଲେ।


ଗାନ୍ଧୀ ଜୟନ୍ତୀ ଅବସରରେ ସୋମବାର ଜଟଣୀ ୟୁଥ୍ ଫେଡେରେଶନ୍ ପକ୍ଷରୁ ବାହାରିଥିବା ପଦଯାତ୍ରା।

# 'ଅନୁସନ୍ଧିତ୍ସୁ ହେଲେ ବାପୁଜୀଙ୍କ ଅହିଂସା ମାର୍ଗ ଉଜ୍ଜୀବିତ ରହିବ'

ବେଗୁନିଆ,୨।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସୋମବାର ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସ୍ମୃତି ପୀଠ ପରିସରରେ ଆୟୋଜିତ ସମାରୋହରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସର୍ବୋଦୟ କର୍ମୀ ବିନୋଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସମାରୋହକୁ ଶୁଭାରମ୍ଭ କରିଥିଲେ। ଶିକ୍ଷାବିତ୍ ଭାଗୀରଥି ପରିଡାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ହରି ନାମ ସଂକୀର୍ତ୍ତନ, ପଣ୍ଡିତ ବ୍ରହ୍ମାନନ୍ଦ ରାଜଗୁରୁ ମଙ୍ଗଳାଚରଣ ପାଠ କରିବା ପରେ ସଭା ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଭଜନ 'ବୈଷ୍ଣବ ଜନତୋ ' ଶ୍ରାବ୍ୟ ଉପକରଣ ମାଧ୍ୟମରେ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ 'ଗାନ୍ଧୀ ବିଚାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗାନ୍ଧିଜୀ ନିର୍ଦ୍ଦିଷ୍ଟ ତତ୍ତ୍ୱକୁ ବିଶ୍ୱାସ କରନ୍ତି ନାହିଁ, ବରଂ ସେ ଜଣେ ସର୍ବଗୁଣ ସମ୍ପନ୍ନ ତଥା ଆତ୍ମନିର୍ଭରଶୀଳ ମନୁଷ୍ୟ ଥିଲେ। ସେହିପରି ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ପାଳନ ଦିବସ ଆସିଲେ ଆମେ ସଭିଏଁ ତତ୍ପରତା ଦେଖାଇବା ଠିକ ବିଚାର ନୁହେଁ, ବରଂ ଅନୁସନ୍ଧିତ୍ସୁ ହେଲେ ବାପୁଜୀଙ୍କ ନୀତି ଓ ଅହିଂସା ମାର୍ଗ ଉଜ୍ଜୀବିତ ରହିବ ବୋଲି ଅତିଥି ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ପରେ ସଂସଦ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା, ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧି, ସାମାଜିକ କର୍ମୀ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ରାଜକିଶୋର ସାହୁ, ଜଗଦୀଶ ଚନ୍ଦ୍ର ପାତ୍ର, ଶିବ କୁମାର ମୁନି, ଦେବାଶିଷ ସାହୁ, ବଂଶୀଧର ପାଣିଗ୍ରାହୀ, ଶ୍ରୀବତ୍ସ ପାଣିଗ୍ରାହୀ, ବ୍ରଜବନ୍ଧୁ ପଣ୍ଡା, ଶରତ ଚନ୍ଦ୍ର ଚମ୍ପତି ପ୍ରମୁଖ ଯୋଗଦେଇଥିଲେ। ସଙ୍ଗୀତଜ୍ଞ ପ୍ରଦୀପ୍ତ କିଶୋର ତ୍ରିପାଠୀ ଓ ସାଥୀ ବସନ୍ତ ଦାସ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ନାରାୟଣ ସେବା ସଂଘର ପ୍ରତିଷ୍ଠା ଦିବସ

ବୋଲଗଡ଼,୨।୧୦(ଦେବବ୍ରତ ହୋତା)

ବୋଲଗଡ଼ ଗାନ୍ଧୀ ମଣ୍ଡପଠାରେ ସ୍ଥାନୀୟ ନାରାୟଣ ସେବା ସଂଘ (ବାପୁକୁଟୀ) ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ହୋଇଯାଇଛି। ଏଥିସହିତ ଉକ୍ତ ଅନୁଷ୍ଠାନର ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଭାତ ଫେରି ଓ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ରାମଧୁନ ଗାନ କରାଯାଇଥିଲା। ଆୟୋଜିତ ସଭାରେ ସଂଘ ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁନୀଲ ରଥ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଖୋର୍ଦ୍ଧା ଜିଲାପାଳ ନିରଞ୍ଜନ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ରବି ରାୟ, ସମ୍ମାନିତ ଅତିଥି ରାଜ୍ୟ ନିଶା ନିବାରଣ ଅଭିଯାନ ସଂଯୋଜିକା ଅପର୍ଣ୍ଣା ନାୟକ, ସାମାଜିକକର୍ମୀ ପାର୍ଥ ସାରଥି ମହାନ୍ତି, ବ୍ୟଙ୍ଗକବି ବ୍ରଜ ବିହାରୀ ସୁବୁଦ୍ଧି, ସମାଜସେବୀ ବିନୋଦ ବିହାରୀ ରାମ ଓ ଦିବାକର ପରମଗୁରୁ ପ୍ରମୁଖ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେବାସଂଘର ସମ୍ପାଦକ ଗୌରାଙ୍ଗ ଚମ୍ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଭା ସମ୍ପନ୍ନ ଆମନ୍ତ୍ରିତ ଯୁବକଙ୍କୁ ସମ୍ମାନିତ କରାଯାଇଥିଲା। ସେବା ସଂଘର କର୍ମକର୍ତ୍ତା ଦେବ ପ୍ରସାଦ ସାହୁ, ବୈଦ୍ୟନାଥ ମହାରଣା, ନିରଞ୍ଜନ ସାହୁ, ଗୁରୁ କୃଷ୍ଣ ଦୁଃଖାନନ୍ଦ ସାମନ୍ତରାୟ, ସିତାଂଶୁ ମହାରଣା, ମମତା ସାହୁ, ପ୍ରମୋଦ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରାହ୍ମଣଦେଓରେ ବନ୍ୟପ୍ରାଣୀ ସପ୍ତାହ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୨।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଦେଓ ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ସୋମବାର ବାଲୁଗାଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ୬୯ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବ୍ରାହ୍ମଣଦେଓ ଗ୍ରାମ୍ୟ କମିଟିର ସଭାପତି ହଳଧର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା, ମୁଖ୍ୟବକ୍ତା ସାମାଜିକ କର୍ମୀ ଧନେଶ୍ୱର ବିଧାର, ଅତିଥିଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବନସୁରକ୍ଷା ସମିତିର ସଭାପତି କଲ୍ୟାଣ କୁମାର ରଣସିଂହ, ପ୍ରକୃତିବନ୍ଧୁ ଶିକ୍ଷକ ଶେଷଦେବ ବେହେରା, ଗଞ୍ଜାମ ଜିଲା ୱାଇଲ୍ଡ ଲାଇଫ ୱାର୍ଡେନ ରବୀନ୍ଦ୍ର ନାଥ ସାହୁ, ଅଶୋକ ବିଶାଳ, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା ଓ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଅତିଥିମାନେ ଜୀବେ ଦୟା ପ୍ରଥାକୁ ଗୁରୁତ୍ୱ ଦେଇଥିଲେ। ସର୍ବପ୍ରଥମେ ଅତିଥିମାନେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାପରେ ଚକୁଲିଆପଣ୍ଡା ବେଶରେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ରାଉତଙ୍କ ବନ୍ୟପ୍ରାଣୀ ସୁରକ୍ଷା ଓ ସଚେତନତା ସମ୍ପର୍କିତ ଗୀତ, ଅଭିନୟ ଆକର୍ଷଣୀୟ ସହ ସାମାଜିକ ବାର୍ତ୍ତା ବହନ କରିଥିଲା। ଏହି କାର୍ଯ୍ୟକ୍ରମରେ ପିଟିଶାଳ ବନପାଳ ରଶ୍ମିରଞ୍ଜନ ନାୟକ, କେଶପୁର ବନପାଳ ପ୍ରଣବ କୁମାର ଜୟସିଂ, ରମ୍ଭା ବନପାଳ ଗୌରାଙ୍ଗ ପ୍ରଧାନ, ବନରକ୍ଷୀ ଅନିଲ ସାହୁ, ଦିଲ୍ଲୀପ ସ୍ୱାଇଁ, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ବ୍ରାହ୍ମଣଦେଓ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଶିକ୍ଷକ ସଂଗ୍ରାମ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

### ଗୋଦାବରୀଶ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଗମ୍ଭାରୀମୁଣ୍ଡା,୨।୧୦(ଦିଲ୍ଲୀପ ସ୍ୱାଇଁ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସ୍ଥାନୀୟ ଚିଲିକା ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ କବି ଗୋଦାବରୀଶ ମହାପାତ୍ରଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଓ କବିତା ପାଠୋତ୍ସବ ନେହେରୁ ସେବା ସଂଘର କନକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ସଭାପତି କବି ବାଳମୁକୁନ୍ଦ ଦାସ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଡ. ବିଜୟ କୁମାର ଶତପଥୀ, ମୁଖ୍ୟବକ୍ତା ସୁସାହିତ୍ୟିକ ନାଟ୍ୟକାର ସୁବାସ ଚନ୍ଦ୍ର ମହାପାତ୍ର, ସମ୍ମାନୀୟ ବକ୍ତା ଗାଳ୍ପିକ ଶିବ ମିଶ୍ର ଓ ନୃସିଂହ ପ୍ରସାଦ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ପରେ କବି ପୁରୁଷୋତ୍ତମ ମହାପାତ୍ରଙ୍କ ସଭାପତିତ୍ୱରେ ଏବଂ କବି ସଂଗ୍ରାମ କେଶରୀ ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବ ହୋଇଥିଲା। ଓମ୍‌ପ୍ରକାଶ ଅଗ୍ରୱାଲ, ଭିକାରୀ ଚରଣ ପ୍ରଧାନ, ମଦନ ମହାପାତ୍ର, ଆନନ୍ଦ ଚନ୍ଦ୍ର ସେନାପତି, ରଙ୍କ ନାଥ ସେଠୀ, ରମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ସୁବୁଦ୍ଧି ଉପସ୍ଥିତ ଥିଲେ।

# ଆୟୁଷ୍ମାନ୍ ଭବଃ ସ୍ୱାସ୍ଥ୍ୟମେଳା


ସ୍ୱାସ୍ଥ୍ୟମେଳା ଶୁଭାରମ୍ଭ ଅବସରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

ବେଗୁନିଆ,୨।୧୦(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକସ୍ତରୀୟ ଆୟୁଷ୍ମାନ୍ ଭବଃ ସ୍ୱାସ୍ଥ୍ୟମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଶିବିରକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ସଭ୍ୟା ତନୁଜା ପାଟଶାଣୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଆୟୋଜକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୋଟ୍ ୭୦୫ଜଣ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ସେହିପରି ଆଭା ଆଇଡି ଖୋଲିବା ପାଇଁ ୧୦ଜଣ ଆବେଦନ କରିଛନ୍ତି। ସେହିପରି ମୃତ୍ୟୁବରଣ ପରେ ସ୍ୱେଚ୍ଛାକୃତ ଅଙ୍ଗଦାନ କରିବେ ବୋଲି ୧୨ଜଣ ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୫ଜଣଙ୍କୁ ଅନୁମତି ସାର୍ଟିଫିକେଟ ମିଳିଥିବା ବେଳେ ଅନ୍ୟ ୭ଜଣଙ୍କ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଗୁରୁତର ରୋଗୀଙ୍କୁ ଅଧିକ ଚିକିତ୍ସା ଲାଗି ବିଭିନ୍ନ ବିଭାଗୀୟ ଡାକ୍ତରଖାନାକୁ ପଠାଯାଇଛି। ବିପିଏମ୍ ଦିଲ୍ଲୀପ କୁମାର ସାହୁ, ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା, ବିଏଏମ୍ ଶାନ୍ତନୁ କୁମାର ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଜାତୀୟ କରାଟେ ଚାମ୍ପିୟନଶିପ, ଖୋର୍ଦ୍ଧା ଜିଲା ଗ୍ରୁପକୁ କାଂସ୍ୟ ପଦକ

ବାଲୁଗାଁ,୨।୧୦(ସଂଗ୍ରାମ ପାଇକରାୟ)

ଗତ ସପ୍ତାହରେ ଡେରାଡୁନଠାରେ ଜାତୀୟ ଜୁନିୟର ଓ ସିନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରୁ ମୋଟ ୪୭ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ୪ଟିରୌପ୍ୟ ଏବଂ ୬ଟିକାଂସ୍ୟ ପଦକ ମିଳିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲାର ସଲୋନୀ ପାତ୍ର, ଅଂଶିତା ସାହୁ, ଦୀପସା ଦେବାଂଶୀ ପ୍ରଧାନ ଏବଂ ଦୀପଶିଖା ସାମନ୍ତରାୟ ଦଳଗତ



କାଟାରେ କାଂସ୍ୟ ପଦକ ହାସଲ କରିଛନ୍ତି। ଖୋର୍ଦ୍ଧା ଜିଲା କରାଟେ ସଙ୍ଘର ସମ୍ପାଦକ ସେନସେଇ ଦୀପକ କୁମାର ସାମନ୍ତରାୟଙ୍କ ନିକଟରେ ଏହି ପ୍ରତିଯୋଗୀମାନେ ପ୍ରଶିକ୍ଷଣ ପ୍ରାପ୍ତ କରିଛନ୍ତି। ରାଜ୍ୟ କରାଟେ ସଂଘର ସଭାପତି ହାନସି ଡ. ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଗୌରୀ ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଜେତାମାନେ ରାଜ୍ୟ ସରକାରଙ୍କଠାରୁ କ୍ରୀଡା ପୁରସ୍କାର ପାଇବେ ବୋଲି କୋଚ ସାମନ୍ତରାୟ ପ୍ରକାଶ କରିଛନ୍ତି।

# ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ




ନିରାକାରପୁର,୨।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ୱାର୍କ ଫର ନେଶନ ପକ୍ଷରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ନିରାକାରପୁରର ପୂର୍ବତନ ସରପଞ୍ଚ ବିପିନ ଜୟସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସମ୍ମାନିତ ଅତିଥିଭାବେ ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ, ସିନେ କଳାକାର ନମ୍ରତା ସିଂଦେଓ, ଶିକ୍ଷାବିତ୍ ରମାକାନ୍ତ ମହାପାତ୍ର, କମଳଲୋଚନ ପ୍ରଧାନ, ଅପର୍ତ୍ତି ଜେନା ପ୍ରମୁଖ ଯୋଗଦେଇଥିଲେ। ଅମିୟ କୁମାର ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୱାର୍କ ଫର ନେଶନର ସମ୍ପାଦକ ଚିତ୍ତରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅହିଂସାମାର୍ଗ ଅନୁସରଣ କରିବାକୁ ଆହ୍ୱାନ

ଟାଙ୍ଗୀ,୨।୧୦(ରଘୁନାଥ ସାହୁ)

ଟାଙ୍ଗୀ ଚିଲିକା ଛକ ନିକଟ ଦଣ୍ଡପାଣି ବାବାଙ୍କ ପୀଠରେ ବୁଦ୍ଧିଜୀବୀ ମଣ୍ଡଳୀଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଇନଜୀବୀ ନିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାହିତ୍ୟ ଘର ସଭାପତି ବିଜୟ ରାଉତ, ସାମ୍ବାଦିକ ରଘୁନାଥ ସାହୁ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ଅଶ୍ୱିନୀ ଦାସ, ଅଜୟ ରାୟ, ଦିଲୀପ ନାଥ, ରମେଶ ବେହେରା, ମଧୁସୂଦନ ପଣ୍ଡା,ସନାତନ ଚମ୍ପତି, ସନ୍ଦିପନୀ ମିଶ୍ର, ଆଲୋକ ମହାରଣା, ଦିଲୀପ ରାଉତ, ବିରେନ ବାହୁବଳେନ୍ଦ୍ର, ଶୁଭ ପ୍ରକାଶ ଶ୍ରୀଚନ୍ଦନ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଅମର ସ୍ମୃତି ପରିଷଦ ପକ୍ଷରୁ ଟାଙ୍ଗୀଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କବି କାହ୍ନୁଚରଣ ମିଶ୍ର, ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ରମେଶ ଚନ୍ଦ୍ର ମହାପାତ୍ର, ବସନ୍ତ ସାହୁ, ବସନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦ ସଭାପତି ସୁଶିଲ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ଡା. ମଧୁସୂଦନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅରୁଣ ରଞ୍ଜନ ମହାନ୍ତି, ରାଜ କିଶୋର ରଣ ସିଂ, ଗୋବିନ୍ଦ ଚନ୍ଦ୍ର ସାହୁ, ଦେବଦତ୍ତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ସୁକାନ୍ତ ଦାସ, ମହେଶ୍ୱର ପ୍ରଧାନ, ସୁରେନ୍ଦ୍ର ରାଉତ, ମହେଶ୍ୱର ସେନାପତି, ବାବୁଲା ବଳବନ୍ତରାୟ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ସମ୍ପାଦକ ଭଗବାନ ଚମ୍ପତି ଧନ୍ୟବାଦ ଦେଇଥିଲେ। ସେହିପରି ଚାନ୍ଦପୁରରେ ଗାନ୍ଧିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍କାଉଟ ଗାଇଡର ରାଜ୍ୟ ସଂଯୋଜକ ରବୀନ୍ଦ୍ର ନାୟକ, ସତ୍ୟସାଇ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ କିଶୋର ସାହୁ, କଲ୍ୟାଣୀ ମହାରଣା, ସୁମିତ୍ରା ମହାରଣା ପ୍ରମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ରାମଧୁନ ଗାନ କରିଥିଲେ।

**ବାଲୁଗାଁ,୨।୧୦(ସଂଗ୍ରାମ ପାଇକରାୟ):** ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଓ ଆନ୍ତର୍ଜାତିକ ଅହିଂସା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନା ଦାସଙ୍କ ତତ୍ତ୍ୱାବଧାନରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ ପରିକ୍ରମା ସହ ପରିବେଶ ସଫା ରଖିବା ନେଇ ସଚେତନ ବାର୍ତ୍ତା ପ୍ରଚାର କରାଯାଇଥିଲା। ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମୀଧର ସୁବୁଦ୍ଧି ଓ ରିନା ରାଉତ, ଏନ୍‌ସିସି ଅଫିସର ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ। କୈଳାସ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ।

**ଗମ୍ଭାରୀମୁଣ୍ଡା,୨।୧୦(ଦିଲ୍ଲୀପ ସ୍ୱାଇଁ):** ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀ କୁଟୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଗମ୍ଭାରୀମୁଣ୍ଡା ବଜାର ଚାନ୍ଦିନୀ ମଣ୍ଡପଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ ସ୍ୱାଇଁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷାବିତ୍ ଗୋଲଖ ବିହାରୀ ପଟ୍ଟନାୟକ, ଗମ୍ଭାରୀମୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ ପଟ୍ଟନାୟକ, ଅଜିତ ସମାନ୍ତସିଂହାର, ପୂର୍ଣ୍ଣ ଚନ୍ଦ୍ର ସାହୁ, ସୁଶାନ୍ତ ସ୍ୱାଇଁ, ସୁକାନ୍ତ ସାମନ୍ତରାୟ, ଯଦୁ ମୁଦୁଲି, ପପୁ ସେଠି, ଟୁକୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ନିଲାମ କାଟଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ଼-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଂର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ୍‌ରଙ୍କୁ ୱେବସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-634/O/23-24

## ସଂକ୍ଷେପରେ

### ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶକୁ ଗୁରୁତ୍ୱ ଦେବାକୁ ଆହ୍ୱାନ

**ଗୋପ,୨।୧୦(ଭାରତୀ ଭୂଷଣ ଉପାଧ୍ୟାୟ):** ବିଶ୍ୱ ଅହିଂସା ଦିବସକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଜାତିର ଜନକ ମହାତ୍ମା ଗାନ୍ଧୀ ଅକ୍ଟୋବର ୨ ତାରିଖକୁ ବିଶ୍ୱ ଅହିଂସା ଦିବସ ରୂପେ ବିବେଚନା କରି ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେମାନେ ତାଙ୍କ ନୀତି ଆଦର୍ଶକୁ ପାଥେୟ କରି ଅଞ୍ଚଳକୁ ସଫାସୁତୁରା ରଖିବା ବୋଲି ଗୋପ ବ୍ଲକ ଅନ୍ତର୍ଗତ ବ୍ୟବସାୟିକ ପେଣ୍ଠସ୍ଥଳୀ ନାଗପୁରଠାରେ ସଫେଇ କାର୍ଯ୍ୟକ୍ରମରେ ନିମାପଡ଼ା ଅଞ୍ଚଳର ଭାଜପା ଯୁବ ନେତୃତ୍ୱ ଦିଲୀପ ନାୟକ ସୂଚନା ଦେଇଥିଲେ। ଏହି ସଫେଇ କାର୍ଯ୍ୟରେ ଭାଜପାର ଶହେରୁ ଅଧିକ ଯୁବକ ଯୋଗ ଦେଇଥିଲେ। ଯୁବକମାନେ ପ୍ରଥମେ ନାଗପୁର-ବାଲିକପିଳେଶ୍ୱର ରାସ୍ତା, ନାଗପୁର-ବାଲିଘାଇ ରାସ୍ତା, ନାଗପୁର ବଜାର, ନାଗପୁର ନୋଡାଲ ସ୍କୁଲ୍ ସହିତ ବାଳିକା ବିଦ୍ୟାଳୟ ନିକଟରେ ରହିଥିବା ଅଳିଆ ଆବର୍ଜନାଗୁଡିକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ନିରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ସାହୁ ଯୋଗଦେଇ ସ୍ୱଚ୍ଛତା ହିଁ ଶାନ୍ତିର ମାର୍ଗ ବୋଲି କହିଥିଲେ।

### ସଚେତନତା ଶୋଭାଯାତ୍ରା

**ନିମାପଡ଼ା,୨।୧୦(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଏନ୍‌ଏସି ପକ୍ଷରୁ ନିମାପଡ଼ା ସହର ବ୍ୟାପୀ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସହର ବଜାରରେ ସଫେଇ କରାଯାଇଥିଲା। ଏହି ଅବସରରେ 'ସ୍ୱଚ୍ଛତା ହିଁ ସେବା' ଶୀର୍ଷକ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ସ୍ୱଚ୍ଛତା ହିଁ ସେବା, ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବା, ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏଥିରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ଅଧ୍ୟାପକ ସୁବ୍ରତ ମହାନ୍ତି, ଅତିରିକ୍ତ ବିଇଓ ସୋଦାମିନୀ ଦାଶ, ଫାର୍ମାସିଷ୍ଟ ଆଇ, ତ୍ରିନାଥ ପାତ୍ରଙ୍କ ସମେତ ବହୁ କାଉନସିଲର, ଶିକ୍ଷୟିତ୍ରୀ, ଶିକ୍ଷକ, ଏନ୍‌ସିସି କ୍ୟାଡେଟ୍, ମହିଳା ଗୋଷ୍ଠୀର ବହୁ ମହିଳା, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**ସାକ୍ଷୀଗୋପାଳ, ୨।୧୦ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):** ସତ୍ୟବାଦୀର ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଫଟୋ ପୂଜା କରିବା ସହ ସ୍ମୃତିଚାରଣ କରିଥିଲେ। ପ୍ରଥମେ ପୁଣ୍ୟାତ୍ମା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ସ୍କୁଲ କମିଟି ସଭାପତି ଚକ୍ରଧର ମହାରଣା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଉକ୍ତ ସଭାରେ ସଭାପତିତ୍ୱ କରି ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଜୀବନ ଦର୍ଶନ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ଓ ତପସ୍ୱିନୀ ତ୍ରିପାଠୀ ଉଭୟ ମହାପୁରୁଷଙ୍କ ଜୀବନ ଦର୍ଶନରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ପୁରୀ ଜିଲା ଶାଖା, ଉତ୍କଳ ସମ୍ମିଳନୀ ପକ୍ଷରୁ ସାକ୍ଷୀଗୋପାଳସ୍ଥିତ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାସଂଘରେ ଥିବା ଗୋପବନ୍ଧୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାବିତ ଫକୀର ଚରଣ ପାଢୀଙ୍କ ଲିଖିତ ମହାତ୍ମା ଗାନ୍ଧୀଙ୍କ ଜୀବନ ସମ୍ପର୍କିତ ଓଡ଼ିଆ ବହି 'ଧନ୍ୟବାଦ' ଉନ୍ମୋଚିତ ହୋଇଥିଲା। ଉତ୍କଳ ସମ୍ମିଳନୀର ପୁରୀ ଶାଖା ସଭାପତି ଗବେଷକ ଭୀମସେନ ମହାପାତ୍ର, ଉପଦେଷ୍ଟା ହେମନ୍ତ କୁମାର ଛୋଟରାୟ, କଣାସ ଶାଖା ସଭାପତି ନାଟ୍ୟଭୂଷଣ ବିଭୂତି ଭୂଷଣ ପଟ୍ଟନାୟକ, କବି ମହେନ୍ଦ୍ର କୁମାର ତ୍ରିପାଠୀ ଓ ଆଇନଜୀବୀ କବି ହୃଷୀକେଶ ପାଢୀ ଉପସ୍ଥିତ ରହି ମହାପୁରୁଷଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସେହିପରି ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନ ପରିସରରେ ଗାନ୍ଧୀ ଜୟନ୍ତୀକୁ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି। ଏଥିପାଇଁ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ। ବକ୍ତା ଭାବେ ହୃଷୀକେଶ ମିଶ୍ର, ଆଇନଜୀବୀ ଅମର ନନ୍ଦ, ଶିକ୍ଷାବିତ୍ ଜୟନ୍ତ ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ବୁଧନାଥ ମଲିକ, ଲିଙ୍ଗରାଜ ବର ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ରବିନାରାୟଣ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଇବର ସୁରକ୍ଷା ସଚେତନତା ରଥ ଗଡ଼ିଲା

**ପୁରୀ,୨।୧୦( ଅଜିତ ମହାନ୍ତି):**



ଜିଲାପାଳ ସମର୍ଥ ବର୍ମା ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

ଦେଶ ତଥା ରାଜ୍ୟରେ ଦିନକୁ ଦିନ ସାଇବର ଅପରାଧୀଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଶିକ୍ଷିତ ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିବିଶେଷ ଅଧିକାଂଶ ସମୟରେ ସାଇବର ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସରକାରଙ୍କଠାରୁ ଆରମ୍ଭ କରି ପୋଲିସ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଲୋକଙ୍କୁ ସାଇବର ଠକେଇରୁ ରକ୍ଷା କରିବାକୁ ପୋଲିସ ପକ୍ଷରୁ ସାଇବର ସେଲ ଖୋଲା ଯାଇଥିଲେ ବି ଅନେକ ବ୍ୟକ୍ତି ସଚେତନତା ଅଭାବରୁ ଠକେଇର ଶିକାର ହେଉଛନ୍ତି। ତେଣୁ ଲୋକେ କିପରି ସାଇବର ଠକେଇର ଶିକାର ନ ହେବେ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୁରୀରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସୋମବାର ସରକାରଙ୍କ ପକ୍ଷରୁ ସଚେତନତା ସାଇବର ରଥର ଶୁଭାରମ୍ଭ ହୋଇଛି। ଟାଉନ ଥାନା ସମ୍ମୁଖରେ ସାଇବର ସୁରକ୍ଷା ରଥକୁ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି ଡା. କନୱର ବିଶାଳ ସିଂ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ୟୁକୋ ବ୍ୟାଙ୍କର ଡିଜିଏମ୍ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ରଥ ସାଇବର ଠକେଇ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ସାଧାରଣ ଜନତାଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ଅବଗତ କରାଇବ ବୋଲି ଏସ୍‌ପି କହିଥିଲେ। ଏହି ରଥ ଜିଲାର ସମସ୍ତ ଥାନା ଅଞ୍ଚଳ ପରିକ୍ରମା କରିବା, ଲୋକଙ୍କୁ ବିଶେଷ କରି ଯୁବପିଢ଼ି, ଛାତ୍ରୀଛାତ୍ରଙ୍କୁ ସାଇବର ଠକାମି, ଅପରାଧର ବିଭିନ୍ନ ଦିଗ ଓ ସେଥିରୁ ସୁରକ୍ଷିତ ରହିବା ସମ୍ପର୍କରେ ବିବିଧ ପଦକ୍ଷେପ ସମ୍ବନ୍ଧରେ ସଚେତନ କରିବ ବୋଲି ସେ କହିଥିଲେ। ସେହିପରି ୟୁକୋ ବ୍ୟାଙ୍କ ଭୁବନେଶ୍ୱରର ଡିଜିଏମ୍ ରମେଶ ଚନ୍ଦ୍ର ସାହୁ ପ୍ରାୟ ୫୦ ପ୍ରକାରର ସାଇବର ଠକାମି ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏହାର ସୁରକ୍ଷା ଓ ନିରାପତ୍ତା ପାଇଁ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏଭଳି ସଚେତନତା ପଦକ୍ଷେପ ନେବା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ମାଗଣା ସେବା ଯୋଗାଇଲା ଅଟୋଚାଳକ ୟୁନିୟନ

**ପୁରୀ, ୨।୧୦(ଅଜିତ୍ ମହାନ୍ତି):** ସାଧାରଣ ପରିବହନ କ୍ଷେତ୍ରରେ ଘରୋଇକରଣ ଯୋଗୁ ସାଧାରଣ ଲୋକେ ଅଟୋ ଉପରେ ନିର୍ଭର କରୁଛନ୍ତି। ବେକାରି ଯୁବକମାନେ ଅଟୋ ଚଳାଇ ରୋଜଗାର କରି ଜୀବିକା ନିର୍ବାହ କରିବା ସହ ସେବା ଓ ତ୍ୟାଗର ନିଦର୍ଶନ ଦେଖାଇଛନ୍ତି। ଶ୍ରୀକ୍ଷେତ୍ର ଅଟୋ ଚାଳକ ୟୁନିୟନ (ସିଆଇଟିୟୁ ଅନୁବନ୍ଧିତ) ପକ୍ଷରୁ ସୋମବାର ଗାନ୍ଧୀ ଜୟନ୍ତୀ ଅବସରରେ ମାଗଣା ଅଟୋ ପରିବହନ ସେବା ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଇଛି। ପୁରୀରୁ ଚନ୍ଦନପୁର ଓ ପୁରୀରୁ ବ୍ରହ୍ମଗିରିକୁ ସଂଘ ପକ୍ଷରୁ ମାଗଣା ପରିବହନ ସେବା ଦିନକ ପାଇଁ ଯୋଗାଇଯାଇଛି। ଏ ନେଇ ସଂଘର ସଭାପତି ଶରତ କୁମାର ରାୟଗୁରୁଙ୍କ ଅଧ୍ୟକ୍ଷତାରେ ଟାଉନ ଥାନା ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଉନ ଥାନା ଆଇଆଇସି ସୁନିଲ ପ୍ରଧାନ ଏବଂ ଟ୍ରାଫିକ ଥାନା ଆଇଆଇସି ସଙ୍ଗୀତା ଦାଶ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମାଗଣା ଅଟୋ ସେବାର ଶୁଭାରମ୍ଭ କରିଥିଲେ। ଅଟୋ ଚାଳକମାନଙ୍କ ଏଭଳି କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିବା ସହ ସେମାନେ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇଲେ ଆହୁରି ପ୍ରଶଂସା ପାଇବେ ବୋଲି କହିଥିଲେ। ସିଆଇଟିୟୁର ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ କହିଥିଲେ ଯେ, ଅଟୋ ଚାଳକ ଯାତ୍ରୀଙ୍କ ପାଇଁ, ଯାତ୍ରୀଙ୍କ ଦ୍ୱାରା ଓ ଯାତ୍ରୀଙ୍କର। ତେଣୁ ସମସ୍ତେ ଏକାଠି ହୋଇ ପରିବହନ କ୍ଷେତ୍ରକୁ ବଞ୍ଚାଇବା ଦରକାର। ସଂଘର ସମ୍ପାଦକ କୃପାସିନ୍ଧୁ ପଣ୍ଡା ପୁରୀରେ ଯାତ୍ରୀ, ଦର୍ଶନାର୍ଥୀ ଓ ଜନସାଧାରଣ ସେବା ସଦୁପଯୋଗ କରିବାକୁ ଅନୁରୋଧ କରିଥିଲେ।

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ


ବିଜେଡି ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଓ ଅନ୍ୟମାନେ ।

**ବଳଙ୍ଗା,୨।୧୦ (କେଦାରେଶ୍ୱର ନନ୍ଦ):** ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ପଦଯାତ୍ରା ବଳଙ୍ଗା ହରିପୁର ପଞ୍ଚାୟତର ଗୋଡିମାଳସ୍ଥିତ ଶାଳେଶ୍ୱର ମହାଦେବ ମନ୍ଦିର ଠାରୁ ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ଭଗତୀପୁରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ହରିପୁର, ସାଈଶ ଶାସନ ଓ ଗଡପଦନପୁର ପଞ୍ଚାୟତର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।



ଭାରତ ଗୌରବ ପଦଯାତ୍ରାକୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

### ଜାଗୃତି ସଂଗଠନର ଭାରତ ଗୌରବ ପଦଯାତ୍ରା

**ପିପିଲି, ୨।୧୦ (ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର):** ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ପିପିଲିରେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଭାରତ ଗୌରବ ପଦଯାତ୍ରା କରାଯାଇଛି। ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଅନ୍ୟତମ ଅତିଥି ସାମାଜିକକର୍ମୀ ଇଂ. ଜେନାମଣି ଆଶିଷ ରଞ୍ଜନ ଜେନା, ଇଂ. ରମେଶ ଶତପଥୀ, ଡ. ସଚ୍ଚିକାନ୍ତ ନାୟକ, ଚାନ୍ଦୁଆ ଶିଳ୍ପୀ ରମେଶ ମହାପାତ୍ର ପ୍ରମୁଖ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି କଲେଜ ଓ ଜବାହର ବିଦ୍ୟାପୀଠର ଏନ୍‌ସିସି ଛାତ୍ରୀଛାତ୍ରମାନଙ୍କ ସହ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଜାଗୃତି ସଂଗଠନର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସାହୁ, ମଡେଲ ପୂଜାରିଣୀ ନାୟକ, ସଦସ୍ୟ ବିକାଶ ଅଗ୍ରୱାଲ, ବାପୁ ବେହେରା, ଚନ୍ଦନ ମହାନ୍ତି, ଗଜେନ୍ଦ୍ର ବେହେରା, ଶିକ୍ଷାବିତ୍ ପ୍ରଶାନ୍ତ ସାହୁ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଏହି ପଦଯାତ୍ରାକୁ ପରିଚାଳନା କରିଥିଲେ।

### 'ପ୍ରୟାସ'ର ସେବା ଶିବିର

**ସାକ୍ଷୀଗୋପାଳ, ୨।୧୦ (ପ୍ରଶାନ୍ତ କୁମାର ବାରିକ / କିଶୋର ମହାପାତ୍ର ):** ଅଳଗୁମସ୍ଥିତ ମା' ଜାଗେଶୀଙ୍କ କାଠିଯାତ୍ରା ଉପଲକ୍ଷେ ପ୍ରୟାସ ପରିବାର ପକ୍ଷରୁ ଏକ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସେବା ଶିବିରକୁ 'ପ୍ରୟାସ' ମୁଖ୍ୟ କାମାକ୍ଷା ପ୍ରଧାନଙ୍କ ନେତୃତ୍ୱରେ କରାଯାଇଥିଲା। ମା' ଜାଗେଶ୍ୱରୀଙ୍କ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଚା', ବିସ୍କୁଟ ଓ ପାଣି ବୋତଲ ପ୍ରଦାନ କରାଯାଇଥିଲା। 'ପ୍ରୟାସ'ର ସଭାପତି କୃଷ୍ଣଚନ୍ଦ୍ର ଜଗଦେବଙ୍କ ସହିତ ଗଙ୍ଗାଧର ଛାଟୋଇ, ଲକ୍ଷ୍ମଣ ବେହେରା, ପ୍ରାର୍ଚ୍ଚ୍ୟ ହୋତା, ସୁରଥ ବେହେରା, ଦୁର୍ଗାବାହିନୀର ନେତ୍ରୀ ମେନକା ପ୍ରଧାନ, ଗୋବର୍ଦ୍ଧନ ବିଶ୍ୱାଳ, ଗୋବିନ୍ଦ ପରିଡା, ପ୍ରକାଶ ଆଚାର୍ଯ୍ୟ, ଗୁଲିଆ ପ୍ରଧାନ, ସାଗର ପ୍ରଧାନ, ବିଶ୍ୱଜିତ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ଚାରିଛକ ଥାନା ପକ୍ଷରୁ ବଜାର ସଫେଇ


ବଜାର ସଫେଇ କରାଯାଉଛି ।

**ଚାରିଛକ,୨।୧୦(ଶିଶିର ସ୍ୱାଇଁ)** ସାରା ଦେଶରେ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଚାଲିଛି। ପୁରୀ ଜିଲା ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଚାରିଛକ ବଜାରରେ ସୋମବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାରିଛକରେ ଥିବା ଅନୁଷ୍ଠାନ ତଥା ଚାରିଛକ ପ୍ରେସ କ୍ଲବ, କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟ, ଆମ୍ବେଡ଼କର ସାମାଜିକ ବିକାଶ ପରିଷଦ, ଚାରିଛକ ବ୍ୟବସାୟୀ ସଂଘ, ବାସୁଦେବ ଅଟୋ ଆସୋସିଏଶନଗୁଡ଼ିକ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ୱଚ୍ଛତା ହେଉଛି ଆମର ପରିଚୟ ବାର୍ତ୍ତା ନେଇ ଥାନା ଅଧିକାରୀ ବିଶ୍ୱାଳ ଚାରିଛକକୁ ସରସ ସୁନ୍ଦର ଭାବରେ ଗଢିବାକୁ ବିଭିନ୍ନ ଅନୁଷ୍ଠାନଗୁଡ଼ିକ ସାହାଯ୍ୟରେ ଚାରିଛକ ବଜାର ସହିତ ବିଭିନ୍ନ ଧର୍ମାନୁଷ୍ଠାନଗୁଡ଼ିକରେ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ କରିଥିଲେ। ଏଥିରେ ଚାରିଛକ ପ୍ରେସ କ୍ଲବ ସଭାପତି ଶିଶିର ସ୍ୱାଇଁ, ସମ୍ପାଦକ ଡକ୍ଟର କେଦାରନାଥ ସାହୁ, ସନାତନ ପାତ୍ର, ବସନ୍ତ ମଲ୍ଲ, ସନ୍ତୋଷ ଦାସ, ବସନ୍ତ ଦାସ, ପ୍ରଫୁଲ୍ଲ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ତୁଳସୀପୁର ସରପଞ୍ଚଙ୍କ ପ୍ରତିନିଧି ଅରକ୍ଷିତ ଭୋଇ, ଜୟନ୍ତ ସେଠୀ, ବିକାଶ ମଲ୍ଲିକ, ଶିଶିର ନାୟକ, ଲୁଲୁ ବେହେରା, ରାଜକିଶୋର ବେହେରା ପ୍ରମୁଖ ସଫେଇ କରିଥିଲେ।

# ଏନ୍‌ପିଏସ୍ ଶିକ୍ଷକଙ୍କ ଦାବି ପୂରଣ କରନ୍ତୁ ସରକାର

**କୋଣାର୍କ, ୨।୧୦ (ଜ୍ୟୋତିରାଜ ମହାନ୍ତି):** ନୂତନ ପେନ୍‌ସନ ଯୋଜନା ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷକମାନେ ଗତ ୨୦୧୭ ମସିହାରୁ ତିନୋଟି ଦାବି ହାସଲ ପାଇଁ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କର ଦାବି ଯଥାର୍ଥ ଏବଂ ସରକାର ସେମାନଙ୍କର ନ୍ୟାଯ୍ୟ ଦାବିକୁ ଯଥାଶୀଘ୍ର ପୂରଣ କରନ୍ତୁ ବୋଲି ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ମତପୋଷଣ କରିଛି। ସୋମବାର ଗାନ୍ଧୀ ଜୟନ୍ତୀ ପାଳନ ଅସରରେ କୋଣାର୍କସ୍ଥିତ ପୂର୍ତ୍ତ ଡାକ ବଙ୍ଗଳା ପରିସରରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ୧୪ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି।

**ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ୧୪ତମ ପ୍ରତିଷ୍ଠା ଦିବସ**

ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ସଭାପତି ଭାଗ୍ୟଧର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସଭାପତି ସୁଶାନ୍ତ କୁମାର ନାୟକ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ମୁଖ୍ୟ ଉପଦେଷ୍ଟା ମାଧବ ବିଶ୍ୱାଳ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ଅଶୋକ ରାୟ, ସତ୍ୟପ୍ରକାଶ ନାୟକ, ପଞ୍ଚାନନ ସାଇଁ, ସୁବାସ ରଥ, ଗୋବିନ୍ଦ ଚନ୍ଦ୍ର ଫାରକ, କୈଳାସ ଚନ୍ଦ୍ର ପଣ୍ଡା, ଯୁବରାଜ ନାୟକ, ଅଲୋଷ୍ଟାର ପୁରୀ ଜିଲା ସଭାପତି ରାଜକିଶୋର ଜେନା, ସାଧାରଣ ସଂପାଦକ କିଶୋର କୁମାର ମହାନ୍ତି ଓ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଂପାଦକ ସରୋଜ କୁମାର ମିଶ୍ରଙ୍କ ସମେତ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇଥିଲେ। ଏହି ସମାବେଶରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନଙ୍କ ଦାବିକୁ ସମର୍ଥନ କରାଯିବା ସହିତ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମେଡିକାଲ ଆଲାଉନ୍ସ ପ୍ରଦାନ ଏବଂ ଅବସର ପରେ ଦୁଇ ସପ୍ତାହ ମଧ୍ୟରେ ପୂର୍ଣ୍ଣ ପେନ୍‌ସନ ପ୍ରଦାନ ପ୍ରକ୍ରିୟା ସମ୍ପନ୍ନ ନିମନ୍ତେ ମଞ୍ଚ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବ ବୋଲି ମଞ୍ଚର ମୁଖ୍ୟ ଉପଦେଷ୍ଟା ମାଧବ ବିଶ୍ୱାଳ ଗଣମାଧ୍ୟମକୁ କହିଛନ୍ତି।



ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ୧୪ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଗାନ୍ଧୀ, ଶାସ୍ତ୍ରିଜୀଙ୍କ ବିଚାରଧାରା ପ୍ରେରଣାଦାୟକ

**ପୁରୀ,୨।୧୦(ଅଜିତ ମହାନ୍ତି):** ସଂସ୍କୃତି ଭବନ ପରିସରରେ ସୋମବାର ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୧୯ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦେଇ ଗାନ୍ଧିଜୀ ଏବଂ ଶାସ୍ତ୍ରିଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଉଭୟ ମହାପୁରୁଷଙ୍କ ଆଦର୍ଶ ଓ ବିଚାରଧାରା ଚିର ଅମର ବୋଲି କହିଛନ୍ତି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଗାନ୍ଧିଜୀ ଓ ଶାସ୍ତ୍ରିଜୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିବା ସହ ଆଜିର ଦିବସକୁ ଶାନ୍ତି, ଅହିଂସା, ପ୍ରେମ, ସମୟାନୁବର୍ତ୍ତିତା ଓ ସଂକଳ୍ପର ଦିବସ ଭାବେ ସମସ୍ତେ ପାଳନ କରିବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଏବଂ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡ଼ା ଦୁଇ ବରପୁତ୍ରଙ୍କ ଜୀବନୀ ସମ୍ପର୍କରେ ତଥ୍ୟ ପ୍ରଦାନ କରି ବିଶ୍ୱରେ ଏଭଳି ବ୍ୟକ୍ତିତ୍ୱ ବିରଳ ଓ ପ୍ରେରଣାଦାୟକ ବୋଲି କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା କରିଥିଲେ। ସତ୍ୟପ୍ରିୟ ମହାପାତ୍ର ଓ ସାଥିମାନେ ବୈଷ୍ଣବ ଜନ ତୋ ଭଜନ ପରିବେଷଣ କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଗାନ୍ଧୀ ଘାଟଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ସେଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସର୍ବୋଦୟ ମେଳା ସମ୍ପାଦକ ଶିବ ପ୍ରସାଦ ମିଶ୍ର ଗୀତା ଓ ବେଦ ପାଠ, ଏଚ୍. ଜେଡ୍ ଆବେଦିନ କୋରାନ ପାଠ ଏବଂ ବାପ୍‌ଟିଷ୍ଟ ଚର୍ଚ୍ଚର ପ୍ରତାପ କୁମାର ସେନାପତି ବାଇବେଲ ପାଠ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୋଭାଯାତ୍ରାରେ ଆସି ଗାନ୍ଧୀଘାଟଠାରେ ପହଞ୍ଚି ଥିଲେ। ସର୍ବୋଦୟ ମେଳା ସଭାପତି ଉମାବଲ୍ଲଭ ମହାପାତ୍ର, ଉପଦେଷ୍ଟା ସୁଧାକର ମହାପାତ୍ର, ବରିଷ୍ଠ ସଦସ୍ୟ ଗିରିଜା ଶଙ୍କର ବାରି, ଅନାମ ଚରଣ ସାହୁ, ରାଧେଶ୍ୟାମ ରଥ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ ।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ୍-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-634/O/23-24

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅକ୍ଟୋବର , ୨୦୨୩



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଭାରତୀୟ ମଜଦୁର ସଂଘ ସଂଲଗ୍ନ ଓଡ଼ିଶା ରାଜ୍ୟ ଆଇସିଆରପି ମହିଳା ସଂଘ ପକ୍ଷରୁ ଧାରଣା, ଓଏଲ୍‌ଏମ୍ କାର୍ଯ୍ୟାଳୟ ସାମ୍ନା, ପୂର୍ବାହ୍ନ ୧୧ଟା।
- 'ସମ୍ବାଦ' ପ୍ରକାଶନର ୪୦ତମ ବର୍ଷର ଶୁଭାରମ୍ଭ, ସ୍ୱସ୍ତି ପ୍ରିମିୟମ୍, ଅପରାହ୍ନ ୩ଟା ୩୦।

## ଡିଜେ ବାଜିବାକୁ ନେଇ ଗଣ୍ଡଗୋଳ ଘଟଣାରେ ୮ ଗିରଫ

**ପିପିଲି, ୨।୧୦ (ଦୁର୍ଗା ମାଧବ ମିଶ୍ର) :** ଗଣେଶ ଭସାଣିକୁ ନେଇ ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତ ମଉଜି ବେଗ ଗ୍ରାମରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେବା ସହ ଏଥିରେ ୭ ଜଣ ଆହତ ହୋଇଥିବା ବଡ଼ପାଟଣା ଗ୍ରାମର ବାସନ୍ତୀ ବେହେରା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବଡ଼ପାଟଣା ଗଣେଶ ଭସାଣି ପୂର୍ବଦିନ ସାନପାଟଣା ଗଣେଶ ଭସାଣି ଅନୁଷ୍ଠିତ ହେବାର ଥିଲା। କିନ୍ତୁ ଯୋଜନାବଦ୍ଧ ଭାବେ ବଡ଼ପାଟଣା ଭସାଣି ସହିତ ସାନପାଟଣା ଭସାଣି କରିବାକୁ ଯୋଜନା କରାଯାଇଥିଲା। ଯୋଜନା ମୁତାବକ ବାସନ୍ତୀଙ୍କ ଘର ସମ୍ମୁଖରେ ସାନପାଟଣା ଗ୍ରାମର ଯୁବକମାନେ ଡିଜେ ସାଉଣ୍ଡ ଆବଶ୍ୟକତାରୁ ଜୋରରେ ବଜାଇଥିଲେ ଏବଂ ଅଶ୍ଳୀଳ ଗୀତ ସହିତ ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣ କରିଥିଲେ। ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ବାସନ୍ତୀ ବେହେରା ସାନପାଟଣାର ଦଶଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ସାନପାଟଣାର ସଞ୍ଜୟ ବେହେରା ବଡ଼ପାଟଣାର ଏକାଧିକ ଯୁବକଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ବଳଙ୍ଗା ପୋଲିସ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ସଡ଼କ ଦୁର୍ଘଟଣାରେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ

**ବୋଲଗଡ଼, ୨।୧୦ (ଦେବବ୍ରତ ହୋତା):** ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ବୋଲଗଡ଼ ଗଡ଼ଭିତର ସାହିର କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ରାମ (୩୨)ଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ଟାଙ୍ଗୀ ପିଡବ୍ଲ୍ୟୁଡିରେ କନିଷ୍ଠ ଯନ୍ତ୍ରୀ (ଅସ୍ଥାୟୀ) ଭାବେ ଦୀପକ କାର୍ଯ୍ୟରତ ଥିଲେ। ଗତ ଶୁକ୍ରବାର ଅପରାହ୍ନରେ ସେ କାରରେ ରଣପୁରରୁ ଟାଙ୍ଗୀ ଯାଉଥିବା ବେଳେ କୌଣସି କାରଣରୁ କାରଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଦୀପକ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶୌଚ ହେବାକୁ ଯାଇ କାଠଯୋଡ଼ିରେ ଭାସିଗଲେ ଯୁବକ

**ଫୁଲନଖରା, ୨।୧୦ (ସତ୍ୟରଞ୍ଜନ ଦାସମହାପାତ୍ର):** କଟକ ସଦର ଥାନା ଅଧୀନ ଗୋପାଳପୁରଠାରେ ସୋମବାର କାଠଯୋଡ଼ି ନଦୀରେ ଶୌଚ ହେବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି।


ଚିନ୍ମୟ ପ୍ରଧାନ

ସେ ହେଲେ ସ୍ଥାନୀୟ ବଢେଇ ସାହିର ଚିନ୍ମୟ ପ୍ରଧାନ (୨୪)। ଖବରପାଇ ଘଟଣାସ୍ଥଳରେ ବାରଙ୍ଗ ଅଗ୍ନିଶମ ବାହିନୀ ଓ କଟକ ସଦର ଥାନା ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚିନ୍ମୟ ଜଣେ ବାତ ରୋଗୀ ଥିଲେ। ପୂର୍ବାହ୍ନ ୧୦ଟା ୩୦ରେ କାଠଯୋଡ଼ି ନଦୀକୂଳକୁ ସେ ଶୌଚ ହେବାକୁ ଯାଇଥିଲେ। ସେଥିପାଇଁ ତାଙ୍କର ମୋବାଇଲ ଫୋନକୁ ନଦୀକୂଳରେ ରଖି ଶୌଚ ହେଉଥିଲେ। ସେ ସମୟରେ ତାଙ୍କୁ ବାତ ମାରିବାରୁ ସେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଥାଇପାରନ୍ତି ବୋଲି ତାଙ୍କର ପରିବାର ଲୋକ ଅନୁମାନ କରୁଛନ୍ତି। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିବା ବାରଙ୍ଗ ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ଭୀମସେନ ଲେଙ୍କା କହିଛନ୍ତି।

# ବସ୍ତି ପିଲାଙ୍କ ମୁହଁରେ ଖୁସି ଭରିଲା

## ଦାନ ଉତ୍ସବରେ 'ସେବା ଦିବସ' ପାଳିଲା ବକୁଳ ଫାଉଣ୍ଡେଶନ

**ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)**

ଗାନ୍ଧୀ ଜୟନ୍ତୀ ସୋମବାରଠାରୁ 'ଦାନ ଉତ୍ସବ' ବା 'ଜୟ ଅଫ୍ ଗିଭିଂ ଉଇକ୍' ଆରମ୍ଭ ହୋଇଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଂଗଠନ ବକୁଳ ଫାଉଣ୍ଡେଶନ ପକ୍ଷରୁ ଏହି ଦିନଟିକୁ 'ସେବାର ଦିବସ' ଭାବେ ପାଳନ କରାଯାଇଛି। କମିଶନରେଟ ପୋଲିସ ଓ 'ବସ୍ତିକୁ ଚାଲ' ଅଭିଯାନର ସହଭାଗିତାରେ ଆୟୋଜିତ ଏହି ଦିବସରେ ଭୁବନେଶ୍ୱରର ପ୍ରାୟ ୫୦ଟି ବସ୍ତିରେ ଥିବା ୨ହଜାର ପିଲାଙ୍କ ମଧ୍ୟରେ ମଜାମସ୍ତି, ପାଠପଢା ଓ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ସେମାନଙ୍କ ମୁହଁରେ ଖୁସି ଭରିଦେଇଥିଲା। ଏଥିରେ ୩ଶହରୁ ଅଧିକ ସ୍ୱେଚ୍ଛାସେବୀ ୨୫ଟି ଦଳରେ କାମ କରିଥିଲେ। ଡିସିପି ଡ. ପ୍ରତୀକ କୁମାର ସିଂହ ସତ୍ୟନଗରସ୍ଥିତ ବକୁଳ ପାଠାଗାରରେ ସ୍ୱେଚ୍ଛାସେବୀଙ୍କ ସହ ଯୋଗଦେଇ କହିଲେ, ପୋଲିସ କଲ୍ୟାଣମୂଳକ କାର୍ଯ୍ୟ ମାଧ୍ୟମରେ ବସ୍ତିରେ ଲୋକଙ୍କ ସହ ସଦ୍ଭାବନା ସୃଷ୍ଟି କରିବା ସହ ପିଲାଙ୍କ ଉପରେ ଗୁରୁତ୍ୱ ଦେଉଛି। ପିଲାଙ୍କ ଶକ୍ତିକୁ ଠିକ ଦିଗକୁ ଅଣାଯାଇ ସେମାନଙ୍କ ମଧ୍ୟରେ ସକାରାତ୍ମକ ଶିକ୍ଷା ପରିବେଶ ସୃଷ୍ଟି ହୋଇ ପାରିଲେ ସେମାନେ ଅପରାଧରୁ ସ୍ୱୟଂ ଦୂରେଇ ରହିବେ ବୋଲି କହିଥିଲେ।


ବସ୍ତିପିଲାଙ୍କ ସହ ଡିସିପି ଡ. ପ୍ରତୀକ କୁମାର ସିଂହ, ବକୁଳ ଫାଉଣ୍ଡେଶନ ମୁଖ୍ୟ ସୁଜିତ୍ ମହାପାତ୍ର ଓ ଅନ୍ୟ ଅତିଥିମାନେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରୀ ତଥା ବକୁଳ ସ୍ୱେଚ୍ଛାସେବୀ ଶ୍ରୁତି କାନୁନ୍‌ଗୋଙ୍କ ସମେତ ବିଭିନ୍ନ କଲେଜ, ବିଦ୍ୟାଳୟରୁ ସ୍ୱେଚ୍ଛାସେବୀମାନେ ଏଥିରେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀମାନେ ପିଲାଙ୍କ ସହିତ ଆଇସ ବ୍ରେକର୍ ଖେଳ, କଳା ଓ ହସ୍ତଶିଳ୍ପ କାର୍ଯ୍ୟକଳାପ ଏବଂ କାହାଣୀ ସୃଷ୍ଟି ସମ୍ପର୍କିତ ଖେଳକୁ ସାମିଲ କରିଥିଲେ।

ବକୁଳ ଫାଉଣ୍ଡେଶନ ମୁଖ୍ୟ ସୁଜିତ୍ ମହାପାତ୍ର କହିଲେ, ଦାନ ଉତ୍ସବ ହେଉଛି ଦୁର୍ଗାପୂଜା, ଗଣେଶ ପୂଜା କିମ୍ବା ଇଦ୍ ଭଳି ଏକ ପର୍ବ। ଏହାକୁ ଯେକୌଣସି ବ୍ୟକ୍ତି ବ୍ୟକ୍ତିଗତ ଭାବେ ଘରେ କିମ୍ବା ଗୋଷ୍ଠୀ ବା ସ୍କୁଲ କଲେଜରେ ପାଳନ କରିପାରିବେ। ସେହିପରି କୌଣସି ସଂସ୍ଥା ଏହି ଉତ୍ସବର ମାଲିକ ନୁହନ୍ତି। ବିଭିନ୍ନ ବ୍ୟକ୍ତିବିଶେଷ ଓ ସଙ୍ଗଠନ ଦ୍ୱାରା ଉତ୍ସବ ପାଳନ ହୋଇ ଏହି ପର୍ବ ଲୋକପ୍ରିୟ ହୋଇପାରିଛି। ଏଥିରେ ଲୋକମାନେ ପୁରୁଣା ଓ ନୂତନ ବସ୍ତ୍ର, ବହି, ଖେଳନା ଇତ୍ୟାଦି ସାମଗ୍ରୀ ଦାନ କରି, ଦାନ ପାଇଁ ଅର୍ଥ କିମ୍ବା ସାଧାରଣ ସେବା କାର୍ଯ୍ୟ ମାଧ୍ୟମରେ ଆନନ୍ଦ ବାଣ୍ଟି ଏହି ଉତ୍ସବକୁ ପାଳନ କରୁଛନ୍ତି। ୨୦୦୭ରୁ ଆରମ୍ଭ ହୋଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବକୁଳ ଫାଉଣ୍ଡେଶନ ପ୍ରତିବର୍ଷ ଦାନ ଉତ୍ସବକୁ ବ୍ୟାପକ ଭାବେ ପାଳନ କରିଆସୁଛି।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ନାଟ୍ୟଧାରାରେ ପରିବେଷିତ ନାଟକ 'ଅର୍ଜୁନି'ର ଏକ ଦୃଶ୍ୟ। (ଫଟୋ– ମୌସମ ନନ୍ଦ)

## ଡ. ବିଶ୍ୱଜିତ୍ ରାୟଙ୍କୁ 'ଗାନ୍ଧୀ ଗୌରବ ସମ୍ମାନ ୨୦୨୩'

**ଭୁବନେଶ୍ୱର, ୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ଗାନ୍ଧୀ ଏକ ଉତ୍ସାହ, ଗାନ୍ଧୀ ଏକ ପ୍ରେରଣା, ଗାନ୍ଧୀ ଏକ ଆଶା, ଗାନ୍ଧୀ ଆମ ଭାରତର ପ୍ରମୁଖ ପରିଚୟ। ଏହି ମହାନ ଚିନ୍ତାନାୟକ ଓ ଜାତିର ଜନକ ଗାନ୍ଧୀଜୀଙ୍କ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ରବିବାର ସଂଭାବନା ପକ୍ଷରୁ 'ଗାନ୍ଧୀଗାଥା ଉତ୍ସବ' ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଗାନ୍ଧୀ ଦର୍ଶନର ପ୍ରଚାରକ ତଥା ଯୁବ ଡାକ୍ତର ବିଶ୍ୱଜିତ ରାୟଙ୍କୁ 'ଗାନ୍ଧୀ ଗୌରବ ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା, ୨୦୨୩ର ଶ୍ରେଷ୍ଠ ଓଡିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଓଡିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଚିତ୍ର, ସଂଗୀତ, କଥା ଓ କବିତା ଜରିଆରେ ଗାନ୍ଧୀଙ୍କୁ ମନେ ପକାଇବାର ଅନନ୍ୟ ପ୍ରୟାସ ଥିଲା। ଜଣାଶୁଣା ଓ ନବାଗତ କବିମାନେ ଗାନ୍ଧୀଙ୍କ ଉପରେ କବିତା ପାଠ କରିଥିଲେ। ପିଲାମାନେ ରଙ୍ଗ ଆଉ ତୁଳୀରେ ଗାନ୍ଧିଜୀଙ୍କୁ ଆଙ୍କୁଥିଲେ। ଗାନ୍ଧୀ ଗବେଷକ ଦାଶ ବେନହୁର ବଖାଣୁଥିଲେ ଗାନ୍ଧୀକଥା। ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଦୀପ ଦାସ, ନିମାକାନ୍ତ ରାଉତରାୟ, ହରପ୍ରିୟା ସ୍ୱାଇଁ, ସିଦ୍ଧାନ୍ତ ଶତପଥୀ, ବିପୁଲ ଓ ଶୁଭାଂଶୀ ଗାନ୍ଧୀଙ୍କ ପ୍ରିୟଗୀତ ଗାଇଥିଲେ। ରଘୁପତି ରାଘବ ରାଜାରାମ, ସ୍ୱର୍ଗାଦପୀ ଗରିୟସୀ, ବନ୍ଦେ ମାତରଂ ଆଦି ସଂଗୀତ ମଧ୍ୟରେ ଗାନ୍ଧୀ ମନସ୍କ ଥିଲା ସମଗ୍ର ପ୍ରେକ୍ଷାଳୟ।

# ଡିଏନ୍‌ଏ ଟେଷ୍ଟ ପାଇଁ ନିଆଗଲା ନମୁନା

## କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବଦଳ ଘଟଣା

**ଭୁବନେଶ୍ୱର, ୨।୧୦ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ଘଟଣାକୁ ନେଇ ହସ୍ପିଟାଲ ପକ୍ଷରୁ ପୂର୍ବରୁ ତଦନ୍ତ କରାଯାଇଥିବାବେଳେ ସୋମବାର ଡିଏନ୍‌ଏ ଟେଷ୍ଟ ପାଇଁ ନମୁନା ନିଆଯାଇଛି। କ୍ୟାପିଟାଲ ହସ୍ପିଟାଲର ଏକ ଡାକ୍ତରୀ ଟିମ୍ ପୋଲିସ ଉପସ୍ଥିତିରେ ଅଭିଯୋଗକାରୀ ପିତା ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ସ୍ତ୍ରୀ ଓ ଶିଶୁକନ୍ୟାଙ୍କ ନମୁନା ସଂଗ୍ରହ କରିଥିଲା। ପୋଲିସ ପକ୍ଷରୁ ଏହି ନମୁନା ମଙ୍ଗଳବାର ରାଜ୍ୟ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ)କୁ ପଠାଯିବ। ଏହାର ୨ରୁ ୩ଦିନ ମଧ୍ୟରେ ରିପୋର୍ଟ ଆସିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଡିଏନ୍‌ଏ ଟେଷ୍ଟ କରାଯିବାକୁ ପ୍ରାଣକୃଷ୍ଣ ଦାବି କରିବାରୁ ପୋଲିସ ଏନେଇ କୋର୍ଟରେ ଆବେଦନ କରିଥିଲା। ୨ଦିନ ତଳେ କୋର୍ଟ ଏଥିପାଇଁ ଅନୁମତି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ପୁଅ ହୋଇଥିବା କହି ଝିଅ ଦେଇଥିବା ନେଇ କେନ୍ଦ୍ରାପଡ଼ା ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ କ୍ୟାପିଟାଲ ଥାନାରେ ଅଭିଯୋଗ କରି ଡିଏନ୍‌ଏ ଟେଷ୍ଟ ପାଇଁ ଦାବି କରିଥିଲେ। ଏପରିକି ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଶିଶୁକୁ ନେବେ ନାହିଁ ବୋଲି ଅଡି ବସିଥିଲେ। ଘଟଣା ପରେ ହସ୍ପିଟାଲର ଏକ ଟିମ୍ ତଦନ୍ତ କରି ତାଙ୍କର ଝିଅ ହୋଇଥିବା ସ୍ପଷ୍ଟ କରିଥିଲେ। କିନ୍ତୁ ଲେବର ରୁମ୍‌ର ଜଣେ ଆଟେଣ୍ଡାଣ୍ଟ ଭୁଲ୍‌ରେ ପୁଅ ହୋଇଥିବା କହିଥିଲେ ବୋଲି ହସ୍ପିଟାଲ ପକ୍ଷରୁ କୁହାଯିବା ସହ ଦାୟିତ୍ୱରେ ଅବହେଳା ପାଇଁ ସମ୍ପୃକ୍ତ ଲେବର ରୁମ୍‌ର ଆଟେଣ୍ଡାଣ୍ଟଙ୍କୁ ଗତ ବୁଧବାର ସସ୍‌ପେଣ୍ଡ କରିଥିଲେ।

# ପ୍ରତି ଜିଲାରେ ଟ୍ରମାକେୟାର ସେଣ୍ଟର ଖୋଲାଯାଉ



ସମ୍ମିଳନୀରେ ମଞ୍ଚାସୀନ ଅତିଥି ତଥା ଏଓଏମ୍‌ଏସ୍‌ଆଇର ବରିଷ୍ଠ ଚିକିତ୍ସକମାନେ।

## ଏଓଏମ୍‌ଏସ୍‌ଆଇର ଜାତୀୟ ସମ୍ମିଳନୀ

- ଯୋଗଦେଲେ ବିଭିନ୍ନ ରାଜ୍ୟର ୧୨୦ରୁ ଊର୍ଦ୍ଧ୍ୱ ଡାକ୍ତର
- ବିଭିନ୍ନ ସର୍ଜରି, ସଂଘର ବିକାଶ ନେଇ ଆଲୋଚନା

**ପୁରୀ, ୨।୧୦ (ଅଜିତ୍ ମହାନ୍ତି)**

ଓରାଲ୍ ଆଣ୍ଡ ମାକ୍ସିଲୋଫେସିଆଲ ସର୍ଜନ୍‌ଙ୍କ ଦ୍ୱାରା ମୁଖ ଅସ୍ତ୍ରୋପଚାର ସମ୍ଭବ ହୋଇ ପାରିଛି। ଏହି ସେବାକୁ ଅଧିକ ବିକଶିତ ଓ ଲୋକାଭିମୁଖୀ କରିବାକୁ ପ୍ରୟାସ ଜାରି ରହିଛି ବୋଲି ସୋମବାର ପୁରୀ ଗୋଲ୍‌ଡେନ୍ ପ୍ୟାଲେସରେ ଆୟୋଜିତ ଆସୋସିଏଶନ୍ ଅଫ୍ ଓରାଲ୍ ଆଣ୍ଡ ମାକ୍ସିଲୋଫେସିଆଲ ସର୍ଜନ୍ ଅଫ୍ ଇଣ୍ଡିଆ (ଏଓଏମ୍‌ଏସ୍‌ଆଇ)ର ସମ୍ମିଳନୀରେ ଅତିଥିମାନେ କହିଛନ୍ତି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୨୦ରୁ ଊର୍ଦ୍ଧ୍ୱ ଡାକ୍ତର ଯୋଗଦେଇଛନ୍ତି। ସକାଳ ୧୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମୋଟ ୪ଟି ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ଟ୍ରମା ସର୍ଜରି, ଅଙ୍କୋ ସର୍ଜରି, ଇନ୍‌ପ୍ଲାଣ୍ଟ ସର୍ଜରି ଏବଂ ସଂଘର ଉନ୍ନତି ସମ୍ପର୍କିତ ୪ଟି ଅଧିବେଶନ ହୋଇଥିଲା। ଏଥିରେ ଡାକ୍ତରମାନେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ପ୍ରତି ଜିଲାରେ ଟ୍ରମାକେୟାର ସେଣ୍ଟର ଖୋଲିବା, ପ୍ରତ୍ୟେକ ଟ୍ରମାକେୟାର ସେଣ୍ଟରରେ ଓରାଲ ଏବଂ ମାକ୍ସିଲୋଫେସିଆଲ ସର୍ଜନଙ୍କୁ ନିଯୁକ୍ତି ଦେବାକୁ ସଂଘ ଦାବି କରିଛି। ଟ୍ରମା କେୟାର ସେଣ୍ଟରରେ ମାକ୍ସିଲୋଫେସିଆଲ ସର୍ଜନ ନିଯୁକ୍ତ ହେଲେ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରାଯାଇପାରିବ ବୋଲି ସଂଘ କହିଛି। ସେହିପରି କିଛି ମାସ ତଳେ ଓଡ଼ିଶାରେ ଘଟିଥିବା ଭୟାବହ ଟ୍ରେନ ଦୁର୍ଘଟଣାରେ ସେମାନେ କିପରି କାର୍ଯ୍ୟ କରି ଲୋକଙ୍କ ଜୀବନ ରକ୍ଷା କରିଥିଲେ ସେ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସ୍ୱର୍ଣ୍ଣଲତା


@ ରାଜା


@ ସନ୍ତୋଷ


@ ନିରଞ୍ଜନ


@ ଜ୍ୟୋତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଗାନ୍ଧିଜୀଙ୍କ ଜୀବନାଦର୍ଶ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ

**ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମୁମ୍ବାଇସ୍ଥିତ ଇଣ୍ଡିଆନ୍ ଇନ୍‌ଫୋଟେନ୍‌ମେଣ୍ଟ କର୍ପୋରେଶନ୍ ପକ୍ଷରୁ ଗାନ୍ଧିଜୀଙ୍କ ଜୀବନାଦର୍ଶ ଉପରେ ଏକ ଦିନିକିଆ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ଏହି ମହୋତ୍ସବକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଗାନ୍ଧୀ ପାନୋରାମା ଅଧ୍ୟକ୍ଷ ଦେବେନ୍ଦ୍ର ଖଣ୍ଡୱାଲ୍, ଆୟୋଜନ କମିଟି ସଚିବ କେତକୀ କାପାଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗାନ୍ଧିବାଦୀ ରୀନା ରାଉତରାୟ, ବିରୁପାକ୍ଷ ତ୍ରିପାଠୀ, ଜୟନ୍ତ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଗାନ୍ଧିଜୀଙ୍କ ଉପରେ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

# ଉଲ୍‌କା ପିଣ୍ଡର ଘଣ୍ଟା




**ବେର୍ଣ୍ଣ**

ମହାକାଶରୁ ଉଲ୍‌କା ପିଣ୍ଡ ଖସିବା କିଛି ନୂଆ କଥା ନୁହେଁ। ଅନେକ ସମୟରେ ଆମେ ବିଶାଳକାୟ ନିଆଁପିଣ୍ଡ ଦେଖିଥାଉ; ଯାହା ପୃଥିବୀରେ ପଡ଼ି ଛୋଟ ଛୋଟ ଆକାରରେ ପରିଣତ ହୁଏ। ଏହାକୁ ଉଲ୍‌କା ପିଣ୍ଡ କୁହାଯାଏ। ନିକଟରେ ଏକ କମ୍ପାନୀ ସେହି ଉଲ୍‌କା ପିଣ୍ଡକୁ ନେଇ ଏକ ସ୍ୱତନ୍ତ୍ର ଘଣ୍ଟା ପ୍ରସ୍ତୁତ କରିଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ସୁଇଜରଲାଣ୍ଡର ଲେସ୍ ଆଟେଲିୟର ଲୁଇସ୍ ମୋଇନେଟ୍ ନାମକ କମ୍ପାନୀ ଏହି ଘଣ୍ଟା ତିଆରି କରିଛି। ଏହି କମ୍ପାନୀ ବିଶେଷ ଧରଣର ଘଣ୍ଟା ତିଆରି ପାଇଁ ବେଶ୍ ଜଣାଶୁଣା। କମ୍ପାନୀ ଏହି ଘଣ୍ଟାକୁ ତିଆରି କରିବାକୁ ମୋଟ ୧୨ଟି ଉଲ୍‌କା ପିଣ୍ଡକୁ ବ୍ୟବହାର କରିଛି। ଏହି କାରଣରୁ ଏହି ଘଣ୍ଟା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। କମ୍ପାନୀ ଏହି ଘଣ୍ଟାର ନାମ 'କସ୍‌ମୋପଲିସ୍' ରଖିଛି। ଘଣ୍ଟା ବ୍ୟବହୃତ ହୋଇଥିବା ଉଲ୍‌କା ପିଣ୍ଡଗୁଡ଼ିକ ସାଧାରଣତଃ ମଙ୍ଗଳ, ଚନ୍ଦ୍ର, ଉଲ୍‌କା ପାତ ଏବଂ କ୍ଷୁଦ୍ରରୁ ଆସିଛି। ଏହି ଘଣ୍ଟାର ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଉଲ୍‌କା ପିଣ୍ଡଗୁଡ଼ିକ ବହୁତ ଦୁର୍ଲଭ ଏବଂ ମୂଲ୍ୟବାନ। ଘଣ୍ଟାର ଡିଜାଇନକୁ ବହୁତ ସାବଧାନତା ସହ ପ୍ରସ୍ତୁତ କରାଯାଇଥିଲା। ୧୮ କ୍ୟାରେଟ୍ ରୋଜ ଗୋଲ୍ଡ କେସରେ ଅତି ସାବଧାନତାର ସହ ଉଲ୍‌କା ପିଣ୍ଡକୁ ରଖାଯାଇଥିଲା। ଏହି ଘଣ୍ଟାକୁ ଏକ୍ସପର୍ଟ ଡେଲିୟଲ୍ ହାସ ତିଆରି କରିଛନ୍ତି। ତେବେ ଏହି ଘଣ୍ଟାର ମୂଲ୍ୟ ୨ କୋଟିରୁ ଊର୍ଦ୍ଧ୍ୱ।

# 'ପ୍ୟାରିସ୍ ଫ୍ୟାଶନ ୱିକ୍'ରେ ପ୍ରଶଂସକଙ୍କ ହୃଦୟ ଜିଣିଲେ


ଐଶ୍ୱର୍ଯ୍ୟା ରାୟ ବଚ୍ଚନ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ୱାର୍ଲ୍ଡ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବର୍ତ୍ତମାନ ପରିବାର ସହ ପ୍ୟାରିସ୍‌ରେ ଅଛନ୍ତି। ରବିବାର ଆୟୋଜିତ ହୋଇଥିବା 'ପ୍ୟାରିସ୍ ଫ୍ୟାଶନ ୱିକ୍'ରେ ସେ ଭାଗ ନେଇଥିଲେ। ଲ'ରିଅଲ୍‌ର ଭାରତୀୟ ଆମ୍ବାସାଡର ହୋଇ ଅଭିନେତ୍ରୀ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମର ଅଂଶ ହୁଅନ୍ତି। ଏହି ଇଭେଣ୍ଟରେ ସେ ଲ'ରିଅଲ୍ ପାଇଁ ରାମ୍ପରେ ଚାଲିଛନ୍ତି। ଏହାର ଅନେକ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି। ଭିଡିଓରେ ଅଭିନେତ୍ରୀ ଏକ ଗୋଲ୍ଡେନ୍ ରଙ୍ଗର ଗାଉନ ପିନ୍ଧିଥିଲେ। ଅଭିନେତ୍ରୀ ନିଜେ ମଞ୍ଚରୁ ଫ୍ଲାଇଙ୍ଗ କିସ୍ ଦେଇ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ଏଥିରେ ବଚ୍ଚନ ପରିବାରର ଜଣେ ନୁହେଁ, ଦୁଇଜଣ ସଦସ୍ୟ ଅଂଶ ହୋଇଛନ୍ତି। ଅମିତାଭଙ୍କ ନାତୁଣୀ ନବ୍ୟା ନାବେଲି ନନ୍ଦା ମଧ୍ୟ 'ପ୍ୟାରିସ୍ ଫ୍ୟାଶନ ୱିକ୍'ରେ ଡେବ୍ୟୁ କରିଛନ୍ତି।

# ୭୮ ବର୍ଷ ପୁରୁଣା ପେଣ୍ଟିଂରେ ୪୩ ବର୍ଷୀୟାଙ୍କ ଫଟୋଚିତ୍ର



**ବୋଗୋଟା**

ନିଜ ଚେହେରା ଯଦି ଅନ୍ୟ ଜଣକ ଚେହେରା ସହ ଖାପ ଖାଏ, ତେବେ ତାହା ଅତ୍ୟନ୍ତ ରୋମାଞ୍ଚକର ହୋଇଥାଏ। କିନ୍ତୁ ଏପରି ମାମଲା ଖୁବ୍ କମ୍ ଦେଖିବାକୁ ମିଳିଥାଏ। ହେଲେ ଏହା ଚର୍ଚ୍ଚାର ପରିସରକୁ ଆସିଥାଏ। ଯଦି ଏକ ପୁରୁଣା ପେଣ୍ଟିଂ ସହିତ ନିଜ ଚେହେରା ମେଳ ଖାଏ, ତେବେ ତାକୁ ଟାଇମ୍ ଟ୍ରାଭେଲର ମାନ୍ୟତା ଦିଆଯାଏ। ନିକଟରେ କଲମ୍ବିଆର ଜଣେ ମହିଳାଙ୍କ ସହିତ କିଛି ଏପରି ହୋଇଛି। ୪୩ ବର୍ଷୀୟା ଜେନି ସ୍ମିଥ୍ ଏକ ମିଡିଆକୁ କହିଛନ୍ତି, ତାଙ୍କ ଭଉଣୀ ତାଙ୍କୁ ଫେସବୁକ୍ ପୋଷ୍ଟର ଏକ ଲିଙ୍କ୍ ପଠାଇଥିଲେ। ଜୁନ୍‌ରେ କରାଯାଇଥିବା ଏହି ପୋଷ୍ଟ ବହୁତ ପୁରୁଣା। ହେଲେ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ସେଥିରେ ପ୍ରସ୍ତୁତ ପେଣ୍ଟିଂ ଜେନିଙ୍କ ମୁହଁ ସହ ମିଶୁଥିଲା। ପରେ ସେ ଏହି ପେଣ୍ଟିଂ ବାବଦରେ ଅଧିକ ଜାଣିବାକୁ ଇଚ୍ଛା ପ୍ରକାଶ କଲେ। ଅନେକ ପ୍ରଚେଷ୍ଟା କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନ ଥିଲା। ପରେ ଜାଣିପାରିଲେ କି, ସେହି ପେଣ୍ଟିଂ ଉତ୍ତର କରୋଲିନାର ୱ୍ଲର୍ସ ପାଇନ୍‌ରେ ଅଛି। ଟିକ୍‌ଟକ୍‌ରେ କେହି ଜଣେ ସେଠାରେ ରହୁଥିବା ଜାଣିବାକୁ ପାଇଲେ। ହେଲେ ସେଠାରୁ ମଧ୍ୟ କିଛି ସାହାଯ୍ୟ ମିଳିଲାନି। ପରେ ସୋସିଆଲ ମିଡିଆର ଜଣେ ବ୍ୟକ୍ତି ସେହି ପାଖରେ ରହିବା ସହ ସେଠାକାର ପାଖ ଦୋକାନରେ ଏହି ପେଣ୍ଟିଂ ବିକ୍ରି ହୋଇଥିବା କହିଥିଲେ। ସେ ସେହି ପେଣ୍ଟିଂକୁ ୧୦ ଡଲାରରେ କିଣି ଜେନିଙ୍କୁ କୋରିଅର କରିଦେଲେ। ଜେନି ସେହି ପେଣ୍ଟିଂର ସମ୍ପୂର୍ଣ୍ଣ ନିଜ ଭଳି ଚେହେରାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସେହି ପେଣ୍ଟିଂକୁ ତିଆରି କରିଥିବା କଳାକାର ଷ୍ଟିଫେନ୍ ଫରିସ୍‌ଙ୍କ ବାବଦରେ ଜେନି ଅଧିକ ଜାଣିବାକୁ ଚେଷ୍ଟା କଲେ। ଯିଏ ଦିବଂଗତ ଚିତ୍ରକର ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ(୧୯୩୯-୧୯୪୫)ର ଏକ ଲଢ଼ାଖୁ ପାଇଲଟ୍ ଥିଲେ। ସେ ଆମେରିକା ବାୟୁସେନାରେ ଥିଲେ। ଏହାର ଅର୍ଥ ଏହି ପେଣ୍ଟିଂ ୭୮ ବର୍ଷ ପୁରୁଣା। ଏହି ପେଣ୍ଟିଂର ରହସ୍ୟ ଜାଣିବାକୁ ଜେନି ଚିତ୍ରକରଙ୍କ ନାତୁଣୀଙ୍କ ପାଖରେ ପହଞ୍ଚିଥିଲେ। ସେ ତାଙ୍କ ଜେଜେଙ୍କ ବାବଦରେ କହିଥିଲେ, ସେ କୌଣସି ବ୍ୟକ୍ତିଙ୍କୁ ଦେଖି ତାଙ୍କ ଚିତ୍ର ପ୍ରସ୍ତୁତ କରିଦେଉଥିଲେ।

## ୧୧୪ ବର୍ଷ ପରେ ଖୋଲିଲା ମେଡିକାଲ ଷ୍ଟୋର

**ଲଣ୍ଡନ:** ନିକଟରେ ଏକ ଇତିହାସ ସହ ଜଡ଼ିତ ସ୍ଥାନ ମିଳିଛି, ଯାହା ୧୧୪ ବର୍ଷର ପୁରୁଣା। ୧୮୮୦ ମସିହାରେ ଖୋଲାଯାଇଥିବା ଏକ ମେଡିକାଲ ଷ୍ଟୋର ୧୯୦୯ ମସିହା ପରେ ବନ୍ଦ ହୋଇଯାଇଥିଲା। ଏହାକୁ ବ୍ରିଟେନରେ ୱିଲିୟମ୍ ୱାଇଟ୍ ନାମକ ଜଣେ ବ୍ୟକ୍ତି ଚଲାଉଥିଲେ। ତାଙ୍କ ମୃତ୍ୟୁ ପରେ ଏହି ଷ୍ଟୋର ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଏବେ ସେହି ଦୋକାନର ତାଲା ଖୋଲାଯାଇଛି। ରିପୋର୍ଟ ମୁତାବକ, ଏହି ମେଡିକାଲ ଷ୍ଟୋରକୁ ୮୦ ବର୍ଷ ପୂର୍ବରୁ ସନ୍ଧାନ କରାଯାଇଥିଲା। ୱାଇଟ୍‌ଙ୍କ ନାତି ଏହି ଷ୍ଟୋର ବାବଦରେ ୧୯୮୭ରେ ଲୋକଙ୍କୁ କହିଥିଲେ। ଏବେ ଏହାକୁ ଲୋକେ ଦେଖିବା ପାଇଁ ଖୋଲାଯାଇଛି। ଏହି ସ୍ଥାନରେ ତରଳ ଔଷଧରେ ଭର୍ତ୍ତି ଜାର୍, ମାପଚୁପ କରାଯାଉଥିବା ସ୍କେଲ, ପୁରୁଣା ଟାଇପ୍‌ରାଇଟର ଭଳି ଅନେକ ଜିନିଷ ପଡ଼ି ରହିଛି। ଯେତେବେଳେ ୱାଇଟ୍‌ଙ୍କ ଘର ବିକ୍ରି ହେଉଥିଲା, ସେତେବେଳେ ଏହି ଅଜ୍ଞାତ ଷ୍ଟୋର ବାବଦରେ ଜଣାପଡ଼ିଲା। ୱାଇଟ୍‌ଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଏହି ଷ୍ଟୋରକୁ ବନ୍ଦ କରିଦେଇଥିଲେ। ଏକ ସଂସ୍ଥାକୁ ଯେତେବେଳେ ଏ ବାବଦରେ ଜଣାପଡ଼ିଲା, ସେତେବେଳେ ସେ ଏହି ଷ୍ଟୋରର ବୁଝାଶୁଝା କଲା। ଜଣେ ପ୍ରବକ୍ତା କହିଛନ୍ତି, ଷ୍ଟୋରରୁ ମିଳିଥିବା ସମସ୍ତ ଜିନିଷର ଯାଞ୍ଚ ପରେ ୱାଇଟ୍ ଜଣେ କେମିଷ୍ଟ ଥିବା ଜଣାପଡ଼ିଛି। ସେ ଗ୍ରୋସରି ଜିନିଷ ରଖିଥିଲେ। ଏଥିସହ ଚା', ତମାଖୁ, ମଦ ଭଳି ଜିନିଷ ମଧ୍ୟ ରଖିଥିଲେ। ହେଲେ ଏବେ ଏହି ଜିନିଷକୁ ବିପଦପୂର୍ଣ୍ଣ ବୋଲି ଅନୁମାନ କରାଯାଇଛି। କାରଣ ବନ୍ଦ ବୋତଲରେ ଥିବା କେମିକାଲ ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ କ୍ଷତି କରିପାରେ। ଷ୍ଟୋରରୁ କିଛି ଜଡ଼ିବୁଟି ମଧ୍ୟ ମିଳିଛି। ଏହି ଷ୍ଟୋର ଖୋଲିବା ପରେ ଅନେକାଂଶରେ ଲୋକେ ଏହାକୁ ଦେଖିବାକୁ ଆସୁଛନ୍ତି।

**ରାଜ୍ୟ ଖବର**

## ବାଇକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଖୁଣ୍ଟା, ୨।୧୦ (ଦେବରଞ୍ଜନ ବେହେରା):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଭୁଦୁରୁକୁଲା ଛକ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ସାକ୍ର ବେଶ୍ରା। ତାଙ୍କ ସ୍ୱାମୀ ସନାତନଙ୍କୁ ଚିକିତ୍ସା ପାଇଁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବଡ଼ସାହି ବ୍ଲକ ଜାରକାଣୀ ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ଉଠାଦୋକାନ ବ୍ୟବସାୟ ପାଇଁ ଖୁଣ୍ଟା ଥାନା ଭୁଦୁରୁକୁଲା ଗ୍ରାମର ସନାତନ ଓ ତାଙ୍କ ସ୍ତ୍ରୀ ସାକ୍ର ଯାଇଥିଲେ। ସନ୍ଧ୍ୟାରେ ଉଭୟେ ସାଇକେଲରେ ଘରକୁ ଫେରୁଥିବା ବେଳେ ଭୁଦୁରୁକୁଲା ଛକ ନିକଟରେ ପଛପଟୁ ଜଣେ ବାଇକ୍ ଚାଳକ ସେମାନଙ୍କୁ ଧକ୍କା ଦେଇଥିଲେ। ଆହତ ଦମ୍ପତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସାକ୍ରଙ୍କୁ ମୃତ ଘୋଷଣା କରିଥିଲେ।

## ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ

**କେନ୍ଦୁଝର, ୨।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝରସ୍ଥିତ ଏକ ନର୍ସିଂହୋମ୍ (କେନ୍ଦୁଝର ହସ୍ପିଟାଲ)ରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ବାରିଆ ଥାନା ବୁଗୁଡ଼ା ଗ୍ରାମର ନଳିନୀ ମହାନ୍ତଙ୍କ ସ୍ତ୍ରୀ ପୁଷ୍ପଲତା। ଏନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପରିବାର ଲୋକେ ନର୍ସିଂହୋମ୍ ଆଗରେ ମୃତଦେହ ରଖି ହୋହଲ୍ଲା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ସେମାନଙ୍କୁ ଆଣିଥିବା ଦଲାଲ ଓ ନର୍ସିଂହୋମ୍ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଷ୍ପଲତାଙ୍କ ଗର୍ଭାଶୟରେ ଟ୍ୟୁମର ହୋଇଥିଲା। ଅପରେଶନ ପାଇଁ ସେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। କିଛି ଦିନ ରହିବା ପରେ ନର୍ସିଂହୋମ୍‌ର ଦଲାଲଙ୍କ ହାବୁଡ଼ରେ ପଡ଼ିଥିଲେ। ବିଏସ୍‌କେୱାଇ କାର୍ଡରେ ମାଗଣାରେ ଅପରେଶନ କରାଯିବ ବୋଲି ଦଲାଲ ପ୍ରଲୋଭିତ କରି ନର୍ସିଂହୋମକୁ ନେଇ ଯାଇଥିଲେ। ପହି ନର୍ସିଂହୋମ୍‌ରେ ମହିଳାଙ୍କ ଅପରେଶନ ହୋଇଥିଲା। ଅପରେଶନ ପରେ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ନେବା ପାଇଁ କୁହାଯାଇଥିଲା। କଟକ ଯିବା ବାଟରେ ତାଙ୍କର ଜୀବନ ଚାଲିଯାଇଥିଲା।

# ସ୍କ୍ରବ୍ ଟାଇଫସ୍: ସମ୍ବଲପୁରରେ କେନ୍ଦ୍ରୀୟ ଟିମ୍

- ରୋଗ ପରୀକ୍ଷାକୁ ନେଇ କ୍ଷୋଭ
- ସୁସ୍ଥ ହେବା ପରେ ପୁଣି ପରୀକ୍ଷା କର: ଡାକ୍ତରୀ ଦଳ

**ସମ୍ବଲପୁର, ୨।୧୦ (ଶୁଭାଶିଷ ପାଢ଼ୀ)**


ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଲୋଚନା କରୁଛନ୍ତି କେନ୍ଦ୍ରୀୟ ଟିମ୍।

ସମ୍ବଲପୁର ବୁର୍ଲାର ଭିମ୍‌ସାର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର କେନ୍ଦ୍ରୀୟ ଡାକ୍ତରୀ ଟିମ୍ ପହଞ୍ଚି ସ୍କ୍ରବ୍ ଟାଇଫସ୍ ରୋଗୀ ଚିକିତ୍ସା ନେଇ ସମୀକ୍ଷା କରିଥିଲେ। ଭିମ୍‌ସାରରେ ଏବେ ୭ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିକିତ୍ସିତ ହେଉଛନ୍ତି। ଟିମ୍ ସଦସ୍ୟ ଉକ୍ତ ୱାର୍ଡ ବୁଲି କିଭଳି ଚିକିତ୍ସା କରାଯାଉଛି ଓ କ'ଣ ଔଷଧ ଦିଆଯାଉଛି ପଚାରିବୁଝିଥିଲେ। ପରୀକ୍ଷାଗାର ମଧ୍ୟ ବୁଲି ଦେଖିଥିଲେ। ସୁସ୍ଥ ହୋଇଥିବା ରୋଗୀଙ୍କୁ ଆଉଥରେ ପରୀକ୍ଷା କରିବା ସହ ନେଗେଟିଭ ରିପୋର୍ଟ ଆସିବା ପରେ ଡିସ୍‌ଚାର୍ଜ କରିବାକୁ କହିଥିଲେ। ଏହି ସମୟରେ ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ପରେ ଏହି ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଏଡିଏମ୍‌ଓ ଅଶୋକ ଦାସଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ରୋଗୀ ଚିକିତ୍ସାଧୀନ ନାହାନ୍ତି। ହେଲେ ପୂର୍ବରୁ ଅଗଷ୍ଟରେ ୭୪ ଓ ସେପ୍ଟେମ୍ବରରେ ୧୫୨ଜଣ ରୋଗୀ ଚିକିତ୍ସିତ ହୋଇ ଫେରିଥିଲେ ବୋଲି ଡା. ଦାଶ ଟିମ୍‌କୁ ରିପୋର୍ଟ ଦେଇଥିଲେ। କେନ୍ଦ୍ରୀୟ ଡାକ୍ତର ଟିମ୍ ଉଭୟ ମେଡିକାଲ ପରିଦର୍ଶନ ପରେ ରୋଗ ପରୀକ୍ଷା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଆଲିଶା ପ୍ରଣାଳୀରେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ଟିମ୍‌ରେ ମେଡିସିନ ପ୍ରଫେସର ଡା. ସମୀର ଗୁଲାଟି, ପବ୍ଲିକ ହେଲ୍‌ଥ ସ୍ପେଶାଲିଷ୍ଟ ଡେପୁଟି ଡାଇରେକ୍ଟର ଡା. ତୁଷାର ନାଲେ, ମାଇକ୍ରୋବାଇଲୋଜି ଡା. ଡି.ବି. ଶାହ, ଇଆଇଏସ୍ ଅଧିକାରୀ ଡା. ଆରୁଷି ଘାଇ ରହିଥିଲେ।

ଭିମ୍‌ସାର ଅଧୀକ୍ଷକ ନାୟକ କହିଛନ୍ତି, କେନ୍ଦ୍ରୀୟ ଟିମ୍ ଭିମ୍‌ସାର ପରିଦର୍ଶନ କରି ରୋଗୀଙ୍କ ଚିକିତ୍ସା ଓ ପରୀକ୍ଷାକୁ ନେଇ ଅଧିକ ପଚରାଉଚୁରା କରିଥିଲେ। ସେପ୍ଟେମ୍ବର ଶେଷ ସୁଦ୍ଧା ଭିମ୍‌ସାରରେ ମୋଟ ୨୮ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ୨୧ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଆଉ ୭ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏହି ରୋଗରେ ସେଭଳି ଭୟଭୀତ ହେବାର ନାହିଁ। ଠିକ୍ ସମୟରେ ଚିକିତ୍ସା କଲେ ରୋଗୀ ସୁସ୍ଥ ହୋଇଯାଉଛନ୍ତି। ଅନ୍ୟ ରୋଗରେ ପୀଡ଼ିତ ହୋଇ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିଲେ ଅଧିକ ଯତ୍ନବାନ ହେବାକୁ ପଡିଥାଏ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସ୍କ୍ରବ୍ ଟାଇଫସ୍ ରୋଗ ବ୍ୟାପିବା ଯୋଗୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଥିଲେ। ଗତ ଶୁକ୍ରବାର କେନ୍ଦ୍ରୀୟ ଟିମ୍ ଝାରସୁଗୁଡ଼ାରେ ପହଞ୍ଚିଥିଲା। ସୁନ୍ଦରଗଡ ଓ ବରଗଡ ଜିଲା ଗସ୍ତ ସାରି ଟିମ୍ ସୋମବାର ସମ୍ବଲପୁରରେ ପହଞ୍ଚିଥିଲା।

## ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତକୁ ନେଇ ଫଟୋ ପ୍ରଦର୍ଶନୀ


ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ସହ ଅନ୍ୟମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି। (ଫଟୋ- ବିକାଶ ନାୟକ)

**ଭୁବନେଶ୍ୱର, ୨।୧୦(ଅସମାପିକା ସାହୁ)**

ରାଜ୍ୟସ୍ତରୀୟ ଗାନ୍ଧୀଜୟନ୍ତୀ ପାଳନ ଅବସରରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ସୋମବାର ସୂଚନା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ୧୯୨୧ ମାର୍ଚ୍ଚ ୨୩ରୁ ୧୯୩୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କିତ ଫଟୋ ଓ ତଥ୍ୟ ଏଥିରେ ସ୍ଥାନ ପାଇଛି। ତିନିଦିନ ଧରି ଚାଲିବାକୁ ଥିବା ପ୍ରଦର୍ଶନୀକୁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରି କହିଲେ, ଏହା ଉତ୍ତରପିଢ଼ିଙ୍କୁ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ବହୁମୂଲ୍ୟ ତଥ୍ୟ ପ୍ରଦାନ କରିବା ସହିତ ଗାନ୍ଧୀ ଚେତନା ଓ ଗାନ୍ଧୀ ଦର୍ଶନ ସମ୍ପର୍କରେ ଯଥେଷ୍ଟ ଜ୍ଞାନ ପ୍ରଦାନ କରିବ। ୧୯୨୧ ମାର୍ଚ୍ଚ ୨୩ରେ କଟକର କାଠଯୋଡ଼ି କୂଳରେ ମହାତ୍ମା ଗାନ୍ଧୀଙ୍କ ସାଧାରଣ ସଭାଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ସ୍ଥାନରେ ସେ କରିଥିବା ପଦଯାତ୍ରା, ସାଧାରଣ ସଭା, ବିଶ୍ରାମସ୍ଥଳୀ ଆଦିର ଦୁର୍ଲଭ ଫଟୋଚିତ୍ର ଏହି ପ୍ରଦର୍ଶନୀରେ ଅତି ସୁନ୍ଦର ଭାବେ ପ୍ରଦର୍ଶିତ ହେଉଛି। ମଙ୍ଗଳବାର 'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ସେହିପରି ବୁଧବାର ସୂଚନା ଭବନ ପ୍ରେକ୍ଷାଳୟରେ ସର୍ବସାଧାରଣଙ୍କ ନିମନ୍ତେ 'ଗାନ୍ଧୀ' ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ଏହି ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀଙ୍କ ସହିତ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...



'ଅଲିମ୍ପିକ୍ସ ଇନ୍ ରିଲ୍ ଲାଇଫ୍'ରେ ଓଡ଼ିଶାର ଦୁଇ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

### 'ଅଲିମ୍ପିକ୍ସ ଇନ୍...

ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ ପ୍ରଶାସନିକ ଯୁଗ୍ମ ନିର୍ଦ୍ଦେଶକ ସରୋଜ ବେହେରା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଢ଼ ବର୍ଷ ପୂର୍ବେ ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ସହ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି 'ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ'କୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲାର ୯୦ଟି ବିଦ୍ୟାଳୟରେ କାର୍ଯ୍ୟ କରିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୫ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ରହିଛି।

### ୱିସ୍‌ମାନ୍, କାରିକୋଙ୍କୁ...

୯୦ ଦଶକରେ ଦୈବାତ୍ ସାକ୍ଷାତ୍ ହୋଇଥିଲା। କରୋନା ମହାମାରୀ ଦୂର କରିବାରେ ଏମ୍‌ଆର୍‌ଏନ୍‌ଏ ଟିକା ଗେମ୍ ଚେଞ୍ଜର ହୋଇପାରିବ ବୋଲି ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍ଲିଆର ମେଡିସିନ୍ ପ୍ରଫେସର ଡ. ପାଉଲ୍ ହଣ୍ଟର କରିଥିଲେ। ଏମ୍‌ଆର୍‌ଏନ୍‌ଏ ପ୍ରଯୁକ୍ତି ନ ଥିଲେ କୋଭିଡ୍ ଆହୁରି ଭୟଙ୍କର ହୋଇଥାନ୍ତା ବୋଲି ସେ କହିଛନ୍ତି।

### ବିକାଶ ଯାତ୍ରାରେ...

ଭଳି ଐତିହାସିକ ପଦକ୍ଷେପ ନିଆଯାଇଛି। ମେୟର ସୁଲୋଚନା ଦାଶ ମଧ୍ୟ ତାଙ୍କ ଅଭିଭାଷଣରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଏମ୍‌ପି ଅମର ପଟ୍ଟନାୟକ ଓ ସୁଲତା ଦେଓ, ମେୟର ସୁଲୋଚନା ଦାଶ, ଡେପୁଟି ମେୟର ମଞ୍ଜୁଲତା କହଁର, ଶ୍ରୀମୟୀ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ।

ଗାନ୍ଧୀ ଜୟନ୍ତୀଠାରୁ ସାରା ରାଜ୍ୟରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏ ଏହି ପଦଯାତ୍ରା ଚାଲିବ। ଏଥିରେ ବିଜେଡିର ଏମ୍‌ପି, ବିଧାୟକ ଓ କର୍ମକର୍ତ୍ତା ଯୋଡ଼ିହୋଇ ପ୍ରତ୍ୟେକ ଗ୍ରାମରେ ରାଜ୍ୟ ସରକାରଙ୍କ ନିରନ୍ତର ବିକାଶର ବାର୍ତ୍ତା ପହଞ୍ଚାଇବା ସହ ଲୋକଙ୍କ ଅଭିଯୋଗ ଶୁଣିବେ। ଏଥିସହ ବିଜେଡି ପକ୍ଷରୁ ରକ୍ତଦାନ, ବୃକ୍ଷରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ଆସିଷ୍ଟାଣ୍ଟ କଲେକ୍ଟର...

ଆସିଷ୍ଟାଣ୍ଟ କଲେକ୍ଟର ମିଞ୍ଜି ଉଦିତନଗର ଥାନାକୁ ଯାଇ ସେ ପରିବାର ଲୋକଙ୍କ ସହ ଘରକୁ ଯିବେ ନାହିଁ ବୋଲି କହିଥିଲେ। ହୋଟେଲ ସିସିଟିଭି ଓ ମିଞ୍ଜିଙ୍କ ହାତଲେଖା ତଦନ୍ତ ପରିସରଭୁକ୍ତ କରାଯାଇଛି। ତଦନ୍ତ ଶେଷ ହେଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ମାଝୀ କହିଛନ୍ତି।


ସେନସୋରୀ ପାର୍କରେ ପୋଲିସ ତଦନ୍ତ କରୁଛି।



ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ୍ କୁମାରମଙ୍ଗଳମ୍ ବିର୍ଲା ସୋମବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା ମଙ୍ଗଳମ୍ ବିର୍ଲାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରି ସ୍ୱାଗତ ଜଣାଉଛନ୍ତି।

## ଅକ୍ଟୋବର ୮ରୁ ଏଜିଆଇଏଫ୍

**ଭୁବନେଶ୍ୱର, ୨।୧୦**

ଦେଶର ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ଫେଷ୍ଟିଭ୍ ଇଭେଣ୍ଟ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ (ଏଜିଆଇଏଫ୍)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫେଷ୍ଟିଭାଲ ୨୦୨୩ ଅକ୍ଟୋବର ୮ରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଆମାଜନର ପ୍ରାଇମ୍ ସଦସ୍ୟମାନଙ୍କୁ ୨୪ ଘଣ୍ଟା ପୂର୍ବରୁ ପ୍ରାକ୍ ଆକ୍ସେସର ସୁବିଧା ପ୍ରଦାନ କରାଯାଉଛି। ବିଶେଷ କରି ଗ୍ରାହକମାନେ ଏଥିରେ ଉପଲବ୍ଧ ଥିବା ବ୍ୟାପକଶ୍ରେଣୀୟ ଉତ୍ପାଦ ଉପରେ ଆକର୍ଷଣୀୟ ମୂଲ୍ୟ ଓ ସୁବିଧାରେ ଅତୁଳନୀୟ ଡିଲର ସୁବିଧା ଦ୍ୱାରଦେଶରେ ପାଇପାରିବେ। ଏପରିକି ଗ୍ରାହକମାନେ ୨୫,୦୦୦ରୁ ଅଧିକ ଉତ୍ପାଦ ଉପରେ କିକ୍ ଷ୍ଟାର୍ଟର ଡିଲ୍ ମାଧ୍ୟମରେ ଅକ୍ଟୋବର ୬ ପର୍ଯ୍ୟନ୍ତ ପ୍ରାରମ୍ଭିକ ଆକ୍ସେସ୍ ପାଇପାରିବେ।

ଏ ସମ୍ପର୍କରେ ଆମାଜନର ଭାଇସ୍ ପ୍ରେସିଡେଣ୍ଟ ଓ କଣ୍ଟ୍ରି ମ୍ୟାନେଜର, ଇଣ୍ଡିଆ କଞ୍ଜ୍ୟୁମର ବିଜନେସ୍ ମନୀଷ୍ ତିୱାରୀ କହିଛନ୍ତି, ଆମେ ସାରା ଭାରତରେ ଆମର ପ୍ରିୟ ଗ୍ରାହକମାନଙ୍କ ପାଇଁ 'ବକ୍ସ ଅଫ୍ ହାପିନେସ୍' ନେଇ ଆସିଛୁ।

## ପିଏନ୍‌ବି ପକ୍ଷରୁ ଗଣସଫେଇ




ପିଏନ୍‌ବି ପକ୍ଷରୁ ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ମହାଦେବ ମନ୍ଦିର କମିଟିକୁ ଏକ ଫ୍ରିଜ୍ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍‌ବିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୨।୧୦**

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (ପିଏନ୍‌ବି)ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ରବିବାର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ଖଣ୍ଡଗିରି ଜଗମୋହନ ନଗର ଶ୍ରୀ ବିଶ୍ୱେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପିଏନବିର ଜେନେରାଲ୍ ମ୍ୟାନେଜର ଉଦୟ ଭାସ୍କର ରେଡ୍ଡି, ଡିଜିଏମ୍ ଜନ୍ମେଜୟ ଦୀକ୍ଷିତ, ଏଜିଏମ୍ ସମରେନ୍ଦ୍ର ପଣ୍ଡାଙ୍କ ସମେତ ୫୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ ଉକ୍ତ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ରେଡ୍ଡୀ ଏକ ଫ୍ରିଜ୍ ମନ୍ଦିର ପ୍ରଶାସନ (କମିଟି)କୁ ପ୍ରଦାନ କରିଥିଲେ। ବିଶେଷକରି ବ୍ୟାଙ୍କର କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି (ସିଏସଆର) କାର୍ଯ୍ୟକ୍ରମ ଅନ୍ତର୍ଗତରେ ଉକ୍ତ ଫ୍ରିଜକୁ ମନ୍ଦିର ଟ୍ରଷ୍ଟର ସଭାପତି ତଥା ପ୍ରତିଷ୍ଠାତା ନିରଞ୍ଜନ ଯୋଗାଣିଆଙ୍କୁ ଦିଆଯାଇଥିଲା। ଏହି ଅବସରରେ ମନ୍ଦିର ଟ୍ରଷ୍ଟର ସଭାପତି ତଥା ପ୍ରତିଷ୍ଠାତା ନିରଞ୍ଜନ ଯୋଗାଣିଆ ବ୍ୟାଙ୍କର ସମସ୍ତ ଅଧିକାରୀ ଓ ଅନ୍ୟମାନଙ୍କୁ ସମ୍ବୋଧନ କରିବା ସହ ଏଭଳି ଏକ ମହତ୍ତ୍ୱ କାର୍ଯ୍ୟକ୍ରମ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏପରିକି ଉକ୍ତ ସଫେଇ କାର୍ଯ୍ୟକ୍ରମରେ ମନ୍ଦିରର ଅନ୍ୟାନ୍ୟ ଟ୍ରଷ୍ଟି ଓ କର୍ମକର୍ତ୍ତାବୃନ୍ଦ ଯଥା ମହେଶ୍ୱର ମାର୍ଥା, ପ୍ରସନ୍ନ କୁମାର ଷଡ଼ଙ୍ଗୀ, ସଞ୍ଜୟ କୁମାର ଶୁକ୍ଳା, ପ୍ରଶାନ୍ତ କୁମାର ପଟ୍ଟନାୟକ, ଅଭୟ କୁମାର ମହାପାତ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଏସ୍‌ବିଆଇ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା'



**ଭୁବନେଶ୍ୱର, ୨।୧୦**

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ର ଭୁବନେଶ୍ୱର ସର୍କଲ ପକ୍ଷରୁ ରବିବାର ଭୁବନେଶ୍ୱରର ୨ଟି ସ୍ଥାନରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏସବିଆଇ ଭୁବନେଶ୍ୱର ସର୍କଲର ସିଜିଏମ ଚନ୍ଦର ଶେଖର ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ୟୁନିଟ-୧ ହନୁମାନ ମନ୍ଦିର ଏବଂ ମଦର ପବ୍ଲିକ ସ୍କୁଲ ସମ୍ମୁଖରେ ଏକ ଗଣ ସଫେଇ (ଶ୍ରମଦାନ କାର୍ଯ୍ୟକ୍ରମ) କରାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ସେହିଭଳି ସ୍ୱଚ୍ଛ ଭାରତ ମିଶନର ୯ମ ବର୍ଷର ଥିମ୍ ଗାର୍ବେଜ ଫ୍ରି ଇଣ୍ଡିଆ ପରିପ୍ରେକ୍ଷୀରେ ଏସବିଆଇ ପକ୍ଷରୁ ଉପରୋକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ପି ସି ଚନ୍ଦ୍ରା ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ

**ଭୁବନେଶ୍ୱର, ୨।୧୦ (ଅଭୟ ଦାଶ)**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ପି ସି ଚନ୍ଦ୍ରା ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟଲେଟ ମୁମ୍ବାଇର ଭାସି ସେକ୍ଟର-୧୭ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପି ସି ଚନ୍ଦ୍ରା ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଉଦୟ କୁମାର ଚନ୍ଦ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପି ସି ଚନ୍ଦ୍ରା ଜୁଏଲର୍ସର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତୋ ଚନ୍ଦ୍ରା ଏବଂ ଶୁଭ୍ର ଚନ୍ଦ୍ରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ଏହି ଅତ୍ୟାଧୁନିକ ନୂତନ ଶୋ'ରୁମ୍ ଜରିଆରେ ଉଭୟ ମୁମ୍ବାଇ ଓ ମହାରାଷ୍ଟ୍ରର ଗ୍ରାହକଙ୍କ ସମେତ ଅନ୍ୟମାନଙ୍କ ପାଇଁ ମଧ୍ୟ ପି ସି ଚନ୍ଦ୍ରାର ପ୍ରମୁଖ ଅଳଙ୍କାର ଡିଜାଇନ ଓ କଲେକ୍ସନ ଉପଲବ୍ଧ। ଏପରିକି ସବୁ



ବର୍ଗର ଗ୍ରାହକଙ୍କୁ ଗୁଣାତ୍ମକ ସାମଗ୍ରୀ (ଅଳଙ୍କାର) ଯୋଗାଇବା ସହିତ ସୁଲଭ ମୂଲ୍ୟରେ ବିଶୁଦ୍ଧ ସୁନା, ରୁପା, ହୀରା ଓ ଅନ୍ୟାନ୍ୟ ପ୍ରିମିୟମ ଏବଂ ଜେମଷ୍ଟୋନ ଗ୍ରାହକଙ୍କ ଚାହିଦା ଅନୁଯାୟୀ ଯୋଗାଇ ଦିଆଯିବ ବୋଲି ପି ସି ଚନ୍ଦ୍ରା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ମୁମ୍ବାଇର ବାନ୍ଦ୍ରା ୱେଷ୍ଟ ଟର୍ନର ରୋଡଠାରେ ପି ସି ଚନ୍ଦ୍ରା ଜୁଏଲର୍ସର ପ୍ରଥମ ଶୋ'ରୁମ ରହିଥିବାବେଳେ ମୁମ୍ବାଇରେ ଏହା ପି ସି ଚନ୍ଦ୍ରାର ୨ୟ ଶୋ' ରୁମ୍ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ବିଓଏମ୍ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ନୂଆଦିଲ୍ଲୀ, ୨।୧୦**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ବିଶେଷ କରି ଏକ ଘଣ୍ଟିଆ 'ସ୍ୱଚ୍ଛତା ପାଇଁ ଶ୍ରମଦାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ବିଓଏମ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ସମେତ ସହରାଞ୍ଚଳ ଶାଖାଗୁଡିକର ସମସ୍ତ କର୍ମଚାରୀ ଯୋଗଦାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଓଏମର କର୍ମଚାରୀମାନେ ଭୁବନେଶ୍ୱରର ୟୁନିଟ୍-୯ ସ୍ଥିତ ବିଓଏମ୍‌ର ଅଞ୍ଚଳ କାର୍ଯ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଓଏମ ଭୁବନେଶ୍ୱର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ରା ଓ ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ ପ୍ରମୁଖ ସ୍ୱଚ୍ଛତା ଅଭିଯାନ ଟିମ୍‌ର ମାର୍ଗଦର୍ଶନ କରାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଡିଏଫ୍‌ଏସ୍ ବିଭାଗର ଆହ୍ୱାନ ଅନୁଯାୟୀ ବିଓଏମ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ନକଲି ଜେଡ୍ ବ୍ଲାକ ସାମଗ୍ରୀ ବିକ୍ରେତାଙ୍କ ପର୍ଦ୍ଦାଫାଶ

**ଭୁବନେଶ୍ୱର, ୨।୧୦**

ମଧ୍ୟପ୍ରଦେଶର ଅଗ୍ରଣୀ ଧୂପକାଠି ନିର୍ମାତା ତଥା ମହୀଶୂର ଦୀପ୍ ପର୍‌ଫ୍ୟୁମେରୀ ହାଉସ୍ (ଏମ୍‌ଡିପିଏଚ୍)ର ଅଗ୍ରଣୀ ବ୍ରାଣ୍ଡ ଜେଡ୍ ବ୍ଲାକ ନାମରେ ନକଲି ସାମଗ୍ରୀ କୋଲ୍‌କାତାଠାରେ ବିକ୍ରି କରାଯାଉଥିଲା। ଏପରିକି ଜେଡ୍ ବ୍ଲାକ ନାମରେ ବହୁ ଅଭିଯୋଗ ଆସିଲା ପରେ କମ୍ପାନୀ ପକ୍ଷରୁ ବ୍ରାଣ୍ଡର ନକଲ କରୁଥିବା ଏବଂ ନକଲି ସାମଗ୍ରୀ ବିକ୍ରିରେ ନିୟୋଜିତ ଥିବା କୋଲକାତାର ବିଭିନ୍ନ ଗୋଦାମରେ ସଫଳତାପୂର୍ବକ ଚଢ଼ାଉ ସହ ପର୍ଦ୍ଦାଫାଶ କରାଯାଇଛି। ବିଶେଷକରି ପାର୍ବଣ ପୂର୍ବରୁ କମ୍ପାନୀ ପକ୍ଷରୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସହ ପଶ୍ଚିମବଙ୍ଗର ଆସାନ୍‌ସୋଲ ଦୁର୍ଗାପୁର କମିଶନରେଟ୍ ପୋଲିସରେ ଅଭିଯୋଗ ସହ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ସେହିଭଳି ଏଫ୍‌ଆଇଆର୍ ପରେ ଆସାନସୋଲ ଉତ୍ତର କୁରେସି ମୋହଲ୍ଲାରେ ରହୁଥିବା ମହମ୍ମଦ ମୁକ୍ତାରଙ୍କ ଗୋଦାମରୁ ମହମ୍ମଦ ହିଲାଲ୍ ଓ ଶ୍ରୀନଗରର ମହମ୍ମଦ ଅସ୍‌ଲାମଙ୍କଠାରୁ ଜେଡ୍ ବ୍ଲାକ ନାମରେ ପ୍ରସ୍ତୁତ ବହୁ ନକଲି ସାମଗ୍ରୀଗୁଡିକୁ ପୋଲିସ ପକ୍ଷରୁ ଜବତ କରାଯାଇଛି। ଅପରପକ୍ଷରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ, ପଶ୍ଚିମବଙ୍ଗ, ରାଜସ୍ଥାନ, ଓଡ଼ିଶା ଓ ଉତ୍ତରପ୍ରଦେଶ ଭଳି




ବିଭିନ୍ନ ରାଜ୍ୟରେ କମ୍ପାନୀ ପକ୍ଷରୁ ନକଲି କାରବାରକୁ ରୋକିବା ପାଇଁ ଏକାଧିକ ଆପରାଧିକ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଛନ୍ତି, ନକଲି ଉତ୍ପାଦଗୁଡିକର ବୃଦ୍ଧି ବ୍ରାଣ୍ଡ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ସହ ଉପଭୋକ୍ତାଙ୍କ ସୁସ୍ଥତାକୁ ବିପଦରେ ପକାଇଥାଏ। ପାର୍ବଣ ଋତୁ ଆସୁଥିବାରୁ ଉପଭୋକ୍ତାଙ୍କୁ ସେମାନେ ଘରକୁ ଆଣୁଥିବା ଉତ୍ପାଦର ସତ୍ୟତା ଓ ଗୁଣବତ୍ତା ନିଶ୍ଚିତ କରିବା ଲାଗି ପ୍ରାଧିକୃତ ଓ ପ୍ରତିଷ୍ଠିତ ରିଟେଲରଙ୍କଠାରୁ ପୂଜା ସାମଗ୍ରୀ କ୍ରୟ କରିବା ପାଇଁ ପରାମର୍ଶ ଦିଆଯାଉଛି।

## ସିପେଟ୍ ପକ୍ଷରୁ ସ୍ୱଚ୍ଛତା ଦିବସ



**ଭୁବନେଶ୍ୱର, ୨।୧୦**

ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପେଟ୍ରୋକେମିକାଲ୍‌ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍)ର ଆଇପିଟି ଭୁବନେଶ୍ୱର ପକ୍ଷରୁ 'ସ୍ୱଚ୍ଛତା ଦିବସ' ଶିଖରଚଣ୍ଡୀ ପାଦ ଦେଶ ସମ୍ମୁଖରେ ଆୟୋଜନ କରାଯାଇଥିଲା। ବିଶେଷକରି ଉକ୍ତ ସ୍ଥାନରେ ସିପେଟ ପକ୍ଷରୁ ଏକ ଘଣ୍ଟିକିଆ ସ୍ୱଚ୍ଛତା କାର୍ଯ୍ୟକ୍ରମ (ଶ୍ରମଦାନ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସିପେଟ ଭୁବନେଶ୍ୱରର ମୁଖ୍ୟ ତଥା ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିପେଟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ପାହାଡ ପାଦଦେଶରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସାହୁ କହିଥିଲେ, ନିଜର ଆଖପାଖ ସଫାସୁତୁରା ରଖିବା ଦ୍ୱାରା ପରିବେଶ ସୁରକ୍ଷା ଓ ସୁରକ୍ଷିତ ହୋଇଥାଏ। ସେହିପରି ପରିବେଶର ସୁରକ୍ଷା ଏବଂ ଭବିଷ୍ୟତ ଉପରେ ସାହୁ ସମ୍ୟକ ଆଲୋକପାତ କରିଥିଲେ। ପରିଶେଷରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## କିନ୍ଦିରିଗୁଡ଼ା ନାଚୁରାଲ୍ସ କଫିକୁ ଶ୍ରେଷ୍ଠ ମାନ୍ୟତା

**ଭୁବନେଶ୍ୱର, ୨।୧୦**

ଓଡ଼ିଶାର କିନ୍ଦିରିଗୁଡ଼ା ନାଚୁରାଲ୍ସ କଫି ଭାରତର ଶ୍ରେଷ୍ଠ ନାଚୁରାଲ୍ସ କଫି ଭାବେ ମାନତ୍ୟ ଲାଭ କରିଛି, ଏପରିକି ବେଙ୍ଗାଲୁରୁଠାରେ ଆୟୋଜିତ ୫ମ ବିଶ୍ୱ କଫି ସମ୍ମିଳନୀରେ କିନ୍ଦିରିଗୁଡ଼ା ନାଚୁରାଲ୍ସ କଫି ସମ୍ମାନିତ ହୋଇଛି। ଉଲ୍ଲେଖଯୋଗ୍ୟ, କିନ୍ଦିରିଗୁଡ଼ା ନାଚୁରାଲ୍ସ ହେଉଛି ଏକ କଫି ଏବଂ ଏହା ଭାରତର ସ୍ପେଶାଲିଟି କଫି ବ୍ରାଣ୍ଡ, ଯାହାକି ଓଡ଼ିଶାର କ୍ରୁତି କଫି ଦ୍ୱାରା ବିକଶିତ ହୋଇଛି। ଏହା ଭାରତର ଏକ ଦ୍ରୁତ ବିକଶିତ କଫି ବ୍ରାଣ୍ଡ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ କ୍ରୁତି କଫିର ସହ ପ୍ରତିଷ୍ଠାତା ଡ.କାମାକ୍ଷା ଦାସ ଏବଂ ବିଜ୍‌ନେସ ହେଡ୍ ତପନ ବରିଶାଲ୍ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ କଫି ପ୍ରକ୍ରିୟାକରଣ ପାଇଁ ନିୟୋଜିତ ବିଭିନ୍ନ




ପଦ୍ଧତି ମଧ୍ୟରୁ ନାଚୁରାଲ୍ସ ହେଉଛି ସବୁଠାରୁ ଜଟିଳ ପ୍ରକ୍ରିୟା, ଯାହା ଉଭିଦ ପରିଚାଳନାଠାରୁ ଆରମ୍ଭକରି ଚେରି ତୋଳିବା, ଶଯ୍ୟାରେ ଶୁଖିବା ଏବଂ କଫି ମୂଲ୍ୟ ଧାର୍ଯ୍ୟ ପର୍ଯ୍ୟନ୍ତ ନଜର ରଖିଥାଏ। ଏପରିକି କ୍ରୁତି କଫି ଏକ ଦଶନ୍ଧି ମଧ୍ୟରେ ଭାରତର ସର୍ବୋଚ୍ଚ କଫି ଉତ୍ପାଦନକାରୀ ବ୍ରାଣ୍ଡ ଭାବେ ପରିଚିତ ହୋଇଛି। ବିଶେଷକରି କଫି ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ସହ କଫି ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସଫଳତା ହାସଲ କରିବା ପାଇଁ କ୍ରୁତି କଫି ବିଶ୍ୱସ୍ତରୀୟ କଫି ପରିଚାଳନା ପ୍ରଣାଳୀକୁ ନିୟୋଜିତ କରିଛି, ଉକ୍ତ ସଫଳତାକୁ ପାଳନ କରିବା ଏବଂ କିନ୍ଦିରିଗୁଡ଼ାର କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୁତି କଫି ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି।

## ଧଉଳି ଛକରେ ପୁଷ୍ପକ ହୋଟେଲ ଆଣ୍ଡ୍ କନ୍‌ଭେନ୍‌ଶନ ଉଦ୍‌ଘାଟିତ

**ଭୁବନେଶ୍ୱର, ୨।୧୦**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଶ୍ୱେତପଦ୍ମା ୟୁନାଇଟେଡ ପ୍ରାଇଭେଟ ଲିମିଟେଡର ଅଗ୍ରଣୀ ହୋଟେଲ ବ୍ୟବସାୟ ୟୁନିଟ 'ପୁଷ୍ପକ'ର/ ପୁଷ୍ପକ ଗ୍ରୁପର ନୂତନ ହୋଟେଲ 'ପୁଷ୍ପକ ହୋଟେଲ ଆଣ୍ଡ କନ୍‌ଭେନଶନ' ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୁଷ୍ପକ ଗ୍ରୁପର ଚେୟାରମ୍ୟାନ ସୁକାନ୍ତ ଗରାବଡୁ, ନିର୍ଦ୍ଦେଶିକା ନିରୁପମା ଗରାବଡୁ, ବରିଷ୍ଠ ସଦସ୍ୟା ମଣିମାଳା ଗରାବଡୁଙ୍କ ସମେତ ଅନ୍ୟମାନେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ରାୟ ୩ ଏକର ଜମିରେ ଗଢ଼ି ଉଠିଥିବା ଏହି ନୂତନ ହୋଟେଲରେ ୩ଟି ହଲ ଓ ଗୋଟିଏ ରେଷ୍ଟୁରାଣ୍ଟ ସମେତ ୧୦ଟି ରୁମ୍ ରହିଛି।



ବିଶେଷ କରି ପୁରୀ ଓ ଖୋର୍ଦ୍ଧା ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳୀର କେନ୍ଦ୍ରସ୍ଥଳୀରେ ଏହି ହୋଟେଲର ଶୁଭାରମ୍ଭ ହୋଇଛି। ଏପରିକି ଧଉଳି ଭଳି ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରର ଅତି ନିକଟରେ ଏହି ହୋଟେଲ ଅବସ୍ଥାପିତ ଥିଲାବେଳେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୩୧୬ ନମ୍ବର ଜାତୀୟ ରାଜପଥ କଡ଼ (ଧଉଳି ଛକ)ରେ ଏହି ହୋଟେଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।

## ଏମ୍‌ଜିଏମ୍ ମିନେରାଲ୍‌ସକୁ ଜନହିତକାରୀ ଉଦ୍ୟୋଗ ଆୱାର୍ଡ

**ଭୁବନେଶ୍ୱର, ୨।୧୦**

ରାଜ୍ୟର ଅଗ୍ରଣୀ ଘରୋଇ ସଂସ୍ଥା ତଥା ଏମଜିଏମ ମିନେରାଲ୍‌ସ ପ୍ରାଇଭେଟ ଲିମିଟେଡକୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ମାସିକ ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୧୨ତମ ବାର୍ଷିକ ଉତ୍ସବ ତଥା ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନ ସମାରୋହରେ ଏମଜିଏମ ମିନେରାଲସକୁ ଜନହିତକାରୀ ଉଦ୍ୟୋଗ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କଠାରୁ ଏମଜିଏମ ମିନେରାଲସ ପ୍ରାଇଭେଟ ଲିମିଟେଡର ଏମ୍‌ଡି ପଙ୍କଜ ଲୋଚନ ମହାନ୍ତି ଉକ୍ତ ସମ୍ମାନ ଗ୍ରହଣ କରିଥିଲେ। ଅପରପକ୍ଷରେ ବାର୍ଷିକ ଉତ୍ସବର ମୁଖ୍ୟ ଅତିଥି କନ୍ଧମାଳ ଏମପି ଡ.ଅଚ୍ୟୁତ ସାମନ୍ତ




ଦି ଇଣ୍ଟରଭ୍ୟୁ ଟାଇମ୍ସର ସଫଳ ଯାତ୍ରାର ଅଭିଯାନକୁ ଭୂୟସୀ ପ୍ରଶଂସା କରିବା ସହ ସମାଜର ପ୍ରଗତି କ୍ଷେତ୍ରରେ ଅନନ୍ୟ ପଦକ୍ଷେପ ପାଇଁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ 'ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ' ସମ୍ମାନ ଓ ୭ ଜଣଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲାବେଳେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଓ ବିଧାୟକ ଅରୁଣ କୁମାର ସାହୁ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସିକା ଅନୁ ଗର୍ଗ, ବୀର ବିକ୍ରମ ଯାଦବ, ଦିଲ୍ଲୀପ ରାଉତରାୟଙ୍କ ସମେତ ଓଡ଼ିଶା ଏନସିସି ୟୁନିଟର ନିର୍ଦ୍ଦେଶକ ସାଗର ମହାନ୍ତି, ଆଇସିଏମ୍‌ଆର-ଆରଏମ୍‌ଆରସିର ନିର୍ଦ୍ଦେଶିକା ସଂଘମିତ୍ରା ପତି ଏବଂ ପ୍ରଫେସର କମଲଜିତ୍ ସିଂ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଦି ଇଣ୍ଟରଭ୍ୟୁ ଟାଇମ୍ସର ମୁଖ୍ୟ ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଦି ଇଣ୍ଟରଭ୍ୟୁ ଟାଇମ୍ସ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଓଡ଼ିଶାରେ ଆଜି ଓ କାଲି'କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ କରାଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦି ଇଣ୍ଟରଭ୍ୟୁ ଟାଇମ୍ସର ଅଧ୍ୟକ୍ଷ ଶୁଭାଶିଷ ଦାସ, ସିଓଓ ଅରୁଣ କୁମାର ମାହାନା, ସିବିଓ ପ୍ରମୋଦ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



ଏସିଆନ ଗେମ୍ସ ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ରୌପ୍ୟ ପଦକ ହାସଲ ଖୁସିରେ ଉଲ୍ଲସିତ ଭାରତର ଆନ୍‌ସି ସୋଜାନ।

# ପାରୁଲ, ଆନ୍‌ସିଙ୍କୁ ରୌପ୍ୟ

**ଏସିଆନ ଗେମ୍ସ**

ହାଙ୍ଗଝୋ, ୨।୧୦ (ପି.ଟି.)

ଭାରତର ପାରୁଲ ଚୌଧାରୀ ଓ ଆନ୍‌ସି ସୋଜାନ ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରୁ ସୋମବାର ରୌପ୍ୟ ପଦକ ହାସଲ କରିଛନ୍ତି। ୪x୪୦୦ ମିଟର ମିକ୍ସଡ ରିଲେ ଦଳ ମଧ୍ୟ ରୌପ୍ୟ ପଦକ ହାସଲ କରିଛି। ମହିଳା ୩୦୦୦ ମିଟର ଷ୍ଟିପ୍‌ଲଚେଜ୍‌ରେ ପାରୁଲ ରୌପ୍ୟ ଓ ପ୍ରୀତି ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ଲଙ୍ଗଜମ୍ପରେ ଆନ୍‌ସି ରୌପ୍ୟ ପଦକ ଅର୍ଜନ କରିଛନ୍ତି। ୪x୪୦୦ ମିଟର ମିକ୍ସଡ ରିଲେ ଦଳ ଶ୍ରୀଲଙ୍କା ପଛକୁ ରହି ବ୍ରୋଞ୍ଜ ପଦକ ପାଇଥିଲା। ମାତ୍ର ଶ୍ରୀଲଙ୍କା ପ୍ରତିଯୋଗୀଙ୍କ ଲେନ୍ ବଦଳ ଯୋଗୁ ଭାରତର ବ୍ରୋଞ୍ଜ୍ ପଦକ ରୌପ୍ୟକୁ ପରିବର୍ତ୍ତିତ ହୋଇଥିଲା।

୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ୯:୨୭.୬୩ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ବାହାରିନ ପ୍ରତିଯୋଗୀ ଗେମ୍ସ ରେକର୍ଡ ସହ ୯:୧୮.୨୮ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ପୂର୍ବରୁ ଏସିଆନ ଗେମ୍ସ ରେକର୍ଡ ୯:୩୧.୩୬ ସେକେଣ୍ଡ ଥିଲା। ୨୦୧୪ ଏସିଆନ ଗେମ୍ସରେ ବାହାରିନର ଜେବେଟ ରୁଥ୍ ଏହି ରେକର୍ଡର ଅଧିକାରିଣୀ ଥିଲେ। ପାରୁଲ କିନ୍ତୁ ଏଠାରେ ନିଜ ଜାତୀୟ ରେକର୍ଡ ୯:୧୫.୩୧ ସେକେଣ୍ଡ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲେ। ସେ ବୁଦାପେଷ୍ଟ ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଟାଇମିଂ ସହ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲେ। ତାଙ୍କ ସାଥୀ ପ୍ରୀତି ୯:୪୩.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ମହିଳା ଲଙ୍ଗଜମ୍ପରେ ଆନ୍‌ସି ଦୁଇଥର ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ୬.୬୩ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଥିଲେ। ଚାଇନାର ଶିକି ଜିଅଙ୍ଗ ୬.୭୩ ମିଟର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭିଏତନାମର ନାଗା ୟାନ ୟୁ ୬.୫୦ ମିଟର ସହ ବ୍ରୋଞ୍ଜ ପାଇଥିଲେ। ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟତମ ଭାରତୀୟ ଶାଇଲି ସିଂ ୫ମ ସ୍ଥାନରେ ରହିଥିଲେ।

୪x୪୦୦ ମିଟର ମିକ୍ସଡ ଟିମ୍ ରିଲେରେ ଭାରତର ମହମ୍ମଦ ଆଜମଲ ଭାରିୟାଥୋଡି, ଭିଥ୍ୟା ରାମରାଜ, ରାଜେଶ ରମେଶ ଓ ଶୁଭା ଭେଙ୍କଟେଶ୍ ୩:୧୪.୩୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ମାତ୍ର ୩:୧୪.୨୫ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶ୍ରୀଲଙ୍କା ଦଳ ଲାଇନ୍ ବଦଳ କରିଥିବା କାରଣରୁ ଅଯୋଗ୍ୟ ଘୋଷିତ ହୋଇଥିଲା। ଫଳରେ ଭାରତକୁ ରୌପ୍ୟ ପଦକ ମିଳିଥିଲା। ବାହାରିନ ଦଳ ୩:୧୪.୦୨ ଓ କାଜାଖସ୍ତାନ ଦଳ ୩:୨୪.୮୫ ସେକେଣ୍ଡ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ୨୦୦ ମିଟରରେ ଭାରତର ଅମ୍ଲାନ ବୋରଗୋହେନ ୨୦.୯୮ ସେକେଣ୍ଡ ନେଇ ୬ଷ୍ଠ ସ୍ଥାନରେ ରହିଥିଲେ।



ବ୍ରୋଞ୍ଜ ଏବଂ ରୌପ୍ୟ ପଦକ ବିଜୟୀ ପ୍ରୀତି ଓ ପାରୁଲ ଚୌଧାରୀ।

# ସୁତୀର୍ଥା-ଅହିକାଙ୍କୁ ବ୍ରୋଞ୍ଜ ପଦକ

ହାଙ୍ଗଝୋ, ୨।୧୦ (ପି.ଟି.)

ଭାରତର ସୁତୀର୍ଥା ମୁଖାର୍ଜୀ ଓ ଅହିକା ମୁଖାର୍ଜୀ ଚଳିତ ଏସିଆନ ଗେମ୍ସର ମହିଳା ଟେବୁଲ ଟେନିସ ଡବଲ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଯୋଡ଼ି କଡ଼ା ଟକ୍କର ଦେଇଥିଲେ ହେଁ ଉତ୍ତର କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩-୪ରେ ହାରି ଯାଇଥିଲେ। ଗତ ଶନିବାର କ୍ୱାର୍ଟର ଫାଇନାଲରେ ବିଶ୍ୱ ଚାମ୍ପିୟନ ଚାଇନାକୁ ହରାଇଥିବା ଏହି ଭାରତୀୟ ଯୋଡ଼ି ୧୧-୭, ୮-୧୧, ୧୧-୭, ୮-୧୧, ୯-୧୧, ୧୧-୫, ୨-୧୧ରେ ଉତ୍ତର କୋରିଆର ସୁୟଙ୍ଗ ଚା ଓ ସୁଗ୍‌ୟଙ୍ଗ ପାକ୍‌ଙ୍କଠାରୁ ହାରି ଯାଇଥିଲେ। ଏହି ଫଳାଫଳ ସହ ପ୍ରତିଯୋଗିତାର ଟେବୁଲ ଟେନିସରୁ ଭାରତର ଅଭିଯାନ ଶେଷ ହୋଇଛି। ୨୦୧୮ରେ ଭାରତୀୟ ପୁରୁଷ ଦଳ ଓ ମିକ୍ସଡ ଡବଲ୍ସରେ ଭାରତ ବ୍ରୋଞ୍ଜ ପଦକ ପାଇଥିଲା।



ସୋମବାର ସେମିଫାଇନାଲ ଅବସରରେ ସୁତୀର୍ଥା ମୁଖାର୍ଜୀ ଓ ଅହିକା ମୁଖାର୍ଜୀ।

## ଏସିଆନ ଗେମ୍ସରେ ଭାରତର ପଦକ (ସୋମବାର)

**ରୌପ୍ୟ**

- ➤ପାରୁଲ ଚୌଧାରୀ: ୩୦୦୦ ମିଟର ଷ୍ଟିପଲଚେଜ୍
- ➤ଆନ୍‌ସି ସୋଜାନ: ମହିଳା ଲଙ୍ଗଜମ୍ପ
- ➤ମହମ୍ମଦ ଆଜମଲ ଭାରିୟାଥୋଡି, ବିଦ୍ୟା ରାମରାଜ, ରାଜେଶ ରମେଶ ଓ ଶୁଭା ଭେଙ୍କଟେଶ୍: ୪x୪୦୦ ମିଟର ମିକ୍ସଡ ରିଲେ ଟିମ୍

**ବ୍ରୋଞ୍ଜ**

- ➤ପ୍ରୀତି ଲାମ୍ବା: ୩୦୦୦ ମିଟର ଷ୍ଟିପଲଚେଜ୍
- ➤କାର୍ତ୍ତିକା ଜଗଦିଶ୍ୱରନ, ହିରାଲ ସାଧୁ, ଆରତୀ କସ୍ତୁରି ରାଜ: ମହିଳା ସ୍ପିଡ୍ ସ୍କେଟିଂ ୩୦୦୦ ମିଟର ରିଲେ ଟିମ୍
- ➤ଆନନ୍ଦ କୁମାର ଭେଲ୍‌କୁମାର, ସିଦ୍ଧାନ୍ତ କାମ୍ବଲେ, ବିକ୍ରମ ଇଙ୍ଗାଲେ: ପୁରୁଷ ସ୍ପିଡ୍ ସ୍କେଟିଂ ୩୦୦୦ ମିଟର ରିଲେ ଟିମ୍
- ➤ସୁତୀର୍ଥା ମୁଖାର୍ଜୀ, ଅହିକା ମୁଖାର୍ଜୀ: ମହିଳା ଟେବୁଲ ଟେନିସ ଡବଲ୍ସ

# ଉଷାଙ୍କ ଜାତୀୟ ରେକର୍ଡର ସମକକ୍ଷ ହେଲେ ବିଦ୍ୟା

ହାଙ୍ଗଝୋ,୨।୧୦(ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ରେ ଭାରତୀୟ ଆଥ୍‌ଲେଟମାନଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ପୂର୍ବତନ ଭାରତୀୟ ଆଥ୍‌ଲେଟ ତଥା ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ସଭାପତି ପି.ଟି. ଉଷାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ବିଦ୍ୟା ରାଜରାଜ। ସୋମବାର ଅନୁଷ୍ଠିତ ମହିଳା ୪୦୦ ମିଟର ବାଧାଦୌଡ଼(ହର୍ଡଲ୍ସ)ରେ ବିଦ୍ୟା ୫୫.୪୨ ସେକେଣ୍ଡର ସମୟ ନେଇଥିଲେ। ୧୯୮୪ ମସିହାରେ ଉଷା ମଧ୍ୟ ସମାନ ଟାଇମିଂ ହାସଲ କରିଥିଲେ। ଏହା ବିଦ୍ୟାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ସେ ଫାଇନାଲ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟତମ ଭାରତୀୟ ରବି ସିଞ୍ଚଲ କାଭେରମ୍ ୫୮.୬୨ ସେକେଣ୍ଡର ଟାଇମିଂ ସହିତ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛନ୍ତି। ପୁରୁଷ ୪୦୦ ମି. ହର୍ଡଲ୍ସରେ ସନ୍ତୋଷ କୁମାର ଟାମିଲାରାସନ ଓ ୟଶାସ ପଲାକ୍ଷା ଯଥାକ୍ରମେ ୪୯.୨୮ ଓ ୪୯.୬୧ ସେକେଣ୍ଡର ଟାଇମିଂ ସହିତ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡେକାଥ୍ଲନ ଇଭେଣ୍ଟରେ ଭାଗ ନେଉଥିବା ହାଇଜମ୍ପର ତେଜସ୍ୱିନ୍ ଶଙ୍କର ପଞ୍ଚମ ସ୍ଥାନରେ ରହିଛନ୍ତି। ତେଜସ୍ୱିନ ଶଟ୍‌ପୁଟ୍‌ରେ ୧୩.୩୯ ମିଟରର ଥ୍ରୋ କରିଥିବା ବେଳେ ୧୦୦ ମିଟର ରେସ୍‌ରେ ୧୧.୧୨ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଲଙ୍ଗ ଜମ୍ପରେ ସେ ୭.୩୭ ମିଟରର ଦୂରତା ହ୍ରାସ କରିଥିଲେ। ସେ ସମୁଦାୟ ୨୪୨୮ ପଏଣ୍ଟ ଅର୍ଜନ କରିଥିବା ବେଳେ ହାଇ ଜମ୍ପ ଓ ୪୦୦ ମିଟର ଦୌଡ଼ ବାକି ରହିଛି। ହାଇଜମ୍ପ ଇଭେଣ୍ଟରେ ସନ୍ଦେଶ ଜେସେ ଓ ସର୍ବେଶ ଅନିଲ କୁଶାରେ ୨.୧୦ ମିଟରର ଜମ୍ପ ସହିତ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ପୁରୁଷ ୮୦୦ ମିଟର ଦୌଡ଼ରେ ମହମ୍ମଦ ଅଫଜଲ ପୁଲିକାଲ୍ଲାଥ ଓ କ୍ରିଷନ୍ କୁମାର ଫାଇନାଲରେ ପ୍ରବେଶ କରିଛନ୍ତି।

**ଆର୍ଚେରୀ:** ଆର୍ଚେରୀରେ ଭାରତ ୬ଟି ଟିମ୍ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମହିଳା ରିକର୍ଭରେ ଭାରତୀୟ ମହିଳା ଖେଳାଳିଙ୍କ ଅଭିଯାନ ଶେଷ ହୋଇଛି। ମହିଳା କମ୍ପାଉଣ୍ଡ ଦଳ ପୂର୍ବରୁ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ସୋମବାର ରିକର୍ଭ ଓ କମ୍ପାଉଣ୍ଡର ଅନ୍ୟ ୫ ଦଳ ଅଂଶଗ୍ରହଣ କରିଥିଲେ। ଏହା ସହିତ କମ୍ପାଉଣ୍ଡ ବର୍ଗର ବ୍ୟକ୍ତିଗତ ଇଭେଣ୍ଟରେ ଓଜସ ଦେଓତାଲେ, ଅଭିଷେକ ବର୍ମା, ଜ୍ୟୋତି ସୁରେଖା ଭେନମ୍ ଓ ଅଦିତି ସ୍ୱାମୀ କ୍ୱାର୍ଟରରେ ପ୍ରବେଶ କରିବା ସହିତ ପଦକ ଫେଭରିଟ୍ ରହିଛନ୍ତି। ଅନ୍ୟପକ୍ଷରେ ରିକର୍ଭର ବ୍ୟକ୍ତିଗତ ରାଉଣ୍ଡରେ ଧୀରଜ ବୋମ୍ମାଦେବରା ଓ ଅତନୁ ଦାସ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

**ସ୍କ୍ୱାଶ:** ସ୍କ୍ୱାଶର ବ୍ୟକ୍ତିଗତ ଇଭେଣ୍ଟରେ ସୌରଭ ଘୋଷାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ଜ୍ୟୋସ୍ନା ଚିନ୍ନାପ୍ପା ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ଚିନ୍ନାପ୍ପା ୧-୩ରେ ଦକ୍ଷିଣ କୋରିଆର ହେଓ ମିଙ୍ଗେଓଙ୍ଗଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ୩୭ ବର୍ଷୀୟା ଚିନ୍ନାପ୍ପା ୪-୧୧, ୧୨-୧୦, ୯-୧୧ ଓ ୮-୧୧ ସେଟରେ ପରାଜିତ ହୋଇଥିଲେ। ଏହି ମ୍ୟାଚ୍ ମାତ୍ର ୩୭ ମିନିଟ ଚାଲିଥିଲା। ୨୦୧୮ରେ ଜ୍ୟୋସ୍ନା ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ୟତମ ଭାରତୀୟ ତନ୍‌ଭି ଖାନ୍ନା ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମିକ୍ସଡ ଡବଲ୍ସରେ ଭାରତର ଅନହତ ସିଂ ଓ ଅଭୟ ସିଂ ମଧ୍ୟ ବିଜୟୀ ହୋଇଛନ୍ତି। ଥାଇଲାଣ୍ଡର ଯୋଡ଼ିଙ୍କୁ ଉଭୟ ୧୧-୫ ଓ ୧୧-୬ରେ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ସୌରଭ ଘୋଷାଲ କୁଏତ୍‌ର ଅମ୍ମାର ଅଲତାମିମିଙ୍କୁ ୩-୦ରେ ପରାସ୍ତ କରିଥିବା ବେଳେ ମହେଶ ମନଗାଓଁକର ସମାନ ବ୍ୟବଧାନରେ ବ୍ରୁନେଇର ସୁଉକେଙ୍କୁ ହରାଇଥିଲେ।

## ପୁରୁଷ ହକି ସେମିରେ ଭାରତ

**ହାଙ୍ଗଝୋ,୨।୧୦(ପି.ଟି.):** ବାଂଲାଦେଶକୁ ୧୨-୦ ଗୋଲରେ ପରାସ୍ତ କରି ଏସିଆନ ଗେମ୍ସ ପୁରୁଷ ହକିର ସେମି ଫାଇନାଲରେ ପ୍ରବେଶ କରିଛି ଭାରତ। ଦଳ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ ଓ ମନ୍‌ଦୀପ ହାଟ୍ରିକ ଅର୍ଜନ କରିଥିଲେ। ଭାରତୀୟ ଖେଳାଳି ୭ଟି ଫିଲ୍ଡ ଗୋଲ୍ ଦେଇଥିବା ବେଳେ ୫ଟି ଗୋଲ୍ ପେନାଲ୍ଟି କର୍ନରରୁ ଆସିଥିଲା। ଗ୍ରୁପ୍ ଏ'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ବିଜୟୀ ହେବା ସହିତ ଅପରାଜେୟ ଭାବରେ ଭାରତ ଗ୍ରୁପ୍ ଶୀର୍ଷରେ ରହିଛି। ବୁଧବାର ପୁଲ୍ ବି'ରେ ଦ୍ୱିତୀୟ ସ୍ଥାନରେ ଥିବା ଦଳ ସହିତ ଭାରତ ସେମି ଫାଇନାଲ ମ୍ୟାଚ ଖେଳିବ।

# ବିସ୍ମିତ କଲେ ଭାରତୀୟ ସ୍କେଟର

## ■ ୩୦୦୦ ମିଟର ଟିମ୍ ରିଲେରେ ମହିଳା ଓ ପୁରୁଷଙ୍କୁ ବ୍ରୋଞ୍ଜ

ହାଙ୍ଗଝୋ, ୨।୧୦(ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ସ୍କେଟର ବିସ୍ମିତ କଳାଭଳି ପ୍ରଦର୍ଶନ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ଦଳ ୩୦୦୦ ମିଟର ଟିମ୍ ରିଲେ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। ଏସିଆନ ଗେମ୍ସ ରୋଲର ସ୍ପୋର୍ଟ୍ସରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଟିନ୍‌ଏଜର କାର୍ତ୍ତିକା ଜଗଦିଶ୍ୱରନ, ହିରାଲ ସାଧୁ ଓ ୨୯ ବର୍ଷୀୟା ଆରତୀ କସ୍ତୁରୀ ରାଜ ମହିଳା ସ୍ପିଡ୍ ସ୍କେଟିଂ ବିଭାଗରେ ଭାରତ ପାଇଁ ସର୍ବପ୍ରଥମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତୀୟ ଦଳ ୪:୩୪.୮୬୧ସେକେଣ୍ଡ ସମୟ ନେଇଥିଲେ। ଚାଇନିଜ୍ ତାଇପେ ଦଳ ୪:୧୯.୪୪୭ ଓ ଦକ୍ଷିଣ କୋରିଆ ୪:୨୧.୧୪୬ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିଲା। ସେହିପରି ଆନନ୍ଦ କୁମାର ଭେଲ୍‌କୁମାର, ସିଦ୍ଧାନ୍ତ କାମ୍ବଲେ ଓ ବିକ୍ରମ ଇଙ୍ଗାଲେଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ଚାଇନିଜ ତାଇପେ ସ୍ୱର୍ଣ୍ଣ ଓ ଦକ୍ଷିଣ କୋରିଆ ରୌପ୍ୟ ପଦକ ହାସଲ କରିଛି। ରୋଲର ସ୍ପୋର୍ଟ୍ସ ୨୦୧୦ ଏସିଆନ ଗେମ୍ସରେ ପଦାର୍ପଣ କରିଥିଲା। ସେତେବେଳେ ଅନୁପ କୁମାର ୟାମା ପୁରୁଷ ସିଙ୍ଗଲ୍ସ ଫ୍ରି ସ୍କେଟିଂ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ପେୟାର ସ୍କେଟିଂରେ ଅନୁପ ଓ ଅଭାନି ପଞ୍ଚଲ ତୃତୀୟ ସ୍ଥାନରେ ରହିଥିଲେ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୪୭ | ୮୧ | ୪୨ | ୨୭୦ |
| ଜାପାନ | ୩୩ | ୪୪ | ୪୫ | ୧୨୨ |
| ଦ.କୋରିଆ | ୩୧ | ୩୯ | ୬୩ | ୧୩୩ |
| **ଭାରତ** | **୧୩** | **୨୪** | **୨୩** | **୬୦** |
| ଚାଇନିଜ ତାଇପେ | ୧୨ | ୧୦ | ୧୭ | ୩୯ |
| ଉଜ୍‌ବେକିସ୍ତାନ | ୧୧ | ୧୪ | ୧୮ | ୪୩ |
| ଥାଇଲାଣ୍ଡ | ୧୦ | ୭ | ୧୬ | ୩୩ |
| ଉ.କୋରିଆ | ୭ | ୧୦ | ୫ | ୨୨ |
| ହଂକଂ | ୬ | ୧୫ | ୨୩ | ୪୪ |
| ବାହାରିନ | ୬ | ୧ | ୪ | ୧୧ |
| ଇରାନ | ୫ | ୧୪ | ୧୫ | ୩୪ |
| କାଜାଖସ୍ତାନ | ୪ | ୭ | ୨୭ | ୩୮ |
| ଇଣ୍ଡୋନେସିଆ | ୪ | ୩ | ୧୧ | ୧୮ |
| ସିଙ୍ଗାପୁର | ୩ | ୫ | ୪ | ୧୨ |
| ମାଲେସିଆ | ୩ | ୪ | ୧୪ | ୨୧ |
| କାତାର | ୨ | ୩ | ୨ | ୭ |
| କୁଏତ୍ | ୨ | ୩ | ୧ | ୬ |
| ଭିଏତନାମ | ୧ | ୩ | ୧୩ | ୧୭ |
| ସାଉଦି ଆରବ | ୧ | ୨ | ୧ | ୪ |
| ଫିଲିପାଇନ୍ସ | ୧ | ୧ | ୮ | ୧୦ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |
| ମଙ୍ଗୋଲିଆ | ୦ | ୪ | ୮ | ୧୨ |
| ଜୋର୍ଡାନ | ୦ | ୨ | ୧ | ୩ |
| ତୁର୍କମେନିସ୍ତାନ | ୦ | ୧ | ୩ | ୪ |
| ପାକିସ୍ତାନ | ୦ | ୧ | ୧ | ୨ |
| ବ୍ରୁନେଇ | ୦ | ୧ | ୦ | ୧ |
| ଓମାନ | ୦ | ୧ | ୦ | ୧ |
| ଶ୍ରୀଲଙ୍କା | ୦ | ୧ | ୦ | ୧ |
| ଆଫଗାନିସ୍ତାନ | ୦ | ୦ | ୪ | ୪ |
| ଲାଓସ | ୦ | ୦ | ୨ | ୨ |
| ବାଂଲାଦେଶ | ୦ | ୦ | ୧ | ୧ |





ଏସିଆନ ଗେମ୍ସର ୩୦୦୦ ମିଟର ଟିମ୍ ରିଲେ ସ୍କେଟିଂ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ମହିଳା ଓ ପୁରୁଷ ଦଳ।

## କଂଗ୍ରେସର ନେତୃତ୍ୱ ବିକାଶ ମିଶନ ସମୀକ୍ଷା ବୈଠକ

**ଭୁବନେଶ୍ୱର,(ଅନିଲ ଦାସ):** ପ୍ରଦେଶ କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ୫୭ ଏସ୍‌ସି /ଏସ୍‌ଟି ବିଧାନସଭାର ନେତୃତ୍ୱ ବିକାଶର ସମୀକ୍ଷା ହୋଇଛି। ବାଙ୍କିନିଧି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉକ୍ତ ୫୭ ଟି ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାନସଭା ସମନ୍ୱୟ ସମିତି (ଆସେମ୍ବ୍ଲି କୋଅର୍ଡ଼ିନେଶନ କମିଟି) ଗଠିତ ହୋଇଛି। ଆଗାମୀ ଦିନରେ ଖୁବଶୀଘ୍ର ସମସ୍ତ ବ୍ଲକ କୋଅର୍ଡ଼ିନେଶନ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି । ଏଥରେ ଓବିସି ବିଭାଗ ଜାତୀୟ ସଂଯୋଜକ ରାଜକିଶୋର ବାରିକ, ଏସ୍‌ସି ସେଲର ଜାତୀୟ ସଂଯୋଜକ ମାନସ ମଲ୍ଲିକ,ବରିଷ୍ଠ ଓବିସି ନେତା ବିଷ୍ଣୁ ବାରିକ, ସସ୍ମିତା ବେହେରା, ସହ ସଂଯୋଜକ ଜଗତଜୀବନ ମହାନ୍ତି, ଆଶିଷ ଲେଙ୍କାପ୍ରମୁଖ ଯୋଗଦେଇ ସଂଗଠନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଚିକୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଦଯାତ୍ରାରେ ବିକାଶ ବାର୍ତ୍ତା

**ବାରିପଦା,୨।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଗାନ୍ଧୀ ଜୟନ୍ତୀରୁ ବିଜୁ ଜନତା ଦଳ ବାରିପଦା ନଗର କମିଟି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ଓ ବିକାଶ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ଯୋଜନାର ସଫଳ ରୂପାୟନ ଏହି ପଦଯାତ୍ରାର ଉଦ୍ଦେଶ୍ୟ ବୋଲି ବିଜେଡି ନେତାମାନେ କହିଛନ୍ତି। ପଦଯାତ୍ରା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବାରିପଦା ବିଜେଡି କାର୍ଯ୍ୟାଳୟ (ବିଜୁ ଭବନ)ଠାରୁ ବାହାରି ବିଜୁ ଗୋଲେଇସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରା ଗାନ୍ଧୀ ପାର୍କରେ ପହଞ୍ଚିଥିଲା। ମଙ୍ଗଳବାରଠାରୁ ପ୍ରତି ୱାର୍ଡରେ ଶୋଭାଯାତ୍ରା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର, ଚାରାରୋପଣ, ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ରାଜ୍ୟ ଅନୁସୂଚୀତ ଜାତି, ଜନଜାତି ଓ ସଂଖ୍ୟାଲଘୁ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୟୂରଭଞ୍ଜ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ଉପାଧ୍ୟକ୍ଷ ସୀମା ଦାସ, ମହିଳା ସଭାନେତ୍ରୀ ଦୀପ୍ତି ମିଶ୍ର, ଅରୁଣ ବରାଡ, ସୁନୀଲ ନାୟକ, ପ୍ରଭାତୀ ନାୟକଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ କାଉନସିଲରମାନେ ଉପସ୍ଥିତ ଥିଲେ ।


ପଦଯାତ୍ରାରେ ସାମିଲ ବିଜେଡି ନେତୃବୃନ୍ଦ ଓ କର୍ମୀମାନେ।


ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିବସ ଅବସରରେ ପାଟନାଠାରେ ଆୟୋଜିତ ସଭାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଖବରଦାତାଙ୍କୁ ଶାସ୍ତ୍ରୀଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଆନ୍ଧ୍ରରେ ହେବ ଟିଡିପି-ଜେଏସ୍‌ପି ସରକାର: ପୱନ କଲ୍ୟାଣ

**ଅମରାବତୀ,୨।୧୦:** ଜନ ସେନା ପାର୍ଟି (ଜେଏସପି) ନେତା ତଥା ଅଭିନେତା ପୱନ କଲ୍ୟାଣ କହିଛନ୍ତି, ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏବଂ ତାଙ୍କ ଦଳ ଆନ୍ଧ୍ରପ୍ରଦେଶରେ ପରବର୍ତ୍ତୀ ସରକାର ଗଠନ କରିବେ। ଭାରାହି ଯାତ୍ରାର ଚତୁର୍ଥ ପର୍ଯ୍ୟାୟରେ ଆଭାନିଗଡାଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପୱନ କହିଛନ୍ତି ଯେ, ଏଥର ଜଗନ ମୋହନ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସଆର କଂଗ୍ରେସ ପାର୍ଟି (ୱାଇଏସଆରସିପି)ର ପରାଜୟ ନିଶ୍ଚିତ। ଟିଡିପି ସହ ମେଣ୍ଟ ଘୋଷଣା ପରେ ପୱନ କଲ୍ୟାଣଙ୍କର ଏହା ଥିଲା ପ୍ରଥମ ସାଧାରଣ ସଭା । ସୂଚନାଯୋଗ୍ୟ, ଜେଏସ୍‌ପି ଟିଡିପି ସହିତ ମିଳିତ ଭାବେ ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ପୂର୍ବରୁ ଘୋଷଣା ହୋଇଛି। ଅବଶ୍ୟ ଏହା ପୂର୍ବରୁ ପୱନ ଭାଜପାର ସହଯୋଗୀ ଥିଲେ। ତେବେ ପୱନ ଟିଡିପି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟିବା ପରେ ଏହି ନୂଆ ମେଣ୍ଟ ଘୋଷଣା କରାଯାଇଥିଲା।


ପୱନ କଲ୍ୟାଣ

## ପଛୁଆବର୍ଗ ଜନଗଣନା ରିପୋର୍ଟ ପ୍ରକାଶ କରାଯାଉ: ସମାଜବାଦୀ ପାର୍ଟି

**ଭୁବନେଶ୍ୱର,୨।୧୦(ଅନିଲ ଦାସ):** ବିହାର ଜାତି ଜନଗଣନା ରିପୋର୍ଟ ସୋମବାର ପ୍ରକାଶିତ ହୋଇଛି । ଏଥରେ ପଛୁଆବର୍ଗ ଜାତି ସଂଖ୍ୟା ସର୍ବମୋଟ୍ ୬୩ ପ୍ରତିଶତ ବୋଲି ପ୍ରକାଶିତ ହୋଇଛି । ଓଡିଶାରେ ମେ ୧ ରୁ ପଛୁଆବର୍ଗ ଜାତି ଜନଗଣନା ଆରମ୍ଭ ହୋଇ ଜୁଲାଇ ୨୪ ରେ ଶେଷ ହୋଇଛି। ଅଢ଼େଇ ମାସ ପରେ ମଧ ରିପୋର୍ଟ ପ୍ରକାଶିତ ହୋଇନାହିଁ। ଜାତି ଜନଗଣନା ରିପୋର୍ଟ ପ୍ରକାଶ ପାଇଁ ଦାବି ହୋଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ଦିଗରେ ମଧ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ଓଡ଼ିଶାରେ ପଛୁଆବର୍ଗ କମିଶନ ରିପୋର୍ଟ ପ୍ରକାଶ ଲାଗି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି ।

# ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱର ଜିଲା କଂଗ୍ରେସର ପଦଯାତ୍ରା

**ଭୁବନେଶ୍ୱର,୨।୧୦(ଅନିଲ ଦାସ)**

ଗାନ୍ଧୀ ଜୟନ୍ତୀ ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର (ତୃତୀୟ ଦିନରେ) ମଧ୍ୟମ ନିର୍ବାଚନ ମଣ୍ଡଳୀରେ 'ଘରେ ଘରେ କଂଗ୍ରେସ-ଘରେ ଘରେ ହାତ' ପଦଯାତ୍ରା ସତ୍ୟନଗର କାଳୀ ମନ୍ଦିରଠାରୁ ବାହାରି ପଞ୍ଜାବୀ କଲୋନୀ, ଗୁଡ଼ିଆ ସାହି, ହାଉସିଂ ବୋର୍ଡ କଲୋନୀ, ପିଡବ୍ଲ୍ୟୁ କଲୋନୀ, ତୋଷାଳୀ ପ୍ଲାଜା, ସତ୍ୟନଗର ଦୁର୍ଗା ମଣ୍ଡପ ଛକ ହୋଇ କାଳୀ ମନ୍ଦିର ପାଖରେ ପହଞ୍ଚ ଥିଲା। କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀମାନେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଜନବିରୋଧୀ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣାକୁ ପ୍ରଚାରପତ୍ର ଦ୍ୱାରା ଘରେ ଘରେ ବାଣ୍ଟି ଥିଲେ। ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏବଂ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ରଜନୀ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କଂଗ୍ରେସ ଦଳର ବରିଷ୍ଠ ନେତା ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, କିଶୋର ଜେନା, ଜିଲା ପର୍ଯ୍ୟବେକ୍ଷକ ମନୋଜ ବିଶ୍ୱାଳ, ପ୍ରତିମା ମଲ୍ଲିକ, ବିଶିଷ୍ଟ ଗବେଷକ ତଥା ସମାଜସେବୀ ଅନିଲ ଧିର, ତରୁଣ ମିଶ୍ର, ସୁବ୍ରତ ମହାପାତ୍ର, ରଶ୍ମି ମହାପାତ୍ର, କିରଣ ସାହୁ, ଅମିୟ ପାଣ୍ଡବ, କୃଷ୍ଣଚନ୍ଦ୍ର ପତି, ବାବୁଲି ପରିଡ଼ା, ଜ୍ୟୋତି ପ୍ରକାଶ ପଣ୍ଡା, ଦେବଜ୍ୟୋତି ଜେନା, ନବଜ୍ୟୋତି ଜେନା, ସନ୍ତୋଷ ପ୍ରଧାନ, ଏସ୍‌କେ କାମରୁଦ୍ଦିନ, କୁଳମଣି ସାହୁ, ଦେବାଶିଷ ଦାସ ଏବଂ ଶତାଧିକ କଂଗ୍ରେସ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।



ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଆୟୋଜିତ ପଦଯାତ୍ରା


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ଁରାଜକିଶୋର ସେନାପତି**
ବଡଗୁଆଳିପଡା, ଡେଲାଙ୍ଗ, ଭୁବନେଶ୍ୱର

ଚାହିଁ ଚାହିଁ ତିନୀବର୍ଷ ବିତିଗଲା, ଆପଣଙ୍କ ଅନୁପସ୍ଥିତି ରେ ଶୂନ୍ୟତା ପ୍ରତିଟି ମୁହୂର୍ତରେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କ ଜୀବନର ମାର୍ଗଦର୍ଶକ ହେଉ । ଆଜି ତୃତୀୟ ଶ୍ରାଦ୍ଧବାର୍ଷିକ (ଆଶ୍ୱିନ କୃଷ୍ଣପକ୍ଷ ପଞ୍ଚମୀ)ରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ :** ପତ୍ନୀ-ହେମାମଣି, ପୁତ୍ର-ପ୍ରଗତି, ଜିତୁ, ପୁତ୍ରବଧୂ-ମାନା, ନିନା, ପୁତ୍ରୀ-ମମି, ପୁନା, ତୁନି, ଜ୍ୱାଇଁ-ଦେବ, ପୂର୍ଣ୍ଣ, ମିଟୁ, ନାତି, ନାତୁଣୀ ପରିବାର ଓ ଆତ୍ମୀୟସ୍ୱଜନ

ଧ-୧୪୬୦

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ଁଅଶୋକ ସାହୁ**
୯୪, ବାପୁଜୀ ନଗର ଭୁବନେଶ୍ୱର

ଆବିର୍ଭାବ: ୧୫।୦୪।୧୯୪୫
ତିରୋଧାନ: ୦୩।୧୦।୨୦୨୦

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

**ଶୋକସନ୍ତପ୍ତ:ପରିବାରବର୍ଗ ଓ ଆତ୍ମୀୟସ୍ୱଜନ**

ଧ-୭୧୩୮୧

## CLASSIFIED DISPLAY

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଦିବ୍ୟାଙ୍ଗ ପିଲାମାନେ ଅସମ୍ଭବକୁ ସମ୍ଭବ କରି ଦେଖାନ୍ତି : ଧର୍ମେନ୍ଦ୍ର

**ଭୁବନେଶ୍ୱର,୨।୧୦(ଅନିଲ ଦାସ)**

ଦିବ୍ୟାଙ୍ଗ ପିଲାମାନଙ୍କ ପ୍ରତିଭା କାହା ଠାରୁ କୌଣସି ଗୁଣରେ କମ୍ ନୁହେଁ । ସେମାନେ ଯାଦୁଗର ଭଳି ଅସମ୍ଭବ କଥାକୁ ସମ୍ଭବ କରି ଦେଖାଇଥାନ୍ତି । ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ 'ଦିବ୍ୟାଙ୍ଗଜନ ସ୍ୱାଭିମାନ ସମ୍ମାନ ସମାରୋହ'ରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି ।

ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଲୋକସେବକ ମଣ୍ଡଳ ଏବଂ ଅନାମ ସ୍ନେହ ପରିବାର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା, ସେମାନଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ରାଷ୍ଟ୍ରୀୟ ଶିକ୍ଷା ନୀତି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପ୍ରତିବନ୍ଧକ ମୁକ୍ତ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛି । ଦିବ୍ୟାଙ୍ଗ ପିଲାମାନେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥାନ୍ତି। ସେମାନେ ଯାଦୁଗର ଭଳି ଅସମ୍ଭବ କଥାକୁ ସମ୍ଭବ କରି ଦେଖାଇଥାନ୍ତି । ସେମାନେ ନବସୃଜନର ଅଧିକାରୀ। ସନ୍ଥକବି ଭୀମ ଭୋଇଙ୍କ ପଂକ୍ତି ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉକୁ ଉଦ୍ଧୃତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ଏହି ଦୃଷ୍ଟିବାଧିତ କବି ନିଜ ବାର୍ତ୍ତା ମାଧ୍ୟମରେ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଥିଲେ । ଦୁନିଆକୁ ମୋର ପରିବାର ବୋଲି ଅଭିହିତ କରିଥିଲେ। ଅମୃତ କାଳରେ ଆମକୁ ଏପରି ଏକ ବ୍ୟବସ୍ଥା ନିର୍ମାଣ କରିବାକୁ ହେବ, ଯେଉଁଥିରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସମାନ ସୁଯୋଗ ଏବଂ ସ୍ୱାଭିମାନ ସହିତ ବଞ୍ଚିବାର ପଥ ପ୍ରଶସ୍ତ ହେବ । ଗାନ୍ଧିଜୀ, ଶାସ୍ତ୍ରିଜୀ, ଲାଲାଜୀ, ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଜନନାୟକଙ୍କ ସ୍ୱପ୍ନର ଏକ ବିକଶିତ ଭାରତ ସେତେବେଳେ ହିଁ ଗଢ଼ି ଉଠିବ ଯେତେବେଳେ ଆମେ ଆମ ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କୁ ସମାନ ଅଧିକାର ସହିତ ବଞ୍ଚିବାର ପରିବେଶ ସୃଷ୍ଟି କରିବା ବୋଲି ସେ କହିଛନ୍ତି ।

ଏହି ଅବସରରେ ପ୍ରଧାନ ଦିବ୍ୟାଙ୍ଗଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ସକ୍ରିୟ ଭାବରେ କାମ କରୁଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନକୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଧର୍ମେନ୍ଦ୍ର ସମ୍ବିଧାନ ସଦନରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।


'ଦିବ୍ୟାଙ୍ଗଜନ ସ୍ୱାଭିମାନ ସମ୍ମାନ ସମାରୋହ'ରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

### ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ କାମ କରୁଥିବା ବ୍ୟକ୍ତିବିଶେଷ, ସଂଗଠନକୁ ସମ୍ମାନିତ କଲେ କେନ୍ଦ୍ରମନ୍ତ୍ରୀ


# Classified Everyday 0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

Duplex sale at Bhubaneswar @ 57 lakhs only. Contact: 9777433701. D-75223

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

3BHK flat for sale in Bamphakuda, (Nakhara), 6372943677, 933772205. D-1454

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421




**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Spa Kerala body Massage only best Therapist @699/- Bhubaneswar. 9337672475. D-1438

**LOST**

I, Diptiranjan Sethi, S/o-Udayanath Sethi,Po-Kusunpur, Derabish, Kendrapara, states that, my B.Tech Certificate issued by BPUT, bearing regd. No-1321229003 has been lost in transit from Gopalpur. Please contact: 9337990803. D-1458

**AFFIDAVIT**

I,Dibakara Maharana S/o Late Brundaban Maharana, address At- Achuli, PO/PS- Purushottampur, Dist.- Ganjam, PIN- 761018, Odisha declare by this affidavit No. A-4 Date 16.09.2023 that now onwards I shall be known as Dibakar Maharana for all future purpose. D-1462

By virtue of an affidavit sworn before the Notary Public, Sonepur, I Smt. Niharika Mohapatra, W/o. Pradip Kumar Mohapatra, R/o. Village-Sonepur, PO/ PS/Dist.- Sonepur, Odisha declare that after marriage I have changed my name from Nihar Manjari Dash to Niharika Mohapatra. Henceforth, I shall be known as Niharika Mohapatra for all purposes. D-1459

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**I, Niroda Kumar Sahoo, S/o Kshetramohan Sahoo, resident of B-131, BDA Duplex Colony, Baramunda, Bhubaneswar, Dist. Khordha, 751003, declare by virtue of an affidavit No.10107 dated 29.09.2023 executed before the Executive Magistrate, Sadar, Cuttack that now onwards my name will be Nirod Kumar Sahoo for all future purposes.** D-75151

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Litton Behera, S/o Muralidhar Behera, Vill- Niranjanpur, Opp XIM University, Jatni, Odisha- 752050. declared that surname of mine and my parents has wrongly written as Behra in 10th, 12th and Graduation Certificate. Actual surname is Behera for all future purpose. Affidavit No.- 13AA977655. D-1455

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



**ସ୍ୱର୍ଣ୍ଣିକା ଷଡ଼ଙ୍ଗୀ (ଚିକୀ)**
ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ସଦାସର୍ବଦା ତୋ ଚଲାପଥରେ ପୁଷ୍ପବୃଷ୍ଟି କରିଥାନ୍ତୁ।
**ଶୁଭେଚ୍ଛା ସହ:** ରାଜେନ୍ଦ୍ର ପ୍ରସାଦ ଷଡ଼ଙ୍ଗୀ (ଜେଜେ), ସୁଷମା ନନ୍ଦ (ଜେଜେମା), ମାମା- ରଶ୍ମିତା ଶତ୍‌ପଥୀ, ବାବା- ସ୍ୱାଧିନ ଷଡ଼ଙ୍ଗୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୧୬

ଫ୍ୟାଶନ

# କିପରି ଦେଖାଯିବେ ଷ୍ଟାଇଲିଶ୍, ଟ୍ରେଣ୍ଡି

**ଆଲମାରୀରେ ବହୁ ଡ୍ରେସ୍ ରହିଥାଏ। କିନ୍ତୁ ଯେତେବେଳେ ଏହାକୁ ପିନ୍ଧିବାକୁ ପାଳି ପଡ଼େ ଏହିସବୁ କପଡ଼ା ଦେଖି ମନ ହୁଏନି ପିନ୍ଧିବାକୁ। ଯଦି ଆପଣ ଏହି ସମସ୍ୟାରୁ ରକ୍ଷାପାଇବାକୁ ଚାହାନ୍ତି , ଦିଆଯାଇଥିବା ଟିପ୍ସକୁ ଫଲୋ କରି ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଦେଖାଯିବେ...**



ଆଜିର ସମୟରେ ସମସ୍ତେ ଅଲଗା ଏବଂ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି। ଷ୍ଟାଇଲିଶ୍ ଦେଖାଯିବାକୁ ଲୋକମାନେ ନୂଆ ନୂଆ ଟ୍ରେଣ୍ଡି ଆଉଟ୍‌ଫିଟ୍ ଲୁକ୍‌କୁ ଫଲୋ କରିଥାନ୍ତି। ଏହାପରେ ତାଙ୍କୁ ବୁଝାପଡ଼େନି ଯେ ନିଜକୁ କିପରି ପର୍‌ଫେକ୍ଟ ଲୁକ୍ ଦେବେ, ଯଦି ଆପଣ ନିଜ ଲୁକ୍‌କୁ ନେଇ ଚିନ୍ତିତ ରହୁଥାନ୍ତି ତେବେ କେତୋଟି ଟିପ୍ସକୁ ଆପଣାଇ ସବୁଠୁ ଅଲଗା ଦେଖାଯାଇପାରିବେ...

**ଠିକ୍ କପଡ଼ା ଚୟନ କରନ୍ତୁ**

ଢିଲା ଡ୍ରେସ୍ ପିନ୍ଧିବା ଦ୍ୱାରା ଆପଣଙ୍କ ଫ୍ୟାଶନକୁ ଟିକେ ଫିକା ପଡ଼ିଲା ଭଳି ମନେହୁଏ। ଏଥିଲାଗି ଆପଣ ରେଡିମେଡ୍ ଡ୍ରେସ୍ କିଣୁଛନ୍ତି ତେବେ ନିଜକୁ ଫିଟ୍ ହେଲା ଭଳି ଡ୍ରେସ୍ କିଣନ୍ତୁ।

**ମ୍ୟାଚିଂ ଆଉଟ୍ ଫିଟ୍**

ଆପଣ ଯାହା କିଛି ବି ପିନ୍ଧୁଛନ୍ତି ତାକୁ ମ୍ୟାଚ୍ କଲା ଭଳି ଜୁଏଲେରି ,ପର୍ସ ଆଦିର ଧ୍ୟାନ ରଖନ୍ତୁ। କପଡ଼ା,ବ୍ୟାଗ୍,ମେକ୍‌ଅପ୍ ଏବଂ ଜୁଏଲେରି କମ୍ବିନେଶନ ଆପଣଙ୍କ ଲୁକ୍‌କୁ ମାନିବା ଦରକାର।

**ନିଜର ବ୍ୟକ୍ତିଗତ ଶୈଳୀକୁ ଖୋଜନ୍ତୁ**

ନିଜର ଷ୍ଟାଇଲ୍‌କୁ ପରିପ୍ରକାଶ କରିବାକୁ ହେଲେ ବେଳେବେଳେ ସମୟ ଲାଗିଯାଏ। କିନ୍ତୁ ଏଥିପାଇଁ କ'ଣ ପିନ୍ଧିବେ ତାହା ପସନ୍ଦ କରିବା ପରେ ପିନ୍ଧନ୍ତୁ। ଆପଣ ଯାହା ପିନ୍ଧୁଛନ୍ତି ସେହି ଜିନିଷ କିଣନ୍ତୁ। ଏମିତିରେ ଅଯଥା ଡ୍ରେସ୍ କିଣି ତାକୁ କେବଳ ସାଇତି ରଖିଲେ କିଛି ଲାଭ ନାହିଁ। ତେଣୁ ସବୁବେଳେ ଯାହାକୁ ପିନ୍ଧିଲେ ଆପଣ ଷ୍ଟାଇଲିଷ୍ଟ ଦେଖାଯିବେ ସେପରି ଡ୍ରେସ୍ କିଣନ୍ତୁ।

**ଡ୍ରେସ୍ ସହ ବେଲ୍ଟ ଆଡ୍ କରନ୍ତୁ**

ନିଜ ଲୁକ୍‌ରେ ବେଲ୍ଟ ଆଡ୍ କରିବାକୁ ଭୁଲନ୍ତୁ ନାହିଁ। ଏହା କୌଣସି ଆଉଟ୍‌ଫିଟ୍ ଓ ଅଧିକ ଆକର୍ଷକ ଲାଗିଥାନ୍ତି।

**ରଙ୍ଗର ମଧ୍ୟ ଧ୍ୟାନରଖନ୍ତୁ**

ଆପଣ କେଉଁ ରଙ୍ଗର ଡ୍ରେସ୍ ପିନ୍ଧିବେ ତାହା ଚୟନ କରିପାରୁ ନାହାନ୍ତି ତେବେ ପ୍ରଥମେ ଏକ କଲରଫୁଲ୍ ଡ୍ରେସ୍ ଚୟନକରି ଏହାକୁ ଟ୍ରାଏ କରନ୍ତୁ, ତା' ପରେ କେଉଁ ରଙ୍ଗର ଡ୍ରେସ ପିନ୍ଧିଲେ ଆପଣ ଅଧିକ ଆଟ୍ରାକ୍ଟିଭ୍ ଦେଖାଯିବେ ତାହା ନିଷ୍ପତ୍ତି ନିଅନ୍ତୁ।

# ଗୃହିଣୀଙ୍କ ପାଇଁ

**ରୋଷେଇଘରେ ବେଶି କାମରେ ଲାଗେ କଡ଼େଇ। ଏହାକୁ କିପରି ଭଲ ଭାବେ ସଫା କରାଯିବ ସେ ସମ୍ପର୍କରେ କେତୋଟି ଟିପ୍ସ....**

ପ୍ରଥମେ କଡ଼େଇକୁ ଗ୍ୟାସ୍ ଉପରେ ରଖିଦିଅନ୍ତୁ । ଏହା ପରେ ସେଥିରେ ୩ ଗ୍ଲାସ୍ ପାଣି ଦିଅନ୍ତୁ। ଏବେ ପାଣିରେ୨ ଚାମଚ ଡିଟରଜେଣ୍ଟ ପାଉଡର, ୧ ଚାମଚ ଲୁଣ ଏବଂ ୧ ଚାମଚ ଲେମ୍ବୁରସ ପକାନ୍ତୁ। ଏବେ ଏହି ପାଣିକୁ ପାଖାପାଖି ୫ ମିନିଟ୍ ପର୍ଯ୍ୟନ୍ତ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଫୁଟୁଥିବା ପାଣି କଡ଼େଇର କୋଣ ପର୍ଯ୍ୟନ୍ତ ଆସିଯିବା ଦରକାର। ଏହାଦ୍ୱାରା କଡ଼େଇରେ ଲାଗିଥିବା ମଇଳା ସହଜରେ ସଫା ହୋଇଯିବ। ଏବେ କଡ଼େଇରେ ଥିବା ପାଣିକୁ ଅନ୍ୟ ଏକ ବଡ଼ ପାତ୍ରରେ ପକାଇ ଦିଅନ୍ତୁ। ଫଳରେ କଡ଼େଇ ପଛଭାଗରେ ଲାଗିଥିବା କଳା ସହଜରେ ଛାଡ଼ିଯିବ। ଏହିପରି କଡ଼େଇକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ଲାଗିଥିବା ଚିକିଟା ବତୁରିଯିବା ଦ୍ୱାରା କଳା ଲାଗିଥିବା ଦାଗ ଛାଡ଼ିଯିବ। ଏବେ ୧ ଚାମଚ ବେକିଂ ସୋଡ଼ା ଏବଂ ଡିଟରଜେଣ୍ଟ ପାଉଡରକୁ ମିକ୍ସ କରିଦିଅନ୍ତୁ। ଏହି କଡ଼େଇକୁ ବାଲିକାଗଜରେ ଭଲଭାବେ ରଗଡ଼ନ୍ତୁ। ଦେଖିବେ, ଲାଗିଥିବା କଳାଦାଗ ଧୀରେ ଧୀରେ ଛାଡ଼ିବାକୁ ଲାଗୁଛି। ଦେଖିବେ, ଆପଣଙ୍କ ପୁରୁଣା କଡ଼େଇ ଏବେ କିପରି ଚମକୁଛି।




# ମେନୋପଜ୍ ସମସ୍ୟା ଓ ସମାଧାନ

ଡା. ତୀର୍ଥପ୍ରସାଦ ବରାଳ



ମାସିକ ଧର୍ମ ଜୀବନର ଏକ ସ୍ୱାଭାବିକ ପ୍ରକ୍ରିୟା। ଗୋଟେ ପଟେ ମାସିକ ଧର୍ମ ଆରମ୍ଭ ଯୌବନର ପ୍ରାରମ୍ଭିକ ଅବସ୍ଥା ସୂଚାଉଥିବା ବେଳେ ଅନ୍ୟପଟେ ମାସିକ ଧର୍ମ ଅବରୋଧ (ରଜୋନିବୃତ୍ତି) ବୃଦ୍ଧାବସ୍ଥାର ପ୍ରାରମ୍ଭିକ ଲକ୍ଷଣ । ତଥାପି କେତେଜଣ ମହିଳାଙ୍କ ଭ୍ରାନ୍ତଧାରଣା ଏହି ସ୍ୱାଭାବିକତାକୁ ଗ୍ରହଣ କରି ନ ଥାଏ। ବର୍ତ୍ତମାନ ଉଚ୍ଚତର ଜୀବନଶୈଳୀ କାରଣରୁ ମନୁଷ୍ୟର ହାରାହାରି ବୟସ ବୃଦ୍ଧି ପାଇଛି । ୯୦ ପ୍ରତିଶତ ମହିଳା ୬୫ବର୍ଷ ପର୍ଯ୍ୟନ୍ତ ତଥା ୩୫ ପ୍ରତିଶତ ୮୦ ବର୍ଷ ପର୍ଯ୍ୟନ୍ତ ଜୀବନ ବ୍ୟତୀତ କରୁଛନ୍ତି। ପ୍ରତି ୨ଜଣରେ ଜଣେ ଜୀବନକାଳ ମଧ୍ୟରେ ୩୦ବର୍ଷ ରଜୋନିବୃତ୍ତି ବୟସ ଅତିବାହିତ କରିଥାନ୍ତି।

**ମେନୋପଜ୍ କ'ଣ**

ଯୌବନର ଆଗମନରେ ଯେପରି ମାସିକ ଧର୍ମ ଆରମ୍ଭ ହୋଇଥାଏ ଠିକ୍ ସେହିପରି ବୃଦ୍ଧାସ୍ଥାର ପ୍ରାରମ୍ଭରେ ଏହା ବନ୍ଦ ହୋଇଯାଇଥାଏ। ଯେତେବେଳେ ଡିମ୍ବାଶୟ(ଓଭାରି) ଗର୍ଭଧାରଣ ପାଇଁ ଡିମ୍ବ(ଓଭମ୍) ଉତ୍ସର୍ଜନ ବନ୍ଦ କରିଥାଏ ସେତେବେଳେ ରଜସ୍ରାବ ବନ୍ଦ ହୋଇଥାଏ ଏବଂ ଏହି ଅବସ୍ଥାକୁ ରଜୋନିବୃତ୍ତି ବା ମେନୋପଜ୍ କୁହାଯାଏ। ଏହା ସାଧାରଣତଃ ୪୫-୫୫ବର୍ଷର ମହିଳାମାନଙ୍କ କ୍ଷେତ୍ରରେ ଦେଖାଯାଇଥାଏ। ଯଦିଓ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ତଥାପି କେବେକେବେ ଏତଦ୍ୱାରା ଶରୀରର ପରିବର୍ତ୍ତନ କାରଣରୁ ମହିଳାମାନେ ଏହାକୁ ରୋଗ ବୋଲି ଅନୁଭବ କରିଥାନ୍ତି। ଶରୀରରେ ଏହି ବଡ଼ ପରିବର୍ତ୍ତନ କାରଣରୁ ଏହା ସୂଚିତ କରେ କି ନାରୀ ବର୍ତ୍ତମାନ ଗର୍ଭଧାରଣ ତଥା ସନ୍ତାନ ପ୍ରସବ ପାଇଁ ଅଯୋଗ୍ୟ ।

**ଲକ୍ଷଣ ସମୂହ**

ରଜୋନିବୃତ୍ତି ସମୟରେ ମହିଳାମାନଙ୍କର ସେମିତି କୌଣସି ବିଶେଷ କଷ୍ଟ ଏବଂ ଅସୁବିଧା (ରକ୍ତସ୍ରାବଜନିତ) ହୋଇଥାଏ। ମାସିକସ୍ରାବ ଧୀରେ ଧୀରେ କମ୍ ହୋଇଥାଏ ଏବଂ ପରେ ସବୁଦିନ ପାଇଁ ବନ୍ଦ ହୋଇଯାଇଥାଏ। ତଥାପି ପ୍ରାୟତଃ ମହିଳା ରୁଗ୍ଣ ହୋଇଯାନ୍ତି ବା ନିଜକୁ ରୁଗ୍ଣ ଅନୁଭବ କରିଥାନ୍ତି। ଏହି ସମୟରେ ଅନେକ ଶାରୀରିକ ବିକୃତି ଦେଖାଯାଇଥାଏ, ଯେପରି ମୁଖ ମଣ୍ଡଳ ନିସ୍ତେଜତା ଦେଖାଯିବା, ଶିରଭ୍ରମ, ଶିରପୀଡ଼ା, ରାତ୍ରିକାଳୀନ ସ୍ୱେଦ ନିର୍ଗମନ, ଛାତି ଧଡ଼ଧଡ଼ ହେବା, ବ୍ୟତିବ୍ୟସ୍ତ ଲାଗିବା, ଚିଡ଼ିଚିଡ଼ା ସ୍ୱଭାବ ଦେଖାଯିବା, ମନ ଉଦାସ ରହିବା, ଦୁର୍ବଳ ଅନୁଭବ ହେବା, ପାଚନ କ୍ରିୟାରେ ଅସୁବିଧା ଯେପରିକି ବଦହଜମି, କୋଷ୍ଠକାଠିନ୍ୟ, ଅରୁଚି, ଯୋନି ଶୁଷ୍କତା, ଯୋନିକଣ୍ଡୁ, ଯୌନ ଆକାଙ୍କ୍ଷା ହ୍ରାସ, ମୂତ୍ରକୃଚ୍ଛ୍ର ଏବଂ ମୂତ୍ରମାର୍ଗ ସଂକ୍ରମଣ, ନିଦ୍ରାହୀନତା, ମୁଣ୍ଡର କେଶ ରୁକ୍ଷ ହେବା ଏବଂ ଝଡ଼ିବା ଇତ୍ୟାଦି ଦେଖାଯାଇଥାଏ।

ଏହି ସମୟରେ ଅଧିକାଂଶଙ୍କଠାରେ ଦେଖାଯାଉଥିବା ରୋଗ ହେଲା ଅଷ୍ଟିଓପୋରୋସିସ୍ ଯାହାକି କାଲ୍‌ସିୟମର ଚୟାପଚୟ କାରଣରୁ ହୋଇଥାଏ ଏବଂ ଜାନୁସନ୍ଧିବାତ ଏବଂ କଟିବାତ ଯାହାକି ଶାରୀରିକ ଓଜନ ବୃଦ୍ଧି କାରଣରୁ ବ୍ୟଥିତ କରିଥାଏ।

**ମାନସିକ ଚିନ୍ତା**

ମେନୋପଜ୍ ସମୟରେ କେତେଜଣ ମହିଳାଙ୍କର ମାନସିକ ଚିନ୍ତା ବଢ଼ିଯାଇଥାଏ ଏବଂ ସେମାନେ ଏହାକୁ ସ୍ୱାଭାବିକ ଅବସ୍ଥା ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥାନ୍ତି। କେତେକେ ସଦାସର୍ବଦା ଯୁବତୀ ରହିବା ପାଇଁ ପ୍ରବଳ ଇଚ୍ଛା କରିଥାନ୍ତି ଏବଂ ଯେପରି ବୟସ ଅତିକ୍ରାନ୍ତ ହୋଇଥାଏ ସେମାନେ ନିଜକୁ ଯୁବତୀ ଦେଖାଯିବା ପାଇଁ ଆପ୍ରାଣ ଚେଷ୍ଟା କରିଥାନ୍ତି। ଏମାନଙ୍କ ମନରେ ବୃଦ୍ଧାବସ୍ଥା ଶବ୍ଦ ଅଧିକ ବ୍ୟତିବ୍ୟସ୍ତ କରିଥାଏ ତଥା ମାନସିକ ସନ୍ତୁଳନ ହରାଇ ବସିଥାନ୍ତି। ପ୍ରାୟତଃ ଯେଉଁମାନେ ଶିକ୍ଷିତ ତଥା ଅଧିକ ଆଧୁନିକା ସେମାନଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଥାଏ। ଠିକ୍ ଏହାର ବିପରୀତ। ସାଧାରଣ ସମାଜ ଏବଂ ପରିବାର ମହିଳାଙ୍କ କ୍ଷେତ୍ରରେ ସେପରି କୌଣସି ପରିବର୍ତ୍ତନ ଦେଖାଯାଇ ନ ଥାଏ। ସେମାନେ ଜୀବନର ପ୍ରତ୍ୟେକ ପରିବର୍ତ୍ତନକୁ ସ୍ୱାଭାବିକ ଏବଂ ସହଜ ରୂପରେ ଗ୍ରହଣ କରିଥାନ୍ତି ତଥା ଏହି ପରିବର୍ତ୍ତନକୁ ପ୍ରସନ୍ନତା ପୂର୍ବକ ଆପଣାଇଥାନ୍ତି।

କେବେ କେବେ ମାସିକସ୍ରାବ ୨/୪ ମାସ ବନ୍ଦ ହୋଇଯିବା ଏବଂ ପରେ ଅଧିକ ମାତ୍ରାରେ ହେବା ଏବଂ ପୁନଃ ବନ୍ଦ ହୋଇଯିବା ଲକ୍ଷଣ ଏକ ବିଶେଷ ବିପଦ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ ; ଯାହାକି ଗର୍ଭାଶୟ କର୍କଟ। ଏପରି ସମସ୍ୟା ଦେଖାଦେଲେ ଏହାକୁ ଆଦୌ ଅବହେଳା କରିବା ଅନୁଚିତ। ଯେହେତୁ ଏପରି ରକ୍ତସ୍ରାବ ସମୟରେ ପ୍ରାୟତଃ କୌଣସି କଷ୍ଟ ଅନୁଭବ ହୋଇ ନ ଥାଏ, ତେଣୁ ମହିଳାମାନେ ଏହାକୁ ହେୟଜ୍ଞାନ କରିଥାନ୍ତି। ମାତ୍ର ଏପରି ଲକ୍ଷଣ କ୍ଷେତ୍ରରେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ମେନୋପଜ୍ ସ୍ତ୍ରୀ ଜୀବନରେ ଏକ ସ୍ୱାଭାବିକ ଏବଂ ଆବଶ୍ୟକ ପ୍ରକ୍ରିୟା ଏହାକୁ କେବେ ବି ଏପରି ଗ୍ରହଣ କରିବା ଅନୁଚିତ, ଯଦ୍ଵାରା ମାନସିକ ଅଶାନ୍ତି ଦେଖାଦେବ।

*-ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ*
*ଆମଣ, ଶାସୋଳ, କଟକ*
*ମୋ: ୯୪୩୯୦୯୭୭୩୧*

**''ମେନୋପଜ୍ ସମୟରେ କେତେଜଣ ମହିଳାଙ୍କର ମାନସିକ ଚିନ୍ତା ବଢ଼ିଯାଇଥାଏ ଏବଂ ସେମାନେ ଏହାକୁ ସ୍ୱାଭାବିକ ଅବସ୍ଥା ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥାନ୍ତି । କେତେକେ ସଦାସର୍ବଦା ଯୁବତୀ ରହିବା ପାଇଁ ପ୍ରବଳ ଇଚ୍ଛା କରିଥାନ୍ତି ଏବଂ ଯେପରି ବୟସ ଅତିକ୍ରାନ୍ତ ହୋଇଥାଏ ସେମାନେ ନିଜକୁ ଯୁବତୀ ଦେଖାଯିବା ପାଇଁ ଆପ୍ରାଣ ଚେଷ୍ଟା କରିଥାନ୍ତି । ଏମାନଙ୍କ ମନରେ ବୃଦ୍ଧାବସ୍ଥା ଶବ୍ଦ ଅଧିକ ବ୍ୟତିବ୍ୟସ୍ତ କରିଥାଏ ତଥା ମାନସିକ ସନ୍ତୁଳନ ହରାଇ ବସିଥାନ୍ତି । ପ୍ରାୟତଃ ଯେଉଁମାନେ ଶିକ୍ଷିତ ତଥା ଅଧିକ ଆଧୁନିକା ସେମାନଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଥାଏ।''**









ସୌନ୍ଦର୍ଯ୍ୟ

# ଘରୋଇ ଫେସ୍ ସେରମ୍

**ସମସ୍ତେ ସୁନ୍ଦର ଦେଖାଯିବା ଲାଗି କେତେ କ'ଣ ବିଉଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ଆଜି ଆପଣଙ୍କୁ ଏପରି ଫେସ୍ ସେରମ୍ ବିଷୟରେ ସୂଚନା ଦେବୁ, ଯାହାକୁ ଆପଣ ନିଜ ଘରେ ପ୍ରସ୍ତୁତକରି ଲଗାଇପାରିବେ....**



**ସେରମ୍ ପ୍ରସ୍ତୁତ କରିବା ପାଇଁ ସାମଗ୍ରୀ**

ଗୋଟିଏ ବିଟ୍, ଗୋଟିଏ ଗାଜର, ଆଉ ଆବଶ୍ୟକ ମୁତାବକ ଗେଣ୍ଡୁପତ୍ର। ସେରମ୍ ପ୍ରସ୍ତୁତ କରିବା ଲାଗି ପ୍ରଣାଳୀ ହୋମ୍‌ମେଡ୍ ସେରମ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ବିଟ୍‌କୁ ଅଧା କାଟି ଦିଅନ୍ତୁ। ଏବେ ବିଟ୍‌ରୁଟ୍‌ର ଚୋପା ଛଡ଼ାଇ ତାକୁ ଭଲଭାବେ ଛେଚି ଦିଅନ୍ତୁ। ବିଟ୍‌ରୁଟ୍‌କୁ ଟିକେ ସାଇଡ କରି ଗାଜର ଚୋପା ଛଡ଼ାଇ ତାକୁ ଟିକିଟିକି କରି କାଟି ଦିଅନ୍ତୁ। ଏବେ ଗାଜର ଏବଂ ବିଟ୍‌କୁ ସମାନ ପରିମାଣରେ ମିଶାନ୍ତୁ। ଏବେ ଏଥିରେ ଗେଣ୍ଡୁପତ୍ର ପକାନ୍ତୁ। ଏହି ମିଶ୍ରଣରେ ସମାନ ପରିମାଣରେ ଆଲମଣ୍ଡ ଅଏଲ ମିଶାନ୍ତୁ। ସବୁ ସାମଗ୍ରୀକୁ ମିଶାଇବା ପରେ ଏହାକୁ ଗୋଟିଏ ସପ୍ତାହ ଲାଗି ଖରାରେ ରଖନ୍ତୁ । ଯଦି ଆପଣ ଚାହୁଁଥାନ୍ତି ଏହି ସେରମକୁ ପ୍ରସ୍ତୁତ କରିବାକୁ, ତେବେ କଡ଼େଇରେ ପ୍ରଥମେ ଅଧା କପ ପାଣି ନିଅନ୍ତୁ। ଏହା ପରେ କଡ଼େଇ ଉପରେ ଏକ କପଡ଼ା ଲଗାନ୍ତୁ। ଯେଉଁ ବାଓଲରେ ଗାଜର ଏବଂ ବିଟ୍‌ରୁଟ୍ ରହିଛି ତାକୁ ଢାଳି କପଡ଼ା ଉପରେ ପଡ଼ିଥିବା ରସକୁ ଚାମଚ ଦ୍ୱାରା ଚଲାନ୍ତୁ। କିଛି ସମୟ ପରେ ଯେତେବେଳେ ତେଲର ରଙ୍ଗ ଡାର୍କ କଲର ହୋଇଯାଇଛି ଏହାକୁ ଗୋଟିଏ ଖାଲି ବୋତଲରେ ଢାଳି ରଖିଦିଅନ୍ତୁ। ଏବେ ଆପଣଙ୍କ ସିରମ୍ ପ୍ରସ୍ତୁତ ହୋଇଗଲା। ଯେତେବେଳେ ଏହି ସେରମ୍‌କୁ ବ୍ୟବହାର କରୁଛନ୍ତି ସେରମ୍ ଥିବା ବୋତଲଟିକୁ ହଲାଇବାକୁ ଭୁଲନ୍ତୁ ନାହିଁ।




ଖାଦ୍ୟରୁଚି

# ପଟାଟୋ ସ୍ୟାଣ୍ଡଉଇଚ୍

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ୍ ଆଳୁ, ଏକ ପ୍ୟାକେଟ ବ୍ରେଡ୍, ଗୋଟିଏ ବଡ଼ ପିଆଜ କଟା, ୨ଟି କଞ୍ଚାଲଙ୍କା, ୧ ଚାମଚ କଶ୍ମୀରୀ ପାଉଡର, ସ୍ୱାଦ ଅନୁସାରେ ଲୁଣ, ଅଳ୍ପ ପରିମାଣର ଧନିଆ ପତ୍ର ଏବଂ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁକୁ ସିଝାଇ ଦିଅନ୍ତୁ। ସିଝିଥିବା ଆଳୁର ଚୋପା ଛଡାଇ ତାକୁ ଚକଟି ଦିଅନ୍ତୁ। ଏବେ ଏଥିରେ ସବୁ ମସଲା, ପିଆଜ, କଞ୍ଚାଲଙ୍କା ମିଶାଇ ଦିଅନ୍ତୁ। ଏହାପରେ ବ୍ରେଡ୍ ସ୍ଲାଇସ୍ ମଝିରେ ମସଲା ଭରନ୍ତୁ। ଏବେ ଏହାକୁ ସ୍ୟାଣ୍ଡଉଇଚ୍ ମେକରରେ ସେକି ଦିଅନ୍ତୁ। ବର୍ତ୍ତମାନ ଏହାକୁ ଆପଣ ଟମାଟୋ ସସ୍ ଏବଂ ଧନିଆ ଚଟଣି ସହ ଖାଇପାରିବେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ Bhubaneswar, Tuesday, October 3/ 2023




ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସରେ ସୋମବାର ଭାରତ ଓ ଚାଇନିଜ ତାଇପେ ମଧ୍ୟରେ ଅନୁଷ୍ଠିତ ମହିଳା କବାଡ଼ି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# 'ଟ୍ରାନ୍ସଜେଣ୍ଡରଙ୍କ ଯୋଗୁ ପଦକରୁ ବଞ୍ଚିତ ହେଲି'

**ହାଙ୍ଗଝୋ, ୨।୧୦ (ପି.ଟି.)**

ଭାରତର ସ୍ୱପ୍ନା ବର୍ମନ ସୋମବାର ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଚଳିତ ଏସିଆନ ଗେମ୍ସରେ ଜଣେ ଟ୍ରାନ୍ସଜେଣ୍ଡରଙ୍କ ଯୋଗୁ ବ୍ରୋଞ୍ଜ ପଦକ ହାସଲରୁ ସେ ବଞ୍ଚିତ ହୋଇଛନ୍ତି। ଜାକର୍ତ୍ତାରେ ଏସିଆନ ଗେମ୍ସର ୨୦୧୮ ସଂସ୍କରଣରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିବା ସ୍ୱପ୍ନା ସୋସିଆଲ ମିଡିଆରେ ତାଙ୍କ ପୋଷ୍ଟରେ ପରୋକ୍ଷରେ ନିଜ ଦେଶର ନନ୍ଦିନୀ ଆଗାସାରାଙ୍କୁ ଲକ୍ଷ୍ୟକରି କହିଥିଲେ। ସେ ଜଣେ ଟ୍ରାନ୍ସଜେଣ୍ଡର ହୋଇଥିବାରୁ ମହିଳା ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅଯୋଗ୍ୟ ଥିଲେ। ତାଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସୁଯୋଗ ଦେବା ଆଥ୍ଲେଟିକ୍ସର ନିୟମ ବିରୁଦ୍ଧ। ହାଙ୍ଗଝୋଠାରେ ରବିବାର ନନ୍ଦିନୀ ମହିଳା ହେପ୍ଟାଥଲନରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱପ୍ନା ତାଙ୍କ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇ ନ ଥିଲେ। ସେ ଚତୁର୍ଥ ହୋଇଥିଲେ। ନନ୍ଦିନୀ ଜଣେ ଟ୍ରାନ୍ସଜେଣ୍ଡର ହୋଇଥିବାରୁ ସେ ପ୍ରକୃତରେ ବ୍ରୋଞ୍ଜ ପଦକର ହକ୍‌ଦାର।




ସ୍ୱପ୍ନା ବର୍ମନ

କିନ୍ତୁ କିଛି ଘଣ୍ଟା ପରେ ସୋସିଆଲ ମିଡିଆରୁ ସେ ତାଙ୍କ ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ। ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଏହି ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛି। ନନ୍ଦିନୀ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ମୋଟ ୫୭୧୨ ପଏଣ୍ଟ ଅର୍ଜନ କରିଥିଲେ। ସେ ହେପ୍ଟାଥଲନର ଫାଇନାଲ ଇଭେଣ୍ଟ ୮୦୦ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଦ୍ୱାରା ବର୍ମନଙ୍କୁ ପଛରେ ପଦକ ପକ୍କା କରିଥିଲେ। ୮୦୦ମିଟର ଇଭେଣ୍ଟ ବ୍ୟତୀତ ନନ୍ଦିନୀ ୨୦୦ମିଟର ରେସ୍ ମଧ୍ୟ ଜିତିଥିଲେ। ଏଥରୁ ତାଙ୍କୁ ୯୩୬ ପଏଣ୍ଟ ମିଳିଥିଲା। ଚଳିତବର୍ଷ ମାର୍ଚ୍ଚ ୩୧ରେ ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ଲାଗୁ କରାଯାଇଥିବା ଏକ ନିୟମାନୁସାରେ ଯେଉଁ ମହିଳା ଆଥ୍ଲେଟଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନ ଥିବ ସେ ମହିଳା ବିଶ୍ୱ ର୍‍ୟାଙ୍କିଙ୍ଗ ଇଭେଣ୍ଟଗୁଡ଼ିକରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ପାଞ୍ଚ ବର୍ଷ ପୂର୍ବେ ଜାକର୍ତ୍ତା ଗେମ୍ସରେ ଏହି ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଜିତିଥିବା ସ୍ୱପ୍ନା ୫୭୦୮ ଅଙ୍କ ସ୍କୋର କରିବାରେ ସମର୍ଥହୋଇଥିଲେ। ଚାଇନାର ନିନାଲି ଝେଙ୍ଗ୍ ମୋଟ ୬୧୪୯ ପଏଣ୍ଟ ସଂଗ୍ରହ କରି ଏଥର ମହିଳା ହେପ୍ଟାଥଲନରେ ସ୍ୱର୍ଣ୍ଣ ଜିତିଛନ୍ତି। ଉଜ୍‌ବେକିସ୍ତାନର ଏକାଟରିନା ଭୋରୋନିନା ୬୦୫୬ ପଏଣ୍ଟ ସହ ରୌପ୍ୟ ପାଇଥିଲେ।

# ଏଏଫ୍‌ସି କପ୍: ଓଏଫ୍‌ସିର କ୍ରମାଗତ ପରାଜୟ

**ଭୁବନେଶ୍ୱର,୨।୧୦**
**(ସରୋଜ ଜେନା)**

ଏଏଫ୍‌ସି କପ୍‌ରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଢାକାରେ ବସୁନ୍ଧରା କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଦଳ ୩-୨ରେ ପରାଜିତ ହୋଇଛି। ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ(୨୩) ଓ ଜେରୀ ଲାଲରିଞ୍ଜୁଆଲା (୬୬) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ବସୁନ୍ଧରା କିଙ୍ଗ୍ସ ତରଫରୁ ଡୋରିଏଲଟୋନ୍ ଗୋମ୍ସ (୪୫ ଓ ୫୪) ଡବଲ୍ ଗୋଲ ଦେଇଥିବା ବେଳେ ମିଗୁଏଲ ଫିଗୁଏରିଆ (୩୯) ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ।

ଆରମ୍ଭରୁ ଓଏଫ୍‌ସି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ତୃତୀୟ ମିନିଟରେ ସାଇ ଗୋଡାର୍ଡ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ତେବେ କିଙ୍ଗ୍ସ ଡିଫେଣ୍ଡର ଏହାକୁ ରୋକି ଦେଇଥିଲେ। ଏହାର ଦୁଇ ମିନିଟ ମଧ୍ୟରେ ବସୁନ୍ଧରା ପକ୍ଷରୁ ସ୍କୋର କରିବାକୁ ପ୍ରୟାସ କରାଯାଇଥିବା ବେଳେ ଅମରିନ୍ଦର ଏକ ଚମତ୍କାର ସେଭ୍ କରିଥିଲେ। ମ୍ୟାଚର ୨୩ ତମ ମିନିଟରେ ଡିଏଲିଆନା ଓ ଜେରୀ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିବା ବେଳେ ଡିଏଗୋ ମରିସିଓ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୩୯ ତମ ମିନିଟରେ ମିଗୁଏଲ ଫିଗୁଏରିଆ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ତରକୁ ଆଣିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଡୋରିଏଲଟୋନ୍ ଗୋମ୍ସ ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇ ଦଳକୁ ୨-୧ରେ ଆଗୁଆ କରିଥିଲେ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ୫୪ ମିନିଟରେ ଡୋରିଏଲଟୋନ୍ ଗୋମ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବା ସହିତ କିଙ୍ଗ୍ସକୁ ୩-୧ରେ ଆଗୁଆ କରିଥିଲେ। ୬୬ ତମ ମିନିଟରେ ଜେରୀ ଲାଲରିଞ୍ଜୁଆଲା ଓଏଫ୍‌ସି ପକ୍ଷରୁ ଆଉ ଏକ ଗୋଲ ପରିଶୋଧ କରିଥିଲେ।

# ଓପନର, ସ୍ପିନରଙ୍କୁ ନେଇ ଚିନ୍ତାରେ ପାକିସ୍ତାନ

**ହାଇଦ୍ରାବାଦ,୨।୧୦(ପି.ଟି.)**

ପାକିସ୍ତାନକୁ ବିଶ୍ୱ କ୍ରିକେଟର ଏକ ମହାଶକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ନିକଟ ଅତୀତରେ ଆଇସିସି ଟୁର୍ନାମେଣ୍ଟ ଗୁଡ଼ିକରେ ଦଳର ପ୍ରଦର୍ଶନ ବେଶ୍ ଭଲ ମଧ୍ୟ ରହିଛି। ତେବେ ସଦ୍ୟ ସମାପିତ ଏସିଆ କପରେ ପାକିସ୍ତାନ ଦଳର ଦୁର୍ବଳତା ପଦାରେ ପଡ଼ିଛି। ଦଳର ସ୍ପିନର ଓ ଓପନରଙ୍କ ପ୍ରଦର୍ଶନକୁ ନେଇ ଚିନ୍ତାରେ ରହିଛି ମ୍ୟାନେଜମେଣ୍ଟ। ଭାରତରେ ବିଶ୍ୱକପ ହେବାକୁ ଥିବା ବେଳେ ଏଠାରେ ପ୍ରଦର୍ଶନ କଲେ ଖେଳାଳିମାନେ ରାତାରାତି ଷ୍ଟାର ବନିବାର ସମ୍ଭାବନା ଅଧିକ। କ୍ରିକେଟ ବିଶ୍ୱକପକୁ ଆଉ ମାତ୍ର ୨ ଦିନ ବାକି ରହିଥିବା ବେଳେ ପାକିସ୍ତାନ ଶକ୍ତି, ସାମର୍ଥ୍ୟ ଓ ଦୁର୍ବଳତା ଉପରେ ଏକ ନଜର....

**ଶକ୍ତି ଓ ସାମର୍ଥ୍ୟ:** ପାକିସ୍ତାନର ପେସ୍ ବୋଲିଂ ଆଟାକ ଏହାର ଅମୋଘ ଅସ୍ତ୍ର ରହିବ। ନଶିମ ଶାହାଙ୍କ ପରି ଖେଳାଳି ଆହତ ଥିଲେ ମଧ୍ୟ ପାକିସ୍ତାନର ବୋଲିଂ ଲାଇନଅପ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଓ ଏହା ଭାରତୀୟ ପରିବେଶର ଫାଇଦା ଉଠାଇ ପାରିବାରେ ସମର୍ଥ ହେବ। ଭାରତରେ ଆରମ୍ଭରୁ ବଲ୍ ସୁଇଙ୍ଗ ହେଉଥିବା ବେଳେ ଶାହିନ୍ ଆଫ୍ରିଦି ଏହାର ଫାଇଦା ଉଠାଇ ପାରିବେ। ତାଙ୍କର ଅନ୍ୟତମ ବୋଲିଂ ପାର୍ଟନର ଭାବରେ ହାରିସ୍ ରୌଫ୍ ଓ ହସନ ଅଲୀ ରହିବେ। ଉଭୟ ଖେଳାଳି ଦ୍ରୁତ ଗତିରେ ବଲ୍‌କୁ ସୁଇଂ କରାଇବାରେ ସକ୍ଷମ ଅଟନ୍ତି। ସେହିପରି ବ୍ୟାଟିଂରେ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଉଭୟ ଫର୍ମରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ମଧ୍ୟ ଚମତ୍କାର ବ୍ୟାଟିଂ କରିଥିଲେ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୨ ଦିନ**

**ଦୁର୍ବଳତା:** ନଶିମ୍ ଶାହାଙ୍କ ଅନୁପସ୍ଥିତି ପାକିସ୍ତାନ ଦଳର ଦୁର୍ବଳ ଲିଙ୍କ ଭାବରେ ବିବେଚନା କରାଯାଉଛି। ଶାହିନ୍‌ଙ୍କ ସହ ନସିମ ଏକ ଚମତ୍କାର ଆକ୍ରମଣର ସର୍ଜନା କରୁଥିଲେ। ତେବେ ପ୍ରଥମ ଅଭ୍ୟାସ ମ୍ୟାଚରେ ହାରିସ୍ ରୌଫ୍ ଓ ହସନ ଅଲୀ ଏତେଟା ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲେ। ବିପକ୍ଷ ଦଳର ବ୍ୟାଟଙ୍କ ଉପରେ ଏହା ଚାପ ହ୍ରାସ କରିବା ନେଇ ଆକଳନ କରାଯାଉଛି। ପାକିସ୍ତାନର ଓପନିଂ ଯୋଡି ମଧ୍ୟ ଫର୍ମରେ ନାହାନ୍ତି। ଇମାମ ଉଲ ହକଙ୍କ ଆଭରେଜ ୫୦ରୁ ଅଧିକ ରହିଥିବା ବେଳେ ସେ ଫାଖର ଜମନ ବିଗତ କିଛି ମ୍ୟାଚ୍ ଧରି ଫର୍ମରେ ନ ଥିବା ଭଳି ପ୍ରତୀୟମାନ ହେଉଛି। ଏହା ସହିତ ଇମାମ ଉଲ୍ ହକଙ୍କ ଷ୍ଟ୍ରାଇକରେଟ ୮୨.୧୮ ରହିଥିବା ବେଳେ ଏହା ମଧ୍ୟ ଦଳ ପାଇଁ ସମସ୍ୟା। ସ୍ପିନରଙ୍କ ମଧ୍ୟରେ ଶାଦାବ ଖାଁ ଓ ମହମ୍ମଦ ନୱାଜ ମଧ୍ୟ ଭଲ ଫର୍ମରେ ନାହାନ୍ତି।

**ସୁଯୋଗ:** ପାକିସ୍ତାନ ଦଳର ମଧ୍ୟକ୍ରମରେ ଖେଳୁଥିବା ସୌଦ୍ ଶକିଲ୍, ଇଫତିଖାର ଅହମଦ ଓ ଆଘା ସଲମାନଙ୍କ ନିକଟରେ ନିଜକୁ ପ୍ରମାଣିତ କରିବାର ସୁଯୋଗ ରହିବ। ତେବେ ୩ ଜଣ ଖେଳାଳି ଏକତ୍ର ସ୍ଥାନ ପାଇବା ଅସମ୍ଭବ। ଟେଷ୍ଟରେ ଶକିଲଙ୍କ ଆଭରେଜ ୮୭.୫୦ ରହିଥିବା ବେଳେ ଦିନିକିଆରେ ସେ ନିଜର ଉପସ୍ଥିତି ଜାହିର କରିବାକୁ ଚାହିଁବେ। ସେହିପରି ଇଫତିଖାର ଓ ଆଘା ସଲମାନ ପାର୍ଟ ଟାଇମ ସ୍ପିନ ବୋଲିଂ କରୁଥିବାରୁ ଏହା ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

**ବିପଦ:** ନଶିମ୍‌ଙ୍କ ଅନୁପସ୍ଥିତି ବୋଲିଂରେ ଦଳର ସନ୍ତୁଳନ ଖରାପ କରିଛି। ଏହା ଦଳ ପାଇଁ ବିପଜ୍ଜନକ ହୋଇପାରେ ବୋଲି ଉପ ଅଧିନାୟକ ଶାଦାବ ଖାଁ କହିଛନ୍ତି। ଏହା ସହିତ ଏକାଧିକ ସମୟରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ପାକିସ୍ତାନ ନିଜ ପାଇଁ ବଡ ବିପଦ ବୋଲି ଶାଦାବ କହିଛନ୍ତି।

# ଶ୍ୱେତପଦ୍ମା, ଜିଜ୍ଞାସୁଙ୍କୁ ତ୍ରିମୁକୁଟ




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨।୧୦ (ତପନ ସ୍ୱାଇଁ)**

**ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ**

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୧୬ତମ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଶ୍ୱେତପଦ୍ମା ଦଳାଇ ଓ ଜିଜ୍ଞାସୁ ସାହୁ ୩ଟି ଲେଖାଏ ଟାଇଟଲ ଜିତି ତ୍ରିମୁକୁଟ ହାସଲ କରିଛନ୍ତି। ମହିଳା ବିଭାଗରେ ଶ୍ୱେତପଦ୍ମା ଦଳାଇ ଓ ପୁରୁଷରେ ସମ୍ରାଟ ଚକ୍ରବର୍ତ୍ତୀ ଚାମ୍ପିୟନ ହୋଇଛନ୍ତି। ମହିଳା ବର୍ଗ ଫାଇନାଲରେ ଶ୍ୱେତପଦ୍ମା ୩-୧ରେ ମୟୂରୀ ଚାଟାର୍ଜୀଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ବର୍ଗ ଫାଇନାଲରେ ସମ୍ରାଟ ୩-୧ରେ ତୌସିଫ ହକ୍‌ଙ୍କୁ ହରାଇ ଦେଇଥିଲେ। ଏହା ବ୍ୟତୀତ ୧୧ ବର୍ଷରୁ କମ୍ ବାଳକରେ ଆରୁଷ ମାଣିଆ, ୧୩ ବର୍ଷରୁ କମ୍ ବାଳିକାରେ ଶ୍ୱେତା ବର୍ମା ଓ ବାଳକରେ ଜିଜ୍ଞାସୁ ସାଇ କିରଣ ପ୍ରଧାନ, ୧୫ ବର୍ଷରୁ କମ୍ ବାଳିକରେ ଉର୍ଜା ବର୍ମା ଓ ବାଳକରେ ଜିଜ୍ଞାସୁ ସାହୁ, ୧୭ ବର୍ଷରୁ କମ୍ ବାଳିକରେ ଶ୍ୱେତପଦ୍ମା ଦଳାଇ ଓ ବାଳକରେ ଜିଜ୍ଞାସୁ ସାହୁ, ୧୯ ବର୍ଷରୁ କମ୍ ବାଳିକାରେ ଶ୍ୱେତପଦ୍ମା ଓ ବାଳକରେ ଜିଜ୍ଞାସୁ ସାହୁ ଚାମ୍ପିୟନ ହୋଇଛନ୍ତି। ଜୁନିୟର ଡବଲ୍ସରେ ଆୟାମ ମୁସ୍ତାକ-ଫରାଜ ରାଜା, ଭେଟେରାନ ସିଙ୍ଗଲ୍ସରେ ଫିଆଜ ମହମ୍ମଦ ଏବଂ ଭେଟେରାନ ଡବଲ୍ସରେ ଫିଆଜ-ରିଆଜ ମହମ୍ମଦ ଟାଇଟଲ ହାସଲ କରିଛନ୍ତି। ଆୟୋଜକ ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ମହାରଣା, ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଉପସଭାପତି ପି.କେ. ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବିଜନ ଦାସ ମହାପାତ୍ର, ତପନ ଖା, କେ.ଏସ.ଏନ୍. ମୂର୍ତ୍ତି ଓ ସୁଜିତ ରୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ପୋଦ୍ଦାର ଓଡ଼ିଶାର ନେତୃତ୍ୱ ନେବେ

**କଟକ,୨।୧୦**
**(ସୁପ୍ରିୟା ପ୍ରିୟଦର୍ଶନୀ)**

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଚଳିତ ମାସ ୧୬ରୁ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୋମବାର ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳର ନେତୃତ୍ୱ ନେବେ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର। ଅଧିନାୟକ ଗୋବିନ୍ଦଙ୍କ ସମେତ ଶୁଭ୍ରାଂଶୁ ଶେଖର ସେନାପତି, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, କାର୍ତ୍ତିକ ବିଶ୍ୱାଳ, ଅଭିଷେକ ଯାଦବ, ରାକେଶ ପଟ୍ଟନାୟକ, ରାଜେଶ ଧୁପର (ଉଇକେଟ କିପର), ପ୍ରବୀଣ ଲୁହା (ଉଇକେଟ କିପର), ଦେବବ୍ରତ ପ୍ରଧାନ, ତାରିଣୀ ସ', ପ୍ରୟାସ କୁମାର ସିଂ, ସୌଭାଗ୍ୟ ରାଉତ, ହର୍ଷିତ ରାଥୋଡ, ସୁନୀଲ କୁମାର ରାଉଳ ସାମିଲ ହୋଇଛନ୍ତି। ଦଳରେ ନୂଆକରି ସ୍ଥାନ ପାଇଛନ୍ତି ସୌଭାଗ୍ୟ ରାଉତ। ଅଭିଜ୍ଞ ବିପ୍ଳବ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ସୁଯୋଗ ମିଳିନାହିଁ। ଆଗାମୀ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଗ୍ରୁପ-ବିରେ ସ୍ଥାନ ପାଇଛି। ଆସାମ ବିପକ୍ଷରେ ଦଳ ୧୬ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବ।




# ଓଡ଼ିଶା ରାଜ୍ୟ ଓପନ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୨।୧୦(ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଓ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରାଜ୍ୟ ଓପନ ବନ୍ଧୁକଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫୦ମିଟର ରାଇଫଲ, ୨୫ ମିଟର ପିସ୍ତଲ, ୦.୩୨ ପିସ୍ତଲ ଏବଂ ଏୟାର ରାଇଫଲ ଓପନ୍ ସାଇଟ୍ ଉଭୟ ମହିଳା ଓ ପୁରୁଷ ବର୍ଗ, ଜୁନିୟର, ସିନିୟର ଓ ମାଷ୍ଟର୍ସ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, ଅନୁଗୋଳ, ସମ୍ବଲପୁର ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା, ରାଉରକେଲା ଓ କଳାହାଣ୍ଡିରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ବଳଭଦ୍ର ଦାସ, ଆଶିଷ ନାୟକ, ସୁଶ୍ରୀ ଗୌରୀ ମହାନ୍ତି ଓ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରବିନାରାୟଣ ଖୁଣ୍ଟିଆ, ଆୟୋଜକ ଆସୋସିଏଶନର ଉପ ସଭାପତି ଇଂ ଚିତ୍ତରଞ୍ଜନ ଏବଂ ସଂପାଦକ ଡାଃ ହରି ପ୍ରସାଦ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ସହ ପୁରସ୍କୃତ କରିଥିଲେ।




ଅତିଥି ଓ କର୍ମକର୍ତ୍ତାଙ୍କ ସହ ରାଜ୍ୟ ଓପନ ବନ୍ଧୁକଚାଳନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ